

ଆୟରଙ୍କୁ ମିଳିଲାନି ସ୍ଥାନ

▸ପୃଷ୍ଠା ୧୨ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-56 •WEDNESDAY •20 AUGUST 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୫୬ •ବୁଧବାର •୨୦ ଅଗଷ୍ଟ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


# ରେଳଯାତ୍ରୀ ଦେବେ ଲଗେଜ୍ ଚାର୍ଜ



## ଓଜନ ଅନୁଯାୟୀ ଆଦାୟ ହେବ ଭଡ଼ା

■ **ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି):** ବିମାନଯାତ୍ରୀଙ୍କ ପରି ଏଣିକି ରେଳ ଯାତ୍ରୀ ବି ଦେବେ ବ୍ୟାଗେଜ୍ ଓ ଲଗେଜ୍ ଚାର୍ଜ । ଯାତ୍ରା ସମୟରେ ସାଥୀରେ ନେଉଥିବା ସାମଗ୍ରୀ, ବ୍ୟାଗ୍ ଓ ଲଗେଜ୍ ଓଜନ ଅନୁସାରେ ଯାତ୍ରୀଙ୍କୁ ଭଡ଼ା ଦେବାକୁ ପଡ଼ିବ । ଉତ୍ତରପ୍ରଦେଶର ପ୍ରୟାଗରାଜ ଓ ଲକ୍ଷ୍ନୌ ଷ୍ଟେସନରୁ ଏହା କାର୍ଯ୍ୟକାରୀ ହେବ; ପରବର୍ତ୍ତୀ ସମୟରେ ଏହା ସାରା ଦେଶରେ ପ୍ରଚଳନ କରାଯିବ । ରେଳଯାତ୍ରୀଙ୍କ ପାଇଁ ଏହି ନିୟମ କଠୋର

### ପ୍ଲାଟଫର୍ମରେ ଯାଞ୍ଚ ହେବ ବ୍ୟାଗ୍‌ର ଆକାର ଓ ଓଜନ

### ବିମାନବନ୍ଦର ପରି ଯାତ୍ରୀଙ୍କୁ ଦିଆଯିବ ବୋର୍ଡିଂ ପାସ୍

ଭାବରେ ଅନୁପାଳନ କରାଯିବାକୁ ରେଳ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି ।

ଟ୍ରେନ୍ ଯାତ୍ରା ସମୟରେ ଯାତ୍ରୀଙ୍କ ଲଗେଜ୍‌ର ଓଜନ ଓ ଆକାର ସମ୍ପର୍କରେ ପୂର୍ବରୁ ନିୟମ ଥିଲେ ହେଁ ଏହାକୁ ଅନୁପାଳନ କରାଯାଉ ନାହିଁ । ମାତ୍ର ଏବେ ରେଳ ବିଭାଗ ଏହି ନିୟମକୁ କଡ଼ାକଡ଼ି ଭାବରେ କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତି ଚଳାଇଛି । ନୂଆ ନିୟମ ଅନୁସାରେ ରେଳ ଷ୍ଟେସନଗୁଡ଼ିକରେ ଯାତ୍ରୀମାନଙ୍କୁ ଇଲେକ୍‌ଟ୍ରୋନିକ୍ ଓଜନ ମେସିନରେ ସେମାନଙ୍କର ଲଗେଜ୍ ଓଜନ କରିବାକୁ ପଡିବ । ଯଦି ଲଗେଜ୍ ନିର୍ଦ୍ଧାରିତ ସୀମାଠାରୁ ଅଧିକ ହୁଏ କିମ୍ବା ▸ପୃଷ୍ଠା-୭

ଉପରାଷ୍ଟ୍ରପତି ନିର୍ବାଚନ

# ବି ସୁଦର୍ଶନ ବିରୋଧୀ ମେଣ୍ଟ ପ୍ରାର୍ଥୀ



## ଅଡୁଆରେ ଫସିଲା ତାମିଲନାଡୁ ଏବଂ ଆନ୍ଧ୍ର ରାଜନୀତି

■ **ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି):** ଆସନ୍ତା ସେପ୍ଟେମ୍ବର ୯ ତାରିଖରେ ହେବାକୁ ଯାଉଥିବା ଉପରାଷ୍ଟ୍ରପତି ନିର୍ବାଚନରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ବି. ସୁଦର୍ଶନ ରେଡ୍ଡୀଙ୍କୁ ପ୍ରାର୍ଥୀ କରିବାକୁ ଘୋଷଣା କରିଛି ବିରୋଧୀ ଦଳ ଇଣ୍ଡିଆ ବ୍ଲକ୍ । ତାଙ୍କର ମୁକାବିଲା ଶାସକ ଏନ୍‌ଡିଏର ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନଙ୍କ ସହିତ ହେବ । ରାଧାକ୍ରିଷ୍ଣନଙ୍କ ଘର ତାମିଲନାଡୁ ହୋଇଥିବା ବେଳେ ରେଡ୍ଡୀଙ୍କ ଘର ହେଉଛି ଆନ୍ଧ୍ର ପ୍ରଦେଶରେ । ଏହି ଦୁଇ ପ୍ରାର୍ଥୀଙ୍କ ନାମ ଘୋଷଣା ତାମିଲନାଡୁ ଏବଂ ଆନ୍ଧ୍ର ପ୍ରଦେଶରେ ଉଭୟ ଶାସକ ଓ ବିରୋଧୀ ଦଳଙ୍କୁ ଅଡୁଆରେ ପକାଇପାରେ ବୋଲି କୁହାଯାଉଛି ।

ଆଜି ଇଣ୍ଡିଆ ବ୍ଲକର ବୈଠକ ପରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଉପରାଷ୍ଟ୍ରପତି ନିର୍ବାଚନ ଲାଗି ସୁଦର୍ଶନ ରେଡ୍ଡୀଙ୍କ ନାମ ଘୋଷଣା କରିଥିଲେ । ସେ କହିଥିଲେ ଯେ ଦେଶର ଦ୍ୱିତୀୟ ସର୍ବୋଚ୍ଚ ପଦବୀ ଲାଗି ଏହା ହେବ ଆଦର୍ଶଗତ ଲଢେଇ । ଆଜି ସନ୍ଧ୍ୟାରେ ଶ୍ରୀ ରେଡ୍ଡୀ ଦିଲ୍ଲୀରେ ପହଞ୍ଚିବା ପରେ ଆସନ୍ତାକାଲି ଇଣ୍ଡିଆ ବ୍ଲକ୍ ନେତାମାନଙ୍କର ବୈଠକ ହେବ । ୨୧ ତାରିଖରେ ରେଡ୍ଡୀ ମନୋନୟନପତ୍ର ଦାଖଲ କରିବେ । ଶ୍ରୀ ଖଡ଼ଗେ କହିଲେ ଯେ ଗଣତନ୍ତ୍ର ଓ ସମ୍ବିଧାନ ବିପଦରେ ପଡ଼ିଲେ ବିରୋଧୀ ଦଳ ▸ପୃଷ୍ଠା-୭

ଭୋଟ ଅସଙ୍ଗତି

# ସିଇସିଙ୍କୁ ଭେଟିଲା ବିଜେଡି

### ଫର୍ମ-୧୭ସି ପ୍ରଦାନ ପ୍ରସଙ୍ଗରେ ଅସନ୍ତୋଷ ପ୍ରକାଶ

### ବିହାର ପରି ଏସ୍‌ଆଇଆର୍ ହେଲେ ତୀବ୍ର ବିରୋଧ

### ଫର୍ମ -୧୭ ସି ପ୍ରଦାନ ଆବଶ୍ୟକ ଥିଲା: ସିଇସି

■ **ଭୁବନେଶ୍ୱର, ୧୯।୮ (ସମିସ):** ଭୋଟ ଅସଙ୍ଗତି ପ୍ରସଙ୍ଗରେ ପୁଣିଥରେ ଦେଶର ମୁଖ୍ୟ ନିର୍ବାଚନ କମିସନଙ୍କ ନିକଟରେ ଫେରାଦ ହୋଇଛି ବିଜେଡ଼ି । ମଙ୍ଗଳବାର ବିଜେଡିର ଏକ ପ୍ରତିନିଧି ଦଳ ସିଇସିଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗ ଉତ୍‌ଥାପନ କରିଛନ୍ତି । ପ୍ରାୟ ୨ ଘଣ୍ଟା ଧରି ଚାଲିଥିବା ଏହି ସାକ୍ଷାତ ଆଲୋଚନାରେ ବିଜେଡି ନେତାମାନେ ଗତ ସାଧାରଣ ନିର୍ବାଚନରେ ଘଟିଥିବା ଅସଂଗତି ସମ୍ପର୍କରେ ସିଇସିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଦଳ ପକ୍ଷରୁ ଉଠାଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନରେ ନିର୍ବାଚନ ଅଧିକାରୀମାନଙ୍କ ଅବହେଳା, ଫର୍ମ ୧୭ ସି ପ୍ରଦାନ ନ କରିବା ପ୍ରସଙ୍ଗ ମଧ୍ୟ ବିଜେଡି ଏହି ଅବସରରେ ଉଠାଇଛି । ନିର୍ବାଚନ ଅଧିକାରୀ ଓ ନିର୍ବାଚନ କମିସନଙ୍କ ଏପରି ମନୋଭାବ ଗଣତନ୍ତ୍ର ପାଇଁ ଅହିତକର ବୋଲି ଉଲ୍ଲେଖ କରି ବିଜେଡି ଉଦ୍‌ବେଗ ପ୍ରକାଶ କରିଛି । ଅନ୍ୟପକ୍ଷରେ ବିଜେଡି ପକ୍ଷରୁ ଆବେଦନ କରାଯାଇଥିବା ଫର୍ମ ୧୭ ସି ଏଯାଏ ମିଳି ନ ଥିବା ପ୍ରସଙ୍ଗରେ ଆଶ୍ଚର୍ଯ୍ୟପ୍ରକାଶ କରିଛନ୍ତି ▸ପୃଷ୍ଠା-୭

# ରାମେଶ୍ୱର-ଟାଙ୍ଗୀ ୬ ଥାକିଆ ରାସ୍ତାକୁ ମଞ୍ଜୁରୀ

## ୧୧୧ କିମି ପାଇଁ ବ୍ୟୟହେବ ୮୩୦୮ କୋଟି

■ **ଭୁବନେଶ୍ୱର, ୧୯।୮ (ସମିସ):** ଦୀର୍ଘ ଦେଢ଼ ଦଶନ୍ଧି ପରେ ରାଜଧାନୀ ଭୁବନେଶ୍ୱର ଓ କଟକ ବର୍ହିଭାଗରେ ରିଙ୍ଗରୋଡ଼ ନିର୍ମାଣ ଦାବିକୁ ଗ୍ରହଣ କରିଛନ୍ତି କେନ୍ଦ୍ର ସରକାର । ଆର୍ଥିକ ବ୍ୟାପାର ସଂକ୍ରାନ୍ତୀୟ କେନ୍ଦ୍ର କ୍ୟାବିନେଟ୍ କମିଟି ବୈଠକରେ ଆଜି ୬ ଲେନ୍ ବିଶିଷ୍ଟ କ୍ୟାପିଟାଲ୍ ରିଜିୟନ୍ ଟିଂ ରୋଡ(ଭୁବନେଶ୍ୱର ବାଇପାସ୍)କୁ ମଞ୍ଜୁର ମିଳିଛି । ୧୧୧ କିଲୋମିଟର ଏହି ରଙ୍ଗ ରୋଡ୍ ରାସ୍ତା ପାଇଁ ୮୩୦୭.୭୪ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି । ଏହି ରିଙ୍ଗ ରୋଡ ହାଇବ୍ରିଡ୍ ଆନୁଇଟି ମୋଡ୍ ବା ଏଚଏଏମ ମାଧ୍ୟମରେ ନିର୍ମାଣ କରାଯିବ । ଏନଏଚ-୫୫,

### ମୋଦୀ ଓ ଗଡ଼କରୀଙ୍କୁ ଧନ୍ୟବାଦ ଦେଲେ ମୋହନ

ଏନଏଚ-୫୭, ଏନଏଚ୍-୬୫୫ ଓ ଗୋଟିଏ ରାଜ୍ୟ ରାଜପଥ ଏସଏଚ୍-୬୫କୁ ▸ପୃଷ୍ଠା-୭




ପ୍ରସ୍ତାବିତ ଭୁବନେଶ୍ୱର ବାଇପାସ୍‌ର ନକ୍ସା







# ମିସ୍ ୟୁନିଭର୍ସ ଇଣ୍ଡିଆ ହେଲେ ମନିକା ବିଶ୍ୱକର୍ମା

ଜୟପୁର, ୧୯।୮ (ଏଜେନ୍ସି): ଦେଶର ୪୭ ପ୍ରତିଯୋଗୀଙ୍କୁ ପଛରେ ପକାଇ ମିସ୍ ୟୁନିଭର୍ସ ଇଣ୍ଡିଆ-୨୦୨୫ ମୁକୁଟ ଜିତିଛନ୍ତି ରାଜସ୍ଥାନର ମନିକା ବିଶ୍ୱକର୍ମା। ଗତ ବର୍ଷର ବିଜୟିନୀ ରେଆ ସିଂହା ତାଙ୍କୁ ବିଜୟୀ ମୁକୁଟ ପିନ୍ଧାଇଛନ୍ତି। ଏଥିସହିତ ମଣିକା ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟ ହୋଇଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ନଭେମ୍ବର ୨୧ରେ ଥାଇଲାଣ୍ଡରେ ଅନୁଷ୍ଠିତ ହେବ। ସୂଚନା ଅନୁଯାୟୀ ରାଜସ୍ଥାନ ଜୟପୁରର ଜି ଷ୍ଟୁଡିଓରେ ସୋମବାର ଅନୁଷ୍ଠିତ ମିସ୍ ୟୁନିଭର୍ସ ଇଣ୍ଡିଆ ପ୍ରତିଯୋଗିତାରେ ୪୮ ଫାଇନାଲିଷ୍ଟଙ୍କ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ଉତ୍ତର ପ୍ରଦେଶର ତାନ୍ୟା ଶର୍ମା ପ୍ରଥମ ରନର-ଅପ୍, ହରିୟାଣାର ମେହକ ଧିଙ୍ଗରା ଦ୍ୱିତୀୟ ଏବଂ ଅମିଶୀ କୌଶିକ ତୃତୀୟ ରନର-ଅପ୍ ହୋଇଥିଲେ। ଶ୍ରୀଗଙ୍ଗାନଗରର ମନିକା (୨୨) ଏବେ ଦିଲ୍ଲୀରେ ରହୁଛନ୍ତି। ସେ ରାଜନୀତି ବିଜ୍ଞାନ ଏବଂ ଅର୍ଥନୀତିର ଶେଷ ବର୍ଷ ଛାତ୍ରୀ। ଗତ ବର୍ଷ ସେ 'ମିସ୍ ୟୁନିଭର୍ସ ରାଜସ୍ଥାନ' ପ୍ରତିଯୋଗିତା ଜିତି ଜାତୀୟସ୍ତରରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଥିଲେ।

## ଅଭିନେତା ଅଚ୍ୟୁତ ପୋଟଦାରଙ୍କ ପରଲୋକ



ମୁମ୍ବାଇ, ୧୯।୮ (ଏଜେନ୍ସି): ଅଭେନତା ଅଚ୍ୟୁତ ପୋଟଦାରଙ୍କ ପରଲୋକ ହୋଇଛି। ସେ ୯୧ ବର୍ଷ ବୟସରେ ସୋମବାର ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ମଙ୍ଗଳବାର ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ପୋଟଦାରଙ୍କ ମୃତ୍ୟୁର ପ୍ରକୃତ କାରଣ ଏ ପର୍ଯ୍ୟନ୍ତ ଜଣାପଡି ନାହିଁ। ତେବେ ବୟସାଧିକ କାରଣରୁ ସେ ପ୍ରାଣ ହରାଇଥିବା କୁହାଯାଉଛି। ୧୯୩୪ ଅଗଷ୍ଟ ୨୨ ରେ ମଧ୍ୟପ୍ରଦେଶ ଜବଲପୁରରେ ଜନ୍ମିତ ଅଚ୍ୟୁତ ୪୪ ବର୍ଷର ଅଭିନୟ କ୍ୟାରିୟର ମଧ୍ୟରେ ୧୨୫ ରୁ ଅଧିକ ହିନ୍ଦୀ ଏବଂ ମରାଠୀ ଚଳଚ୍ଚିତ୍ର, ୯୫ ଟି ଟିଭି ଶୋ, ୨୬ଟି ନାଟକ, ୪୫ରୁ ଅଧିକ ବିଜ୍ଞାପନରେ ଅଭିନୟ କରିଥିଲେ। ଥ୍ରି ଇଡିଅଟ୍ସ, ରଙ୍ଗିଲା, ଲଗେ ରହୋ ମୁନ୍ନା ଭାଇ, ଭୂତନାଥ, ଦବଙ୍ଗ-୨ ଭଳି ସୁପରହିଟ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଥ୍ରି ଇଡିଅଟ୍ସର ତାଙ୍କ ସଂଳାପ 'କହନା କ୍ୟା ଚାହତେ ହୋ' ସାମାଜିକ ଗଣମାଧ୍ୟମରେ ଛାଇ ଯାଇଥିଲା।

## ଦୁର୍ଗନ୍ଧ ପାଇଁ ହାଇକୋର୍ଟ ବନ୍ଦ

ତିରୁଅନନ୍ତପୁରମ, ୧୯।୮ (ଏଜେନ୍ସି): କେରଳ ହାଇକୋର୍ଟରେ ଅଜବ ସ୍ଥିତି ସୃଷ୍ଟି ହୋଇଛି। ମଙ୍ଗଳବାର ସକାଳେ ଦୁର୍ଗନ୍ଧ ପାଇଁ ହାଇକୋର୍ଟଙ୍କ କାର୍ଯ୍ୟକୁ ବନ୍ଦ କରିଦିଆଯାଇଛି। କୋର୍ଟର ଫଲ୍ସ ସିଲିଂରେ ପଶି ଯାଇଥିବା ଜଙ୍ଗଲୀ ବିଲେଇ (ସିଭେଟ) ର ପରିସ୍ରା ପାଇଁ ଏହି ଦୁର୍ଗନ୍ଧ ହେଉଥିଲା। ଏହା ଏତେ ଅସହ୍ୟ ଥିଲା ଯେ ମୁଖ୍ୟ ବିଚାରପତି ନିତିନ ଜମଦାର ଏବଂ ଜଷ୍ଟିସ ବସନ୍ତ ବାଲାଜୀଙ୍କ ଡିଭିଜନ ବେଞ୍ଚ ସବୁ ମାମଲାର ଶୁଣାଣିକୁ ସ୍ଥଗିତ କରିଦେଇଥିଲେ। ସକାଳେ କୋର୍ଟ କାର୍ଯ୍ୟ କେବଳ ୨୦ ମିନିଟ ପାଇଁ ଚାଲିଥିଲା। ପରେ ଏହି ପ୍ରକୋଷ୍ଠକୁ ବନ୍ଦ କରିଦିଆଯାଇଥିଲା। ସରକାରୀ ଓକିଲଙ୍କ ସୂଚନା ଅନୁଯାୟୀ ଗତ କିଛି ଦିନ ହେଲା ଦୁର୍ଗନ୍ଧ ହେଉଥିଲା। ମଙ୍ଗଳବାର ଏହା ଅସହ୍ୟ ହୋଇଥିଲା। ପରେ ଅଦାଲତରେ ଜାଲ ବିଛା ଯାଇଥିଲା। ସେଥିରେ ଜଙ୍ଗଲୀ ବିଲେଇ ଫସିଥିଲା।

## ଶିକ୍ଷୟିତ୍ରୀ ମନୀଷାଙ୍କ ମୃତ୍ୟୁକୁ ନେଇ ହରିୟାଣାରେ ହଙ୍ଗାମା

ଭିୱାନୀ, ୧୯।୮ (ଏଜେନ୍ସି): ଶିକ୍ଷୟିତ୍ରୀ ମନୀଷା (୧୯)ଙ୍କ ମୃତ୍ୟୁକୁ ନେଇ ହରିୟାଣାରେ ବଡ଼ ବିବାଦ ସୃଷ୍ଟି ହୋଇଛି। ଭିୱାନୀର ଢାଣି ଲକ୍ଷ୍ମଣ ଗ୍ରାମର ମନୀଷା ନିଖୋଜ ହେବା ପରେ ମୃତଦେହ ମିଳିବା ଏବଂ ଏବେ ଅନ୍ତିମ ସଂସ୍କାରକୁ ନେଇ ସଂଘର୍ଷ ନବମ ଦିନରେ ପହଞ୍ଚିଛି। ଏହି ମାମଲାରେ ପୁଲିସ ସନ୍ଦେହଘେରରେ ରହିଛି। ବାରମ୍ବାର ପୁଲିସ ମନ୍ତବ୍ୟ ବଦଳାଉଥିବାରୁ ମାମଲାର ମୋଡ଼ ବଦଳୁଛି। ପରିବାର ସଦସ୍ୟ ଏହାକୁ ହତ୍ୟା କହୁଥିବାବେଳେ ପୁଲିସ ଆତ୍ମହତ୍ୟା ଦର୍ଶାଉଛି। ଗତ ୧୧ ତାରିଖରେ ନର୍ସିଂ କଲେଜରେ ନାମ ଲେଖାଇବାକୁ ଯାଇଥିବା ମନୀଷା ନିଖୋଜ ହୋଇଯାଇଥିଲେ। ଏତଲା ସତ୍ତ୍ୱେ ଲୋହାରୁ ପୁଲିସ ମାମଲାକୁ ଗୁରୁତର ଦେଇ ନ ଥିଲା। ୧୩ ତାରିଖରେ ସିଙ୍ଘାନୀ ଗ୍ରାମର କ୍ଷେତରୁ ମନୀଷାଙ୍କ ମୃତଦେହ ମିଳିଥିଲା। ତେବେ ମୃତଦେହ ନେବାକୁ ପରିବାର ଲୋକେ ମନା କରି ଦେଇଥିଲେ। ବ୍ୟବଚ୍ଛେଦ ରିପୋର୍ଟରେ ମନୀଷାଙ୍କ ବେକରେ କଟାଦାଗ ଥିବା ଜଣାପଡ଼ିଥିଲା। ଘରଲୋକଙ୍କ ଦାବିରେ ରୋହତକ ପିଜିଆଇରେ ପୁଣି ବ୍ୟବଚ୍ଛେଦ କରାଯାଇଥିଲା। ୧୮ରେ ପୁଲିସକୁ ସୁଇସାଇଡ ନୋଟ ମିଳିଥିଲା। ଜାଣିଶୁଣି ହତ୍ୟାକୁ ଆତ୍ମହତ୍ୟା ରୂପ ଦେବାକୁ ପ୍ରୟାସ କରାଯାଉଥିବା ଦାବି କରାଯାଇଥିଲା।

# ମୂଷଳଧାରା ବର୍ଷା: ଭାସୁଛି ମୁମ୍ବାଇ

## ଲୋକାଲ ଟ୍ରେନ ସେବା ବାତିଲ, ୨୫୦ରୁ ଅଧିକ ବିମାନ ବିଳମ୍ବିତ

ମୁମ୍ବାଇ, ୧୯।୮ (ଏଜେନ୍ସି): ଦେଶର ବିଭିନ୍ନ ରାଜ୍ୟରେ ମୂଷଳ ଧାରାରେ ବର୍ଷା ହେଉଛି। ଏହା ଜଳ ପ୍ରଳୟ ସୃଷ୍ଟି କରିଛି। ଫଳରେ ରାଜଧାନୀ ବୁଡୁଛି, ସହର ଭାସୁଛି। ଏହା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଆର୍ଥିକ ରାଜଧାନୀ ମୁମ୍ବାଇ ଏହି ବର୍ଷାରେ ସର୍ବାଧିକ ପ୍ରଭାବିତ ହୋଇଛି। ସ୍ଥିତି ସଙ୍ଗୀନ ହୋଇଯାଇଛି। ରବିବାର ରାତିରୁ ଜାରି ବର୍ଷା ଥମିବାର ନା ଧରୁନି। ଏହାର ପ୍ରଭାବରେ ଅନେକ ସ୍ଥାନରେ ଅଣ୍ଟେ ଉଚ୍ଚା ପାଣି ଜମି ରହିଛି। ରାସ୍ତା ନଦୀର ଭ୍ରମ ସୃଷ୍ଟି କରୁଛି। ଅନେକ ଘରେ ପାଣି ପଶି ଯାଇଛି। ଦୋକାନବଜାର ଏବଂ ଟ୍ରେନ ଲାଇନ ବୁଡି ରହିଛି। ଏଥିଯୋଗୁଁ ଲୋକାଲ ଟ୍ରେନ ଚଳାଚଳ ବନ୍ଦ ରହିଛି। ୨୫୦ରୁ ଅଧିକ ବିମାନ ଉଡ଼ାଣ ମଧ୍ୟ ବିଳମ୍ବିତ ହୋଇଛି। ଅନେକ ସ୍ଥାନରେ ଗାଡ଼ିମୋଟର ଭାସୁଥିବା ଦେଖାଯାଉଛି। ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରକୃତି ଏବଂ ମାନବିକ ଅବରୋଧ ଲାଗି ସୃଷ୍ଟି ହୋଇଥିବା ଏହି ସ୍ଥିତି ଆଗରେ ଲୋକେ କିଂ କର୍ତ୍ତବ୍ୟ ବିମୂଢ଼ ହୋଇ ଯାଇଛନ୍ତି। ଆଜି ମହାରାଷ୍ଟ୍ରର ଅନେକ ଜିଲ୍ଲାରେ ମଧ୍ୟ ପ୍ରବଳ ବର୍ଷା ହୋଇଛି। ବର୍ଷା ଜନିତ ଦୁର୍ଘଟଣାରେ ୮ ଜଣଙ୍କ ଜୀବନ ଗଲାଣି। ୪୮ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ନେଇ ମୁମ୍ବାଇ, ଥାନେ, ରାୟଗଡ଼, ରତ୍ନାଗିରୀ ଏବଂ ସିନ୍ଧୁଦୁର୍ଗ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ୪୪୨ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ମନୋରେଲ ପ୍ରବଳ ବର୍ଷା ଯୋଗୁଁ ଅଟକି ରହିଛି। ଏହା ପ୍ରାୟ ୩ ଘଣ୍ଟା ଅଟକି ରହିବା ପରେ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଛି। ପ୍ରବଳ ଭିଡ଼ ଯୋଗୁଁ ବିଦ୍ୟୁତ ଯୋଗାଣ ଜନିତ ସମସ୍ୟା ସୃଷ୍ଟି ହୋଇଥିଲା ବୋଲି ଅଧିକାରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭୀସ କହିଛନ୍ତି ଯେ ବାଦଲ ଫଟା ବର୍ଷା ଯୋଗୁଁ ନାନ୍ଦେଡରେ ୮ ଜଣଙ୍କ ମୃତ୍ୟୁ ହୋଇଛି।

### ନାନ୍ଦେଡରେ ବାଦଲ ଫଟା ବର୍ଷା; ୮ ଜଣଙ୍କ ମୃତ୍ୟୁ

### ବଢୁଛି ଯମୁନା, ଦିଲ୍ଲୀ ପ୍ରତି ବିପଦ

ପ୍ରାୟ ୫୦୦ ଜଣଙ୍କୁ ଉଦ୍ଧାର କରାଯାଇଛି। ମୁମ୍ବାଇରେ ପ୍ରାୟ ୩୦୦ ମିମି ବର୍ଷା ହୋଇଛି। ସକାଳେ ମିଠି ନଦୀର ଜଳସ୍ତର ୩.୯ ମିଟର ବଢ଼ିଥିଲା। ଏଥିଯୋଗୁ କ୍ରାନ୍ତି ନଗର ଅଞ୍ଚଳରୁ ୩୫୦ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଥିଲା। ସହରରେ ଆଜି ବି ସ୍କୁଲ-କଲେଜ, ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଛି। ପାଣି ଭର୍ତ୍ତି ହୋଇଥିବା ଯୋଗୁଁ ଅନ୍ଧେରୀ ସବ୍‌ୱେ ବନ୍ଦ ରହିଛି।



ଅନେକ ଅଣ୍ଡର ବ୍ରିଜରେ ୪ ଫୁଟର ପାଣି ଜମି ରହିଛି। ହାର୍ବର ଲାଇନର ଟ୍ରାକ ପାଣିରେ ବୁଡ଼ି ରହିଛି। ଅନ୍ୟପକ୍ଷରେ ଯମୁନା ନଦୀର ଜଳସ୍ତର ବୃଦ୍ଧି ଯୋଗୁଁ ଦିଲ୍ଲୀବାସୀ ହନ୍ତସନ୍ତ ହେଉଛନ୍ତି। ନଦୀ ଫୁଲିବାରୁ ତଳିଆ ଅଞ୍ଚଳରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଯମୁନା ପାଣି ବଜାର ଅଞ୍ଚଳରେ ପ୍ରବେଶ କରିଛି। ତେଣୁ ଦିଲ୍ଲୀ ପ୍ରତି ବିପଦ ସୃଷ୍ଟି ହୋଇଛି। ଅନ୍ୟପଟେ ହିମାଚଳ ପ୍ରଦେଶ କୁଲୁରେ ସୋମବାର ରାତି ୧ଟାରେ ବାଦଲ ଫଟା ବର୍ଷା ହୋଇଛି। ପ୍ରଖର ସ୍ରୋତରେ ୩ଟି ଦୋକାନ ଭାସି ଯାଇଛି। ଭୂତନାଥ ପାସ ଏଥିରେ କ୍ଷତିଗ୍ରସ୍ତ ହୋଇଛି। ଏଠାରେ ଥିବା ପୋଲ ମଧ୍ୟ ଭାସିଯାଇଛି। ରିପୋର୍ଟ ଅନୁଯାୟୀ ମଣିପୁର, ଉତ୍ତରାଖଣ୍ଡ, ମହାରାଷ୍ଟ୍ର, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, କର୍ଣ୍ଣାଟକ, ଗୋଆରେ ଅଧିକ ବର୍ଷା ହୋଇଛି। ସେହିପରି ଉତ୍ତର ପ୍ରଦେଶର ନୋଏଡ଼ା-ଗ୍ରେଟର ନୋଏଡ଼ାରେ ଭୀଷଣ ବର୍ଷା ଲାଗି ରହିଛି।

# ବଦଳିବନି ତାମିଲନାଡୁ ରାୟ



ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି): ରାଜ୍ୟ ବିଧାନସଭା ଦ୍ୱାରା ପାରିତ ବିଲକୁ ମଞ୍ଜୁରୀ ପ୍ରଦାନ କରିବା ନିମନ୍ତେ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଲାଗି ସମୟସୀମା ଧାର୍ଯ୍ୟ କରି ଗତ ଏପ୍ରିଲ ୧୨ ତାରିଖରେ ସୁପ୍ରିମକୋର୍ଟ ଦେଇଥିବା ରାୟରେ କୌଣସି ପରିବର୍ତ୍ତନ କରାଯିବ ନାହିଁ। ଏସଂପର୍କରେ ରାଷ୍ଟ୍ରପତି ଲୋଡ଼ିଥିବା ମତାମତ ଉପରେ ଅଦାଲତ ତାଙ୍କର କେବଳ ମତ ଦେବେ। ପ୍ରଧାନ ବିଚାରପତି ଜଷ୍ଟିସ ବି.ଆର. ଗଭାଇଙ୍କ ଅଧ୍ୟକ୍ଷତାରେ ଗଠିତ ସମ୍ବିଧାନ ବେଞ୍ଚ ଆଜି ଏହା କହିଛନ୍ତି। ଏପ୍ରିଲ ୧୨ ତାରିଖରେ ସୁପ୍ରିମ କୋର୍ଟ ଯେଉଁ ରାୟ ଦେଇଥିଲେ ତାହା ଆଇନ ଦୃଷ୍ଟିରୁ ଠିକ୍ କି ନୁହେଁ, ସେସଂପର୍କରେ ରାଷ୍ଟ୍ରପତି ।।ଦ୍ରୌପଦୀ ମୁର୍ମୁ ସର୍ବୋଚ୍ଚ ଅଦାଲତଙ୍କର ମତାମତ (ପ୍ରେସିଡେନସିଆଲ ରେଫେରେନ୍ସ) ଲୋଡ଼ିଛନ୍ତି। ପ୍ରଧାନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସମ୍ବିଧାନ ବେଞ୍ଚ ଏହି ମାମଲାର ଶୁଣାଣି ଆରମ୍ଭ କରିଛନ୍ତି। ଏହି ବେଞ୍ଚରେ ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ପିଏସ୍ ନରସିଂହା, ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଏ. ଚନ୍ଦୁରକର ମଧ୍ୟ ଅଛନ୍ତି।

ଆଜି ଶୁଣାଣି ବେଳେ ପ୍ରେସିଡେନସିଆଲ ରେଫେରେନ୍ସକୁ ବିରୋଧ କରିଥିଲେ ତାମିଲନାଡୁ ଏବଂ କେରଳର ପ୍ରତିନିଧିତ୍ୱ କରୁଥିବା ଓକିଲ। ସେମାନେ ଯୁକ୍ତି କରିଥିଲେ ଯେ ଏପ୍ରିଲ ୧୨ ତାରିଖ ରାୟକୁ ବଦଳାଇବା ଉଦ୍ଦେଶ୍ୟରେ ରାଷ୍ଟ୍ରପତି ମତାମତ ଲୋଡ଼ିଛନ୍ତି। ଏହାର ଉତ୍ତର ଦେବାକୁ ଯାଇ ପ୍ରଧାନ ବିଚାରପତି ଜଷ୍ଟିସ ଗଭାଇ କହିଲେ ଯେ ରାଷ୍ଟ୍ରପତି କେବଳ ମତାମତ ଲୋଡ଼ିଛନ୍ତି, ଏପ୍ରିଲ ୧୨ ରାୟକୁ ଚାଲେଞ୍ଜ କରି ନାହାନ୍ତି।

### ରାଷ୍ଟ୍ରପତି କେବଳ ମତାମତ ଲୋଡ଼ିଛନ୍ତି

ତେଣୁ ସୁପ୍ରିମ କୋର୍ଟ କେବଳ ତାଙ୍କର ମତାମତ ଦେବେ। ସେହି ରାୟକୁ ରଦ୍ଦ କରିବେ ନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ। ଏହାସହିତ ସେ କହିଥିଲେ ଯେ ତାମିଲନାଡୁ ରାଜ୍ୟପାଳ ଆରଏନ୍ ରବି ବନାମ ଡିଏମ୍‌କେ ମାମଲାରେ କୋର୍ଟ ତାଙ୍କର ରାୟ ଶୁଣାଇଛନ୍ତି। ରାଜ୍ୟପାଳ ବିଧାନସଭାରେ ପାରିତ ୧୦ଟି ବିଲକୁ ଅନୁମୋଦନ ନଦେଇ ତାହା ଉପରେ ଦୀର୍ଘ ଦିନ ଧରି ବସି ରହିଥିଲେ। ରାଜ୍ୟପାଳ ରବିଙ୍କ ଏଭଳି ଆଚରଣ ବେଆଇନ ଓ ଏକତରଫା ଥିଲା। ସେ ଫେରାଇଲା ପରେ ବିଲ୍ ଦ୍ୱିତୀୟ ଥର ତାଙ୍କ ପାଖକୁ ଆସିଥିଲା ଏବଂ ଏହାକୁ ।।ସେ ଅନୁମୋଦନ ପ୍ରଦାନ କରିବା ଉଚିତ ଥିଲା ବୋଲି କୋର୍ଟ କହିଥିଲେ। ଜଷ୍ଟିସ ସୂର୍ଯ୍ୟକାନ୍ତ କହିଲେ ଯେ ସମ୍ବିଧାନର ଧାରା ୧୪୩ ଅନୁଯାୟୀ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସୁପ୍ରିମ କୋର୍ଟଙ୍କ ମତାମତ ଲୋଡ଼ିପାରିବେ ରାଷ୍ଟ୍ରପତି। ତେଣୁ ସେହି ଅନୁସାରେ କୋର୍ଟ ତାଙ୍କର ମତାମତ ଦେବେ, କିନ୍ତୁ ରାୟକୁ ରଦ୍ଦ କରିପାରିବେ ନାହିଁ।

ଅନ୍ୟପକ୍ଷରେ ତାମିଲନାଡୁ ଏବଂ କେରଳ ସରକାରଙ୍କ ପକ୍ଷରୁ ଅଭିଷେକ ସିଂହଭି ଏବଂ କେକେ ବେଣୁଗୋପାଳ ଯୁକ୍ତି କରିଥିଲେ ଯେ ପ୍ରେସିଡେନସିଆଲ ରେଫେରେନ୍ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯେଉଁ ୧୪ଟି ପ୍ରଶ୍ନ ଉତ୍‌ଥାପନ କରିଛନ୍ତି , ତାହାର ଉତ୍ତର ଏପ୍ରିଲ ୧୨ ତାରିଖ ରାୟରେ ଉଲ୍ଲେଖ ରହିଛି। ତେଣୁ ଯେଉଁ ମାମଲା ଉପରେ ରାୟ ଦିଆଯାଇଛି, ତାହାର ସମୀକ୍ଷା କରିବା ଲାଗି ମତାମତ ନେବା ଆଳରେ ରାଷ୍ଟ୍ରପତି ସମ୍ବିଧାନର ଧାରା ୧୪୩ର ଆଶ୍ରୟ ନେଇପାରିବେ ନାହିଁ। ବେଣୁଗୋପାଳ କହିଥିଲେ ଯେ ରିଭ୍ୟୁ ପିଟିସନ ଦାଖଲ କରିବା ପରିବର୍ତ୍ତେ ସୁପ୍ରିମ କୋର୍ଟର ଏହି ରାୟକୁ ଲାଇନଚ୍ୟୁତ କରିବା ଲାଗି ଭାରତ ସରକାର ଉଦ୍ୟମ କରୁଛନ୍ତି। ତାଙ୍କୁ ସମର୍ଥନ ଜଣାଇ ସିଂହଭି କହିଥିଲେ ଯେ ରିଭ୍ୟୁ ବା ରାୟର ପୁନର୍ବିଚାର ଲାଗି ଧାରା ୧୪୩ର ପ୍ରୟୋଗ କରାଯାଇ ପାରିବ ନାହିଁ।

## ଶେଷରେ ବିହାର ଏସ୍‌ଆଇଆର୍‌ରେ ଯୋଡ଼ିହେଲା ଆଧାର

ପାଟନା, ୧୯।୮: ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ବିହାର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା (ଏସ୍‌ଆଇଆର୍) ରେ ଆଧାର କାର୍ଡକୁ ସାମିଲ କରାଯାଇଛି। ବିହାର ମୁଖ୍ୟ ନିର୍ବାଚନ ଅଧିକାରୀ ବିନୋଦ ସିଂହ ଆଜି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଭୋଟର ତାଲିକା ସଂଶୋଧନରେ ଯେଉଁମାନଙ୍କ ନାମ କଟିଛି, ସେମାନେ ଆଧାର କାର୍ଡ ଦେଖାଇ ତାଲିକାରେ ନିଜ ନାମ ସାମିଲ କରିପାରିବେ। ଯେଉଁ ୬୫ ଲକ୍ଷ ଭୋଟରଙ୍କ ନାମ କଟିଛି, ସେମାନଙ୍କର ତାଲିକା ବ୍ଲକ ଅଫିସ, ପଞ୍ଚାୟତ ଅଫିସ, ପୌର କାର୍ଯ୍ୟାଳୟ ଓ ବିଭିନ୍ନ ବୁଥମାନଙ୍କରେ ଲଗାଯାଇଛି। ଏହି ତାଲିକା ଦେଖି ଭୋଟରମାନେ ଆବଶ୍ୟକ ସଂଶୋଧନ କରିପାରିବେ। ସୂଚନାଯୋଗ୍ୟ ଯେ ଭୋଟର ତାଲିକା ସଂଶୋଧନ ବେଳେ ନିର୍ବାଚନ କମିସନ ପକ୍ଷରୁ ଯେଉଁ ପ୍ରମାଣପତ୍ର ମଗାଯାଇଥିଲା, ସେଥିରେ ଆଧାର କାର୍ଡ ନଥିଲା। ଏହାକୁ ନେଇ ବଡ଼ ଧରଣର ବିବାଦ ଦେଖାଦେବାରୁ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ଆଧାର କାର୍ଡକୁ ସାମିଲ କରାଯାଇଛି।

## ମୋଦୀଙ୍କୁ ଭେଟିଲେ ଚୀନ୍ ବିଦେଶମନ୍ତ୍ରୀ



ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି): ଚୀନ୍ ବିଦେଶମନ୍ତ୍ରୀ ୱାଙ୍ଗ ୟି ମଙ୍ଗଳବାର ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଏନଏସଏ ଅଜିତ ଡୋଭାଲଙ୍କୁ ସାକ୍ଷାତ କରିଛନ୍ତି। ମୋଦୀ ଏହାର ଫଟୋ ସେୟାର କରିଛନ୍ତି। ଗତ ବର୍ଷ କାଜାନରେ ରାଷ୍ଟ୍ରପତି ଜିନପିଙ୍ଗଙ୍କୁ ଭେଟିବା ପରଠାରୁ ଭାରତ-ଚୀନ୍ ସମ୍ବନ୍ଧରେ ଅଗ୍ରଗତି ଘଟିଛି। ଚୀନ୍‌ରେ ହେବାକୁ ଥିବା ଏସ୍‌ସିଓ ବୈଠକରେ ଜିନପିଙ୍ଗଙ୍କୁ ଭେଟିବା ପାଇଁ ଅପେକ୍ଷା କରିଛି ବୋଲି ମୋଦୀ କହିଛନ୍ତି। ଏହା ପୂର୍ବରୁ ଡୋଭାଲଙ୍କ ସହ ୱାଙ୍ଗ ସୀମା ବିବାଦ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଗତ କିଛି ବର୍ଷ ହେଲା ଯେଉଁ ସମସ୍ୟା ସୃଷ୍ଟି ହୋଇଥିଲା ତାହା ଉଭୟ ଦେଶବାସୀଙ୍କ ସ୍ୱାର୍ଥରେ ନ ଥିଲା ବୋଲି ୱାଙ୍ଗ କହିଥିଲେ। ସେ ଗତ ବର୍ଷର ମୋଦୀ-ଜିନପିଙ୍ଗ ସାକ୍ଷାତ ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ। ଏହି ଆଲୋଚନା ଦ୍ୱିପାକ୍ଷିକ ସମ୍ପର୍କକୁ ନୂଆ ଦିଗ ଦେବ ଏବଂ ସୀମା ବିବାଦର ସମାଧାନ ଲାଗି ନୂଆ ଉତ୍ସାହ ପ୍ରଦାନ କରିବ ବୋଲି କହିଥିଲେ। ସେହିପରି ଗତ ଆଲୋଚନା ପରି ଏହା ମଧ୍ୟ ସଫଳ ହେବ ବୋଲି ଡୋଭାଲ ତାଙ୍କୁ ଭରସା ଦେଇଥିଲେ।

## ବିଶ୍ୱର ସବୁଠୁ ବଡ଼ ରକେଟ୍ ନିର୍ମାଣ କରୁଛି ଇସ୍ରୋ

ହାଇଦରାବାଦ, ୧୯।୮ (ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ବିଶ୍ୱର ସବୁଠାରୁ ବଡ଼ ରକେଟ୍ ନିର୍ମାଣ କରୁଛି। ଏହି ରକେଟ୍‌ର ଉଚ୍ଚତା ୪୦ ମହଲା କୋଠା ସହ ସମାନ ହେବ। ଏହା ୭୫ ହଜାର କେଜି ତଥା ୭୫ ଟନ୍ ପର୍ଯ୍ୟନ୍ତ ପେଲୋଡ ନେଇ ମହାକାଶ ଯାଇପାରିବ। ଏହା ଭାରତୀୟ ମହାକାଶ କାର୍ଯ୍ୟକ୍ରମର ସବୁଠାରୁ ବଡ଼ ଏବଂ ଶକ୍ତିଶାଳୀ ପ୍ରକଳ୍ପ। ଏହାର ନିର୍ମାଣ ଦ୍ୱାରା ଭାରତର ଉପଗ୍ରହ ଉତ୍‌କ୍ଷେପଣ କ୍ଷମତା ଅଧିକ ବୃଦ୍ଧି ପାଇବ। ଭାରତର ମହାକାଶ ଜ୍ଞାନକୌଶଳ ମଜବୁତ ହେବା ସହିତ ଅନ୍ତର୍ଜାତୀୟସ୍ତରରେ ଦେଶର ପ୍ରଭାବ ବଢ଼ିବ ବୋଲି ଇସ୍ରୋ ମୁଖ୍ୟ ଭି ନାରାୟଣନ କହିଛନ୍ତି। ହାଇଦରାବାଦ ସ୍ଥିତ ଉସମାନିଆ ୟୁନିଭର୍ସିଟିର ଦୀକ୍ଷାନ୍ତ ସମାରୋହରେ ସାମିଲ ହୋଇ ସେ ଏହି ସୂଚନା ଦେଇଛନ୍ତି। ଇସ୍ରୋ ମୁଖ୍ୟ କହିଛନ୍ତି ଯେ ଚଳିତ ବର୍ଷ ଆମେରିକାର ୬,୫୦୦ କେଜିର ସଞ୍ଚାର ଉପଗ୍ରହ ଉତ୍‌କ୍ଷେପଣ, ଏନ୍୧ ରକେଟ, ନାଭିଗେସନ ୱିଥ୍ ଇଣ୍ଡିଆନ କନଷ୍ଟେଲେସନ (ନାଭିକ) ଉପଗ୍ରହ ଏବଂ ନୌସେନାର ଜିସାଟ-୭ଆର ଉପଗ୍ରହ ଉତ୍‌କ୍ଷେପଣ କରିବାକୁ ଯାଉଛି। ସେହିପରି ପ୍ରଧାନମନ୍ତ୍ରୀଙ୍କ ପରାମର୍ଶରେ ଭାରତ ଶୀଘ୍ର ୪୦-୫୦ ମହାକାଶ ଯାତ୍ରୀଙ୍କ ଟିମ୍ ପ୍ରସ୍ତୁତ କରିବ। ଏମାନେ ଭବିଷ୍ୟତ ଅଭିଯାନର ନେତୃତ୍ୱ ନେବେ। ୨୦୩୫ ସୁଦ୍ଧା ଭାରତ ୫୨ ଟନ୍ ଓଜନର ମହାକାଶ ଷ୍ଟେସନ ନିର୍ମାଣ କରିବ। ଏହି କାର୍ଯ୍ୟକ୍ରମରେ ଇସ୍ରୋ ମୁଖ୍ୟଙ୍କୁ ତେଲଙ୍ଗାନା ରାଜ୍ୟପାଳ ବିଷ୍ଣୁଦେବ ବର୍ମା 'ଡକ୍ଟରେଟ ଅଫ୍ ସାଇନ୍ସ' ଉପାଧି ପ୍ରଦାନ କରିଥିଲେ।

# ହେବନି ଅସ୍ତ୍ରବିରତି; ଏବେ ତ୍ରିପାକ୍ଷିକ ବୈଠକ

ୱାଶିଂଟନ, ୧୯।୮ (ଏଜେନ୍ସି): ରୁଷ୍-ୟୁକ୍ରେନ ଯୁଦ୍ଧ ବନ୍ଦ ପାଇଁ ଆମେରିକାର ହ୍ୱାଇଟ ହାଉସରେ ଉଚ୍ଚସ୍ତରୀୟ ବୈଠକ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓଭାଲ ଅଫିସରେ ନିଜ ୟୁକ୍ରେନ ସମକକ୍ଷ ଭୋଲୋଡିମିର ଜେଲେଁସ୍କିଙ୍କ ଏବଂ ୟୁରୋପୀୟ ନେତାଙ୍କ ସହ ଶାନ୍ତି ପ୍ରତିଷ୍ଠା ପାଇଁ ଆଲୋଚନା କରିଛନ୍ତି। ତେବେ ଏହି ବୈଠକରେ ରୁଷ-ୟୁକ୍ରେନ ମଧ୍ୟରେ ଅସ୍ତ୍ରବିରତି ନେଇ କୌଣସି ସହମତି ପ୍ରକାଶ ପାଇନାହିଁ। ଏତେ ଶୀଘ୍ର ଅସ୍ତ୍ରବିରତି କରିବା ସମ୍ଭବ ନୁହେଁ ବୋଲି ଟ୍ରମ୍ପ କହିଛନ୍ତି। ମାତ୍ର ଏହି ବୈଠକରେ ୟୁକ୍ରେନକୁ ସୁରକ୍ଷା ଗ୍ୟାରେଣ୍ଟି ଦେବା ନେଇ ଚର୍ଚ୍ଚା ହୋଇଛି। ଜେଲେଁସ୍କି ନାଟୋର ଧାରା-୫ ପରି ସୁରକ୍ଷା ଚାହୁଁଥିବାବେଳେ ଆମେରିକା ଏବଂ ୟୁରୋପୀୟ ଦେଶ ମିଶି ୟୁକ୍ରେନକୁ ସୁରକ୍ଷା ଦେବେ ବୋଲି ଟ୍ରମ୍ପ କହିଛନ୍ତି। ଏହି ବୈଠକକୁ ମଝିରେ ଅଟକାଇ ଟ୍ରମ୍ପ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହ ୪୦ ମିନିଟ ପର୍ଯ୍ୟନ୍ତ ଆଲୋଚନା କରିଥିଲେ। ଏଥିରେ ରୁଷ୍ ଏବଂ ୟୁକ୍ରେନ ପ୍ରତିନିଧିଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଆଲୋଚନାକୁ ସେ ସମର୍ଥନ ଦେଇଥିଲେ। ୧୫ ଦିନ ଭିତରେ ଜେଲେଁସ୍କିଙ୍କୁ ଭେଟିବା ପାଇଁ ପୁତିନ ରାଜି ହୋଇଥିଲେ ବୋଲି ବୈଠକରେ ଉପସ୍ଥିତ ଥିବା ଜର୍ମାନୀ ଚାନସେଲର ଫ୍ରେଡରିକ ମର୍ଜ କହିଥିଲେ। ସେହିପରି ତ୍ରିପାକ୍ଷିକ ଆଲୋଚନା ପାଇଁ ମଧ୍ୟ ପୁତିନ ସହମତି ପ୍ରକାଶ କରିଥିଲେ। ବୈଠକ ପରର ସାମ୍ବାଦିକ ସମ୍ମିଳନୀରେ ଜେଲେଁସ୍କି କହିଥିଲେ ଯେ ୟୁକ୍ରେନ ସୁରକ୍ଷା ଗ୍ୟାରେଣ୍ଟି ବଦଳରେ ୟୁରୋପ ଅର୍ଥରେ ୯୦ ବିଲିୟନ ଡଲାର ଅର୍ଥାତ ୮ ଲକ୍ଷ କୋଟି ଟଙ୍କାରେ ଆମେରିକାଠାରୁ ଅସ୍ତ୍ରଶସ୍ତ୍ର କିଣାଯିବ। ୟୁକ୍ରେନରେ ଡ୍ରୋନ ନିର୍ମାଣ ପାଇଁ ମଧ୍ୟ ଆମେରିକା ପ୍ରତିଶ୍ରୁତି ଦେଇଛି। ଆମେରିକା ସହଯୋଗୀଙ୍କ ସହ ୫୦ ବିଲିୟନ ଡଲାରର ଡ୍ରୋନ ଚୁକ୍ତି ହେବ ବୋଲି ମଧ୍ୟ କୁହାଯାଇଛି। ଆସନ୍ତା ସପ୍ତାହରେ ଏହି ଚୁକ୍ତି ଚୂଡ଼ାନ୍ତ ହୋଇପାରେ। ଆମେରିକା ସେନା ମୁତୟନ ଉପରେ ବିଚାର କରାଯିବ ବୋଲି ମଧ୍ୟ ଟ୍ରମ୍ପ କହିଛନ୍ତି। ୟୁରୋପୀୟ ନେତାଙ୍କ ସହ ସେୟାର କରାଯାଇଥିବା ଏକ ଚିଠିରେ ସ୍ୱଳ୍ପ କାଳ ନୁହେଁ, ବରଂ ଦୀର୍ଘ ଦିନ ପର୍ଯ୍ୟନ୍ତ ଶାନ୍ତି ପ୍ରତିଷ୍ଠା ପାଇଁ ସୁରକ୍ଷା ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି। ଫ୍ରାନ୍ସ ଏବଂ ବ୍ରିଟେନ ପରି ୟୁରୋପୀୟ ରାଷ୍ଟ୍ରଗୁଡିକ ମଧ୍ୟ ୟୁକ୍ରେନକୁ ସୁରକ୍ଷା ଦେବା ପାଇଁ ରାଜି ହୋଇଛନ୍ତି। ୟୁକ୍ରେନ ସେନାର ପନର୍ଗଠନ, ବାୟୁସୀମା ଏବଂ କୃଷ୍ଣ ସାଗରରେ ଟ୍ରାଫିକରେ ସହାୟତା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ୟୁକ୍ରେନରେ ସୈନିକ ମୁତୟନ କରିବା ପାଇଁ ମଧ୍ୟ ବିଚାର କରାଯାଉଛି ବୋଲି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ କହିଛନ୍ତି।

ଜେଲେଁସ୍କିଙ୍କ ସହ ବୈଠକ ସମୟରେ ଫଳାଫଳ ଯାହା ବି ହେଉ ନା କାହିଁକି ୟୁକ୍ରେନକୁ ଆମେରିକା ସହାୟତା କରିବା ଜାରି ରଖିବ ବୋଲି ଟ୍ରମ୍ପ ସ୍ପଷ୍ଟ କରିଥିଲେ।



### ଜେଲେଁସ୍କି-ଟ୍ରମ୍ପ ଶାନ୍ତି ଆଲୋଚନା

### ଆମେରିକାଠୁ ୮ ଲକ୍ଷ କୋଟିର ଅସ୍ତ୍ରଶସ୍ତ୍ର କିଣିବ ୟୁକ୍ରେନ୍

### ଜେଲେଁସ୍କିଙ୍କ ସହ ଆଲୋଚନା ପାଇଁ ପୁତିନ ରାଜି

# ଗୋଧି ମାଂସ ଖାଇ ବନ୍ଧାହେଲେ ୟୁଟ୍ୟୁବର୍

ଠାକୁରମୁଣ୍ଡା/ମହୁଲଡିହା, ୧୯।୮ (ସମିସ): ଗୋଧିକୁ ମାରି ରାନ୍ଧି ଖାଇବା ଓ ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଛାଡ଼ିବା ଜଣେ ୟୁଟ୍ୟୁବର୍‌ଙ୍କୁ ମହଙ୍ଗା ପଡ଼ିଛି। ବନବିଭାଗ ତାଙ୍କୁ ଗିରଫ କରିଛି। ସେ ହେଲେ, ରୁପା ନାଏକ। ଏପରି ଘଟଣା ଘଟିଛି କରଞ୍ଜିଆ ବନଖଣ୍ଡ ଅଧୀନ ଠାକୁରମୁଣ୍ଡା ରେଞ୍ଜ ଅନ୍ତର୍ଗତ ଚମ୍ପାଝର ଫରେଷ୍ଟ ବିଟ୍ ଅସନବଣୀ ଗ୍ରାମରେ। ରୁପା ଆଦିବାସୀଙ୍କ ଖାଦ୍ୟପେୟ ଉପରେ ଭିଡିଓ କରି ସାମାଜିକ ଗଣମାଧ୍ୟମରେ ସେୟାର୍ କରନ୍ତି। ଗତ ରାକ୍ଷୀପୂର୍ଣ୍ଣିମା ଦିନ ସେ ତାଙ୍କ ଶଶୁର ଘରୁ ଫେରିବା ବେଳେ ରାସ୍ତାକଡ଼ରେ ଏକ ଗୋଧି ମରି ପଡ଼ିଥିବା ଦେଖି ତାକୁ ଘରକୁ ଆଣିଥିଲେ। ପରେ ତାକୁ କାଟି ରୋଷେଇ କରି ଖାଇବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଛାଡ଼ିଥିଲେ। ଏହା ପ୍ରଘଟ ହେବା ପରେ ଘଟଣାକୁ ଗୁରୁତ୍ୱର ସହ ନେଇ ବନବିଭାଗ ଯାଞ୍ଚ କରିଥିଲା। ଭିଡିଓରେ ସତ୍ୟତା ଥିବା ଜଣାପଡ଼ିବା ପରେ ବନବିଭାଗ ତାଙ୍କୁ ଗିରଫ କରିଛି। ପଚରାଉଚରା ବେଳେ ସେ ସତ ମାନିଛନ୍ତି। ଏପରିକି, ଗୋଧି ଖାଇଲେ ଅସୁବିଧା କ'ଣ ବୋଲି ଯୁକ୍ତି ବାଢ଼ିଛନ୍ତି।



ଏନେଇ କରଞ୍ଜିଆ ବନଖଣ୍ଡ ଅଧିକାରୀ ବୈଦନାଥ ମାଝୀ କହିଛନ୍ତି, ଗୋଧି ବିଲୁପ୍ତ ପ୍ରଜାତିର ଏକ ସରୀସୃପ। ଏହା ସୁରକ୍ଷା ଓ ସଂରକ୍ଷଣ ନିହାତି ଜରୁରୀ। ଏପରିସ୍ଥଳେ ଗୋଧି ମାରି କାଟି ଖାଇବା ଧର୍ତ୍ତବ୍ୟ ଅପରାଧ। କେହି ବି ବନ୍ୟପ୍ରାଣୀଙ୍କୁ ଶିକାର କରିପାରିବେ ନାହିଁ। ଏଥିପାଇଁ ସରକାରଙ୍କ କଡ଼ାକଡ଼ି ନିୟମ ରହିଛି। ଠାକୁରମୁଣ୍ଡା ବନବିଭାଗ ଏକ ମାମଲା ରୁଜୁକରି ଅଧିକ ତଦନ୍ତ କରୁଛି ବୋଲି ଠାକୁରମୁଣ୍ଡା ରେଞ୍ଜର ଉମାକାନ୍ତ ବେହେରା ସୂଚନା ଦେଇଛନ୍ତି।

# ରାଜ୍ୟରୁ ୪ ହଜାର ଏଡସ୍ ସଂକ୍ରମିତ ନିଖୋଜ

## ୧୭ରୁ ୩୫ ବର୍ଷ ବୟସ ବର୍ଗଙ୍କ ସଂଗୃହୀତ ନମୁନାରୁ ୪୧% ଏଚ୍‌ଆଇଭି ସଂକ୍ରମିତ

ଭୁବନେଶ୍ୱର, ୧୯।୮ (ସମିସ): 'ଗେଟିଙ୍ଗ ଟୁ ଜିରୋ, ନୋ ଏଡସ୍ ନୋ ଏଡସ୍, ନୋ ୟୋର୍ ଷ୍ଟାଟସ୍' ଏଭଳି ଶ୍ରୁତିମଧୁର ସ୍ଲୋଗାନ୍‌କୁ ନେଇ ଭୟାବହ ଏଚ୍‌ଆଇଭି ଏଡସ୍ ସଂକ୍ରମଣ ସମ୍ପର୍କରେ ଜନସଚେତନତା ସୃଷ୍ଟି କରାଯାଉଛି। ସଂକ୍ରମିତଙ୍କ ସଂଖ୍ୟା ହ୍ରାସ କରିବା ଦିଗରେ ସରକାର ବଡ଼ ପଦକ୍ଷେପ ନେଉଛନ୍ତି। ମାତ୍ର ତୃଣମୂଳସ୍ତରରେ ସଚେତନ ବାର୍ତ୍ତା ପହଞ୍ଚିପାରୁନି। ଫଳରେ ପ୍ରତିବର୍ଷ ନୂଆ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ନୂଆପିଢ଼ିଙ୍କ କ୍ଷେତ୍ରରେ ସଂକ୍ରମଣ ବୃଦ୍ଧି ପାଉଥିବା ଜଣାପଡ଼ିଛି। ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଉଛି, ବର୍ତ୍ତମାନ ଯେତିକି ଏଡସ୍ ରୋଗୀ ଚିହ୍ନଟ ହୋଇଛନ୍ତି, ତାଙ୍କ ଭିତରୁ ପାଖାପାଖି ୪ ହଜାର ସଂକ୍ରମିତଙ୍କ ପତ୍ତା ମିଳୁନି। ତେଣୁ ସଂକ୍ରମଣ ବୃଦ୍ଧି ହେବା ନେଇ ଆଶଙ୍କା ପ୍ରକାଶ ପାଉଛି।

ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସୋସାଇଟିର ରିପୋର୍ଟ ଅନୁସାରେ, ପୁରୁଷ ସହ ପୁରୁଷଙ୍କ ଅପ୍ରାକୃତିକ ଯୌନ ସମ୍ପର୍କ ଯୋଗୁଁ ଏଚଆଇଭି ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଯେଉଁଥିରୁ ପାଖାପାଖି ଅଧା ହେଉଛନ୍ତି ଯୁବଗୋଷ୍ଠୀ। ରାଜ୍ୟ ସରକାର ୨୦୩୦ ସୁଦ୍ଧା ଏଡସ୍‌ମୁକ୍ତ ଓଡ଼ିଶା ଗଠନ କରିବା ପାଇଁ ଚାହୁଁଥିବା ବେଳେ ବାସ୍ତବରେ ସଂକ୍ରମଣ କମିବାର ନାଁ ଧରୁନି। ବର୍ତ୍ତମାନର ସଂକ୍ରମଣ ଟ୍ରେଣ୍ଡ ଦେଖିଲେ, ଯୁବଗୋଷ୍ଠୀ ଅଧିକ ମାତ୍ରାରେ ଆକ୍ରାନ୍ତ ହେଉଛନ୍ତି। କାରଣ ଯୁବ ଗୋଷ୍ଠୀ ଏବେ ମାତ୍ରାଧିକ ସମଲିଙ୍ଗୀ ଅପ୍ରାକୃତିକ ଯୌନ ସମ୍ପର୍କରେ ଲିପ୍ତ ରହୁଛନ୍ତି। ବିଶେଷକରି ୧୭ରୁ ୩୫ବର୍ଷ ବୟସର ୪୧ ପ୍ରତିଶତ ଯୁବଗୋଷ୍ଠୀ ଏଚଆଇଭି ପଜିଟିଭ ଥିବା ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସୋସାଇଟିରୁ ମିଳିଥିବା ତଥ୍ୟରୁ ଜଣାପଡ଼ିଛି।

ଶିକ୍ଷାନୁଷ୍ଠାନଗୁଡ଼ିକରେ ଏପରି ଅପ୍ରାକୃତିକ ଯୌନ ସମ୍ପର୍କ ମାମଲା ବଢୁଛି। ଗତ ଜୁଲାଇ ସୁଦ୍ଧା ୬୫ ହଜାର ୨୧୪ ଏଚଆଇଭି ପଜିଟିଭ ଚିହ୍ନଟ ହୋଇଛନ୍ତି। ୧୭ରୁ ୩୫ ବର୍ଷ ବୟସ ଭିତରେ ପାଖାପାଖି ୨୬ହଜାର ୭୩୭ ସଂକ୍ରମିତ ବ୍ୟକ୍ତି ରହିଥିବା ଜଣାପଡ଼ିଛି। ଶିକ୍ଷାନୁଷ୍ଠାନ ହଷ୍ଟେଲ୍‌ରେ ଏପରି ଅପ୍ରାକୃତିକ ଯୌନ ସମ୍ପର୍କ ରଖିବାର ସମ୍ଭାବନା କମ ରହୁଥିବାରୁ ଅଧିକାଂଶ ପିଲାମାନେ ଘରୋଇ ମେସ୍ ବା ରୁମ୍ ଭଡ଼ା ନେଇ ରହୁଛନ୍ତି। ଯୁବବର୍ଗଙ୍କ ମଧ୍ୟରେ ଅପ୍ରାକୃତିକ ଯୌନସମ୍ପର୍କ ଏଚଆଇଭିକୁ ଆମନ୍ତ୍ରଣ କରୁଛି। ଯେଉଁମାନଙ୍କ ଭିତରେ ପ୍ରତିଷେଧକ ଶକ୍ତି କମ୍ ରହିଥାଏ, ସେମାନେ ଏଡସ୍ ଆଡ଼କୁ ଠେଲି ହୋଇ କଲବଲରେ ଜୀବନ ହାରନ୍ତି। ଏବେ ସୁଦ୍ଧା ଏଭଳି ୧୩ ହଜାର ୧୭୭ ଏଚଆଇଭି ପଜିଟିଭଙ୍କ ମୃତ୍ୟୁ ହୋଇଥିବା ସରକାରୀ ରିପୋର୍ଟରୁ ଜଣାପଡ଼ିଛି।

ବିପଦ ଏତିକିରେ ସରିନି; ପଞ୍ଜୀକୃତ ୬୫ ହଜାର ୨୧୪ ଏଚଆଇଭି ପଜିଟିଭଙ୍କ ଭିତରୁ ୩, ୯୯୮ ସଂକ୍ରମିତଙ୍କ ପତ୍ତା ମିଳୁନି। ଏମାନଙ୍କ ଭିତରୁ ଅନେକ ରାଜ୍ୟ ବାହାରକୁ ଚାଲି ଯାଇଛନ୍ତି। କିଛି ଲୋକ ବାହାର ରାଜ୍ୟରୁ ଆସି ଓଡ଼ିଶାରେ ଟେଷ୍ଟିଂ କରିଛନ୍ତି। ଏପରିକି କିଛି ଲୋକ ସମାଜିକ ବାସନ୍ଦ ଭୟରେ ନିଜ ଭୁଲ ପରିଚୟ ଦେଇଥିବା କଥା ଯାଞ୍ଚ ପରେ ଜଣାପଡ଼ିଛି। ଏହି ନିଖୋଜ ଏଚଆଇଭି ପିଜିଟିଭ ସଂକ୍ରମିତଙ୍କ ସହ ଅଜାଣତରେ ଯଦି କେହି ଶାରୀରିକ ସଂପର୍କ ରଖନ୍ତି ପରିସ୍ଥିତି ସଙ୍ଗୀନ ହୋଇଯିବା ନେଇ ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ଏଚଆଇଭି ଏଡସ୍‌ର କୌଣସି ଚିକତ୍ସା ନାହିଁ। ହେଲେ, ଏଚ୍‌ଆଇଭି ପିଜିଟିଭ ଜଣାପଡ଼ିବା ମାତ୍ରେ ସଂକ୍ରମିତଙ୍କୁ ଆଣ୍ଟି ରେଟ୍ରୋଭାଇରାଲ ଥେରାପି ଏଆରଟି ଦେବା କଥା। ତେବେ ୬୫ହଜାର ୨୧୪ ସଂକ୍ରମିତଙ୍କ ମଧ୍ୟରୁ ୫୫ ହଜାର ୧୪୨ ଜଣ ଏଆରଟି ପଞ୍ଜୀକରଣ କରିଛନ୍ତି। ବାକି ୧୦ ହଜାର ୧୨୯ ଏଆରଟି ପଞ୍ଜୀକରଣ କରି ନଥିବାରୁ ଚିନ୍ତା ଆହୁରି ବଢ଼ିଛି। ତେଣୁ ସେହି ବ୍ୟକ୍ତିମାନେ ସଂକ୍ରମଣ ବଢ଼ାଉଥିବା ନେଇ ଅନୁମାନ କରାଯାଉଛି। ଏବେ ସେମାନଙ୍କ ଚିହ୍ନଟ କରି ପ୍ରତିଶେଧକ ଦେବା ଏକପ୍ରକାର ଚ୍ୟାଲେଞ୍ଜିଂ ପରିସ୍ଥିତି ସୃଷ୍ଟି କରିଛି।

# ପଛକୁ ପଛ ଆସୁଛି ଲଘୁଚାପ

ଭୁବନେଶ୍ୱର,୧୯।୮ (ସମିସ): ପଛକୁ ପଛ ଆସୁଛି ଲଘୁଚାପ। ଉତ୍ତର ବଙ୍ଗୋପସାଗରରେ ଏହି ଲଘୁଚାପ ସୃଷ୍ଟି ହେବାକୁ ଥିବାରୁ ସାରା ରାଜ୍ୟରେ ବର୍ଷା ନେଇ ଆକଳନ କରାଯାଉଛି। ସମ୍ଭାବ୍ୟ ଲଘୁଚାପଟି ଆସନ୍ତା ୨୪ ତାରିଖ ବେଳକୁ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇପାରେ। ପରବର୍ତ୍ତୀ ସମୟରେ ଏହି ଲଘୁଚାପ ଅଧିକ ଘନୀଭୂତ ହେବା ସହ ସାରା ରାଜ୍ୟରେ ବର୍ଷା କରାଇପାରେ। ମୁଖ୍ୟତଃ ରାଜ୍ୟରେ ୨୩-୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ରହିଛି। ଆଇଏମ୍‌ଡି ମହାନିର୍ଦ୍ଦେଶକ ଡଃ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ୨୪ ତାରିଖରେ ଗୋଟିଏ ଲଘୁଚାପ ସୃଷ୍ଟି ହେବ। ଏହାଦ୍ୱାରା ରାଜ୍ୟରେ ପ୍ରବଳ ବର୍ଷା ହେବ। ୨୭-୨୮ ବେଳକୁ ପୁଣି ଗୋଟିଏ ଲଘୁଚାପ ସମ୍ଭାବନା ରହିଛି। ତେଣୁ ପ୍ରାୟ ଅଗଷ୍ଟ ଶେଷ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କେନ୍ଦ୍ରୀୟ ଭାରତରେ ମୌସୁମୀ ସକ୍ରିୟ ସହ ଭଲ ବର୍ଷା ଆକଳନ କରାଯାଉଥିବା ଡଃ ମହାପାତ୍ର କହିଛନ୍ତି।

ଅନ୍ୟପଟେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା ଦେଇ ଆଗକୁ ବଢୁଛି। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ଉତ୍ତର ପଶ୍ଚିମ ଦିଗରେ ଗତି କରି ଛତିଶଗଡ଼କୁ ଅଗ୍ରସର ହେବ ଓ ଦୁର୍ବଳ ହେବ। ଏହି ଅବପାତ ପ୍ରଭାବରେ ମଙ୍ଗଳବାର ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ବୁଧବାର ବର୍ଷାର ପ୍ରଭାବ କମିଲେ ମଧ୍ୟ କିଛି କିଛି ସ୍ଥାନରେ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

ଅନ୍ୟପଟେ ଅବପାତ ଯୋଗୁଁ ସମୁଦ୍ର ଉପକୂଳ ଅଂଚଳରେ ୪୦ ରୁ ୬୦ କିମି ପବନ ବହୁଛି। ଏଥିପାଇଁ ସମୁଦ୍ର ଅଶାନ୍ତ ରହିଛି। ତେଣୁ ଆସନ୍ତା୨୦ ତାରିଖ ଯାଏ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି। ମୌସୁମୀ ଋତୁ ଅର୍ଥାତ୍ ଜୁନ ୧ରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ୭୨୬ ମିମି ବର୍ଷା ରେକର୍ଡ ହୋଇଛି। ସ୍ୱାଭାବିକ ବର୍ଷା ୭୭୨.୮ ମିମି ବର୍ଷା ତୁଳନାରେ ଏବେବି ୬ ପ୍ରତିଶତ କମ ବର୍ଷା ରେକର୍ଡ ହୋଇଛି। ୨୦ ଜିଲ୍ଲାରେ ସ୍ୱାଭାବିକ ବର୍ଷା,୨ ଜିଲ୍ଲାରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ଏବଂ ୮ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି। ଗତ ୨୪ ଘଂଟାରେ ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ସହ ୯ ଟି ସ୍ଥାନରେ ପ୍ରବଳ ଗୋଟିଏ ସ୍ଥାନରେ ଅତି ପ୍ରବଳ ବର୍ଷା ରେକର୍ଡ଼ ହୋଇଥିବା ବେଳେ ସର୍ବାଧିକ ବର୍ଷା କୋରାପୁଟ କୋଟପାଡ଼ର ୧୩୩ ମିମି ରେକର୍ଡ କରାଯାଇଛି।

# ବଜ୍ରପାତ ନେଲା ୨ ଜୀବନ

ଝାରସୁଗୁଡ଼ା/କୋଲାବିରା, ୧୯।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ଥାନା ପରମାଣପୁର ପଞ୍ଚାୟତ ଅଧୀନ କାଲିବାହାଲ ଗ୍ରାମରେ ମଙ୍ଗଳବାର ଅପରାହ୍ଣ ପ୍ରାୟ ୩ଟାରେ ବଜ୍ରପାତ ଘଟି ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଗ୍ରାମର ବୀର କିସାନ(୪୫) ଓ ଶଙ୍କର ମାଝୀଙ୍କ ସାନ ପୁଅ ଦୁଃଖବନ୍ଧୁ ମାଝୀ(୨୦)। ବୀର ଓ ଦୁଃଖବନ୍ଧୁ ଆଜି ଜମିରେ କୀଟନାଶକ ପକାଇବାକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଥିଲା। ଏହି ସମୟରେ ବର୍ଷା ପବନ ମାଡ଼ି ଆସିବା ସହ



ଘନଘନ ବଜ୍ରପାତ ହୋଇଥିଲା। ବର୍ଷାରୁ ରକ୍ଷା ପାଇବା ପାଇଁ ଉଭୟ ପାଖରେ ଥିବା ଏକ ମହୁଲ ଗଛ ତଳେ ଆଶ୍ରୟ ନେଇଥିଲେ। ସେଠାରେ ଏକ ବଜ୍ରପାତ ହେବାରୁ ଉଭୟ ଟଳି ପଡ଼ିଥିଲେ। ଗ୍ରାମବାସୀ ଦୁହିଁଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। କୋଲାବିରା ପୁଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଖବର ପ୍ରଘଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

# ଗର୍ଜିଲା ପୁଲିସ୍ ବନ୍ଧୁକ
# ଦୁର୍ଦ୍ଧାନ୍ତ ସମଦକୁ ଏନ୍‌କାଉଣ୍ଟର୍

ସମ୍ବଲପୁର,୧୯।୮ (ସମିସ): ଦୀର୍ଘ ଦିନ ପରେ ପୁଣି ଗର୍ଜିଛି ସମ୍ବଲପୁର ପୁଲିସ୍‌ର ବନ୍ଧୁକ। ସର୍ବସାଧାରଣରେ ମାରପିଟ୍‌ଠାରୁ ଆରମ୍ଭ କରି ମରଣାନ୍ତକ ଆକ୍ରମଣ, ହତ୍ୟା, ଗୁଳିକାଣ୍ଡ, ଦୁଷ୍କର୍ମ ଭଳି ୧୫ରୁ ଊର୍ଦ୍ଧ୍ୱ ସଂଗିନ୍ ମାମଲାରେ ସଂଶ୍ଳିଷ୍ଟ ଥିବା ଦୁର୍ଦ୍ଧାନ୍ତ ଅପରାଧୀ ମହମ୍ମଦ ସମଦକୁ ଆଜି ଧନୁପାଲି ପୁଲିସ୍ ଏନ୍‌କାଉଣ୍ଟର୍ କରିଛି। ମୋତିଝରଣ ଅଞ୍ଚଳରେ ଜଣେ ଯୁବକଙ୍କୁ ହତ୍ୟା କରିବା ପରଠାରୁ ସେ ଫେରାର୍ ଥିଲା। ତାର ବାମ ଗୋଡ଼ରେ ଗୁଳି ବାଜିଛି। ସମଦ ପାଖରୁ ପୁଲିସ୍ ଗୋଟିଏ ୭.୬ମିମି ଦେଶୀ ପିସ୍ତଲ, ଗୋଟିଏ ୭.୬ମିମି ଗୁଳି, ୩ଟି ଖାଲି କ୍ୟାଟ୍ରିଜ୍, ଗୋଟିଏ ଆପାଚେ ଆର୍ଟି ବାଇକ୍ ଓ ଗୋଟିଏ ମୋବାଇଲ ଜବତ କରିଛି। ପୁଲିସ୍ ତାକୁ ଚିକିତ୍ସା ଲାଗି ଭିମସାରରେ ଭର୍ତ୍ତି କରାଇଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଶ୍ରୀମନ୍ତ ବାରିକ ଏହି ସୂଚନା ଦେଇଛନ୍ତି। ତେବେ ଉକ୍ତ ହତ୍ୟାକାଣ୍ଡରେ ସମ୍ପୃକ୍ତ ସାମଦଙ୍କ ଭାଇ ମହମ୍ମଦ ୱାସିମ ଫେରାର ଅଛି। ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ତନାଘନା ଜାରି ରଖିଛି।

ପୁଲିସ୍ ସୂଚନାନୁଯାୟୀ, ଧନୁପାଲି ଥାନା ଅନ୍ତର୍ଗତ ମୋତିଝରଣର ଅଭିଯୁକ୍ତ ମହମ୍ମଦ ସମଦ ଓ ତାର ଭାଇ ମହମ୍ମଦ ୱାସିମ ସୋମବାର ରାତି ପ୍ରାୟ ୧୦ଟାରେ



ମୋତିଝରଣର ଅସଫାକ ଖାନଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରିବା ପରେ ଫେରାର ହୋଇଯାଇଥିଲେ। ଧନୁପାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅସଫାକ୍‌ଙ୍କୁ ଉଦ୍ଧାର କରି ସଦର ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଭାଇ ଜାବିଜ ଖାନଙ୍କ ଅଭିଯୋଗ ଆଧାରରେ ଧନୁପାଲି ଥାନା ପୁଲିସ କେସ ନଂ. ୨୮୦ ତା.୧୮.୦୮.୨୦୨୫ ଦଫା ୧୦୩(୧), ୩(୫) ବିଏନ୍‌ଏସ୍‌ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ଏକ ସ୍ୱତନ୍ତ୍ର ଦଳ ଗଠନ କରିଥିଲା। ସମ୍ବଲପୁର ସହରର ସମସ୍ତ ରାସ୍ତାରେ ନାକା କରି ବିଭିନ୍ନ ସ୍ଥାନରେ ଯାଞ୍ଚ ଚାଲିଥିଲା। ଗୁଇନ୍ଦା ସୂଚନା ଆଧାରରେ ମଙ୍ଗଳବାର ୧୯ତାରିଖ ଭୋର୍ ସମୟରେ ଖଣ୍ଟୁଆଳ ଗ୍ରାମ ନିକଟରେ ଅଭିଯୁକ୍ତ ସାମଦ ଲୁଚିଥିବା ଜଣାପଡ଼ିଥିଲା। ପୁଲିସ ତାକୁ ଆମ୍ସମର୍ପଣ ପାଇଁ କହିବାରୁ ସେ ପୁଲିସ ଉପରକୁ ଦୁଇ ରାଉଣ୍ଡ ଗୁଳିଚାଳନା କରିଥିଲା। ପରେ ପୁଲିସର ଗୋଟିଏ ରାଉଣ୍ଡ ପାଲଟା ଗୁଳିଚାଳନାରେ ସମଦ ଆହତ ହୋଇଥିଲା। ସାମଦ ନାମରେ ଧନୁପାଲି ଥାନା ପୁଲିସ କେସ ନଂ. ୨୮୧ ତା.୧୯.୦୮.୨୦୨୫ ଦଫା ୧୩୨, ୨୨୪, ୧୦୯(୧) ବିଏନ୍‌ଏସ୍, ୨୫(୧)(ବି)(ଏ)/୨୭ ଆର୍ମସ ଆକ୍ଟରେ ଆଉ ମାମଲା ରୁଜୁ କରିଛି।

# ୪ ଜୋନ୍‌ରେ ମହିଳା ସମାବେଶ କରିବ କଂଗ୍ରେସ

ଭୁବନେଶ୍ୱର,୧୯।୮ (ସମିସ): ଭାରତୀୟ ଜାତୀୟ କଂଗ୍ରେସର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲାଲ୍ଲୁ ଚାରିଦିନିଆ ଓଡିଶା ଗସ୍ତରେ ଆସି ଦଳର ଏକାଧିକ ସାଙ୍ଗଠନିକ ବୈଠକରେ ସ୍ଥିତି ସମୀକ୍ଷା କରିଛନ୍ତି। ଏହି ବୈଠକଗୁଡ଼ିକରେ କଂଗ୍ରେସର ଆଗାମୀ କାର୍ଯ୍ୟକ୍ରମ ନେଇ ଅନେକ ନିଷ୍ପତ୍ତି ନିଆଯାଇଛି। ଏଥିରେ ମୁଖ୍ୟତଃ ବିଧାୟକ ଓ ସାଂସଦ ପ୍ରାର୍ଥୀମାନେ ନିଜ ଅଞ୍ଚଳରେ ମାସକୁ ଅନ୍ୟୂନ ୨୦ ଦିନ ରହି ତୃଣମୂଳ ସ୍ତରରେ ସଂଗଠନକୁ ସୁଦୃଢ କରିବା ସହ ଭୋଟ ଜାଲିଆତି ସମ୍ପର୍କରେ ସଚେତନ କରିବାକୁ ନିଷ୍ପତ୍ତି ହୋଇଛି। ଏହାସହିତ ପିସିସି ପଦାଧିକାରୀମାନେ ବିଭିନ୍ନ ଜିଲ୍ଲା ଗସ୍ତ କରି ବ୍ଲକସ୍ତରୀୟ ଏବଂ ବୁଥସ୍ତରୀୟ କମିଟି ଗଠନ କରିବା ସହ ଭୋଟ ଚୋରି ପ୍ରସଙ୍ଗକୁ ଘରେଘରେ ପହଞ୍ଚାବା ନେଇ ନକ୍ସା ପ୍ରଦାନ କରାଯାଇଛି। ସେବା ଦଳ ବୈଠକରେ ରାଜ୍ୟ ଓ ବ୍ଲକ ସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ କରାଇ ପ୍ରତି ବ୍ଲକରୁ ଅତି କମ୍‌ରେ

**ଏବେଠୁ ଜିଲ୍ଲା ପରିଷଦ ପ୍ରାର୍ଥୀ ଖୋଜିବ ଦଳ**

୧୦ ଜଣଙ୍କୁ କଂଗ୍ରେସ କାର୍ଯ୍ୟରେ ନିୟୋଜିତ କରାଇବାକୁ ନିଷ୍ପତ୍ତି ହୋଇଛି। ସେହିପରି ସମସ୍ତ କଂଗ୍ରେସ ପଦାଧିକାରୀଙ୍କୁ ମଧ୍ୟ ପ୍ରଶିକ୍ଷଣ ଦିଆଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମହିଳା କଂଗ୍ରେସ ବୈଠକରେ ରାଜ୍ୟରେ ବୃଦ୍ଧି ପାଉଥିବା ନିର୍ଯାତନାକୁ କିପରି ରୋକାଯାଇ ପାରିବ, ସେ ନେଇ ବିଶେଷ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବାକୁ ନିଷ୍ପତ୍ତି ହୋଇଛି। ରାଜ୍ୟରେ ଚାରୋଟି ଜୋନ କରାଯିବ ଓ ମହିଳାଙ୍କୁ ପ୍ରତ୍ୟେକ ଜୋନରେ ଦାୟିତ୍ୱ ପ୍ରଦାନ କରାଯାଇ ମହିଳା ଜିଲ୍ଲା ସଭାପତି ଚୟନ କରାଯିବ। ଜିଲ୍ଲା ସଭାପତି ଚୟନ ପରେ ଚାରୋଟି ଜୋନରେ ବିଶାଳ ମହିଳା ସମାବେଶ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ବୈଠକରେ ଆସନ୍ତା ପଞ୍ଚାୟତ ନିର୍ବାଚନ ପୂର୍ବରୁ ସମସ୍ତ ବ୍ଲକ, ମଣ୍ଡଳ ଓ ପଞ୍ଚାୟତ କମିଟି ଗଠନ ପାଇଁ ଏଆଇସିସି ପ୍ରଭାରୀ ନିର୍ଦ୍ଦେଶ ଦେବା ସହିତ ଜିଲ୍ଲା ପରିଷଦ ପ୍ରାର୍ଥୀ ଖୋଜିବା ପ୍ରକ୍ରିୟା ଏବେଠୁ ଆରମ୍ଭ କରିବା ପାଇଁ କହିଛନ୍ତି।

# ଲାଞ୍ଚୁଆ ପୂର୍ବତନ ସହକାରୀ ଯନ୍ତ୍ରୀଙ୍କୁ ୩ ବର୍ଷ ଜେଲ୍

ବାଲେଶ୍ୱର,୧୯।୮ (ସମିସ): ଏକ ଲାଞ୍ଚ ମାମଲାରେ ବାଲେଶ୍ୱର ଉଠା ଜଳସେଚନ କାର୍ଯ୍ୟାଳୟର ପୂର୍ବତନ ସହକାରୀ ଯନ୍ତ୍ରୀ (ଏଷ୍ଟିମେଟର) କୁମୁଦ ଚନ୍ଦ୍ର ପ୍ରଧାନଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡ ହୋଇଛି। ଏହାଛଡ଼ା ତାଙ୍କୁ ୫୦ହଜାର ଟଙ୍କା ଜରିମାନା ଆଦେଶ କରାଯାଇଛି। ଜରିମାନା ଟଙ୍କା ଅନାଦେୟ ହେଲେ, ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଲଳିତ କୁମାର ଦାଶ ରାୟରେ ଉଲ୍ଲେଖ କରିଛନ୍ତି।

୨୦୧୬ ମସିହାରେ ଶ୍ରୀ ପ୍ରଧାନ ବାଲେଶ୍ୱର ସଦର ବ୍ଲକ ଅର୍ନ୍ତଗତ ହିଞ୍ଜିଳା ଗ୍ରାମରେ ସେଲୋ କ୍ଲୋଷ୍ଟର ପ୍ରୋଜେକ୍ଟ କାର୍ଯ୍ୟରେ ଚୁକ୍ତିପତ୍ର ପ୍ରୋସେସିଙ୍ଗ କରିବା ପାଇଁ ଟେଣ୍ଡର୍ ନେଇଥିବା ଠିକାଦାର କାର୍ତ୍ତିକ ଚନ୍ଦ୍ର ପୃଷ୍ଟିଙ୍କଠାରୁ ନଗଦ ୧୦ ହଜାର ଟଙ୍କା ଦାବି କରି ୨୦୧୬ ଅକ୍ଟୋବର ୪ରେ ନେଇଥିଲେ। ସେହି ସମୟରେ ଭିଜିଲାନସ ବିଭାଗ ତାଙ୍କୁ ମାଡ଼ି ବସିଥିଲା। ତାଙ୍କଠାରୁ ଉକ୍ତ ଲାଞ୍ଚ ଟଙ୍କା ଜବତ କରାଯିବା ସହ ଭିଜିଲାନସ କେସ ନମ୍ବର ୫୭/୧୬ନମ୍ବରରେ ଏକ ମାମଲା ରୁଜୁ କରି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ମାନସୀ ଜେନା ତଦନ୍ତ ପରେ କୋର୍ଟରେ ଚାର୍ଜସିଟ ମଧ୍ୟ ଦାଖଲ କରିଥିଲେ। ଏହି ମାମଲାଟି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ବିଚାରଧୀନ ରହିଥିଲା।

# କୁମ୍ଭୀର ମୁହଁରୁ ଛଡ଼ାଇ ଆଣିଲେ ଜୀବନ

ରାଜକନିକା, ୧୯।୮ (ସମିସ): କୁମ୍ଭୀର ମୁହଁରୁ ପୁଅର ଜୀବନ ଛଡ଼ାଇ ଆଣିଲେ ବାପା। କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ଜୟନଗର ପଞ୍ଚାୟତ ଖୁଣ୍ଟା ଗ୍ରାମରେ ଆଜି ଏପରି ଏକ ଘଟଣା ଘଟିଛି। ଗ୍ରାମର ରତ୍ନାକର ମଲିକ ଆଜି ନିଜ ଜୀବନକୁ ବାଜି ଲଗାଇ କୁମ୍ଭୀର ସହ ସଂଗ୍ରାମ କରି ପୁଅକୁ ବଞ୍ଚାଇଛନ୍ତି। ପୁଅ ରାକେଶ



ମଲ୍ଲିକ (୧୩)କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କୁମ୍ଭୀର ଆକ୍ରମଣରେ ରାକେଶର ବାମ ଜଙ୍ଘ ଓ ଆଣ୍ଠୁତଳ ପେଣ୍ଡାରେ ଗଭୀର କ୍ଷତ ହୋଇଛି।

ସୂଚନାନୁଯାୟୀ, ରାକେଶ ଅଷ୍ଟମ ଶ୍ରେଣୀରେ ପାଠ ପଢ଼େ। ଆଜି ଦିନ ପ୍ରାୟ ସାଢ଼େ ୨ଟା ବେଳେ ସେ ବିଲରେ କାମ କରୁଥିବା ରତ୍ନାକରଙ୍କ ପାଇଁ ଖାଇବା ନେଇ ଯାଇଥିଲା। ବାପା ଖାଇ ସାରିବା ପରେ ରାକେଶ କେଟିଲ୍ ଧୋଇବାକୁ ବ୍ରାହ୍ମଣୀ ନଦୀ ସଂଲଗ୍ନ ଖୁଣ୍ଟା ଯୋରକୁ ଯାଇଥିଲା। ସେଠାରେ କେଟିଲ୍ ଧୋଇବା ବେଳ ହଠାତ୍ ଏକ କୁମ୍ଭୀର ଉପରକୁ ଉଠିଆସି ରାକେଶର ବାମପଟ ଜଙ୍ଘକୁ ଧରି ଘୋଷାଡ଼ି ନେଇଥିଲା। ରାକେଶ ଜୀବନ ବିକଳରେ ପାଖରେ ଥିବା ବେଣାବୁଦାକୁ ଜୋର୍‌ରେ ଜାବୁଡ଼ି ଧରିବା ସହ ବାପାଙ୍କୁ ଡାକ ପକାଇଥିଲା। ଚିତ୍କାର ଶୁଣି ରତ୍ନାକର ସଙ୍ଗେସଙ୍ଗେ ଦୌଡ଼ି ଆସିଥିଲେ। ନିଜ ଜୀବନକୁ ଖାତିର୍ ନ କରି ସେ ପାଣି ଭିତରେ ପଶି କୁମ୍ଭୀର ସହ ଲଢ଼େଇ କରି ପୁଅର ଜୀବନ ବଞ୍ଚାଇଥିଲେ। କୁମ୍ଭୀର କାମୁଡ଼ାରେ ରାକେଶର୍କ ବାମ ଜଙ୍ଘ ଓ ଆଣ୍ଠୁତଳ ପେଣ୍ଡାରେ ଗଭୀର କ୍ଷତ ହୋଇଛି। ଗୁରୁତର ରାକେଶକୁ ଗାଁ ଲୋକେ ତୁରନ୍ତ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ଜଣାଯାଇଛି।

# ଗାଈ ଜଗୁଆଳିଙ୍କୁ ଟାଣିନେଲା କୁମ୍ଭୀର

କେନ୍ଦ୍ରାପଡ଼ା,୧୯।୮ (ସମିସ): ଗାଈ ଜଗୁଆଳିଙ୍କୁ ଘୋଷାଡ଼ିନେଲା କୁମ୍ଭୀର। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ମାଣିକପାଟଣା ପଞ୍ଚାୟତରେ ଆଜି ଏପରି ଏକ ଘଟଣା ଘଟିଛି। ମୃତକ ହେଲେ, ମାଣିକପାଟଣା ପଞ୍ଚାୟତ ମାଣିକପାଟଣା ଗ୍ରାମର ପଞ୍ଚାନନ ଦାସ (୬୦)। ଅଗ୍ନିଶମବାହିନୀ ବୋଟ୍ ସାହାଯ୍ୟରେ ୩ଘଣ୍ଟା ଧରି ଖୋଜାଖୋଜି କରିବା ପରେ ତାଙ୍କ କ୍ଷତବିକ୍ଷତ ମୃତଦେହକୁ ନଦୀରୁ ଉଦ୍ଧାର କରିଛି।



**ନଦୀରୁ ମୃତଦେହ ଉଦ୍ଧାର**

ସୂଚନା ମୁତାବକ, ପଞ୍ଚାନନ ଆଜି ବ୍ରାହ୍ମଣୀ ନଦୀର ନଗଡ଼ଘାଟ ନିକଟ ପଠାକୁ ଗାଈ ଚରାଇବାକୁ ଯାଇଥିଲେ। ଗାଈ ଚରାଇବା ପରେ ସେ ଗାଧୋଇବାକୁ ନଦୀ ଭିତରକୁ ପଶିଥିଲେ। ଏହି ସମୟରେ ଏକ କୁମ୍ଭୀର ତାଙ୍କୁ ଘୋଷାଡ଼ି ନେଇଥିଲା। ଏପଟେ, ଦୀର୍ଘ ସମୟ ଧରି ନ ଫେରିବାରୁ ସାଥୀ ଗାଈ ଚରାଳିଙ୍କ ସନ୍ଦେହ ହୋଇଥିଲା। ନଦୀପଠାରେ ପଞ୍ଚାନନଙ୍କ ପନ୍ଧା ଲୁଗା ଥୁଆ ହୋଇଥିବା ଦେଖିବାକୁ ପାଇଥିଲେ। ଗ୍ରାମବାସୀ ନଦୀରେ ଖୋଜାଖୋଜି କରିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ବୋଟ ସାହାଯ୍ୟରେ ୩ଘଣ୍ଟା ଧରି ଖୋଜାଖୋଜି କରିବା ପରେ ମୃତଦେହ ଉଦ୍ଧାର କରିଥିଲେ। ଏ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।

# ବଦଳିଲା ପଦବୀ ନାମ
# ଫରେଷ୍ଟଗାର୍ଡ ଏଣିକି ଆସିଷ୍ଟାଣ୍ଟ ଫରେଷ୍ଟର୍

ଭୁବନେଶ୍ୱର, ୧୯।୮ (ସମିସ): ରାଜ୍ୟରେ ଏଣିକି ଫରେଷ୍ଟ ଗାର୍ଡ (ବନରକ୍ଷୀ) ପଦବୀ ଆସିଷ୍ଟାଣ୍ଟ ଫରେଷ୍ଟର୍ (ସହକାରୀ ବନପାଳ) ପଦବୀ ଭାବେ ବିବେଚନା କରାଯିବ। ଫରେଷ୍ଟଗାର୍ଡମାନେ ବନ ବିଭାଗ ଦ୍ୱାରା ଏକାଧିକ କାର୍ଯ୍ୟରେ ନିୟୋଜିତ ରହୁଥିବା ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିର୍ବାହ କରୁଛନ୍ତି। ତେଣୁ ସେମାନଙ୍କ ପଦବୀକୁ ଫରେଷ୍ଟଗାର୍ଡ ବଦଳରେ ଆସିଷ୍ଟାଣ୍ଟ ଫରେଷ୍ଟର୍ ଭାବେ ନାମିତ କରାଯାଇଛି। ମଙ୍ଗଳବାର ଏନେଇ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟରୁ ଏକ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ ଓଡ଼ିଶା ଅଣଗେଜେଟେଡ୍ ବନସେବା ସଂଘ ପକ୍ଷରୁ ବନରକ୍ଷୀଙ୍କୁ ସହାୟକ ବନପାଳ ଭାବେ ପୁନଃନାମିତ କରିବା ସମ୍ପର୍କରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଂଘ ନିଜ ଦାବିରେ ଦର୍ଶାଇଥିଲା ଯେ ବନ ବିଭାଗର ବନରକ୍ଷୀମାନେ ସେମାନଙ୍କ ଅଧିକାର କ୍ଷେତ୍ର ମଧ୍ୟରେ ଜଙ୍ଗଲ ଏବଂ ବନାଗ୍ନି ସୁରକ୍ଷା, ବନ୍ୟ ଜୀବ ପରିଚାଳନା, ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଯଥା ଜାଇକା, କାମ୍ପା, ଏଫ୍‌ଡିଏ, ଏନ୍‌ଆରଜିଏ ଭଳି କାର୍ଯ୍ୟ କରୁଛନ୍ତି। ଏହାସହ ବିଭାଗୀୟ କାର୍ଯ୍ୟ ସମ୍ପାଦନ ସାଙ୍ଗକୁ ଜନସମ୍ପର୍କ, ସ୍ଥାନୀୟ ଜନଜାତି ଏବଂ ବନବାସୀଙ୍କ ସହିତ ଜଡ଼ିତ ରହୁଛନ୍ତି। ଏହାସହ ଭିଏସ୍‌ଏସ୍ ଓ ଇଡିସିମାନଙ୍କ ସହ ଜଡ଼ିତ ହୋଇ ଜଙ୍ଗଲ ଏବଂ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଛନ୍ତି। ବନ୍ୟଜନ୍ତୁଙ୍କ ଜୀବନହାନିକୁ ରୋକିବାରେ ସାଧାରଣ ଲୋକଙ୍କୁ ସାମିଲ କରିବାରେ ମଧ୍ୟ ସେମାନେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି ଓ ଜନସଚେତନତା ସୃଷ୍ଟି କରୁଛନ୍ତି। ଉପରୋକ୍ତ କାର୍ଯ୍ୟ ସମ୍ପାଦନ ଦୃଷ୍ଟିରୁ ସେମାନଙ୍କୁ ଆସିଷ୍ଟାଣ୍ଟ ଫରେଷ୍ଟର୍ ଭାବେ ବିବେଚନା କରିବାକୁ ଦାବି କରାଯାଇଥିଲା। ଏନେଇ ସଂଘ ପକ୍ଷରୁ ଗତ ୩୦ ଜୁନ୍‌ରେ ରାଜ୍ୟ ସରକାରଙ୍କ ନିକଟରେ ଦାବିପତ୍ର ମଧ୍ୟ ଦାଖଲ କରିଥିଲେ। ରାଜ୍ୟ ସରକାର ସେମାନଙ୍କ ଦାବିକୁ ଗ୍ରହଣ କରି ଏହା ପୂରଣ କରିଥିବାରୁ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଯାଇଛି।

# ମହିଳାଙ୍କୁ ଗଳାକାଟି ହତ୍ୟା ଓ ଝିଅକୁ ଆକ୍ରମଣ ଘଟଣା
# କର୍ଣ୍ଣାଟକରୁ ଧରାହେଲା ଅଭିଯୁକ୍ତ ପ୍ରେମିକ ଶାନ୍ତନୁ



ବ୍ରହ୍ମପୁର, ୧୯।୮ (ସମିସ): ଶ୍ରୀମାନଗର ଦ୍ୱିତୀୟଲାଇନ୍ ନିବାସୀ ଗାୟତ୍ରୀ ସ୍ୱାଇଁ ହତ୍ୟା ମାମଲାରେ ନିମଖଣ୍ଡି ପୁଲିସ୍ ଆଜି ଅଭିଯୁକ୍ତ ଶାନ୍ତନୁ ପାତ୍ର(୨୯)କୁ କର୍ଣ୍ଣାଟକ କଲବର୍ଗି ଜିଲ୍ଲା ୱାଡ଼ି ରେଳଷ୍ଟେସନ୍‌ରୁ ଗିରଫ କରିଛି। ଶାନ୍ତନୁର ଘର ବାଲେଶ୍ୱର ଖନ୍ତାପଡ଼ା ଅଞ୍ଚଳରେ। ସେ ନକଲି ଆଧାରକାର୍ଡ ଜରିଆରେ ବ୍ରହ୍ମପୁରରେ ସୁନୀଲ ସ୍ୱାଇଁ ନାମରେ ରହି ପରିବା ବ୍ୟବସାୟ କରୁଥିଲା। ଶାନ୍ତନୁ ବିବାହିତ ଓ ପତ୍ନୀଙ୍କ ସହ ଝଗଡ଼ା ପରେ ସେ ଅଲଗା ରହୁଥିଲେ। ୨୦୧୯ରେ ଶାନ୍ତନୁ ନିଜ ସମ୍ପର୍କୀୟ ଦୁଇ ଭଉଣୀଙ୍କୁ ହୋଇଥିବା ଗଣଦୁଷ୍କର୍ମ ଘଟଣାରେ ସମ୍ପୃକ୍ତ ଥିଲା। ଏନେଇ ଖନ୍ତାପଡ଼ା ଥାନାରେ ଅଭିଯୋଗ ପରେ ସେ ଫେରାର୍ ହୋଇଯାଇଥିଲା। କିଛି ଦିନ ମୁମ୍ବାଇରେ ଲୁଚି ରହିବା ପରେ ବ୍ରହ୍ମପୁର ଆସି ପରିବା ବିକିଥିଲା। ଗାୟତ୍ରୀଙ୍କ ସହ ସୁନୀଲର କିଭଳି ପରିଚୟ ହୋଇଥିଲା ଏବଂ କାହିଁକି ସେ ତାଙ୍କୁ ହତ୍ୟା କଲା, ସେ ସଂପର୍କରେ ବ୍ରହ୍ମପୁର ଏସ୍‌ପି ଡାକ୍ତର ସର୍ବଣା ବିବେକ ଏମ୍ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ସୂଚନା ଦେଇଛନ୍ତି। ଅପରପକ୍ଷେ, ଆସନ୍ତାକାଲି ପୁଲିସ୍ ତାକୁ ସାଥୀରେ ନେଇ କ୍ରାଇମ୍ ସିନ୍ ରିକ୍ରିଏସନ୍ କରାଇବ ବୋଲି ଜଣାଯାଇଛି।

ପୁଲିସ୍ ସୂଚନାନୁସାରେ, ସୁନୀଲ ସ୍ୱାଇଁ ନାଁରେ ଶାନ୍ତନୁ ଫେସବୁକ୍ ଏକ ଆକାଉଣ୍ଟ ଖୋଲିଥିଲା। ସେଥିରେ ଗାୟତ୍ରୀଙ୍କ ସହ ପରିଚୟ ହୋଇଥିଲା। ପରେ କଥାବାର୍ତ୍ତାରୁ ଦୁହିଁଙ୍କ ମଧ୍ୟରେ ପ୍ରେମସଂପର୍କ ଗଢ଼ି ଉଠିଥିଲା। ସେତେବେଳେ ସୁନୀଲ ମୁମ୍ବାଇରେ ଏବଂ ଗାୟତ୍ରୀ ସପରିବାରେ କୋରାପୁଟରେ ରହୁଥିଲେ। ଧୀରେଧୀରେ ଦୁହିଁଙ୍କ ମଧ୍ୟରେ ସଂପର୍କ ଘନିଷ୍ଠ ହେବାରୁ ଉଭୟ କୌଣସି ସ୍ଥାନରେ ସାକ୍ଷାତ କରିବାକୁ ନିଷ୍ପତ୍ତି ନେଇଥିଲେ। ପରେ ଗାୟତ୍ରୀ ନିଜ ଶାଶୂଘର ବ୍ରହ୍ମପୁରସ୍ଥିତ ଗେଟ୍‌ବଜାର ରଘୁପତି ନଗରକୁ ଚାଲି ଆସିଥିଲେ। କିନ୍ତୁ ଶାଶୂଘର ଲୋକଙ୍କ ସହ ଝଗଡ଼ା ହେବାରୁ ଗାୟତ୍ରୀ ବ୍ରହ୍ମପୁରର ରାମଲିଙ୍ଗେଶ୍ୱର ପାର୍କ ନିକଟରେ ଏକ ଭଡ଼ାଘରେ ରହୁଥିଲେ। ସ୍ୱାମୀ ସାଧୁ କାମରେ ଭୁବନେଶ୍ୱର ଚାଲିଗଲା ପରେ ଗାୟତ୍ରୀ ସୁନୀଲକୁ ଭେଟିବାକୁ ବ୍ରହ୍ମପୁର ଡାକୁଥିଲେ। ୨୦୨୩ରେ ଗାୟତ୍ରୀ ବଡ଼ବଜାର ଥାନା ଓମ୍ ନଗରରେ ଅଭିଯୁକ୍ତ ସୁନୀଲର ଏକ ନକଲି ଆଧାରକାର୍ଡ କରି ତିଆରି କରାଇ ଦେଇଥିଲେ। ପରେ ସୁନୀଲ ସାଙ୍ଗରେ ଗାୟତ୍ରୀଙ୍କୁ ନେଇ ମୁମ୍ବାଇ ଫେରାର୍ ହୋଇଯାଇଥିଲା। ଏନେଇ ବଡ଼ବଜାର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। କିନ୍ତୁ ୧୦ ଦିନ ପରେ ଗାୟତ୍ରୀ ଘରକୁ

**■ ବାଲେଶ୍ୱର ଗଣଦୁଷ୍କର୍ମ ମାମଲାରେ ଫେରାର୍ ଥିଲା**
**■ ପରିଚୟ ଲୁଚାଇ ବ୍ରହ୍ମପୁରରେ ପରିବା ବିକୁଥିଲା**

ଫେରି ଆସିଥିଲେ। ତଥାପି ଗାୟତ୍ରୀ ଓ ଶାନ୍ତନୁଙ୍କ ମଧ୍ୟରେ ସମ୍ପର୍କ ରହିଥିଲା। ରାମଲିଙ୍ଗେଶ୍ୱର ପାର୍କ ନିକଟରେ ରହୁଥିବା ଭଡ଼ାଘର ସ୍ଥାନଟି ଜନଗହଳିପୂର୍ଣ୍ଣ ହୋଇଥିବାରୁ ଗାୟତ୍ରୀଙ୍କ ସହ ଶାନ୍ତନୁ ଭଲ ଭାବେ ମିଶି ପାରୁନଥିଲା। ତେଣୁ ଗାୟତ୍ରୀ ନିମଖଣ୍ଡି ଥାନା ଅନ୍ତର୍ଗତ ଶ୍ରୀମାନଗର ଦ୍ୱିତୀୟ ଲାଇନ୍‌ରେ ଆଉ ଏକ ଭଡ଼ାଘରକୁ ଆସିଥିଲେ। ସେପଟେ ଲୋଚାପଡ଼ା ଧୋବାନାଳ ନିକଟରେ ସୁନୀଲ ଘରଭଡ଼ା ନେଇ ରହୁଥିଲା। ଏପରିକି, ଗାୟତ୍ରୀଙ୍କଠାରୁ ୨୫ହଜାର ଟଙ୍କା ନେଇ ସୁନୀଲ ଲୋଚାପଡ଼ାରେ ଏକ ପରିବା ଦୋକାନ ଆରମ୍ଭ କରିଥିଲା। ତେବେ କିଛି ଦିନ ପରେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିବାରୁ ଗାୟତ୍ରୀ ଆଉ ସୁନୀଲର ଫୋନ୍ କଲ୍ ଉଠାଇନଥିଲେ। ରାକ୍ଷୀ ପୂର୍ଣ୍ଣିମା ସମୟରେ ଗାୟତ୍ରୀ ତାଙ୍କ ଝିଅ ସହିତ ହିଞ୍ଜିଳିକାଟୁ ନିଜ ଭାଇଙ୍କ ଗାଁକୁ ଯାଇଥିଲେ। ଏହି ସମୟରେ ସୁନୀଲ ଫୋନ କରିଥିଲେ ହେଁ ଗାୟତ୍ରୀ ଉତ୍ତର ଦେଇନଥିଲେ। ଧୀରେଧୀରେ ସେ ସୁନୀଲଠାରୁ ଦୂରେଇ ଯିବା ଓ ହାତରେ ରାକ୍ଷୀ ବାନ୍ଧି ଭାଇ କରିବାକୁ କହିବା ପରେ ଶାନ୍ତନୁ ତାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲା।

ଗତ ୧୦ ତାରିଖ ରାତିରେ ଗାୟତ୍ରୀଙ୍କ ଭଡ଼ା ଘରକୁ ସୁନୀଲ ଯାଇ ଝଗଡ଼ା କରିଥିଲା। ପରେ ତାଙ୍କୁ ଛୁରି ଭୁସି ହତ୍ୟା କରିଥିଲା। ଗାୟତ୍ରୀଙ୍କ ଝିଅ ଏହା ଦେଖି ଦେବାରୁ ତାକୁ ମଧ୍ୟ ସୁନୀଲ ଛୁରିରେ ଆକ୍ରମଣ କରିଥିଲା। ଘଟଣା ପରେ ରାତି ପ୍ରାୟ ୧୨ଟାରେ ସେ ଗାୟତ୍ରୀଙ୍କ ଘରୁ ବାହାରି ନିଜ ଭଡ଼ା ଘରକୁ ଯାଇଥିବା ପୁଲିସ ସିସିଟିଭି ଫୁଟେଜରୁ ସ୍ପଷ୍ଟ କରିଥିଲା। ସେଠାରୁ ବ୍ରହ୍ମପୁର ଷ୍ଟେସନ ଦେଇ ସୁନୀଲ କର୍ଣ୍ଣାଟକ ଫେରାର ହୋଇଯାଇଥିଲା। ପୁଲିସ ଅଭିଯୁକ୍ତକୁ କର୍ଣ୍ଣାଟକସ୍ଥିତ କୋର୍ଟରେ ହାଜର କରି ଟ୍ରାଞ୍ଜିଟ ରିମାଣ୍ଡରେ ଆଣି ବ୍ରହ୍ମପୁର କୋର୍ଟରେ ହାଜର କରିଛି। ଏଠାରେ ପୁଲିସ ଅଭିଯୁକ୍ତକୁ ୩ ଦିନ ରିମାଣ୍ଡରେ ନେଇ ଆହୁରି ଅଧିକ ତଥ୍ୟ ହାସଲ କରିବ ବୋଲି ଆଶା ରଖିଛି। ଅଭିଯୁକ୍ତକୁ ଧରିବାକୁ ନିମଖଣ୍ଡି ଥାନା ଅଧିକାରୀ କୃଷ୍ଣ ଶାହାଙ୍କ ନେତୃତ୍ୱରେ ଏସ୍‌ଆଇ ଜ୍ଞାନ ବେହେରା ଓ ଅନ୍ୟ ଥାନା କର୍ମଚାରୀମାନେ ମୁମ୍ବାଇ, ଆନ୍ଧ୍ର ଓ କର୍ଣ୍ଣାଟକ ଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।







# ମାଲ୍ ଖାଉଛି ମୂଷା; ମାମଲା ଖାଉଛି ପୁଲିସ

ଭୁବନେଶ୍ୱର, ୧୯ ।୮ (ସମିସ)

ଥାନାର ମାଲ୍‌ଖାନା ଦାୟିତ୍ୱରେ ଏବେ ମୂଷା ରହିଛି। ଏକଥା ଆଶ୍ଚର୍ଯ୍ୟ ଲାଗୁଥିଲେ ହିଁ ସତ। କାରଣ ମାଲ୍‌ଖାନାରେ ରଖାଯାଉଥିବା ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଏହି ମୂଷା କାଟି ନଷ୍ଟ କରି ଦେଉଛନ୍ତି। ଯାହାଫଳରେ ପ୍ରମାଣ ନଷ୍ଟ ହୋଇଯାଉଥିବାରୁ ଅଭିଯୁକ୍ତ ସହଜରେ କୋର୍ଟରୁ ଜାମିନ୍ ପାଇ ଯାଉଛନ୍ତି। ପୁଲିସ ଅଭିଯୁକ୍ତ ଠାରୁ ଜବତ କରୁଥିବା ସାମଗ୍ରୀ ଏହି ମାଲ୍ ଖାନାରେ ରଖୁଛି।

- ମୂଷାକାଟି ଗୁଣ୍ଡ କରିସାରିଲାଣି ଗୁରୁତ୍ୱପୂର୍ଣ୍ଣ ପ୍ରମାଣ
- ଗାଏବ ହୋଇଯାଉଛି ଡ୍ରଗ୍ସ; ମିଳୁଛି ପାଉଡର୍ ଗୁଣ୍ଡ
- ୬ ବର୍ଷରେ ପୁଲିସ ନାଁରେ ହେଲାଣି ୪୦ ମାମଲା



କିନ୍ତୁ ମାଲ୍‌ଖାନାକୁ ନିୟମିତ ଯାଞ୍ଚ କରାଯାଉ ନ ଥିବାରୁ ସେଠାରେ ମୂଷା ବଂଶବିସ୍ତାର କରିବାରେ ଲାଗିଲେଣି। ସେମାନେ ଏହି ଜବତ ସାମଗ୍ରୀକୁ ମୂଷାମାନେ କାଟି ଗୁଣ୍ଡ କରି ଦେଉଛନ୍ତି। ପୁଲିସ କୋର୍ଟରେ ଦାଖଲ କରିବାକୁ ଖୋଜିବା ବେଳେ ଖାଲି ଗୁଣ୍ଡ ପାଉଛି। ପ୍ରମାଣ ନଷ୍ଟ ହୋଇଯାଉଥିବାରୁ ପୁଲିସ ଜାଣିଶୁଣି କିଛି ନକଲ ପ୍ରମାଣ ଯୋଗାଡ଼ କରି କୋର୍ଟରେ ଦାଖଲ କରୁଛି। ଫଳରେ କୋର୍ଟରେ ତାହା ଦୋଷୀ ସାବ୍ୟସ୍ତ କରିବା ଯଥେଷ୍ଟ ହେଉ ନ ଥିବାରୁ କୋର୍ଟ ଅଭିଯୁକ୍ତକୁ ନିର୍ଦ୍ଦେଶରେ ଖଲାସ କରି ଦେଉଛନ୍ତି। ବିଶେଷକରି କମିସନରେଟ୍ ପୁଲିସରେ ନୂଆ ଥାନାରେ ଏଭଳି ଅବସ୍ଥା ଦେଖିବାକୁ ମିଳୁନଥିବା ବେଳେ ପୁରୁଣା ଥାନାରେ ଏଭଳି ଅବସ୍ଥା ଦେଖିବାକୁ ମିଳିଛି। ଆହୁରି ମଧ ମାଲ୍ ଖାନାରେ ଜାଗା ନଥିବାରୁ ପୁଲିସ ବାଧ ହୋଇ ଜବତ ସାମଗ୍ରୀ ବାହାରେ ରଖୁଛି। ଯେଉଁଥି ପାଇଁ ତାହା ଚୋରି ହୋଇଯାଉଛି। ଫଳରେ ମାଲ୍ ଥାନା ଦାୟିତ୍ୱରେ ଥିବା ଅଧିକାରୀ ନାମରେ ମାମଲା କରାଯାଉଛି। ଗତ ୬ ବର୍ଷ ମଧ୍ୟରେ ୪୦ଟି ମାମଲା ପୁଲିସ ବିରୋଧରେ ହେଲାଣି। ତଥାପି ମାଲ୍ ଥାନା ଦାୟତ୍ୱରେ ଥିବା ବାବୁ ସୁଧୁରୁ ନାହାନ୍ତି।

ଥାନାରେ ଥିବା ମାଲ୍‌ଖାନାରେ ସବୁ କିଛି ଠିକ୍ ଠାକ୍ ଚାଲୁଛି କି ନାହିଁ ତାହା ଯାଞ୍ଚ କରିବା ପାଇଁ କୋର୍ଟଙ୍କ ନିୟମ ରହିଛି। ଏପରିକି ଡିସିପି ଏବଂ ସିପି ଅତର୍କିତ ଚଢାଉ କରି ମାଲ୍ ଖାନା ଯାଞ୍ଚ କରିବେ। ଜବତ ହୋଇଥିବା ଦାମୀ ସାମଗ୍ରୀ ଅଛି କି ନାହି ତାହାର ତାଲିକା ଥାନା ଅଧିକାରୀଙ୍କୁ ମାଗିବେ। ତାଲିକା ଦେଖିବା ପରେ ତାହା ମାଲ୍ ଖାନାରେ ଅଛକି ନାହିଁ ତାହା ମଧ ବୁଲି ଦେଖିବେ। କିନ୍ତୁ ଏହା ହେଉନଥିବାରୁ ମାଲ୍ ଖାନା ଦାୟିତ୍ୱରେ ଥିବା ଅଧିକାରୀ ଫାଇଦା ନେଉଛନ୍ତି। କମ୍ପ୍ୟୁଟର, ଲାପ୍‌ଟପ, ଏଲିଡି କିମ୍ବା ଏସି ଭଳି ଦାମୀ ସାମଗ୍ରୀକୁ ପୁଲିସ ଗାଏବ କରି ଦେଉଥିବା ଅଭିଯୋଗ ହେଉଛି।

ରାଜଧାନୀରେ ନିଶାଦ୍ରବ୍ୟର ହବ୍ ଚାଲିଥିବାରୁ ପୁଲିସ ଏକ ଡ୍ରାଇଭ୍ କରିଛି। ଏହି ଡ୍ରାଇଭ୍ ଅନୁସାରେ ଥାନା ଅଧିକାରୀ ବିଭିନ୍ନ ଅଞ୍ଚଳରେ ଚଢ଼ଉ କରି ବସ୍ତା ବସ୍ତା ଗଞ୍ଜେଇ ଏବଂ ବ୍ରାଉନ୍ ସୁଗର ଜବତ କରୁଛି। ହେଲେ ଏବେ ଏତେ ପରିମାଣରେ ଗଞ୍ଜେଇ ଜବତ ହେଲାଣି ଯେ ମାଲ୍‌ଖାନାରେ ରଖିବାକୁ ଜାଗା ନାହିଁ। ତେଣୁ ପୁଲିସ ବାହାରେ ରଖିବାକୁ ବାଧ ହେଉଛି। ରାଜଧାନୀରେ ୨୨ଟି ଥାନାରେ ୭ ହଜାର କୁଇଣ୍ଟାଲ ଗଞ୍ଜେଇ ଏବଂ ୧୦କେଜିରୁ ଉର୍ଦ୍ଧ୍ୱ ବ୍ରାଉନ୍ ସୁଗର ପଡ଼ି ରହିଛି। ବିଶେଷ କରି ଭୁବନେଶ୍ୱର ଜିଆରପି ଥାନାରେ ସର୍ବାଧିକ ଗଞ୍ଜେଇ ରହିଛି। ଏହାକୁ ନଷ୍ଟ କରାଯାଉନଥିବାରୁ ମୂଷା ଖାଇ ଖୋଳ କରିସାରିଲେଣି।

### ବୋତଲ ଗଡୁଛି, ମଦ ନାହିଁ

ରାଜଧାନୀର ଏକାଧିକ ଥାନାରେ ପ୍ରତିଦିନ ମଦ ଜବତ କରାଯାଇ ମାଲ୍‌ଖାନାରେ ରଖାଯାଉଛି। କିନ୍ତୁ ଦାମୀ ମଦ ବୋତଲ ମାଲ୍ ଖାନାରୁ ଗାଏବ ହୋଇଯାଉଛି। କେଉଁଠି ଯଦି ମଦ ବୋତଲ ଅଛି କିନ୍ତୁ ଭିତରେ ମଦ ନାହିଁ। ଦାୟିତ୍ୱରେ ଥିବା ଅଧିକାରୀ ନିଜ ସମ୍ପର୍କୀୟ ଏବଂ ଥାନା କର୍ମଚାରୀଙ୍କୁ ପିଇବାକୁ ଦେଉଛନ୍ତି। ଅନେକ ଥାନାରେ ମଦ ବୋତଲ ଅଛି କିନ୍ତୁ ଭିତରେ ମଦର ରଙ୍ଗ ବଦଳି ଗଲାଣି। ଏହାର କାରଣ ହେଲା ମଦ ପିଇ ବୋତଲ ଭିତରେ ପାଣି ମିଶାଇ ରଖି ଦେଉଥିବା ଅଭିଯୋଗ ହେଉଛି। କାରଣ ମଦ ଏବଂ ଗଞ୍ଜେଇକୁ କୋର୍ଟକୁ ଜଣାଇବା ପରେ ଆଉ ଦେଖାଇବାକୁ ପଡୁନି। ଯେଉଁଥି ପାଇଁ ଫାଇଦା ନେଉଛନ୍ତି ଅଧିକାରୀ।


ମାମଲା ଫଇସଲା ପୂର୍ବରୁ ଗଞ୍ଜେଇ ଏବଂ ବ୍ରାଉନ୍ ସୁଗର ନଷ୍ଟ କରିହେବ ବୋଲି ସୁପ୍ରିମ୍‌କୋର୍ଟ ୨୦୧୬ରେ ଏକ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏଥିରେ ସମସ୍ୟା ରହିବାରୁ ଓଡ଼ିଶା ପୁଲିସ ହାଇକୋର୍ଟ ଯାଇଥିଲେ। ହାଇକୋର୍ଟ ଏହି ମାମଲାର ଶୁଣାଣି କରି ନିଶା ଦ୍ରବ୍ୟ ନଷ୍ଟ କରି ହେବ ବୋଲି ତଳ କୋର୍ଟକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପୁଲିସ ନିଜର ଦାୟିତ୍ୱହିନତା ପାଇଁ ତାହା କରୁନାହିଁ ବୋଲି ଅଭିଯୋଗ ହେଉଛି।

## ୧୦ ଲକ୍ଷର ଧଳାଜହର ଜବତ; ଅଟୋ ଚାଳକ ଗିରଫ



ବାଲିଅନ୍ତା, ୧୯ ।୮ (ସମିସ): ପାହାଳ ଥାନା ଅଧୀନ ଅଟଳାଗଡ଼ା ଛକ ନିକଟରେ ଆଜି ସକାଳେ ଭୁବନେଶ୍ୱର ଅବକାରୀ ବିଭାଗ ଚଢଉ କରି ୮୫ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଜବତ ବ୍ରାଉନ ସୁଗାରର ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାଯାଇଛି। ତେବେ ଘଟଣାସ୍ଥଳରୁ ମୁଖ୍ୟ ବ୍ରାଉନସୁଗାର ବେପାରୀ ଅବକାରୀ ବିଭାଗକୁ ଚକମା ଦେଖାଇ ଫେରାର ହୋଇଯାଇଥିଲା। ସୂଚନା ଅନୁସାରେ ଅଟୋରେ ମୁଖ୍ୟ ବେପାରୀ ଓ ପାହାଳ ଥାନା ଅଧୀନ ଅଟଳା ଅଞ୍ଚଳର ଅଟୋ ଚାଳକ ନିରଞ୍ଜନ ବ୍ରାଉନସୁଗାର ନେଇ ପାଇକାରୀ ବେପାରୀଙ୍କୁ ଅପେକ୍ଷା କରିଥିଲେ। ଖବର ପାଇ ବାଲିଅନ୍ତା ଅବକାରୀ ଟିମ ଏସ ଆଇ ପ୍ରଫୁଲ୍ଲ ଗୁରୁଙ୍କ ନେତୃତ୍ୱରେ ୫ ଜଣିଆ ଟିମ ଚଢ଼ଉ କରିଥିଲେ। ଏହା ସହିତ ନିରଞ୍ଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ କୋର୍ଟରେ ଜାମିନ ଖାରଜ ହୋଇଯିବାରୁ ନିରଞ୍ଜନକୁ ଝାରପଡ଼ା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଚିକେନ୍ ଦୋକାନୀଙ୍କୁ ଖଣ୍ଡାରେ ଗୋଡ଼ାଇ ହାଣିଲେ


ଭୁବନେଶ୍ୱର, ୧୯ ।୮ (ସମିସ): ଚିକେନ୍ ଦୋକାନୀଙ୍କୁ ଖଣ୍ଡାରେ ହାଣିବା ଘଟଣାରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଚି। ଗିରଫ ଅଭିଯୁକ୍ତ ହେଲେ ପୁରୁଣା ଭୁବନେଶ୍ୱରର ଆକାଶ ବେହେରା, ପଟିଆର ଆଲୋକ ଗୌଡ଼ ଏବଂ ରଘୁନାଥପୁରର କୁନାଲ ରାଉତ। ସେମାନଙ୍କ ନିକଟରୁ ପୁଲିସ ୨ଟି ଆଇରନ୍ ରଡ଼କୁ ଜବତ କରିଛି। ମନ୍ଦାକିନୀ ସାହୁଙ୍କ ଲିଖିତ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରାଯାଇ ଗିରଫ କରାଯାଇଛି।

### ଅଭିଯୋଗ ପରେ ୩ ଗିରଫ

ସୂଚନାଯୋଗ୍ୟ ଯେ, ଡମଣା ଛକରେ ଥିବା ଭି-ମାର୍ଟ ସଫି ମଲ୍ ନିକଟରେ, 'ମନୋଜ ବ୍ରଏଲର୍ ଦୋକାନ' ନାମରେ ମନ୍ଦାକିନୀ ସାହୁଙ୍କ ସ୍ୱାମୀ ଏକ କୁକୁଡ଼ା ଦୋକାନ କରିଛନ୍ତି। ଘଟଣା ଦିନ ତିନି ଅଭିଯୁକ୍ତଙ୍କ ମଧ୍ୟରୁ ଅଭିଯୁକ୍ତ କୁନାଲ ରାଉତ ଏବଂ ତାଙ୍କ ସହଯୋଗୀ ମାନଙ୍କ ଦ୍ୱାରା ପଠାଯାଇଥିବା କିଛି ଭଡ଼ାଟିଆ ଗୁଣ୍ଡା ଅଭିଯୋଗକାରିଣୀଙ୍କ ଦେଢଶୁର ଏବଂ ଦୋକାନରେ କାମ କରୁଥିବା କର୍ମଚାରୀ ମାନଙ୍କୁ ମାଡ଼ ମାରିବା ସହ ଦୋକାନ ଖାଲି କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଦୋକାନ ଖାଲି ନକଲେ ସେମାନେ ତାଙ୍କୁ ଜୀବନରୁ ମାରିଦେବେ ବୋଲି ଧମକ ମଧ ଦେଇଥିଲେ। ସେହିଦିନ ରାତିରେ ମନ୍ଦାକିନୀଙ୍କ ଦେଢଶୁର ଏବଂ ଅନ୍ୟମାନେ ଚିକେନ ଦୋକାନ ନିକଟରେ ପାର୍କିଂ ହୋଇଥିବା ଏକ ଗାଡିରେ ଶୋଇଥିବା ବେଳେ, ଅଭିଯୁକ୍ତମାନେ ପୁନର୍ବାର ହାତରେ ବିଭିନ୍ନ ମରଣାସ୍ତ୍ର ଧରି ଆସି ସେଠାରେ ପହଞ୍ଚିବା ସହ ହଠାତ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣ ସମୟରେ ଅଭିଯୁକ୍ତମାନେ କିଛି ନିର୍ଦ୍ଦିଷ୍ଟ ଲୋକଙ୍କ ନାମ ଉଚ୍ଚାରଣ କରିଥିଲେ, ଯେଉଁମାନେ କି ଆକ୍ରମଣ ଲାଗି ସେମାନଙ୍କୁ ସେଠାକୁ ପଠାଇଥିଲେ। ସୂଚନା ପାଇ ପିସିଆର ଅବିଳମ୍ବେ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରିବା ସହ ପରବର୍ତ୍ତୀ ସମୟରେ କିମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏହି ମାମଲାର ତଦନ୍ତ କରିବା ସହ ବିଶ୍ୱସ୍ତ ସୂତ୍ରରୁ ଚଢଉ ଜରିଆରେ ନିମ୍ନୋକ୍ତ ତିନିଜଣ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ପଚରାଉଚରା ସମୟରେ, ଅଭିଯୁକ୍ତମାନେ ନିଜ ନିଜର ଅପରାଧ ସ୍ୱୀକାର କରିଥିଲେ। ନିମ୍ନୋକ୍ତ ତିନି ଅଭିଯୁକ୍ତଙ୍କ ମଧ୍ୟରୁ ଅଭିଯୁକ୍ତ ଆକାଶ ବେହେରା ଓରଫ କୁମ୍ଭୀରଙ୍କ ନାମରେ ପୂର୍ବରୁ ମଧ ଗଞ୍ଜାମ ଜିଲ୍ଲାର ବଡ଼ଗଡ଼ ଥାନାରେ ଗୋଟିଏ ମାମଲା ରହିଥିବା ବେଳେ, ଅଭିଯୁକ୍ତ ଆଲୋକ ଗଉଡ଼ ନାମରେ ଚନ୍ଦ୍ରଶେଖରପୁର ଥାନାରେ ଗୋଟିଏ ମାମଲା ରହିଛି।

## କୁଆଖାଇ ପଠାରୁ ୪୦ କିଲୋର ବିରଳ କଇଁଛ ଉଦ୍ଧାର



ନନ୍ଦନକାନନ, ୧୯।୮ (ସମିସ): ଭୁବନେଶ୍ୱର ଉପକଣ୍ଠ ଗଣ୍ଡରପୁର ହାଇସ୍କୁଲ ଗଡ଼ା ନିକଟ କୁଆଖାଇ ନଦୀ ପଠାରୁ ସ୍ଥାନୀୟ ବାସିନ୍ଦାଙ୍କ ଦ୍ୱାରା ଏକ ବିଶାଳକାୟ ବିରଳ ମଧୁରଜଳ କଇଁଛ ଉଦ୍ଧାର ହୋଇଛି। କଇଁଛର ଓଜନ ପ୍ରାୟ ୪୦ କିଲୋ ହେବା ନେଇ ଅନୁମାନ କରାଯାଉଛି। ଉଦ୍ଧାର କଇଁଛଟି ଅସୁସ୍ଥ ଥିବାରୁ ବନବିଭାଗ ଆସି ତାର ଚିକିତ୍ସା ପାଇଁ ନେଇଯାଇଛି। ମିଳିଥିବା ଖବର ଅନୁସାରେ ସୋମବାର ବିଳମ୍ବିତ ରାତ୍ରି ପ୍ରାୟ ଆଜି ଭୋର ସମୟରେ ଏହି କଇଁଛଟିକୁ କୁଆଖାଇ ନଦୀପଠାରେ କିଛି ଲୋକ ଦେଖିଥିଲେ। ତାକୁ ସେଠାରୁ ଉଦ୍ଧାର କରି ଗ୍ରାମକୁ ଆଣିଥିଲେ। ପରେ ଖବର ପାଇ ସିଟି ଡିଭିଜନ ବନ ବିଭାଗ ଆସି କଇଁଛଟିକୁ ଚିକିତ୍ସା କରିବାକୁ ନେଇଥିବା ଜଣାପଡ଼ିଛି। ଗଣ୍ଡରପୁର ଗ୍ରାମବାସୀ ପଡ଼ିଆରେ ବୁଲୁଥିବା ଏକ ବିଶାଳକାୟ କଇଁଛକୁ ଧରି ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି।

## ମାଡ଼ ମାରି ମୋବାଇଲ୍ ଲୁଟ୍; ୨ ଗିରଫ

ଭୁବନେଶ୍ୱର, ୧୯ ।୮ (ସମିସ): ମାଡ଼ ମାରି ମୋବାଇଲ୍ ଲୁଟ୍ କରିବା ଅଭିଯୋଗରେ ଭରତପୁର ଥାନା ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରବୀନ୍ଦ୍ର ବେହେରା ଓ ଅମିର କୁଣ୍ଡା। ଅଭିଯୋଗକାରୀ ଦେବାଶିଷ ସାହୁଙ୍କ ଲିଖିତ ରିପୋର୍ଟ ଆଧାରରେ ଉପରୋକ୍ତ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଦେବାଶିଷ ବ୍ରହ୍ମପୁର ବାସିନ୍ଦା ହୋଇଥିବା ବେଳେ, ସ୍ୱାସ୍ଥ୍ୟ ପରୀକ୍ଷା ଲାଗି ଭୁବନେଶ୍ୱରସ୍ଥ ଆପୋଲୋ ହସ୍ପିଟାଲକୁ ଆସିଥିଲେ। ସେଠାରୁ କାମ ସାରି ଘରକୁ ଯିବା ଲାଗି ସେ ବରମୁଣ୍ଡା ବସଷ୍ଟାଣ୍ଡରେ ବସକୁ ଅପେକ୍ଷା କରିଥିବା ବେଳେ ଦୁଇ ଅଭିଯୁକ୍ତ ସେଠାରେ ପହଞ୍ଚି ଦେବାଶିଷଙ୍କ ସହ କଥା ହୋଇଥିଲେ। ଏହି ସମୟରେ ଦେବାଶିଷଙ୍କ ଚାର୍ଜର ଦରକାର ପଡ଼ିବାରୁ ଅଭିଯୁକ୍ତ ରବୀନ୍ଦ୍ର ତାଙ୍କୁ ନିଜର ଚାର୍ଜର ଦେଇଥିଲେ। କିଛି ସମୟ ପରେ ଦୁଇ ଅଭିଯୁକ୍ତ ହଠାତ ଦେବାଶିଷଙ୍କୁ ଧମକ ଦେବା ସହ ମାଡ଼ ମାରିଥିଲେ ଏବଂ ତାଙ୍କ ହାତରୁ ତାଙ୍କ ମୋବାଇଲ ଫୋନ ଜୋରଜବରଦସ୍ତ ଛଡାଇ ନେଇ କେଉଁଆଡେ ଫେରାର ହୋଇଯାଇଥିଲେ।

## ହାଇଡ୍ରାମା କଲେ 'ପାପା କି ପରୀ'

ଭୁବନେଶ୍ୱର, ୧୯ ।୮ (ସମିସ): ସର୍ବସାଧାରଣ ସ୍ଥାନରେ ହାଇଡ୍ରାମା କଲେ 'ପାପା କି ପରୀ'। ନିଶା ଖାଇ ରାଜରାସ୍ତାରେ ଉତ୍ପାତ କଲେ। ରାସ୍ତାରେ ଯାଉଥିବା ଗାଡିବାଲା ମଧ ଏହା ଦେଖି ଭୟଭିତ ହୋଇଯାଇଥିଲେ। ଶେଶରେ ପୁଲିସ ଆସି ଯୁବତୀଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିଲେ। ଏଭଳି ଘଟଣା ଚନ୍ଦ୍ରଶେଖରପୁର ପେଟ୍ରୋଲ ପମ୍ପ ଆଗରେ ଦେଖିବାକୁ ମିଳିଥିଲା। ଯାହାର ଭିଡ଼ିଓ ଏବେ ଭାଇରାଲ ହେବାରେ ଲାଗିଛି। ନିଶା ଖାଇ ଯାହାକୁ ପାରିଲେ ତାକୁ ଗାଳି ଦେଲେ। ଏପରିକି ଉଦ୍ଧାର କରିବାକୁ ଯାଇଥିବା ପୁଲିସକୁ ବି ଛାଡ଼ିନଥିଲେ। ୮ ମାସ ତଳେ ପୁଲିସକୁ ଆକ୍ରମଣ କରି ଉକ୍ତ ମହିଳା ଜେଲ୍ ଯାଇଥିଲେ।

## ମହିଳା ଉଠାଦୋକାନୀଙ୍କୁ ବିଜେପି ନେତାଙ୍କ ଦୁର୍ବ୍ୟବହାର

ଭୁବନେଶ୍ୱର, ୧୯ ।୮ (ସମିସ)

କିଛିଦିନ ତଳେ ଉଠାଦୋକାନୀ ନେତା ବୋଲାଉଥିବା ବିଜେପିର ନେତା ତଥା ମୟୂରିକା ହୋଟେଲର ମାଲିକ ଏବଂ ଅନ୍ୟମାନଙ୍କ ନାମରେ ସଂଗୀନ ଅଭିଯୋଗ ଆସିଛି। ଉଠାଦୋକାନୀ ମହିଳାମାନେ ମହିଳା ଥାନାରେ ହୋଟେଲ ମାଲିକଙ୍କ ନାମରେ ଅଭିଯୋଗ କରିଛନ୍ତି।

ହୋଟେଲ ମାଲିକ ତଥା ବିଜେପିର ସାଲିଆସାହି ଜୋନ୍‌ର ସମ୍ପାଦକ ବିପିନ ଜେନା ତାଂଙ୍କର ସାଥୀ

### ଥାନାର ଦ୍ୱାରସ୍ଥ



ଅନୁଜ ପ୍ରଧାନ, ପ୍ରଦୀପ ସାହୁ ବହୁ ସମୟରେ ମହିଳା ଉଠାଦୋକାନୀ ଲିଡ଼ରମାନଙ୍କୁ ଖରାପ ଇଙ୍ଗିତ କରିବା ସହ ଟାହିଟାପରା କରୁଥିବା ନେଇ ଥାନାରେ ଅଭିଯୋଗ ହୋଇଛି। କୋଲକାତାର ଏକ ମିଟିଙ୍ଗ ଏବଂ ମୋନାଲିର ଏକ ମିଟିଙ୍ଗରେ ଅନୁଜ ପ୍ରଧାନ ଓ ପ୍ରଦୀପ ସାହୁ ମହିଳାମାନଙ୍କୁ ବହୁ ଖରାପ ବ୍ୟବହାର କରିଥିବାବେଳେ ମୟୂରିକା ହୋଟେଲରେ ମିଛ ମିଟିଙ୍ଗ ଆଳରେ ଗୀତାରାଣୀ ଓ ତାପସୀ (ଛଦ୍ମନାମ)କୁ ଡ଼ାକି ମଦ ପିଇବା ପାଇଁ ବାଧ କରିଥିଲେ। ଏବଂ ଆଶାଳୀନ ବ୍ୟବହାର କରିଥିଲେ। ଏହି ଲିଡ଼ରମାନେ ମହାସଂଘର ସଭାପତି ପ୍ରତାପ କୁମାର ସାହୁଙ୍କୁ ଲିଖିତ ଅଭିଯୋଗ କରିଥିଲେ।

ଅନୁଜ ପ୍ରଧାନ, ପ୍ରଦୀପ ସାହୁ ଓ ବିପିନ ଜେନାଙ୍କୁ ଆଲୋଚନା ପାଇଁ ବାରମ୍ବାର ମିଟିଙ୍ଗକୁ ଡାକିଥିଲେ ମଧ ସେମାନେ ଆସି ନ ଥିଲେ। ଚଞ୍ଚକତା କରି ପ୍ରମାଣକୁ ନଷ୍ଟ କରିବା ପାଇଁ ଦୁଇଟି ହ୍ୱାଟସଅପ୍ ଗ୍ରୁପ୍‌କୁ ବିପିନ ଜେନା ଓ ଅନୁଜ ପ୍ରଧାନ ବନ୍ଦ କରିଦେବା ଫଳରେ ଆଉ କୌଣସି ସୂଚନା ଦିଆଯାଇପାରି ନ ଥିଲା। ଆଜି ମହିଳା ଲିଡ଼ରମାନେ ସମାଜସେବୀ ସସ୍ମିତା ଦାଶଙ୍କ ନେତୃତ୍ୱରେ ସସ୍ମିତା ସାହୁ, ଶୁଭଲକ୍ଷ୍ମୀ ମହାନ୍ତି, ସ୍ୱର୍ଣ୍ଣମୟୀ ରାଉତ, ମଞ୍ଜୁଳା ନାୟକ ପ୍ରମୁଖ ମହିଳା ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି।

# ପାଣିଭଳି ଖର୍ଚ୍ଚ ହେଉଛି; ପାଣିରେ ଧୋଇଯାଉଛି

ଭୁବନେଶ୍ୱର, ୧୯ ।୮ (ସମିସ)

ସହରର ସୌନ୍ଦର୍ଯ୍ୟ ବୃଦ୍ଧି ବଢ଼ାଇବା ପାଇଁ ସହରର ପ୍ରମୁଖ ପ୍ରାଚୀର, କାନ୍ଥବାଡ଼ ସହିତ ଓଭରବ୍ରିଜ୍, ଅଣ୍ଡରପାସ୍ ଦାଢ଼ରେ ବିଭିନ୍ନ ପ୍ରକାରର ମହାପୁରୁଷଙ୍କର ଚିତ୍ର ସହିତ ଓଡ଼ିଶୀ, ମୁନିରୁଷିଙ୍କ ସମେତ ବିଭିନ୍ନ କଳା ଓ ସଂସ୍କୃତିର ଶିକ୍ଷା ଦଉଥିବା ପ୍ରତିଛବି ଅଙ୍କନ କରାଯାଇଛି। ବିଶେଷକରି ଉତ୍କଳ ପ୍ରଦେଶ ଗଠନ ସହିତ ଓଡ଼ିଆ ଜାତି ପାଇଁ ଗର୍ବ ଓ ଗୌରବ ସାଜିଥିବା ମହାପୁରୁଷଙ୍କର ଚିତ୍ର ସହିତ ନିଜ ଲେଖନୀ ମୁନରେ ଓଡ଼ିଆ ଜାତିକୁ ସମୃଦ୍ଧ କରିଥିବା ମହାପୁରୁଷଙ୍କ ମୁଖ ନିଶୃତ ବାଣୀକୁ ଚିତ୍ରିତ କରି ଅତୀତର ଗୌରବମୟ ଅଧ୍ୟାୟକୁ ପୁନଃଜୀବିତ କରୁଥିବାର ଦେଖିବାକୁ ମିଳିଥିବା ବେଳେ ଏବେ କିନ୍ତୁ ଓଲଟା ଚିତ୍ର ଦେଖିବାକୁ ମିଳିଛି। ପ୍ରତିବର୍ଷ ବିଏମ୍‌ସି ପକ୍ଷରୁ ଏଥିପାଇଁ ପାଣିଭଳି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ ରକ୍ଷଣାବେକ୍ଷଣ ଅଭାବରୁ ସେଗୁଡ଼ିକ ବର୍ଷାପାଣିରେ ଧୋଇ ନଷ୍ଟ ହୋଇଯାଉଛି।

ଏହି ମହାପୁରୁଷ ମାନେ ଆମକୁ ଅନେକ କିଛି ଶିଖାଇଥିଲେ। ହେଲେ ଏବେ ସେହି ଶିକ୍ଷା ବାଟବଣା ହୋଇଥିବା କହିଲେ ଚଳେ। ଯେଉଁ ମହାପୁରୁଷମାନଙ୍କ ଛବିକୁ ଦେଖିଲେ ମନରେ କିଛି ନୂଆ କରିବାର ଆଶା ସଞ୍ଚାର ହେବା ସହିତ ଗର୍ବରେ ଛାତି ଫୁଲି ଉଠେ

- କାନ୍ଥରେ ବିକୃତ ହେଲେଣି 'ମହାପୁରୁଷ'
- ଗଛଲତା ଆଢୁଆଳରେ ଲୁଚିଯାଉଛି ବିଏମ୍‌ସି ସୌନ୍ଦର୍ଯ୍ୟକରଣ





ସେହିମାନଙ୍କ ଛବି ଏବେ ଗଛଲତା ତଳେ ଲୁଚି ରହିବା ସହିତ ଅଧା ସ୍ଥାନରୁ ରଙ୍ଗ ଛାଡ଼ିବା ସହ ଶିଉଳୀ ଲାଗଲାଣି। ଏଥି ସହିତ ଆଉ କିଛି ସ୍ଥାନରେ ଅଳିଆ ଆବର୍ଜନାରେ ମହାପୁରୁଷ ମାନେ ଲୁଚିଲେଣି। ଯାହାଦ୍ୱାରା ଆମ ସଂସ୍କୃତି, ସଭ୍ୟତା ଉପରେ ଆଙ୍ଗୁଳି ଉଠୁଛି। ବିଭିନ୍ନ ଦେଶ ବିଦେଶରୁ ପ୍ରତିଦିନି ଅନେକ ପର୍ଯ୍ୟଟକ ସ୍ମାର୍ଟ ସିଟିକୁ ବୁଲି ଆସୁଥିବା ବେଳେ ମହାପୁରୁଷଙ୍କର ଚିତ୍ରକୁ ଗଛଲତା ତଳେ ଦେଖି ଉପହାସ କରିବା ସହିତ ନକରାତ୍ମକ ମନଭୋବ ଦେଖି ଫେରୁଛନ୍ତି। କଳିଙ୍ଗଷ୍ଟୁଡ଼ିଓ, ଉଦୟଗିରି, ପଟିଆ, ନୟାପଲ୍ଲୀ, ଆଇଆରସି ଭିଲେଜ ଆଦି ସ୍ଥାନ ମାନଙ୍କରେ ଅଙ୍କା ଯାଇଥିବା ଛବି ହେଉଛି ଏହାର ଜ୍ୱଳନ୍ତ ଉଦାହରଣ।

ଏହି ଚିତ୍ରଣ ପାଇଁ ଭୁବନେଶ୍ୱର ମହାନଗର ନିଗମ ପ୍ରାଚୀର ଚିତ୍ରଣ (ୱାଲ ପେଣ୍ଟିଂ)ରେ ଟଙ୍କା ଖର୍ଚ୍ଚ କରାଯାଉଛି। ତଥ୍ୟ ଅନୁଯାୟୀ ଗତ ମାର୍ଚ୍ଚ ମାସରେ ପ୍ରାଚୀର ଚିତ୍ରଣରେ ବିଏମ୍‌ସି ୯୫ ଲକ୍ଷ ୬୫ ହଜାର ୨୩୪ ଟଙ୍କା ଖର୍ଚ୍ଚ କରିଥିଲା। ଏପ୍ରିଲରେ ୨୫ ଲକ୍ଷ ୯୧ ହଜାର ୯୬୯ ଟଙ୍କା ଖର୍ଚ୍ଚ କରିଥିଲା। ଏହିପରି ମେ ମାସରେ ସର୍ବାଧିକ ୨ କୋଟି ୬୧ ଲକ୍ଷ ୨୬ ହଜାର ୯୧୭ ଟଙ୍କା ଖର୍ଚ୍ଚ କରିଛି। ଏନେଇ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ସମୁଦାୟକୁ ଦେଖିଲେ ତିନିମାସ ଭିତରେ ୩ କୋଟି ୮୨ ଲକ୍ଷ ୭୪ ହଜାର ଟଙ୍କା ପ୍ରଚୀର ଚିତ୍ରଣ ବିଏମ୍‌ସି ମୁକ୍ତା ଯୋଜନା ଓ ଅନ୍ୟ ପାଣ୍ଠିରୁ ଖର୍ଚ୍ଚ କରୁଥିଲେ ମଧ ଏହି ସବୁ ଯଥା ପୂର୍ବ ତଥା ପରଂ ହୋଇଯାଉଛି। ଫଳରେ ମହାପୁରୁଷଙ୍କ ପ୍ରତି ଘୋର ଅପମାନ ଦେଉଛି। ଯାହାକୁ ନେଇ ବୃଦ୍ଧିଜୀବିମାନେ କ୍ଷୋଭ ପ୍ରକାଶ କରିଛନ୍ତି।

### ଓଡ଼ିଆ ଯୁବକଙ୍କ କୃତିତ୍ୱ



କୃଷ୍ଣଗର୍ତ୍ତ ଓ ମହାକର୍ଷଣୀୟ ତରଙ୍ଗ ସମ୍ବନ୍ଧରେ ଆମେରିକାର ଫ୍ଲୋରିଡା ବିଶ୍ୱବିଦ୍ୟାଳୟରେ ଉଚ୍ଚକୋଟୀର ଗବେଷଣା କରି ଓଡ଼ିଶାର ତନ୍ମୟ ମିଶ୍ର ପି.ଏଚ.ଡି ଲାଭ କରିଛନ୍ତି। ଭୁବନେଶ୍ୱର 'ନାଇଜର'ରେ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ଲାଭ ପରେ ସେ ଫ୍ଲୋରିଡାରେ ଗତ ଛ' ବର୍ଷ ଧରି ଗବେଷଣା ଜାରି ରଖିଥିଲେ। ତାଙ୍କ ସନ୍ଦର୍ଭରେ ଉପସ୍ଥାପିତ ମହାକର୍ଷଣୀୟ ତରଙ୍ଗ ଚିହ୍ନଟ ଓ ଅନୁସନ୍ଧାନ ନିମିତ୍ତ ଏମ୍‌ଏଲ୍.(M.L.) ପ୍ରୟୋଗର ଉନ୍ନୀତ ଅନୁକଳନା (ଆଲଗୋରିଦମ୍) ଏକ ନୂତନ ଦିଗ ଉନ୍ମୋଚିତ କରିଛି। ତାଙ୍କ ସନ୍ଦର୍ଭଟି ପ୍ରଫେସର ସର୍ଗେ କ୍ଲିମାନକୋଙ୍କ ଦିଗଦର୍ଶନ ସହ ପ୍ରସ୍ତୁତ ହୋଇଛି। ଆନ୍ତର୍ଜାତୀୟ ଗବେଷଣା ସଂସ୍ଥା ଲାଇଗୋ(LIGO)ର ସଦସ୍ୟ ଭାବେ ତନ୍ମୟଙ୍କ ଅବଦାନ ଉଲ୍ଲେଖନୀୟ। ତନ୍ମୟ ମିଶ୍ର ପୁରୀ ନିବାସୀ ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ତଥା କବି ଡ ଚିତ୍ତରଞ୍ଜନ ମିଶ୍ର ଓ ରୋଟାରିଆନ୍ ଶ୍ରୀମତୀ ସୁଷମା ମିଶ୍ରଙ୍କ ଦ୍ୱିତୀୟ ପୁତ୍ର। ତନ୍ମୟଙ୍କ ଜେଜେବାପା ବୀରପ୍ରତାପପୁରର ଶ୍ରୀ ଦିବାକର ମିଶ୍ର ଓ ଅଜା ବଲାଙ୍ଗୀରର ପ୍ରଫେସର ମଧୁସୂଦନ ପତି ଉଭୟ ସାରସ୍ୱତ ସାଧକ।



ଭୋଟ ଅସଙ୍ଗତି ଅଭିଯୋଗ ନେଇ ନୂଆଦିଲ୍ଲୀସ୍ଥିତ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ବିଜେଡି ପ୍ରତିନିଧି ଦଳ

# ବିହାର ପରି ଓଡ଼ିଶାରେ ତଞ୍ଚକତା କଲେ ଆନ୍ଦୋଳନ: ଭକ୍ତ

ଭୁବନେଶ୍ୱର,୧୯।୮(ସମିସ): ବିହାର ପରି ଓଡ଼ିଶାରେ ମଧ୍ୟ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)କୁ ଅସ୍ତ୍ର କରି ବିଜେପି ବ୍ୟାପକ 'ଭୋଟ୍ ଚୋରି' କରିବାକୁ ମସୁଧା କରୁଥିବା ଆଶଙ୍କାକୁ ଏଡ଼ାଇ ଦିଆଯାଇପାରିବ ନାହିଁ ବୋଲି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କୁହାଯାଇଛି। ବିହାରରେ ଏସ୍‌ଆଇଆରରେ ବାଦ୍ ପଡ଼ିଥିବା ଭୋଟର୍‌ଙ୍କ ତଥ୍ୟ ଦେବା ପାଇଁ ନିର୍ବାଚନ ଆୟୋଗ ମନା କରିବା ନିଷ୍ପତ୍ତିକୁ ସୁପ୍ରିମକୋର୍ଟ ରଦ୍ଦ କରି ଉକ୍ତ ତାଲିକା ପ୍ରକାଶନ ପାଇଁ ବାଧ କରିବା ପରେ ସରକାରଙ୍କ ଉଦ୍ଦେଶ୍ୟ ପଦାରେ ପଡ଼ିଛି। ଅନ୍ୟପକ୍ଷରେ, ଗତ ନିର୍ବାଚନରେ ଓଡ଼ିଶାରେ ୪୨ ଲକ୍ଷ ଭୋଟ୍ ଚୋରି ଅଭିଯୋଗ, ଲୋକସଭା-ବିଧାନସଭା ଭୋଟସଂଖ୍ୟାରେ ତାରତମ୍ୟ, ଅପରାହ୍ଣ ୫ଟା ପରେ ମତଦାନ ହାରରେ ଆଖିଦୃଶିଆ ବୃଦ୍ଧି (୭-୩୦ ପ୍ରତିଶତ ବଢ଼ିବା) ଇତ୍ୟାଦି ଫ୍ୟାକ୍ଟର ଓଡ଼ିଶାରେ ବିଜେପିର 'ଭୋଟ୍ ଚୋରି'କୁ ପ୍ରମାଣିତ କରୁଛି ବୋଲି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି।

ତେବେ ଖାଲି ବିରୋଧ ପାଇଁ ବିରୋଧ କଂଗ୍ରେସର ଆଭିମୁଖ୍ୟ ନୁହେଁ। ଦଳ ଚାହେଁ, ଯୋଗ୍ୟ ଭୋଟର ତାଲିକାଭୁକ୍ତ ହୁଅନ୍ତୁ ଓ ଅଯୋଗ୍ୟ ବାଦ୍ ପଡ଼ନ୍ତୁ। କିନ୍ତୁ ବିଜେପିର ମୁଖପାତ୍ର ସାଜିଥିବା ନିର୍ବାଚନ ଆୟୋଗଙ୍କ କାର୍ଯ୍ୟଶୈଳୀ ଓ ପଦକ୍ଷେପରୁ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଆୟୋଗଙ୍କ ଅଭିପ୍ରାୟ ଭଲ ଥିବା ପରି ଜଣାପଡୁନାହିଁ। ମହାରାଷ୍ଟ୍ର, ବିହାର ପରି ଓଡ଼ିଶାର ଭୋଟର୍ ତାଲିକାରେ ଜାଲିଆତି କଲେ ରାଜ୍ୟବ୍ୟାପୀ ଆନ୍ଦୋଳନ ହେବ ବୋଲି ଶ୍ରୀ ଦାସ ସରକାର, ଦଳ ଓ ଆୟୋଗଙ୍କୁ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଆସନ୍ତା ସେପ୍ଟେମ୍ବର ୪ ତାରିଖରେ 'ଭୋଟ୍ ଚୋରି' ବିରୋଧରେ ପିସିସିର ରାଜ୍ୟ ନିର୍ବାଚନ ଅଧିକାରୀ କାର୍ଯ୍ୟାଳୟ ଘେରାଉକୁ ଜୋରଦାର କରାଯିବା ନେଇ ନିଷ୍ପତ୍ତି ହୋଇଛି।

## ଏମ୍‌ଏମ୍‌ଡ଼ିଆର୍ ବିଲ୍ ସଂଶୋଧନ ଆଲୋଚନା

# ରାଜ୍ୟର ସ୍ୱାର୍ଥକୁ ଉପେକ୍ଷା କରା ନ ଯାଉ: ସାଂସଦ ମାନସ

ନୂଆଦିଲ୍ଲୀ, ୧୯।୮(ସମିସ): ଏମ୍‌ଏମ୍‌ଡ଼ିଆର୍ ବିଲ୍ ୨୦୨୫ ସଂଶୋଧନରେ ଓଡ଼ିଶା ପରି ଖଣିଜ ସମ୍ପଦ ପରିପୂର୍ଣ୍ଣ ରାଜ୍ୟଗୁଡ଼ିକର ସ୍ୱାର୍ଥକୁ ଉପେକ୍ଷା କରା ନ ଯାଉ ବୋଲି ରାଜ୍ୟସଭାରେ ଦାବି କରିଛନ୍ତି ସାଂସଦ ମାନସ ମଙ୍ଗରାଜ। ମାଇନିଂ ଏଣ୍ଡ ମିନେରାଲ (ଡ଼େଭଲପମେଣ୍ଟ ଏଣ୍ଡ ରେଗୁଲେସନ) ଆମେଣ୍ଡମେଣ୍ଟ ଆକ୍ଟ ୨୦୨୫ ଆଲୋଚନାରେ ଭାଗ ନେଇ ଶ୍ରୀ ମଙ୍ଗରାଜ କହିଛନ୍ତି ଯେ ସମଗ୍ର ଦେଶର ଭୂଗର୍ଭସ୍ଥ ଲୁହାପଥରର ୨୮% କେବଳ ଓଡ଼ିଶାରେ ଗଚ୍ଛିତ ରହିଛି। ସେହିପରି ଦେଶର ୨୪% କୋଇଲା, ୫୯% ବକ୍ସାଇଟ, ୯୮% କ୍ରୋମାଇଟ ଓଡ଼ିଶାରେ ଗଚ୍ଛିତ ଅଛି। ବିଡ଼ମ୍ବନା ହେଉଛି ଏହି ଖଣିଜ ସମ୍ପଦ ରତ୍ନଗର୍ଭା ଓଡ଼ିଶା ପାଇଁ ବର୍ତ୍ତମାନ ସମୟରେ ଆଶୀର୍ବାଦ ପରିବର୍ତ୍ତେ ଅଭିଶାପ ପାଲଟିବାକୁ ଯାଉଛି। କେନ୍ଦ୍ର ସରକାର, ଖଣି ପଟ୍ଟାଦାର ଯେତିକି ଖଣିଜ ସମ୍ପଦର ଲାଭ ପାଉଛନ୍ତି; ସେହି ଅନୁପାତରେ ଓଡ଼ିଶା ଲାଭ ପାଉ ନାହିଁ। ଆମ ଦଳର ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରମ୍ବାର କୋଇଲା ରାଜଭାଗ ବୃଦ୍ଧି ପାଇଁ ଦାବି କରିଥିଲେ ହେଁ ଏଯାଏ କେନ୍ଦ୍ର ସରକାର ତାହା ପ୍ରତି କର୍ଣ୍ଣପାତ କରୁନାହାନ୍ତି। ଫଳରେ ଓଡ଼ିଶା ପ୍ରତିବର୍ଷ ହାରାହାରି ୧୦ ହଜାର କୋଟି ଟଙ୍କା ରାଜସ୍ୱ କ୍ଷତି ସହୁଛି। ସେହିପରି କୋଇଲାରୁ ଗ୍ରୀନ୍ ସେସ୍ ବାବଦରେ କେନ୍ଦ୍ର ସରକାର ପ୍ରତି ଟନ୍ ୪୦୦ ଟଙ୍କା ହିସାବରେ ବାର୍ଷିକ ୧୦ ହଜାର କୋଟିରୁ ୧୨ ହଜାର କୋଟି ଟଙ୍କା ଆଦାୟ କରୁଥିଲେ ବି ଏଥିରୁ ରାଜ୍ୟ ଫୁଟା ପାହୁଲାଟାଏ ପାଉନାହିଁ। ନୂଆ ମାଇନିଂ ଏଣ୍ଡ ମିନେରାଲ୍ସ ଆମେଣ୍ଡମେଣ୍ଡ ବିଲ୍‌ରେ ଓଡ଼ିଶା ଓ ଅନ୍ୟ ଖଣିଜ ସମୃଦ୍ଧ ରାଜ୍ୟର ସ୍ୱାର୍ଥ ରକ୍ଷା ନେଇ ସେପରି କିଛି ପ୍ରାବଧାନ କରାଯାଇଥିବାପରି ମନେ ହେଉନାହିଁ। ଏହି ଆକ୍ଟ ଇତିମଧ୍ୟରେ ୪ ଥର ସଂଶୋଧନ ହୋଇ ସାରିଲାଣି ମାତ୍ର ପ୍ରତ୍ୟେକ ସଂଶୋଧନ ସମୟରେ ପଟ୍ଟାଦାରମାନଙ୍କ ହିତକୁ ପ୍ରାଥମିକତା ଦିଆଯାଇଥିବାବେଳେ ଯେଉଁ ରାଜ୍ୟ ଗର୍ଭରୁ ଖଣିଜ ଉତ୍ତୋଳନ କରାଯାଉଛି, ସେହି ରାଜ୍ୟର ସ୍ୱାର୍ଥପ୍ରତି ଦୃଷ୍ଟି ଦିଆଯାଇ ନାହିଁ। ଏବେ ଆଗତ ସଂଶୋଧନ ପ୍ରସ୍ତାବରେପଟ୍ଟାଦାରମାନେ ପୂର୍ବରୁ ନେସନାଲ ମିନେରାଲ ଏକ୍ସପ୍ଲୋରେସନ ଏଣ୍ଡ ଡ଼େଭଲପମେଣ୍ଟ ଟ୍ରଷ୍ଟ (ଏନ୍‌ଏମ୍‌ଇଡ଼ିଟି)କୁ ପୂର୍ବରୁ ୨% ରାଜଭାଗ ଦେଉଥିଲେ; ଏବେ ତାହାକୁ ୩% କରାଯିବାକୁ ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା କେନ୍ଦ୍ର ସରକାରଙ୍କ ପରିଚାଳିତ ଟ୍ରଷ୍ଟକୁ ଅଧିକ ପାଣ୍ଠି ଆସିବ ସତ, ମାତ୍ର ରାଜ୍ୟଗୁଡ଼ିକ ଏଥିରୁ କୌଣସି ଲାଭାନ୍ୱିତ ହେବା ପରି ଲାଗୁନାହିଁ। ପୁନଶ୍ଚ ସଂଶୋଧନ ବ୍ୟବସ୍ଥାରେ କ୍ଷୁଦ୍ର ଖଣିଜ ସାମଗ୍ରୀକୁ ସାମିଲ କରିବାକୁ ବ୍ୟବସ୍ଥା ଦ୍ୱାରା ଗୃହ ନିର୍ମାଣ, ସଡ଼କ ନିର୍ମାଣରେ ବ୍ୟବହାର ହେଉଥିବା ବାଲି, ପଥର, କଙ୍କ୍ରିଟ ମହଙ୍ଗା ହେବାର ଆଶଙ୍କା ରହିଛି। ପଟ୍ଟାଦାରମାନଙ୍କୁ ଦିଆଯାଉଥିବା ନିର୍ଦ୍ଦିଷ୍ଟ ଖଣିଜ ସାମଗ୍ରୀ ଲିଜ୍ ସହ ଅନ୍ୟ ଖଣିଜ ପଦାର୍ଥକୁ ସଂଲଗ୍ନ କରିବା ପାଇଁ କ୍ଷମତା ଦ୍ୱାରା ବିନା ଅତିରିକ୍ତ ଦେୟରେ ଖଣି ପଟ୍ଟାଦାରମାନେ ଏଥିରୁ ଲାଭବାନ ହେବେ ରାଜ୍ୟ ସରକାରମାନେ ଖଣି ରାଜସ୍ୱ ଜନିତ କ୍ଷତିର ଶିକାର ହେବେ। ତେଣୁ ଏ ଦିଗ ପ୍ରତି ଦୃଷ୍ଟି ଦିଆଯିବାର ଆବଶ୍ୟକତା ଅଛି ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି।



## ବଲଙ୍ଗା ପୀଡ଼ିତାଙ୍କ ଭିଡିଓ ଭାଇରାଲ ପ୍ରସଙ୍ଗ

# ନ୍ୟାୟ ନ ମିଳିବା ଯାଏ ଲଢ଼େଇ ଜାରି ରହିବ: କଂଗ୍ରେସ

ଭୁବନେଶ୍ୱର,୧୯।୮(ସମିସ): ବଲଙ୍ଗା ତିନିଜଣ ଦୁର୍ବୃତ୍ତ ଜଣେ ଛାତ୍ରୀଙ୍କୁ ଟେକିନେଇ ଜାଳିଦେଲେ। ଛାତ୍ରୀଜଣଙ୍କ ନିଜ ମୃତ୍ୟୁକାଳୀନ ଜମାନବନ୍ଦୀରେ ଏହି କଥା କହିଛନ୍ତି। ଏହି ଘଟଣାକୁ ମାସେ ହୋଇଗଲା ପଛେ, ପୁଲିସ ଅପରାଧୀଙ୍କୁ ଗିରଫ କରିପାରି ନାହିଁ। କଂଗ୍ରେସ ନାରୀନ୍ୟାୟ କ୍ଷେତ୍ରରେ କୌଣସି ସାଲିସ କରିବ ନାହିଁ, ବଲଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ଦେବାକୁ ସଂଗ୍ରାମ ଜାରି ରଖିବ ବୋଲି କଂଗ୍ରେସ କହିଛି। ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି ଯେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ବୟାନ ଭିଡିଓ ସତ କି ନୁହେଁ ବୋଲି ପ୍ରଶ୍ନ ଉଠିଛି। ଯଦି ଏହା ସତ, ସେଇ ଭିଡିଓରେ ଦୁର୍ବୃତ୍ତଙ୍କୁ ଗିରଫ କରିବା ଦିଗରେ ପୁଲିସ କି ପଦକ୍ଷେପ ନେଇଛି ବୋଲି ସେ ପ୍ରଶ୍ନ କରିଛନ୍ତି।

ଏହି ଘଟଣାକୁ ନେଇ ମୁଖପାତ୍ର ନିଶିକାନ୍ତ ମିଶ୍ର ଆଇନଗତ ଦିଗ ତର୍ଜମା କରି କହିଛନ୍ତି, ଭାରତୀୟ ସାକ୍ଷ୍ୟ ବିଧି ଆଇନ ଉପଧାରା ୨୬(କ) ଅନୁଯାୟୀ ମୃତ୍ୟୁକାଳୀନ ଜମାନବନ୍ଦୀ ବା ବୟାନକୁ ପ୍ରାୟତଃ ସତ୍ୟ ଭାବରେ ଗ୍ରହଣ କରାଯାଇ ଥାଏ। ଭାଇରାଲ ହୋଇଥିବା ଭିଡିଓରେ ପୀଡ଼ିତା ତିନିଜଣ ଦୁର୍ବୃତ୍ତଙ୍କୁ ଇସାରା ଉଲ୍ଲେଖ କରିଥିବା ସ୍ପଷ୍ଟ ଜଣାପଡୁଛି। ପୁଲିସ ଏହି ସ୍ପର୍ଶକାତର ଘଟଣା ଉପରେ ଏକାଧିକ ଥର ବୟାନ ଦେଲାଣି ଏବଂ ସେଇ ବୟାନ ମଧ୍ୟରେ କୌଣସି ତାଳମେଳ ରହୁନି। ପୁଲିସ ହାତରେ ବଡ଼ ତଥ୍ୟ ଲାଗିଛି ବୋଲି ପୁରୀ ଆରକ୍ଷୀ ଅଧୀକ୍ଷକ କହିଥିବାବେଳେ ପୁଲିସ ମୁଖ୍ୟାଳୟ ଏହି ଛାତ୍ରୀପୋଡ଼ି ଘଟଣାରେ କାହାରି ସମ୍ପୃକ୍ତି ନ ଥିବା ସାମାଜିକ ଗଣମାଧ୍ୟମରେ ବିଜ୍ଞାପିତ କରୁଛି। ଏଫଆଇଆର, ସାକ୍ଷୀଙ୍କ ମିଡିଆ ବାଇଟ, ପୁରୀ ଏସପିଙ୍କ ବୟାନ ମଧ୍ୟରେ ବିସଙ୍ଗତି ଏବଂ ପୀଡ଼ିତାଙ୍କ ଭାଇରାଲ ବୟାନ ପୁଲିସର କାର୍ଯ୍ୟକଳାପକୁ ସନ୍ଦେହ ଘେରକୁ ଟାଣିନେଉଛି ବୋଲି ଶ୍ରୀ ମିଶ୍ର କହିଛନ୍ତି।

ଛାତ୍ରୀ ପୋଡ଼ି ଘଟଣାରେ ଦୁର୍ବୃତ୍ତମାନେ ନିଆଁ ଲଗାଇଲା ପରେ ଛାତ୍ରୀଜଣକ ସାହାଯ୍ୟ ପାଇଁ ପ୍ରଥମେ ପହଞ୍ଚିଥିବା ତେରହଳ ଗ୍ରାମର ଦୁଃଖିଶ୍ୟାମ ସେନାପତି କୁଆଡ଼େ ଗଲେ ବୋଲି ପ୍ରଶ୍ନ କରିଛନ୍ତି ଦଳର ଅନ୍ୟତମ ମୁଖପାତ୍ର ଜୟଶ୍ରୀ ପାତ୍ର। ଉପ ମୁଖ୍ୟମନ୍ତ୍ରୀ ତାଙ୍କ ଦୁଇ ଆନୁଗତଙ୍କୁ କାହିଁକି ଦିଲ୍ଲୀ ପଠାଇଥିଲେ




ବୋଲି ପ୍ରଶ୍ନ କରିବା ସହ କାହିଁକି ଏହି ଦୁଇ ଜଣ ପୀଡ଼ିତାଙ୍କ ପରିବାରକୁ ଆଢୁଆଳରେ ରଖୁଥିଲେ ବୋଲି ପ୍ରଶ୍ନ କରିଛନ୍ତି। ସେହିପରି ଭାଇରାଲ ଭିଡିଓରେ ବୟାନ ଗ୍ରହଣ କରୁଥିବା ମହିଳା ଜଣକ ଯେଉଁ ପ୍ୟାଡ୍‌ରେ ଲେଖୁଛନ୍ତି, ସେଇ ପ୍ୟାଡ୍‌ରେ "୨୦/୭/୨୦୨୫' ସହ "ଆଇଆଇସି ବଲଙ୍ଗା' ବୋଲି ମଧ୍ୟ ଲେଖାହୋଇଛି। ଯଦି ପୁଲିସ ବୟାନ ରେକର୍ଡିଂ କରୁଥିଲା, ପୁଲିସଠାରୁ କେମିତି ଭିଡିଓ ଲିକ ହୋଇ ଭାଇରାଲ ହେଲା? ଯଦି ପୁଲିସ ବୟାନ ରେକର୍ଡ କରିନାହିଁ, ଏତେ କଡ଼ା ସୁରକ୍ଷା ଥାଇ ସୁଦ୍ଧା କିଏ ବୟାନ ଭିଡିଓ ରେକର୍ଡିଂ କରିଛି ବୋଲି ସେ ପ୍ରଶ୍ନ କରିଛନ୍ତି।

# ଭାଇରାଲକାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ: ଏସ୍‌ପି

ପୁରୀ, ୧୯।୮(ସମିସ): ବଲଙ୍ଗା ପୀଡ଼ିତାଙ୍କର ବୟାନ ରେକର୍ଡ ସମୟର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏହାକୁ ନେଇ ରାଜ୍ୟବ୍ୟାପୀ ବେଶ୍ ଚର୍ଚ୍ଚା, ଆଲୋଚନା ଚାଲିଥିବା ବେଳେ ଏ ସମ୍ପର୍କରେ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିଛନ୍ତି ଏସ୍‌ପି ଦାୟିତ୍ୱରେ ଥିବା ଡିଆଇଜି ପିନାକ୍ ମିଶ୍ର। ସେ କହିଛନ୍ତି, ଯିଏ ବଲଙ୍ଗା ପୀଡ଼ିତାଙ୍କ ବୟାନ ସମୟର ଭିଡିଓ ଭାଇରାଲ କରିଛନ୍ତି ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜୁଭେନାଇଲ୍ କୋର୍ଟ ଆଧାରରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ସେଥିପାଇଁ ଫେସ୍‌ବୁକ୍ ଓ ଗୁଗଲ୍‌କୁ ଚିଠି ଲେଖାଯାଇଛି। ସୋସିଆଲ ମିଡିଆର ସୋର୍ସ ଆସିବା ପରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୁପ୍ରିମକୋର୍ଟଙ୍କ କଡ଼ା ନିର୍ଦ୍ଦେଶ ରହିଛି ଯେ କୌଣସି ନାବାଳିକା ବା ନାବାଳକର ଫଟୋ ଭାଇରାଲ୍ ହୋଇପାରିବ ନାହିଁ। ତେଣୁ ଏଭଳି ସମ୍ବେଦନଶୀଳ ଘଟଣାରେ ସାଇବର କ୍ରାଇମ୍ ବିଭାଗକୁ ଦାୟିତ୍ୱ ଦିଆଯାଇଛି ବୋଲି ଏସ୍‌ପି କହିଛନ୍ତି। ସୋସିଆଲ ମିଡିଆରେ ଭାଇରାଲ ଭିଡିଓଟି ଭୁବନେଶ୍ୱର ଏମ୍ସରେ ପୀଡ଼ିତାଙ୍କ ଚିକିତ୍ସା ସମୟର ବୋଲି ଜଣାପଡ଼ିଛି। ଏହି ଘଟଣାରେ ପୀଡ଼ିତାଙ୍କର ୪ଥର ବୟାନ ରେକର୍ଡ କରାଯାଇଥିଲା। ଦିଲ୍ଲୀ ଏମ୍ସରେ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସମସ୍ତ ଆଇନଗତ ନିୟମକୁ ଅନୁସରଣ କରାଯାଇ ବୟାନ ରେକର୍ଡ ହୋଇଥିଲା। ତଦନ୍ତ ଏବେ ଶେଷ ହୋଇଛି ଓ ସମସ୍ତ ତଥ୍ୟ ପ୍ରମାଣ ଖୁବ୍‌ଶୀଘ୍ର କୋର୍ଟରେ ପ୍ରଦାନ କରାଯିବ। ପୀଡ଼ିତା ନାବାଳିକାଙ୍କ ଭିଡିଓ କିଏ ଏବଂ କାହିଁକି ଭାଇରାଲ କଲେ ତା'ର ଅନୁସନ୍ଧାନ ଆରମ୍ଭ ହୋଇଛି। ସାଇବର ଟିମ୍ ଏବଂ କ୍ରାଇମ୍‌ବ୍ରାଞ୍ଚର ସହଯୋଗରେ ଭାଇରାଲ ଭିଡିଓର ତଦନ୍ତ ହେବ ବୋଲି ଏସ୍‌ପି ଶ୍ରୀ ମିଶ୍ର କହିଛନ୍ତି।

# ବିଜେବି କଲେଜରେ ରାଗିଂ

ଭୁବନେଶ୍ୱର, ୧୯।୮(ସମିସ): ରାଜ୍ୟର ଅନ୍ୟତମ ପ୍ରତିଷ୍ଠିତ ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜଣେ ଛାତ୍ରଙ୍କୁ ରାଗିଂ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଗତ ଅଗଷ୍ଟ ୨ରୁ ମହାବିଦ୍ୟାଳୟ ଆଣ୍ଟି ରାଗିଂ କମିଟିରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଫଳରେ ରାଗିଂର ଶିକାର ଛାତ୍ରଜଣଙ୍କ ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀଙ୍କ ପରି ଆତ୍ମାହୁତି ଭଳି ଚରମ ପଦକ୍ଷେପ ନେବାକୁ ଚେତାବନୀ ଦେଇଛନ୍ତି।

**ଆଣ୍ଟି ରାଗିଂ କମିଟିରେ ଅଭିଯୋଗ**

ସୂଚନାନୁଯାୟୀ, ଗତ ୧ ତାରିଖରେ କିଛି ଛାତ୍ର ନାରୀ ସୁରକ୍ଷା ପ୍ରସଙ୍ଗରେ ବଡ଼ଗଡ ଥାନାରେ ଦାବିପତ୍ର ପ୍ରଦାନ କରିବାକୁ ଯାଉଥିଲେ। ପୀଡ଼ିତ ଛାତ୍ରଙ୍କ କିଛି ସହପାଠୀଙ୍କୁ ମଧ୍ୟ ବାଧ୍ୟବାଧକତା ଭାବେ ତହିଁରେ ସାମିଲ କରାଯାଉଥିଲା। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ କଥା କଟାକଟି ହୋଇଥିଲା। ରାଜନ ପଣ୍ଡା ନାମକ ଜଣେ ଛାତ୍ର ତାଙ୍କୁ ଲଙ୍ଗଳା ହୋଇ ଚାଲିବାକୁ କହିଥିଲେ। ଅନ୍ୟଥା ମାଡ଼ ମାରିବେ ବୋଲି କହିଥିବା ପୀଡିତ ଛାତ୍ର ଅଭିଯୋଗ କରିଛନ୍ତି। ଏନେଇ ସେ ୨ତାରିଖରେ ମହାବିଦ୍ୟାଳୟ ଆଣ୍ଟି ରାଗିଂ କମିଟିରେ ଅଭିଯୋଗ କରିଛନ୍ତି। କିନ୍ତୁ ପ୍ରାୟ ୧୯ ଦିନ ପରେ ମଧ୍ୟ ମହାବିଦ୍ୟାଳୟ କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି। ତେଣୁ, ନ୍ୟାୟ ପାଇବା ପାଇଁ ବାଲେଶ୍ୱର ଜିଲ୍ଲା ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀଙ୍କ ପରି ଆତ୍ମାହୁତି ଦେବେ କି ବୋଲି ପ୍ରଶ୍ନ କରିବା ସହ ପରୋକ୍ଷରେ ଚେତାବନୀ ଦେଇଛନ୍ତି। କଲେଜ କର୍ତ୍ତୃପକ୍ଷ ନ୍ୟାୟ ପ୍ରଦାନ କରିବାରେ ପାତରଅନ୍ତର କରୁଥିବା ମଧ୍ୟ ଅଭିଯୋଗ କରିବା ସହ ଥାନାରେ ଏ ସଂକ୍ରାନ୍ତୀୟ ଏକ ଅଭିଯୋଗପତ୍ର ଦେଇଛନ୍ତି। ଘଟଣା ସମ୍ପର୍କରେ ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷା ଝୁମକି ରଥ କହିଛନ୍ତି ଯେ ଆଣ୍ଟି-ରାଗିଂ କମିଟି ଘଟଣାର ତଦନ୍ତ ଜାରି ରଖିଛି। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# କପିଳେନ୍ଦ୍ରଦେବଙ୍କ ସମୟର ଶିଳାଲେଖ ସନ୍ଧାନ



ଭୁବନେଶ୍ୱର, ୧୯।୮(ସମିସ): ଆନ୍ଧ୍ରପ୍ରଦେଶ ବିଜୟୱାଡା ସହରର ଜାକାମପୁଡ଼ି ଗ୍ରାମରୁ ୧୫ଶ ଶତାବ୍ଦୀରେ ଗଜପତି କପିଳେନ୍ଦ୍ରଦେବଙ୍କ ସମୟର ଏକ ଶିଳାଲେଖର ସନ୍ଧାନ ମିଳିଛି। ଏହି ଶିଳାଲେଖ ଅତ୍ୟନ୍ତ ଅବହେଳିତ ଅବସ୍ଥାରେ ଏକ ଧାନବିଲ ନିକଟରେ ପଡ଼ି ରହିଥିବା ବେଳେ ରିଡିସ୍କଭର ଲଷ୍ଟ ହେରିଟେଜ୍ ଗ୍ରୁପର ଐତିହ୍ୟ ଅନୁସନ୍ଧାନକାରୀ ଦଳର ସଦସ୍ୟମାନେ ଏହାକୁ ଖୋଜି ପାଇଛନ୍ତି। ଐତିହ୍ୟ ଗବେଷକ ଦୀପକ କୁମାର ନାୟକଙ୍କ ନେତୃତ୍ୱରେ ସଦସ୍ୟ ରବୀନ୍ଦ୍ର କୁମାର ରାଣା ଓ ବିକ୍ରମ କୁମାର ନାୟକ ଏହି ଅନୁସନ୍ଧାନରେ ସାମିଲ ହୋଇଥିଲେ। ଐତିହ୍ୟ ଗବେଷକ ରବୀନ୍ଦ୍ର କୁମାର ରାଣା କହିଛନ୍ତି, ଅଭିଲେଖଟି ପଞ୍ଚଦଶ ଶତାବ୍ଦୀରେ ଗଜପତି କପିଳେନ୍ଦ୍ରଦେବଙ୍କ ପୁତ୍ର ତଥା ମହାନ ବୀର କୁମାର ହମ୍ବୀର ଦେବ ମହାପାତ୍ରଙ୍କ ପ୍ରଦତ୍ତ ଏକ ଦାନ ସମ୍ପର୍କୀୟ ସୂଚନା ଦେଉଛି।

## ସିଆଇଆଇ ପୂର୍ବ ଭାରତ ସମ୍ମିଳନୀ

# ନିବେଶ ପାଇଁ ଓଡ଼ିଶାରେ ରହିଛି ବ୍ୟାପକ ସମ୍ଭାବନା

ଭୁବନେଶ୍ୱର,୧୯।୮(ସମିସ): ମଙ୍ଗଳବାର ମୁମ୍ବାଇରେ ଅନୁଷ୍ଠିତ ଚତୁର୍ଥ ଭାରତୀୟ ଶିଳ୍ପ ମହାସଂଘର ପୂର୍ବ ଭାରତ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଅଂଶଗ୍ରହଣ କରିଛନ୍ତି। ଶିଳ୍ପ କ୍ଷେତ୍ରରେ ଓଡ଼ିଶାରେ ଥିବା ଅପାର ସମ୍ଭାବନା ଉପରେ ଆଲୋକପାତ କରି ଶ୍ରୀ ସିଂହଦେଓ ନିବେଶକଙ୍କୁ ଓଡ଼ିଶାରେ ନିବେଶ ପାଇଁ ଏହି ଅବସରରେ ଆମନ୍ତ୍ରଣ ଜଣାଇଛନ୍ତି।

ନିଜ ଅଭିଭାଷଣରେ ଶ୍ରୀ ସିଂହଦେଓ କହିଛନ୍ତି ଯେ ଓଡ଼ିଶାରେ ଖଣିଜ ସମ୍ପତ୍ତି, ଗଭୀର ବନ୍ଦର, ସୁଦୃଢ଼ ରେଳ ଓ ରାସ୍ତା ନେଟୱାର୍କ, ଜମି, ପ୍ରାକୃତିକ ସମ୍ବଳ ଭରପୂର ମାତ୍ରାରେ ରହିଛି। ଯାହା ନିବେଶକଙ୍କ ପାଇଁ ପସନ୍ଦଯୋଗ୍ୟ ସ୍ଥାନ ହୋଇପାରିବ। ଏଥିସହିତ ଓଡ଼ିଶା ସମନ୍ୱିତ ଶିଳ୍ପ ଇକୋସିଷ୍ଟମ୍, ରପ୍ତାନି- ଉତ୍ପାଦନ କରିଡର ନିର୍ମାଣ କରୁଛି ଯାହା ଲଜିଷ୍ଟିକ୍ ଏବଂ ବଜାର ପ୍ରବେଶକୁ ଆହୁରି ସୁଗମ ଓ ସହଜ କରିବ।

- ନିବେଶ କରିବାକୁ ନିମନ୍ତ୍ରଣ ଜଣାଇଲେ ଉପମୁଖ୍ୟମନ୍ତ୍ରୀ
- ରାଜ୍ୟରେ ଆହୁରି ୧ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ

ଉନ୍ନତ ପ୍ରଯୁକ୍ତିବିଦ୍ୟା, ଗ୍ରୀନ ଫିଲଡ ପ୍ରକଳ୍ପ, ବନ୍ଦର-ନେତୃତ୍ୱାଧୀନ ଶିଳ୍ପ ଅଭିବୃଦ୍ଧିରେ ଓଡ଼ିଶା ନିବେଶ ଗ୍ରହଣ ପାଇଁ ପ୍ରସ୍ତୁତ। ପ୍ରଧାନମନ୍ତ୍ରୀଙ୍କ ଅନୁଯାୟୀ ପୂର୍ବ ଭାରତରେ ନିବେଶ କରିବାର ଏହା ସଠିକ୍ ସମୟ ଅଟେ। ତେଣୁ ଓଡ଼ିଶାରେ ନିବେଶ କରିବାକୁ ଶିଳ୍ପପତିମାନେ ଆଗେଇ ଆସିବାକୁ ସେ ନିମନ୍ତ୍ରଣ ଜଣାଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଇତିମଧ୍ୟରେ ଓଡ଼ିଶା ସରକାର ରେକର୍ଡ ସଂଖ୍ୟକ ୫୬ ଟି ପ୍ରକଳ୍ପର ଭିତ୍ତିଭୂମି ସ୍ଥାପନ କରିଛନ୍ତି। ଯାହାଦ୍ୱାରା ୧.୭୮ ଲକ୍ଷ କୋଟି ନିବେଶ ହେବା ସହ ୧.୧୧ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିଛି। ଏହାସହ ନୂତନ ନିବେଶ ସହ ଆହୁରି ଏକ ଲକ୍ଷ ନୂତନ ନିଯୁକ୍ତି ସୃଷ୍ଟି କରିବା ଆମର ଲକ୍ଷ୍ୟ ରଖିଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିହାର ଉପମୁଖ୍ୟମନ୍ତ୍ରୀ, ଶିଳ୍ପମନ୍ତ୍ରୀ, ସିଆଇଆଇ ପୂର୍ବ କ୍ଷେତ୍ରର ଚେୟାରମ୍ୟାନ ଶାଶ୍ୱତ ଗୋଏଙ୍କା, ସିଆଇଆଇ ପଶ୍ଚିମ କ୍ଷେତ୍ରର ଚେୟାରମ୍ୟାନ ଋଷି କୁମାର ବାଗଲା, ନିବେଶକ, ଶିଳ୍ପପତି, ଉଦ୍ୟୋଗୀ ପ୍ରମୁଖ ଯୋଗଦେଇଥିଲେ।

# ୨୦୨୩ ବର୍ଷ ପାଇଁ ୩ଜଣଙ୍କୁ ଉର୍ଦ୍ଦୁ ଏକାଡେମୀ ପୁରସ୍କାର

ଭୁବନେଶ୍ୱର, ୧୯।୮(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ୨୦୨୩ ବର୍ଷ ପାଇଁ ତିନୋଟି ବର୍ଗରେ ୩ଜଣ ଲେଖକଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ ସଂସ୍କୃତି

**ଭଦ୍ରକର ଜନାବ ସେକ୍ ଅନୱର୍ ହୁସେନ୍‌ଙ୍କୁ 'ଅମଜଦ ନଜମୀ ପୁରସ୍କାର' ପ୍ରଦାନ**



ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉର୍ଦ୍ଦୁ ସାହିତ୍ୟ ଏକ ମିଠା ଭାଷା ବୋଲି କହିବା ସହ ଉର୍ଦ୍ଦୁର ପ୍ରଚାରପ୍ରସାର କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଶ୍ରୀମତୀ ପାଢ଼ୀ ଏକ ଉର୍ଦ୍ଦୁ କବିତା ପାଠ କରିଥିଲେ।

ଏହି ଅବସରରେ ଭଦ୍ରକର ଜନାବ୍ ସେକ୍ ଅନୱର ହୁସେନଙ୍କୁ 'ଅମଜଦ୍ ନଜମୀ ପୁରସ୍କାର-୨୦୨୩' ପ୍ରଦାନ କରାଯାଇଛି। ପୁରସ୍କାର ସ୍ୱରୂପ ତାଙ୍କୁ ୩ଲକ୍ଷ ଟଙ୍କାର ଅର୍ଥରାଶି ସମେତ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି କଟକର ଜନାବ୍ ଅବଦୁଲ ହକ୍ ବେତାବଙ୍କୁ 'ଡ. କରାମତ୍ ଅଲ୍ଲୀ କରାମତ୍ ପୁରସ୍କାର-୨୦୨୩' ଏବଂ ଜନାବ ସମିଉଲ୍ ହକ୍ ସାକିରଙ୍କୁ 'ଶ୍ରୀଯୁକ୍ତ ରଶ୍ମିକାନ୍ତ ରାହି ପୁରସ୍କାର-୨୦୨୩' ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂହ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟ, ସଚିବ ଚନ୍ଦ୍ରଶେଖର ହୋତା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଏକାଡେମୀର ସଭାପତି ଜନାବ୍ ଖାଲିଦ୍ ରହିମ୍ ସଭାପତିତ୍ୱ କରିଥିବା ବେଳେ ସଚିବ ଶୁଚିସ୍ମିତା ମନ୍ତ୍ରୀ ପରିଚାଳନା କରିଥିଲେ। ଉପସଭାପତି ଜନାବ୍ ନଫିସ୍ ମଞ୍ଜର ହସନ୍ ଧନ୍ୟବାଦ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଶାମ୍-ଏ-ଗଜଲ ଅନୁଷ୍ଠିତ ହୋଇଥିଲା।

## ଗାଁକୁ ଆସିଲାନି ଆମ୍ବୁଲାନ୍ସ

# ବର୍ଷା ରାତିରେ ୧ କିମି ଚାଲିଲେ ଗର୍ଭବତୀ

ଲାଞ୍ଜିଗଡ଼,୧୯।୭(ସମିସ): ତୁହାକୁ ତୁହା ବର୍ଷା ଚାଲିଥିଲା, ଟିକିଏ ବି ଫୁରସତ୍ ଦେଉନଥିଲା। ସାଙ୍ଗକୁ କିଟିକିଟି ଅନ୍ଧାର। ଏପରି ସ୍ଥିତିରେ ଗାଁର କାଦୁଅ ପଚପଚ ରାସ୍ତାରେ ୧ କିଲୋମିଟର ଚାଲିଚାଲି ଆମ୍ବୁଲାନ୍ସ ପାଖକୁ ଗଲେ ଗର୍ଭବତୀ। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ବିଜେପୁର ପଞ୍ଚାୟତ ଅନ୍ତର୍ଗତ ମେଲବାହାଲି ବଣ୍ଡେଲପଡ଼ାର ଗାଁରୁ ଆଜି ଜନନୀ ଯନ୍ତ୍ରଣାର ଏଭଳି ଏକ କରୁଣ ଚିତ୍ର ସାମ୍ନାକୁ ଆସିଛି। ଗାଁକୁ ରାସ୍ତା ନଥିବାରୁ ଏମିତି ଯନ୍ତ୍ରଣା ଭୋଗିଛନ୍ତି ଗାଁର ମିଶ୍ର ମାଝୀଙ୍କ ପତ୍ନୀ କାଞ୍ଚ ମାଝୀ।



ଗତରାତିରେ କାଞ୍ଚଙ୍କ ପ୍ରସବ ବେଦନା ହେବାରୁ ପରିବାରଲୋକ ୧୦୮ ଆମ୍ବୁଲାନ୍ସକୁ ଡକାଇଥିଲେ। କିନ୍ତୁ ଗାଁକୁ ରାସ୍ତା ନଥିବାରୁ ଗାଁଠାରୁ ୧ କିମି ଦୂର ବିଜେପୁରଠାରୁ ଲାଞ୍ଜିଗଡ଼କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ନିକଟରେ ଅଟକି ରହିଥିଲା। ତେଣୁ ବିଳମ୍ବିତ ରାତିରେ ଗ୍ରାମବାସୀଙ୍କ ସହାୟତାରେ କାଞ୍ଚ ୧ କିଲୋମିଟର ଚାଲି ଚାଲି ଆମ୍ବୁଲାନ୍ସ ପାଖକୁ ଆସିଥିଲେ। ପରେ ତାଙ୍କୁ ଆମ୍ବୁଲାନ୍ସରେ ୨୦ କିମି ଦୂର କଲ୍ୟାଣସିଂହପୁର ଡାକ୍ତରଖାନାକୁ ନିଆଯାଇଥିଲା।

ପଞ୍ଚାୟତ କାର୍ଯ୍ୟାଳୟଠାରୁ ୫କିମି ଏବଂ ବ୍ଲକ୍ କାର୍ଯ୍ୟାଳୟଠାରୁ ୩୫ କି.ମି ଦୂରରେ ଥିବା ଏହି ଗାଁକୁ ଆଜି ବି ଭଲ ରାସ୍ତା ଖଣ୍ଡିଏ ନାହିଁ। ଫଳରେ ଏଭଳି ଅଘଟଣ ବାରମ୍ବାର ଘଟୁଛି। ସ୍ୱାସ୍ଥ୍ୟସେବା ଏବେ ବି ଏମାନଙ୍କ ପାଇଁ ଅପହଞ୍ଚ ହୋଇ ରହିଛି। ଆଜି ବି ୩୦ରୁ ଊର୍ଦ୍ଧ୍ୱ ଗାଁକୁ ଭଲ ରାସ୍ତା ନଥିବା ଯୋଗୁଁ ନିରୀହ ଆଦିବାସୀ ଉତ୍ତମ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ରହୁଛନ୍ତି। ଏଥିପ୍ରତି ବ୍ଲକ୍ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଉଲ୍ଲେଖଯୋଗ୍ୟ, ପୂର୍ବରୁ ସୀମାନ୍ତ ସଦର ବ୍ଲକ୍ ଯୁଗସାଇପାଟଣା ପଞ୍ଚାୟତର କଡରୁସୋରୁ ଲାଞ୍ଜିଗଡ଼ ବ୍ଲକ୍‌ର ପାହାଡ଼ପଦର ପଞ୍ଚାୟତ ତଇଁପଦର, ଲାଞ୍ଜି ପଞ୍ଚାୟତ ତୁର୍କା ଗାଁରେ ଗର୍ଭବତୀ ମହିଳାମାନଙ୍କୁ ଏଭଳି ଭାରରେ ବୋହି ଆଣିବା ପରେ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନିଆଯିବାର ପୂର୍ବରୁ ନଜିର ରହିଛି। ବାରମ୍ବାର ଉପାନ୍ତ ଦୁର୍ଗମଅଞ୍ଚଳରେ ଏଭଳି ଘଟଣା ସାମନାକୁ ଆସୁଥିବାରୁ ଏହି ଅଞ୍ଚଳରେ ଜନନୀ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ନିଟ୍ ପିଜି ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶିତ


ଭୁବନେଶ୍ୱର, ୧୯।୮(ସମିସ): ନିଟ୍ ପିଜି ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶ ପାଇଛି। ମୋଟ୍ ୪ହଜାର ପିଲା ଉତ୍ତୀର୍ଣ୍ଣ ହୋଇଛନ୍ତି। ପରୀକ୍ଷା ହୋଇଥିବା ମୋଟ୍ ୮୦୦ ମାର୍କ ମଧ୍ୟରୁ ସାଧାରଣ ବା ଆର୍ଥିକ ଦୁର୍ବଳ ଶ୍ରେଣୀର କଟ୍‌ଅଫ୍ ୨୭୬ ମାର୍କ ରହିଛି। ସେହିପରି ସାଧାରଣ ଦିବ୍ୟାଙ୍ଗ ବର୍ଗଙ୍କ କଟ୍‌ଅଫ୍ ୨୫୫ ଏବଂ ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗଙ୍କ କଟ୍‌ଅଫ୍ ୨୩୫ ମାର୍କ ଯାଇଛି।

## ହୀରାକୁଦ କେନାଲ ବ୍ୟବସ୍ଥାର ନବୀକରଣ

# ୫୨ କୋଟିରେ ୨ ପ୍ରକଳ୍ପକୁ ଅନୁମୋଦନ

ଭୁବନେଶ୍ୱର,୧୯।୮(ସମିସ): କମାଣ୍ଡ ଏରିଆରେ ହୀରାକୁଦ କେନାଲ ବ୍ୟବସ୍ଥାର ନବୀକରଣ ପାଇଁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ଏଥିପାଇଁ ରାଜ୍ୟଜଳସମ୍ପଦବିଭାଗଦୁଇଟିପ୍ରକଳ୍ପକୁମଙ୍ଗଳବାରପ୍ରଶାସନିକଅନୁମୋଦନ ଦେଇଛି। ଉଭୟ ପ୍ରକଳ୍ପ ପାଇଁ ମୋଟ ୫୨ କୋଟି ୪୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ।

ଏହି ପ୍ରକଳ୍ପ ବୁର୍ଲା ଜଳସେଚନ ଖଣ୍ଡ ଅଧିନରେ କାର୍ଯ୍ୟକାରୀ ହେବ। ପାପଙ୍ଗ କେନାଲ ସିଷ୍ଟମ ପାଇଁ ୩୩ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ରେମୁଣ୍ଡ କେନାଲ ସିଷ୍ଟମ ପାଇଁ ୧୯ କୋଟି ୪୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏହି ଅର୍ଥ 'ହୀରାକୁଦ ଡ୍ୟାମ କେନାଲ ସିଷ୍ଟମର ନବୀକରଣ' ଯୋଜନାରୁ ଭରଣା କରାଯିବ। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଏହି ଯୋଜନାରେ ୧୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ହୀରାକୁଦ ଡ୍ୟାମ ୬୫ ବର୍ଷରୁ ଅଧିକ ପୁରୁଣା ହୋଇସାରିଛି। ଦୀର୍ଘ ବର୍ଷ ଧରି ଏହି ଡ୍ୟାମରୁ ବାହାରିଥିବା ବରଗଡ଼ ଓ ଶାସନ କେନାଲ ସମ୍ବଲପୁର, ବରଗଡ଼, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲ୍ଲାର ଚାଷୀଙ୍କୁ ଜଳସେଚନ ପାଇଁ ସୁବିଧା ଯୋଗେଇ ଆସୁଛି। ସେମାନଙ୍କ ଆର୍ଥିକ ସ୍ଥିତିକୁ ସ୍ୱଚ୍ଛଳ କରିବାରେ ସହାୟକ ହୋଇଆସୁଛି। ତେବେ ଏଗୁଡ଼ିକ ଦୁର୍ବଳ ହୋଇପଡ଼ିବା କାରଣରୁ ରାଜ୍ୟ ସରକାର ଏହାର ନବୀକରଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ରାଜ୍ୟ ସରକାର ଆସନ୍ତା ୪ ବର୍ଷ ପାଇଁ ୮୫୫ କୋଟି ଟଙ୍କାର ବ୍ୟୟ ଅଟକଳ କରିଛନ୍ତି। ଯୋଜନା ଅଧିନରେ କେନାଲଗୁଡ଼ିକୁ ନବୀକରଣ ପାଇଁ ସେଗୁଡ଼ିକର କଂକ୍ରିଟ ଲାଇନିଂ କରାଯିବ। ସେଥିପାଇଁ ଏହି ୮୫୫ କୋଟି ଟଙ୍କାର କ୍ୟାବିନେଟ ମଞ୍ଜୁରୀ ହୋଇଛି। ହୀରାକୁଦ ଡ୍ୟାମ କର୍ତ୍ତୃପକ୍ଷଙ୍କ ପାଖରୁ ମିଳିଥିବା ସୂଚନା ଅନୁସାରେ ହୀରାକୁଦ ଡ୍ୟାମ ଅଧୀନରେ ମୋଟ ୮୧୬ଟି କେନାଲ ଅଛି। ଏହି କେନାଲମାନଙ୍କ ଦ୍ୱାରା ୧ଲକ୍ଷ ୫୯ ହଜାର ହେକ୍ଟର ଜମିକୁ ଜଳସେଚନ କରାଯାଉଛି।



ବିଳାସ ନୁହେଁ, ଭଲ ପାଇବା ହିଁ ମାନବ ସଭ୍ୟତାର ସୁସ୍ଥ ଭବିଷ୍ୟତ ପାଇଁ ଜରୁରୀ।
-ଦଲାଇ ଲାମା

ସକାଳ
THE SAKALA

# ପରୀକ୍ଷା ପ୍ରହସନ

ପରୀକ୍ଷାରେ ବହି, ଖାତା ଦେଖି ଲେଖିବା(ଓବିଇ) ଭଳି ଏକ ଅଭିନବ ପରିକଳ୍ପନାକୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦର ପରିଚାଳନା ମଣ୍ଡଳୀ ସବୁଜ ସଙ୍କେତ ଦେଇଛି। ୨୦୨୩ ନଭେମ୍ବର-ଡିସେମ୍ବର ମାସରେ ଆରମ୍ଭ ହୋଇଥିବା ପାଇଲଟ୍ ପ୍ରକଳ୍ପର ସଫଳତା ଆଧାରରେ ୨୦୨୬-୨୭ ଶିକ୍ଷା ବର୍ଷରୁ ନବମ ଶ୍ରେଣୀରେ ଏହା କାର୍ଯ୍ୟକାରୀ ହେବ ବୋଲି ଆପାତତଃ ଚୂଡ଼ାନ୍ତ ହୋଇଛି। ପାଇଲଟ୍ ପ୍ରକଳ୍ପରେ ନବମ ଓ ଦଶମ ଶ୍ରେଣୀରେ ଇଂରାଜୀ, ଗଣିତ ଓ ବିଜ୍ଞାନ ଏବଂ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ ଇଂରାଜୀ, ଗଣିତ ଓ ଜୈବବିଜ୍ଞାନ ବିଷୟରେ ଓବିଇ ପଦ୍ଧତି ଅନୁସୃତ ହୋଇଥିଲା, ଯାହାକୁ ଶିକ୍ଷକମାନେ ବିପୁଳ ସମର୍ଥନ କରିଥିବା ସିବିଏସ୍ଇ ଦାବି କରିଛି। ମସ୍ତିଷ୍କ ଓ ସ୍ମୃତି ଶକ୍ତି ଉପରେ ଅଧିକ ଚାପ ସୃଷ୍ଟି ନ କରି ଛାତ୍ରଛାତ୍ରୀଙ୍କ ଅନୁସନ୍ଧାନ, ବ୍ୟାଖ୍ୟାନ ଓ ଉପସ୍ଥାପନ ଦକ୍ଷତା ବିକାଶରେ ଏହି ପଦ୍ଧତି ଫଳପ୍ରଦ ହୋଇଥିବା କୁହାଯାଉଛି।

ଅଷ୍ଟମ ଶ୍ରେଣୀରେ ପାସ୍‌ଫେଲ୍ ବ୍ୟବସ୍ଥାକୁ ପୁନଃପ୍ରଚଳନ କରିବା ପାଇଁ ଗତ ଜାନୁଆରୀ ମାସରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦେଶର ସମସ୍ତ କେନ୍ଦ୍ରୀୟ ବିଦ୍ୟାଳୟ ଓ ଜବାହାର ନବୋଦୟ ବିଦ୍ୟାଳୟକୁ ନିର୍ଦ୍ଦେଶାବଳୀ ଜାରି କରିବା ପରେ ଓଡ଼ିଶା ସମେତ କେତେକ ରାଜ୍ୟ ସରକାର ଚଳିତ ଶିକ୍ଷାବର୍ଷଠାରୁ ଏହାକୁ କାର୍ଯ୍ୟକାରୀ କରିଛନ୍ତି। ଏହାପଛର ମୂଳ ଓ ମହତ୍ ଉଦ୍ଦେଶ୍ୟ ହେଉଛି ପାସ୍ ଫେଲ୍ ବ୍ୟବସ୍ଥା ଉଠିଯିବା ଦ୍ୱାରା ଛାତ୍ରଛାତ୍ରୀମାନେ ପାଠପଢ଼ାରେ ଅମନଯୋଗୀ ହେଉଛନ୍ତି। ପଞ୍ଚମ ଶ୍ରେଣୀରେ ପଢୁଥିବା ପିଲା ଦ୍ୱିତୀୟ ଶ୍ରେଣୀର ପାଠ ପଢ଼ିପାରୁନାହାନ୍ତି। ପରୀକ୍ଷା ବ୍ୟବସ୍ଥା ରହିଲେ ଫେଲ୍ ହେବାର ଭୟ ମଧ୍ୟ ରହିବ। ତେଣୁ ପିଲାମାନେ ପାଠ ପ୍ରତି ଗୁରୁତ୍ୱ ଦେବେ। ଏହା ଏକ ଉତ୍ତମ ଓ ସ୍ୱାଗତଯୋଗ୍ୟ ନିଷ୍ପତ୍ତି। ଏହି ଆଧାରରେ ଓବିଇକୁ ବିଚାର କଲେ ଯଦି ପିଲାମାନଙ୍କୁ ବହି ଦେଖି ଉତ୍ତର ଲେଖିବାର ବା ନିର୍ଭୟରେ କପି କରିବାର ସୁଯୋଗ ମିଳିଯିବ ତେବେ ପରୀକ୍ଷା ପ୍ରତି ଭୟ ରହିବ ନାହିଁ କି ଉପରୋକ୍ତ ମହତ୍ ଉଦ୍ଦେଶ୍ୟ ସାଧିତ ହେବ ନାହିଁ। କପି କରିବା ଆମ ବ୍ୟବସ୍ଥାରେ ଏକ ଦୁର୍ନୀତି ବା ଅପରାଧ(ମାଲ୍‌ପ୍ରାକ୍ଟିସ୍) ରୂପେ ଧରାଯାଉଛି। ତେଣୁ ଏବେ ସିବିଏସ୍ଇର ଓବିଇ ପଦ୍ଧତି ଏହି ମାଲ୍‌ପ୍ରାକ୍ଟିସ୍‌କୁ ବୈଧ କରିବା ଭଳି ହେବ ନାହିଁ କି?

ଆମ ଶିକ୍ଷା ବ୍ୟବସ୍ଥାରେ ଉପରଶ୍ରେଣୀକୁ ଉନ୍ନୀତ ହେବା ପାଇଁ ପରୀକ୍ଷା ନମ୍ବର ଏକ ମାପଦଣ୍ଡ ଏବଂ ପରୀକ୍ଷା ଫଳ ଏକ ପ୍ରବେଶପତ୍ର ଭାବେ ବିବେଚନା ହୋଇଆସୁଛି। କିନ୍ତୁ ଛାତ୍ରଛାତ୍ରୀ କ'ଣ ପଢ଼ିଲେ, କିପରି ପଢ଼ିଲେ ଓ କ'ଣ ଶିଖିଲେ ତାହାର ବାସ୍ତବ ପ୍ରତିଫଳନ ଓ ପ୍ରମାଣ ହେଉଛି ପରୀକ୍ଷା। ଯଦି ପରୀକ୍ଷା କେବଳ କପି ଆଧାରିତ ହୁଏ ତେବେ ସେମାନଙ୍କ ଭବିଷ୍ୟତ ପ୍ରଭାବିତ ହେବ। ନିଯୁକ୍ତି, ବୃତ୍ତି, ଅନ୍ୟ ପେସାଦାର ଶିକ୍ଷା, ପ୍ରବେଶିକା ପରୀକ୍ଷା ବେଳେ ସେମାନେ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି। ଦେଶର ବିଶାଳ ଛାତ୍ରସମାଜ ମଧ୍ୟରୁ ଶିକ୍ଷାକୁ ଜ୍ଞାନ ଆହରଣର ମାଧ୍ୟମ ଭାବେ ପରବର୍ତ୍ତୀ ଜୀବନରେ ଉପଯୋଗ କରିବାକୁ ଚାହୁଁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅଳ୍ପ ହେଲେ ମଧ୍ୟ ଦେଶକୁ ଜ୍ଞାନର ପେଣ୍ଠସ୍ଥଳୀ ରୂପେ ମାନ୍ୟତା ଦେବାରେ ସେମାନଙ୍କ ଅବଦାନ ଓ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ବିଶାଳ ଛାତ୍ରସମାଜରେ ଏଭଳି ମଧ୍ୟ ଏକ ବର୍ଗ ରହିଛନ୍ତି, ଯେଉଁମାନେ କେବଳ ଡିଗ୍ରୀ ହାସଲ କରିବାକୁ ଶିକ୍ଷାନୁଷ୍ଠାନରେ ନାମ ଲେଖାଇଥା'ନ୍ତି। ପ୍ରଚଳିତ ରୂଢ଼ି ଅନୁଯାୟୀ ପ୍ରଥମ ବର୍ଗକୁ 'ଧୁଆମୂଳା' ଓ ଦ୍ୱିତୀୟ ବର୍ଗକୁ 'ଅଧୁଆମୂଳା' ଭାବରେ ଅଭିହିତ କରାଯାଏ। ଏହି 'ଧୁଆମୂଳା' ଓ 'ଅଧୁଆମୂଳା'ମାନେ ପରୀକ୍ଷା ନମ୍ବର ଆଧାରରେ ବାରି ହୋଇପଡ଼ନ୍ତି। ଯଦି ସିବିଏସ୍ଇର ଓବିଇର ସଫଳତା ଆଧାରରେ ପ୍ରତି ଶିକ୍ଷାନୁଷ୍ଠାନରେ ଏଭଳି ଖୋଲା କପି ବ୍ୟବସ୍ଥା କାର୍ଯ୍ୟକାରୀ ହୁଏ ତେବେ 'ଧୁଆମୂଳା' ଓ 'ଅଧୁଆମୂଳା' ମଧ୍ୟରେ ଥିବା ତଫାତ୍ କମି ଆସିବ। ନା ଛାତ୍ରଛାତ୍ରୀ ଶିକ୍ଷାଗ୍ରହଣର ଚାପରେ ରହିବେ ନା ଶିକ୍ଷକ/ଶିକ୍ଷୟିତ୍ରୀ ଶିକ୍ଷାଦାନର ଉତ୍ତରଦାୟିତ୍ୱକୁ ଗୁରୁତ୍ୱ ଦେବେ। ଏଥିରେ 'ଧୁଆମୂଳା'ମାନେ ଅଧିକ କ୍ଷତିଗ୍ରସ୍ତ ହେବେ ଏବଂ 'ଅଧୁଆମୂଳା'ମାନେ ଭାଗ୍ୟବାନ୍ ସାବ୍ୟସ୍ତ ହେବେ।

ପରବର୍ତ୍ତୀ ସମୟରେ ହୁଏତ ପୁଣି ପ୍ରଶ୍ନ ଉଠିବ ଯଦି ନବମରେ ଓବିଇ ଲାଗୁ ହେଲା ତାହା ଦଶମ, ଦ୍ୱାଦଶରେ ଲାଗୁ ହେବ ନାହିଁ କାହିଁକି? ପୁଣି ଯଦି ଉପର ଶ୍ରେଣୀରେ ଓବିଇ ଲାଗୁ ହୋଇପାରୁଛି ତେବେ ଅଷ୍ଟମ ଶ୍ରେଣୀରେ କାହିଁକି ନୁହେଁ? ଏଭଳି ଓବିଇର ସଂକ୍ରମଣ ଶିକ୍ଷାର ବିଭିନ୍ନ ସ୍ତରକୁ ମାଡ଼ି ଚାଲିବ। ଏହାଦ୍ୱାରା ମଧ୍ୟ ଶ୍ରେଣୀକକ୍ଷ ଶିକ୍ଷାଦାନ ଗୁରୁତ୍ୱ ହରାଇବ ଏବଂ ଟେଷ୍ଟପେପର ବା କିବୁକ୍, ଗାଇଡ୍‌ବୁକ୍ ଆଦିର ବିଶାଳ ବଜାର ସୃଷ୍ଟି ହେବ। କାରଣ କେବଳ ଜ୍ଞାନ ବିତରଣ ପାଇଁ ସମର୍ପିତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସଂଖ୍ୟା କେତେ ତାହା ବୁଝାଇ କହିବା ଆବଶ୍ୟକ ନାହିଁ। ହୁଏତ ସେମାନେ ଶ୍ରେଣୀରେ ନାମକୁ ମାତ୍ର ଉପସ୍ଥାନ ପକାଇ ଲୁଚାଛପାରେ ଗାଇଡ୍‌ବୁକ୍ ଲେଖିବାରେ ଅଧିକ ମନୋନିବେଶ କରିପାରନ୍ତି।

ଓବିଇ ବ୍ୟବସ୍ଥା ୧୯୫୩ରେ ହଂକଂ ପ୍ରଥମେ ଲାଗୁ କରିଥିଲା। ୧୯୫୧ରୁ ୧୯୭୮ ଭିତରେ ଆମେରିକା ଓ ଇଂଲଣ୍ଡରେ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପରୀକ୍ଷାମୂଳକ ଭାବେ ଏହି ପଦ୍ଧତି ଅନୁସୃତ ହୋଇ ପ୍ରତ୍ୟାହୃତ ହୋଇଥିଲା। ୨୦୧୯ରେ କୋଭିଡ୍ ମହାମାରୀ ସମୟରେ ଭାରତରେ ଇଞ୍ଜିନିୟରିଂ ପରୀକ୍ଷା ପାଇଁ ଓବିଇ ପଦ୍ଧତି ଏଆଇସିଟିଇ ଦ୍ୱାରା କେବଳ ସେହିବର୍ଷ ପାଇଁ ଅନୁମୋଦିତ ହୋଇଥିଲା। ସେହିପରି ୨୦୧୪ ମସିହାରେ ସିବିଏସ୍ଇ ପକ୍ଷରୁ 'ଓପନ୍ ଟେକ୍ସଟ ବେସ୍‌ଡ ଆସେସ୍‌ମେଣ୍ଟ(ଓଟିବିଏ)' ଆରମ୍ଭ କରାଯାଇଥିଲା, ଯେଉଁଥିରେ ପରୀକ୍ଷା ପୂର୍ବରୁ କେତେକ ନିର୍ଦ୍ଦିଷ୍ଟ ବିଷୟର ସମ୍ଭାବ୍ୟ ପ୍ରଶ୍ନୋତ୍ତର ସମ୍ବଳିତ ପୁସ୍ତିକା ନବମ, ଦଶମ ଓ ଏକାଦଶ ଶ୍ରେଣୀର ପିଲାମାନଙ୍କୁ ଦିଆଯାଉଥିଲା। ଏହାଦ୍ୱାରା ପିଲାମାନଙ୍କର ବିଶ୍ଳେଷାତ୍ମକ ଦକ୍ଷତା ପ୍ରଭାବିତ ହେଉଥିବା କହି ୨୦୧୭-୧୮ରେ ପ୍ରତ୍ୟାହାର କରି ନିଆଯାଇଥିଲା। ତେଣୁ ଓବିଇ ପଦ୍ଧତି କେତେ ସଫଳ ହେବ ତାହା ସମୟ କହିବ। କିନ୍ତୁ ବାରମ୍ବାର ଏଭଳି ବ୍ୟବସ୍ଥା ପରିବର୍ତ୍ତନ ଦ୍ୱାରା ଶୈକ୍ଷିକ ସନ୍ତୁଳନ ବିଗିଡ଼ିଯିବ ଏବଂ ପରୀକ୍ଷା କେବଳ ଏକ ପ୍ରହସନରେ ପରିଣତ ହେବ ବୋଲି ଆମର ମତ।

# ଉପକୂଳର ସୁରକ୍ଷା କବଚ

ଡକ୍ଟର ସୁନ୍ଦର ନାରାୟଣ ପାତ୍ର

ଲୁଣା ଜଙ୍ଗଲ ବା ମାନଗ୍ରୋଭ ନିଜର ଘନ, ଶକ୍ତ ଓ ନମନୀୟ ଛିଦ୍ରାଳ ଭଳି ମୂଳ ବଳରେ ଝଡ଼ ଓ ବନ୍ୟା ବିରୁଦ୍ଧରେ ପ୍ରାକୃତିକ ସୁରକ୍ଷା କବଚ ଭଳି କାର୍ଯ୍ୟ କରେ। ସେଗୁଡ଼ିକ ମାଟିକୁ ଦୃଢ଼ ଭାବରେ ବାନ୍ଧି ରଖନ୍ତି, ଯାହା ଉପକୂଳ କ୍ଷୟକୁ ରୋକିବାରେ ସାହାଯ୍ୟ କରେ। ଖାଦ୍ୟ, ଇନ୍ଧନ, ଔଷଧୀୟ ଲାଭ ଓ ମନୋରଞ୍ଜନ ପ୍ରଦାନ କରିବା ସହିତ ଲୁଣା ଜଙ୍ଗଲ ଉଭିଦ ସାମୁଦ୍ରିକ ଓ ଉପକୂଳୀୟ ପ୍ରାଣୀ ଓ ଉଭିଦ ପାଇଁ ଆଦର୍ଶ ଆବାସସ୍ଥାନ, ଘୂର୍ଣ୍ଣିବଳୟ ବିପର୍ଯ୍ୟୟରୁ ସୁରକ୍ଷା ଏବଂ କାର୍ବନ ସିକ୍ୱେଷ୍ଟରେସନ୍ ବା ଅଙ୍ଗାର ଅବଶୋଷଣଠାରୁ ଆରମ୍ଭ କରି ଅନେକ ପରିବେଶଗତ ସେବା ପ୍ରଦାନ କରେ। ଇଣ୍ଡିଆନ୍ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ (୨୦୨୧) ଅନୁଯାୟୀ, ଭାରତରେ ଲୁଣା ଜଙ୍ଗଲ ପ୍ରତିବର୍ଷ ପ୍ରାୟ ୪.୯ ନିୟୁତ ଟନ୍ କାର୍ବନ ବା ଅଙ୍ଗାର ସଂରକ୍ଷଣ କରେ, ଯାହା ଜଳବାୟୁ ପରିବର୍ତ୍ତନ ପ୍ରଶମନ ପ୍ରୟାସରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦିଏ।

ଓଡ଼ିଶାରେ ପ୍ରାୟ ୪୮୦ କିଲୋମିଟରର ଦୀର୍ଘ ସମୁଦ୍ର ଉପକୂଳ ଅଛି, ଯାହା ଛଅଟି ଜିଲ୍ଲା ଯଥା ଗଞ୍ଜାମ, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱରକୁ ସ୍ପର୍ଶ କରୁଛି। ରାଜ୍ୟର ମୋଟ ଜନସଂଖ୍ୟାର ପ୍ରାୟ ଏକ-ତୃତୀୟାଂଶ ଏହି ଉପକୂଳବର୍ତ୍ତୀ ଅଞ୍ଚଳରେ ବସବାସ କରନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାର ସାତଭାୟା ଓ ପେଣ୍ଠ, ଜଗତସିଂପୁର ଜିଲ୍ଲାର ସିଆଳି ଓ ନୋଳିଆ ସାହି, ପୁରୀ ଜିଲ୍ଲାର ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ଓ ଅରକଖୁଦା, ଗଞ୍ଜାମ ଜିଲ୍ଲାର ପୋଡାମପେଟା ଓ ରାମାୟାପାଟଣା ଇତ୍ୟାଦି ଅଞ୍ଚଳ ହେଉଛି ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ସମୁଦ୍ର ପତ୍ତନ ବୃଦ୍ଧି, ଜୁଆର ଓ ବାରମ୍ବାର ଘୂର୍ଣ୍ଣିଝଡ଼ ଯୋଗୁଁ ଉପକୂଳବର୍ତ୍ତୀ ଗ୍ରାମଗୁଡ଼ିକ ଧୋଇ ହୋଇଯାଏ।

ସାମ୍ପ୍ରତିକ ବର୍ଷଗୁଡ଼ିକରେ ଓଡ଼ିଶାରେ ଘୂର୍ଣ୍ଣିଝଡ଼ର ବାରମ୍ବାରତା ବୃଦ୍ଧି ପାଇଛି। ଓଡ଼ିଶା ଉପକୂଳ ପୁନଃ ପୁନଃ ସୁପର-ସାଇକ୍ଲୋନ୍ ବା ମହାବାତ୍ୟା (୧୯୯୯), ଫାଇଲିନ ବା ସୁପର ଟାଇଫୁନ୍(୨୦୧୩), ହୁଡ଼ହୁଡ୍ (୨୦୧୪), ତିତଲି(୨୦୧୮), ଫନି (୨୦୧୯), ବୁଲବୁଲ (୨୦୧୯), ଆମ୍ଫାନ୍ (୨୦୨୦), ୟାସ୍ (୨୦୨୧), ଜୱାଦ୍(୨୦୨୧), ଗୁଲାବ(୨୦୨୧), ଅସନୀ(୨୦୨୨) ଏବଂ ଦାନା (୨୦୨୪) ଭଳି ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ହୋଇଛି। ଏହି ବିପର୍ଯ୍ୟୟଗୁଡ଼ିକ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ବିଭିନ୍ନ ପ୍ରକାରର ବାଣିଜ୍ୟିକ, ଭିତ୍ତିଭୂମି ଓ ବ୍ୟକ୍ତିଗତ ସମ୍ପତ୍ତିକୁ କ୍ଷତିଗ୍ରସ୍ତ ଓ ନଷ୍ଟ କରିଛି।

ଗୃହ ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ସ୍ୱୟଂଶାସିତ ପ୍ରତିଷ୍ଠାନ, ଜାତୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥ(ଏନ୍ଆଇଡିଏମ୍) ଦ୍ୱାରା ଜୁଲାଇ ୨୦୨୫ରେ ପ୍ରକାଶିତ 'ଘୂର୍ଣ୍ଣିଝଡ଼ ଦୁର୍ବଳତା ପ୍ରତି ସାମାଜିକ-ପରିସଂସ୍ଥୀୟ ସହନଶୀଳତା: ଉପକୂଳ ଓଡ଼ିଶାର ଏକ ଅନୁଧ୍ୟାନ' ଶୀର୍ଷକ ଏକ ସାମ୍ପ୍ରତିକ ଅଧ୍ୟୟନ, ଓଡ଼ିଶାର ୪୮୦ କିଲୋମିଟରର ଲମ୍ବା ଉପକୂଳରେ ଘୂର୍ଣ୍ଣିଝଡ଼ ବିପର୍ଯ୍ୟସ୍ତ ମୁକାବିଲାରେ ସାମାଜିକ-ପରିସଂସ୍ଥୀୟ ସ୍ଥିରତାକୁ ବୃଦ୍ଧି କରିବା ପାଇଁ ରଣନୈତିକ ହସ୍ତକ୍ଷେପର ଜରୁରୀ ଆବଶ୍ୟକତା ଉପରେ ଆଲୋକପାତ କରେ। ପୂର୍ବ ଭାରତ ଉପକୂଳ ବିଶ୍ୱର ସବୁଠାରୁ ଘୂର୍ଣ୍ଣିଝଡ଼-ପ୍ରବଣ ଅଞ୍ଚଳ ମଧ୍ୟରୁ ଗୋଟିଏ ହୋଇଥିଲେ ମଧ୍ୟ ଅନ୍ୟ ପୂର୍ବ ରାଜ୍ୟ ତୁଳନାରେ ଓଡ଼ିଶା ଦୁଇଗୁଣ ଦୁର୍ବଳ ବୋଲି ରିପୋର୍ଟରେ କୁହାଯାଇଛି। ୧୮୯୧ ରୁ ୨୦୧୮ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ଅତିକ୍ରମ କରିଥିବା ଘୂର୍ଣ୍ଣିଝଡ଼ ସଂଖ୍ୟା ୧୧୦ ଥିଲା, ଯାହା ସମସ୍ତ ପୂର୍ବ ଉପକୂଳ ରାଜ୍ୟ ମଧ୍ୟରେ ସର୍ବାଧିକ। ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ ରାଜ୍ୟର କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ବ୍ଲକର ପେଣ୍ଠ ଗ୍ରାମରେ ଭୂ-ସିନ୍ଥେଟିକ୍ ଟ୍ୟୁବ୍ କାନ୍ଥ ଏବଂ ସମସ୍ତ ଛଅଟି ଉପକୂଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ଲୁଣାବନ୍ଧ ନିର୍ମାଣ କରାଯାଇଛି। ଏଥିରୁ ପ୍ରାପ୍ତ ଅଭିଜ୍ଞତାରୁ ବହୁତ କିଛି ଶିଖିବାର ଅଛି। ଓଡ଼ିଶାର ଉପକୂଳକୁ ସୁରକ୍ଷା ଦେବା ପାଇଁ ଓଡ଼ିଶା ରାଜ୍ୟ ଜଳସମ୍ପଦ ବିଭାଗ ୩୮୦ କିଲୋମିଟରର ଲମ୍ବା ଲୁଣାବନ୍ଧ ନିର୍ମାଣ ପାଇଁ ଏକ ଯୋଜନା ପ୍ରସ୍ତୁତ କରିଛି। ତଥାପି ଏପରି କୌଣସି ଇଞ୍ଜିନିୟରିଂ ଡିଭାଇସ୍ ବା ଯାନ୍ତ୍ରିକ ଅଭିକଳ୍ପ କେବେବି ସ୍ଥାୟୀ ସମାଧାନ ନୁହେଁ ବୋଲି ଅନୁଭବ କରାଯାଉଛି।

ରିପୋର୍ଟରେ ଘୂର୍ଣ୍ଣିବାତ୍ୟାକୁ ହ୍ରାସ କରିବା ଏବଂ ଜୀବିକା ବୃଦ୍ଧି କରିବା ପାଇଁ ଏକ ପ୍ରାକୃତିକ ସମାଧାନ ଭାବରେ ଉପକୂଳରୁ ପ୍ରାୟ ୩ କିଲୋମିଟର ଅଞ୍ଚଳ ଭିତରେ, ସ୍ଥଳ ଓ ଜଳ ମଧ୍ୟରେ ସଂଯୋଗକୁ ପୁନରୁଦ୍ଧାର କରିବାକୁ ସୁପାରିସ କରାଯାଇଛି। ଏଥିରେ ଲୁଣା ଜଙ୍ଗଲି ଉଭିଦ ବା ମାନଗ୍ରୋଭ, ବାଲିଆ ଭୂମିରେ ଝାଉଁ ସହିତ ଅନ୍ୟାନ୍ୟ ଜାତୀୟ ଉଭିଦ ଜଙ୍ଗଲର ପୁନରୁଦ୍ଧାର ଅନ୍ତର୍ଭୁକ୍ତ। ଲୁଣା ଜଙ୍ଗଲ ହେଉଛି ଲବଣ-ସହନଶୀଳ ବା ନମନୀୟ ଗୁଣ ବିଶିଷ୍ଟ ଉଭିଦ ଦ୍ୱାରା ବର୍ଣ୍ଣିତ ଉପକୂଳୀୟ ଇକୋସିଷ୍ଟମ୍ ବା ପରିସଂସ୍ଥା। ଭାରତରେ ଲୁଣା ଜଙ୍ଗଲ ମୁଖ୍ୟତଃ ପୂର୍ବ ଓ ପଶ୍ଚିମ ଉପକୂଳରେ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଦେଖାଯାଏ। ପ୍ରାୟ ୬୦% ଲୁଣା ଜଙ୍ଗଲ ବଙ୍ଗୋପସାଗରର ପୂର୍ବ ଉପକୂଳରେ, ୨୭% ଆରବ ସାଗର ସୀମାନ୍ତ ପଶ୍ଚିମ ଉପକୂଳରେ ଏବଂ ୧୩% ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଅବସ୍ଥିତ। ଗଙ୍ଗା, ବ୍ରହ୍ମପୁତ୍ର, ମହାନଦୀ, ଗୋଦାବରୀ, କୃଷ୍ଣା ଓ କାବେରୀ ନଦୀର ବିବିଧ ଭୂଭାଗ, ଢାଲ ଓ ଡେଲ୍ଟା ବା ତ୍ରିକୋଣ ଭୂମି ଅଞ୍ଚଳ ପୁଷ୍ଟିକର ଭରପୂର ପଟୁ ମାଟି ସହିତ ଲୁଣା ଜଙ୍ଗଲ ପରିସଂସ୍ଥାକୁ ସମର୍ଥନ କରେ। ଆମ ଦେଶରେ ସୁନ୍ଦରବନ (ବଙ୍ଗଳା), ଭିତରକନିକା (ଓଡ଼ିଶା), ପିଚାଭରମ୍ (ତାମିଲନାଡୁ) ଏବଂ କୃଷ୍ଣା-ଗୋଦାବରୀ (ଆନ୍ଧ୍ର ପ୍ରଦେଶ) ଡେଲ୍ଟା ଅଞ୍ଚଳ ସମେତ ବିଶ୍ୱର କିଛି ବୃହତ ଲୁଣା ଜଙ୍ଗଲ ରହିଛି। ଇଣ୍ଡିଆ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ ୨୦୨୩ ଅନୁଯାୟୀ, ଓଡ଼ିଶାରେ ୨୫୧ ବର୍ଗ କିଲୋମିଟରର ଲୁଣା ଜଙ୍ଗଲ ରହିଛି।

୧୯୯୯ ମହାବାତ୍ୟା ଏବଂ ପରବର୍ତ୍ତୀ ଘୂର୍ଣ୍ଣିଝଡ଼ ସମୟରେ ହୋଇଥିବା କ୍ଷୟକ୍ଷତିକୁ ସୀମିତ କରିବାରେ ଭିତରକନିକା ଅଞ୍ଚଳର ସମୃଦ୍ଧ ଲୁଣା ବନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ଏବଂ ସର୍ବଶେଷ ବାତ୍ୟା ଥିଲା 'ଡାନା', ଯାହା ୨୦୨୪ ଅକ୍ଟୋବରରେ ଓଡ଼ିଶା ଉପକୂଳରେ ଆଘାତ କରିଥିଲା। ଏହାକୁ ଧ୍ୟାନରେ ରଖି ଓଡ଼ିଶା ସରକାର ଉପକୂଳବର୍ତ୍ତୀ ଅଞ୍ଚଳରେ ଅଧିକ ଲୁଣା ଜଙ୍ଗଲ ଏବଂ ଝାଉଁ ବନ ସୃଷ୍ଟିର ଆବଶ୍ୟକ ଅନୁଭବ କଲେ। ଇଣ୍ଡିଆ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ ୨୦୨୩ ଅନୁଯାୟୀ, ଓଡ଼ିଶାରେ କେନ୍ଦ୍ରାପଡ଼ା, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର ଓ ପୁରୀ ଜିଲ୍ଲାରେ ମୋଟ ୨୫୯.୦୬ ବର୍ଗ କିଲୋମିଟରର ଲୁଣା ଜଙ୍ଗଲ ଥିବା ଦାବି କରାଯାଇଛି। ଓଡ଼ିଶା ସରକାର ୨୦୨୫-୨୬ ସୁଦ୍ଧା ଆଉ ୬୩୨ ହେକ୍ଟର ଜମିରେ ଲୁଣା ଜଙ୍ଗଲ ଉଭିଦ ରୋପଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଚାରୋଟି ବନ୍ୟପ୍ରାଣୀ ଡିଭିଜନ ରାଜନଗର, ଭଦ୍ରକ, ବାଲେଶ୍ୱର ଓ ପୁରୀରେ ବିଭିନ୍ନ ଯୋଜନା ଅଧୀନରେ ଏହି ରୋପଣ କରାଯିବ। ଲୁଣା ଜଙ୍ଗଲର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଓଡ଼ିଶା ଚଳିତ ବର୍ଷ ପ୍ରାରମ୍ଭରେ କେନ୍ଦ୍ରକୁ ଏକ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ମଧ୍ୟ ପ୍ରଦାନ କରିଥିଲା, ଯାହା ରାଜ୍ୟରେ ୨୦୨୪-୨୫ ରୁ ୨୦୨୮-୨୯ ପର୍ଯ୍ୟନ୍ତ ପାଞ୍ଚ ବର୍ଷ ପାଇଁ ପ୍ରାୟ ୩.୪୯ କୋଟି ଟଙ୍କା ବ୍ୟୟରେ 'ମିଷ୍ଟି' (ମ୍ୟାଙ୍ଗ୍ରୋଭ୍ ଇନିଟିଏଟିଭ୍ ଫର ଶୋରଲାଇନ୍ ହାବିଟାଟ୍ସ୍ ଆଣ୍ଡ ଟାଞ୍ଜିବଲ୍ ଇନକମ୍ସ୍) ଯୋଜନା ମାଧ୍ୟମରେ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ରକୁ ପ୍ରଦାନ କରିଥିଲା। ଉପରୋକ୍ତ ଚାରିଟି ଜିଲ୍ଲାରେ 'ମିଷ୍ଟି' ଯୋଜନା ଅଧୀନରେ ଓଡ଼ିଶାକୁ ୭୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହି ଯୋଜନାରେ ଓଡ଼ିଶାରେ ମୋଟ ୮୯ ହେକ୍ଟର କ୍ଷେତ୍ର ଅନ୍ତର୍ଭୁକ୍ତ।

ଲୁଣା ଜଙ୍ଗଲ ପରିସଂସ୍ଥା ଜୈବ ବିବିଧତାରେ ସମୃଦ୍ଧ ଏବଂ ଅନେକ ଉଭିଦ ଓ ପ୍ରାଣୀ ଜାତିକୁ ଆଶ୍ରୟ ଦିଏ। ମହାନଦୀ ତ୍ରିକୋଣଭୂମି ଅଞ୍ଚଳରେ ଅବସ୍ଥିତ ଭିତରକନିକା ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନରେ ଓଡ଼ିଶାର ସର୍ବବୃହତ ଲୁଣା ଜଙ୍ଗଲ ରହିଛି। ଏହି ଅଭୟାରଣ୍ୟ ବଉଳା କୁମ୍ଭୀର, ପାଣି ଗୋଧି ଓ ଅଲିଭ୍ ରିଡଲେ ସାମୁଦ୍ରିକ କଇଁଛ ପାଇଁ ଜଣାଶୁଣା ପ୍ରାକୃତିକ ଆବାସ ଉପକୂଳ ଅଞ୍ଚଳ। ସ୍ଥାନୀୟ ନାମ ଅନୁସାରେ ପ୍ରମୁଖ ଲୁଣା ଜଙ୍ଗଲ ଉଭିଦ ଜାତିଗୁଡ଼ିକ ହେଉଛି ଧଳାବଣୀ, ବଡ଼ବଣୀ, ରାଇ/ରୋହି, ଗୁଆନ୍ ଗଛ, ହାରକଞ୍ଚ, କେରୁଆନ୍, ସୁନ୍ଦରୀ, ହେନ୍ତାଳ, କିଆ ଇତ୍ୟାଦି। ପ୍ଲାଙ୍କଟୋନିକ୍ ଓ ବେନ୍ଥିକ ପ୍ରାଣୀ ସମୁଦାୟ ଅର୍ଥାତ ସମୁଦ୍ର ଜଳ ମଧ୍ୟରେ ରହିଥିବା ଜୀବ ଏବଂ ପୃଷ୍ଠରେ ଭାସମାନ କ୍ଷୁଦ୍ର ଜୀବ ମଧ୍ୟ ଲୁଣା ଜଙ୍ଗଲ ପରିସଂସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି।

ପ୍ରକୃତି ସଂରକ୍ଷଣ ପାଇଁ ଆନ୍ତର୍ଜାତୀୟ ସଂସ୍ଥା(ଆଇୟୁସିଏନ୍) ଦ୍ୱାରା ଏକ ବିଶ୍ୱସ୍ତରୀୟ ମୂଲ୍ୟାଙ୍କନରୁ ଜଣାପଡ଼ିଛି ଯେ ବିଶ୍ୱର ଅଧା ଲୁଣା ଜଙ୍ଗଲ ପରିସଂସ୍ଥା ଧ୍ୱଂସ ପାଇବାର ଆଶଙ୍କା ରହିଛି। ଭାରତରେ ଲୁଣା ଜଙ୍ଗଲ ବିଭିନ୍ନ ବିପଦର ସମ୍ମୁଖୀନ ହେଉଛି, ଯେଉଁଥିରେ ଜଙ୍ଗଲ କ୍ଷୟ, ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ଅନ୍ତର୍ଭୁକ୍ତ। ସହରାଞ୍ଚଳ ବିକାଶ, ଚିଙ୍ଗୁଡ଼ି ଚାଷ ଓ ପର୍ଯ୍ୟଟନ ଅନେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ବାସସ୍ଥାନ କ୍ଷତି ଓ ଅବକ୍ଷୟର କାରଣ ହୋଇଛି। ଇଣ୍ଡିଆନ୍ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ (୨୦୨୧) ମଧ୍ୟ ଉଲ୍ଲେଖ କରିଛି ଯେ ପ୍ରଦୂଷଣ ଓ ଲବଣାକ୍ତତା ପରିବର୍ତ୍ତନ ଲୁଣା ଜଙ୍ଗଲ ପରିସଂସ୍ଥା ପାଇଁ ଏକ ଗୁରୁତର ବିପଦ ସୃଷ୍ଟି କରେ। ଉପକୂଳ ପରିସଂସ୍ଥାର ପୁନରୁଦ୍ଧାର ପାଇଁ ଲୁଣା ଜଙ୍ଗଲର ଗୁରୁତ୍ୱକୁ ଅନୁଭବ କରି ଏକ ସ୍ଥାୟୀ ସମାଧାନ ପାଇଁ ଆଗକୁ ବହୁତ କିଛି କରିବାକୁ ପଡ଼ିବ। ଲୁଣା ଜଙ୍ଗଲ ହେଉଛି ବିପର୍ଯ୍ୟସ୍ତ ଉପକୂଳ ପାଇଁ ଏକ ପ୍ରାକୃତିକ ସବୁଜ ସୁରକ୍ଷା କବଚ।

(ସଭାପତି, ଓଡ଼ିଶା ପରିବେଶ ସମିତି)
ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

# ଉଚ୍ଚଶିକ୍ଷାର ବାତାବରଣ

ଡ. ମନୋଜ କୁମାର ମହାନ୍ତି

ମାନବ ସମାଜ ପାଇଁ ଶିକ୍ଷା, ଶିକ୍ଷକ ଓ ଶିକ୍ଷାନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଯୁଗେଯୁଗେ ରହି ଆସିଛି। ଇତିମଧ୍ୟରେ ଶିକ୍ଷାନୁଷ୍ଠାନର ସଂଖ୍ୟା, ଆକାର ଓ ପ୍ରକାର ବଦଳିଛି। ଏସବୁ ସତ୍ତ୍ୱେ ଅନେକ ସମୟରେ ଚର୍ଚ୍ଚାର ବିଷୟ ସାଜେ ଉଚ୍ଚଶିକ୍ଷାର ଗୁଣାତ୍ମକ ମାନକୁ ନେଇ। ମାଳମାଳ ଶିକ୍ଷାନୁଷ୍ଠାନ ସହିତ ସ୍ନାତକ ଡିଗ୍ରୀଧାରୀଙ୍କ ସଂଖ୍ୟା ଦିନକୁଦିନ ବଢ଼ି ଚାଲିଛି। କିନ୍ତୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସେତିକି ମାତ୍ରାରେ ବ୍ୟକ୍ତିତ୍ୱର ବିକାଶ ହୋଇପାରୁନାହିଁ।

ଶିକ୍ଷାର ଗୁଣାତ୍ମକମାନ ଧୀରେଧୀରେ କୁଆଡ଼େ ଯାଉଛି ଭାବିଲେ କଷ୍ଟଲାଗେ। ଉଚ୍ଚଶିକ୍ଷା ବିଭାଗ ଏହି ବିପର୍ଯ୍ୟୟକୁ ହୃଦୟଙ୍ଗମ କରୁନାହିଁ ବୋଲି ସମ୍ଭବତଃ ଉଚିତ୍ ପଦକ୍ଷେପ ନେଇପାରୁନାହିଁ। ଉଚ୍ଚଶିକ୍ଷା ଏବେ କେବଳ ଅର୍ଥ ଉପାର୍ଜନରେ ବ୍ୟସ୍ତ। ଆବେଦନ, ପ୍ରବେଶଗ୍ରହଣ, ପରୀକ୍ଷା ପାଇଁ ଫର୍ମପୂରଣ, ତା'ପରେ ପରୀକ୍ଷା, ମୂଲ୍ୟାୟନ ଓ ଶେଷରେ ପରୀକ୍ଷା ଫଳାଫଳ। ଏହା ହିଁ ଆଜିର ଶିକ୍ଷାବ୍ୟବସ୍ଥା। ଗଣମାଧ୍ୟମରେ ଅନେକ ତର୍କବିତର୍କ ସତ୍ତ୍ୱେ ସେତେଟା ଉନ୍ନତି ପରିଲକ୍ଷିତ ହେଉନାହିଁ। ଅଧିକାଂଶ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶିକ୍ଷାନୁଷ୍ଠାନ, ଶିକ୍ଷା ଓ ଶିକ୍ଷକଙ୍କ ପ୍ରତି ସେମିତି ଆନୁଗତ୍ୟ ଦେଖିବାକୁ ମିଳୁନାହିଁ। ଯେକୌଣସି ଉପାୟରେ ଅଧିକ ମାର୍କ ସହ ପ୍ରମାଣପତ୍ର ହାତେଇବା ଲକ୍ଷ୍ୟରେ ସେମାନେ ବ୍ୟସ୍ତ। ଅଧ୍ୟାପନାରେ ଅଧ୍ୟାପକ/ଅଧ୍ୟାପିକାଙ୍କର ଧ୍ୟାନ କମିବାରେ ଲାଗୁଛି। ତା'ର ମୁଖ୍ୟକାରଣ ଶୈକ୍ଷିକ ବାତାବରଣର ଅଭାବ। ଅଧିକାଂଶ ପିଲା ଓ ଅଭିଭାବକମାନଙ୍କ ମନରେ ଏକପ୍ରକାର ଧାରଣା ଜନ୍ମିସାରିଛି ଯେ ମହାବିଦ୍ୟାଳୟକୁ ଯିବାର କିଛି ଆବଶ୍ୟକତା ନାହିଁ। ଘରୋଇ ଟିଉସନ୍ ଓ କୋଚିଂ ଦ୍ୱାରା ସବୁକିଛି ସମ୍ଭବ। ସେହିପରି ପିଲାମାନଙ୍କର କ୍ଲାସରେ ଉପସ୍ଥାପନ ପଚାଶ ପ୍ରତିଶତରୁ କମ୍ ଦେଖିବାକୁ ମିଳୁଛି। ଏହା ପଛରେ ସବୁଠୁ ବଡ଼କାରଣ ପରୀକ୍ଷା ଓ ମୂଲ୍ୟାୟନ ପ୍ରକ୍ରିୟାରେ ଅଧ୍ୟାପକ/ଅଧ୍ୟାପିକାମାନଙ୍କର ଦାୟିତ୍ୱହୀନତା। ଯାହାଦ୍ୱାରା ଉଚ୍ଚଶିକ୍ଷା ନିମ୍ନଗାମୀ ହେବାରେ ଲାଗିଛି।

ଯେଉଁଦିନ ଅଧ୍ୟାପକ ସମାଜ ଅଧ୍ୟାପନା ଓ ପରୀକ୍ଷା ମୂଲ୍ୟାୟନ ପ୍ରତି କଠୋର ହେବେ ସେଦିନ ହିଁ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ହେବ। ଉଚ୍ଚଶିକ୍ଷାରେ କ୍ରମାଗତଭାବେ ପ୍ରବେଶଗ୍ରହଣ ଚାଲୁ ରହିଲେ ଶିକ୍ଷାଗ୍ରହଣ ଓ ଶିକ୍ଷାଦାନ ମଧ୍ୟ ପ୍ରଭାବିତ ହେବ। ଶିକ୍ଷାବିଭାଗର ପ୍ରଶାସନ ତରଫରୁ ଏକ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରବେଶଗ୍ରହଣ ଶେଷ କରାଇବାକୁ ପ୍ରୟାସ କଲେ ଛାତ୍ରଛାତ୍ରୀମାନେ କ୍ଲାସ କରିବାରୁ ବଞ୍ଚିତ ହେବେନାହିଁ। ଶିକ୍ଷାର ଗୁଣାତ୍ମକମାନ ହ୍ରାସର ପ୍ରମୁଖ କାରଣ ପରୀକ୍ଷାପତ୍ର ମୂଲ୍ୟାୟନ ପ୍ରକ୍ରିୟା, ଯାହା ଅଧ୍ୟାପନା ଓ ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ଅନାଗ୍ରହ ଉପରେ ଗଭୀର ପ୍ରଭାବ ପକାଉଛି। ଆଗଭଳି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପରୀକ୍ଷାକୁ ନେଇ ଭୟ ନାହିଁ। ସେମାନେ ଭଲଭାବେ ଜାଣିସାରିଲେଣି ଅକୃତକାର୍ଯ୍ୟ ହେବାର କୌଣସି ଆଶଙ୍କା ନାହିଁ। କ୍ଲାସ ହେଉ କି ନ ହେଉ ପାଠ୍ୟକ୍ରମ ସରୁ କି ନ ସରୁ କିନ୍ତୁ ପରୀକ୍ଷା ହେବ। ପରୀକ୍ଷାରେ ଲେଖୁକି ନଲେଖୁ କିନ୍ତୁ ପାସ କରାଇବା ଦାୟିତ୍ୱ ଅଧ୍ୟାପକମାନଙ୍କର। ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅଧ୍ୟାପକମାନଙ୍କର ପ୍ରଥମ କର୍ତ୍ତବ୍ୟ ହେଉଛି ମହାବିଦ୍ୟାଳୟରେ ପ୍ରବେଶ କରିଥିବା ଛାତ୍ରଛାତ୍ରୀ କିପରି ଉତ୍ତୀର୍ଣ୍ଣ ହେବେ ସେଥିପ୍ରତି ଧ୍ୟାନ ଜରୁରୀ। କାରଣ ପିଲାଙ୍କ ପାସ ଉପରେ ପ୍ରତ୍ୟେକ ମହାବିଦ୍ୟାଳୟର ଭବିଷ୍ୟତ ନିର୍ଭର କରେ।

ପରୀକ୍ଷା ପ୍ରଶ୍ନପତ୍ର ମୂଲ୍ୟାୟନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ। ପରୀକ୍ଷା ଖାତା ମୂଲ୍ୟାୟନ କେନ୍ଦ୍ରର ନିର୍ଦ୍ଧାରିତ ସମୟ ମଧ୍ୟରେ ଉତ୍ତର ପତ୍ରକୁ ସାରିବାକୁ ପଡ଼ିଥାଏ। ଉଚ୍ଚଶିକ୍ଷାର ନିୟମ ଅନୁଯାୟୀ ପ୍ରତିଦିନ ପ୍ରଶ୍ନପତ୍ର ୨୫ ଖଣ୍ଡ ନିର୍ଦ୍ଧାରିତ ହୋଇଥାଏ। କିନ୍ତୁ ଅଧ୍ୟାପକ/ଅଧ୍ୟାପିକାମାନେ ନିୟମିତ ଭାବେ ପ୍ରତିଦିନ ଖାତା ଦେଖନ୍ତି କି? ଯଦି ଏହା ସତ୍ୟ ତେବେ ଦିନକୁ ୧୦୦ ରୁ ୧୨୦ଖଣ୍ଡ, କିଏ ୭୦ରୁ ୮୦ଖଣ୍ଡ ପୁଣି କେହି ୫୦ ରୁ ୬୦ଖଣ୍ଡ ଖାତା ମୂଲ୍ୟାୟନ କରିବାର ଆତ୍ମବଡ଼ିମା କାହିଁକି? ଏମିତି ବି କେହିକେହି ୨/୩ ଘଣ୍ଟାରେ ୭୦/୮୦ ଖାତା ମୂଲ୍ୟାୟନ କରିପାରନ୍ତି - ଭାବିଲେ ବିସ୍ମୟ ଲାଗେ। ପରୀକ୍ଷାଖାତା ପଢ଼ିବାକୁ କାହା ପାଖରେ ସମୟ ନାହିଁ କି ଆନ୍ତରିକତା ମଧ୍ୟ ନାହିଁ। ମୂଲ୍ୟାୟନ କେବଳ ଖାତାର ପୃଷ୍ଠାସଂଖ୍ୟାକୁ ଆଧାରରେ କରାଯାଏ। ଯେ ଯେତେ ଅଧିକ ଲେଖିଛି ସେ ସେତେ ଅଧିକ ଅଙ୍କ ପାଇବ - ଏହା ସ୍ପଷ୍ଟଭାବରେ ଦେଖିବାକୁ ମିଳେ। ସେଇ ଗୋଟିଏ ଉତ୍ତର ଭିନ୍ନଭିନ୍ନ ଭାବେ ଏଠିସେଠି ପୁନରାବୃତ୍ତି ସତ୍ତ୍ୱେ ଅଙ୍କ ମିଳିବା ଥୟ। କେହିକେହି ନିଜ ବିଷୟ ପରୀକ୍ଷା ଖାତାରେ ଅନ୍ୟ ବିଷୟକୁ ଲେଖି ଅଙ୍କ ନେବାରେ ସଫଳ ହେଉଛନ୍ତି। ପିଲାମାନେ ବୁଝିସାରିଲେଣି ପାଠ ନପଢ଼ି କ୍ଲାସ ନକରି ଯଦି ପାସ ତେବେ କ୍ଲାସ କରିବାରେ କିଛି ଆବଶ୍ୟକତା ନାହିଁ। ଅଧ୍ୟାପକ/ଅଧ୍ୟାପିକାମାନେ ଭି ମାନସିକସ୍ତରରେ ଆଶ୍ୱସ୍ତ ହେଲେଣି ଯଦି ପିଲାମାନେ କ୍ଲାସ ନ ଆସି କୃତକାର୍ଯ୍ୟ ହେଇପାରୁଛନ୍ତି ତେବେ କ୍ଲାସ କରିବାର କିଛି ଆବଶ୍ୟକତା ନାହିଁ।

ଏଠି ସମସ୍ତେ ଚିତ୍କାର କରନ୍ତି; ରକ୍ଷା କର ରକ୍ଷା କର। ହେଲେ କିଏ କାହାକୁ ରକ୍ଷା କରୁଛି! ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ପାଇଛି କି ହ୍ରାସ ପାଇଛି ତାହା ଶିକ୍ଷାବିଭାଗର ପ୍ରଶାସନ ଦୃଷ୍ଟି ଦେବେ। କିନ୍ତୁ ଉଚ୍ଚଶିକ୍ଷା ବିଭାଗ ଧୃତରାଷ୍ଟ୍ର ହୋଇ ସବୁ ଶୁଣୁଛନ୍ତି। ବିଶୃଙ୍ଖଳିତ ଛାତ୍ରଛାତ୍ରୀଙ୍କୁ ନିୟନ୍ତ୍ରଣ ଏବଂ ସଠିକ୍ ମାର୍ଗକୁ ଆଣିବାକୁ ହେଲେ ଉଚ୍ଚଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ସହ ଭବିଷ୍ୟତ ପାଇଁ ପରୀକ୍ଷା ଓ ମୂଲ୍ୟାୟନକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବେ ଗ୍ରହଣ କରିବା ଆବଶ୍ୟକ। ଏଥିସହିତ ପ୍ରଶାସନିକ ସ୍ତରରେ ଉପଯୁକ୍ତ ପଦକ୍ଷେପ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନିଶ୍ଚିତ ଭାବରେ ଉଚ୍ଚଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆସିବ।

(ଅଧ୍ୟାପକ, ବିଏନମଏ ମହାବିଦ୍ୟାଳୟ)
ଭଦ୍ରକ, ମୋ ୮୮୯୫୩୪୧୦୩୩

# ଲକ୍ଷ୍ମୀଭଦ୍ର ମଠ

## ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ମହାପ୍ରଭୁ ଜଗନ୍ନାଥଙ୍କ ମହିମା ସାରା ଭାରତରେ ବ୍ୟାପିଗଲା। ଦେଶର କୋଣ ଅନୁକୋଣରୁ ଭକ୍ତମାନଙ୍କ ଶ୍ରୀକ୍ଷେତ୍ରକୁ ନିରନ୍ତର ଆଗମନ ବଢ଼ିବାରେ ଲାଗିଲା। ବୈଷ୍ଣବ, ଶୈବ, ଶାକ୍ତ, ଗାଣପତ୍ୟ- ସମସ୍ତେ ମହାପ୍ରଭୁଙ୍କୁ ଇଷ୍ଟ ରୂପେ ଆରାଧନା କରିବାକୁ ଲାଗିଲେ। ମହାପ୍ରଭୁ ପୂର୍ଣ୍ଣବ୍ରହ୍ମ, ବିଷ୍ଣୁ ଓ ତାଙ୍କର ବିଭିନ୍ନ ଅବତାର, ଗଣେଶ ଓ ଦକ୍ଷିଣ କାଳୀ ରୂପେ ଉପସ୍ଥାପିତ ହେଲେ। ତାନ୍ତ୍ରିକମାନେ ତାଙ୍କୁ ଶିବଭୈରବ ରୂପେ ଗ୍ରହଣ କଲେ।

ଲକ୍ଷ୍ମୀଭଦ୍ର ସ୍ୱାମୀ ନାମକ ଜଣେ ସିଦ୍ଧ ଦଶନାମୀ ସନ୍ନ୍ୟାସୀ ଶୁଣିବାକୁ ପାଇଲେ ଯେ ସର୍ବଦେବମୟ ପୂର୍ଣ୍ଣବ୍ରହ୍ମ ଶ୍ରୀଜଗନ୍ନାଥ ଦାରୁ ସ୍ୱରୂପରେ ନୀଳାଚଳରେ ଆରାଧିତ ହେଉଛନ୍ତି। ତାଙ୍କ ପାଇଁ ସବୁଠାରୁ ଆଶ୍ଚର୍ଯ୍ୟର କଥା ଥିଲା ଯେ ମହାପ୍ରଭୁ ଦାରୁରେ ନିର୍ମିତ ହୋଇଥିଲେ ମଧ୍ୟ ତାଙ୍କ ଶ୍ରୀଅଙ୍ଗର ଅଭ୍ୟନ୍ତରରେ ବ୍ରହ୍ମ ବିଦ୍ୟମାନ କରୁଛନ୍ତି। ସେ ବ୍ରହ୍ମ ପଦାର୍ଥ ପରସ୍ତ ପରସ୍ତ କରି ପାଟ କନାରେ ଗୁଡ଼ା ହୋଇ ରହିଥିବାରୁ ତାଙ୍କୁ କେହି ଦର୍ଶନ ବା ସ୍ପର୍ଶ କରି ପାରନ୍ତି ନାହିଁ। ସେହି ବ୍ରହ୍ମ ପଦାର୍ଥକୁ ଦର୍ଶନ ଓ ସ୍ପର୍ଶ କରିବା ପାଇଁ ତାଙ୍କ ମନରେ ଆଗ୍ରହ ସୃଷ୍ଟି ହେଲା। ତେଣୁ ସେ ତାଙ୍କର ଚାରିଜଣ ଶିଷ୍ୟଙ୍କ ସହ ଶ୍ରୀକ୍ଷେତ୍ରରେ ପହଞ୍ଚିଲେ। ସେମାନେ କେବେ ବସୁ ନ ଥିଲେ ବା ଶୋଉ ନ ଥିଲେ। ଅହରହ ଠିଆ ହୋଇ ରହୁ ଥିବାରୁ ସେମାନଙ୍କୁ 'ଠାଡାମ୍ବରୀ ସନ୍ନ୍ୟାସୀ' ବୋଲି କୁହା ଯାଉଥିଲା।

ଶ୍ରୀକ୍ଷେତ୍ରରେ ପହଞ୍ଚି ମହାପ୍ରଭୁଙ୍କ ପୂଜା, ରୀତିନୀତି ଓ ପର୍ବପର୍ବାଣୀ ବିଷୟରେ ଖବର ସଂଗ୍ରହ କରିବାକୁ ଲାଗିଲେ। ସେ ଜାଣିବାକୁ ପାଇଲେ ଯେ ରଥଯାତ୍ରା ପୂର୍ବରୁ ପନ୍ଦର ଦିନ ପର୍ଯ୍ୟନ୍ତ ଠାକୁରମାନେ ନିଭୃତ ବାସ କରନ୍ତି। ସେ ସମୟରେ ସାଧାରଣ ଭକ୍ତଙ୍କ ଦର୍ଶନ ବାରଣ ଥାଏ। ସେହି ସମୟରେ ବ୍ରହ୍ମ ଦର୍ଶନ ପାଇଁ ଚେଷ୍ଟା କରିବେ ବୋଲି ସେ ଚିନ୍ତା କରୁଥିଲେ। କିନ୍ତୁ ଜାଣିବାକୁ ପାଇଲେ ଯେ ବ୍ରହ୍ମ ପଦାର୍ଥ ମହାପ୍ରଭୁଙ୍କ ଶ୍ରୀଅଙ୍ଗର ବ୍ରହ୍ମ ରନ୍ଧ୍ରରେ ରଖାଯାଇ ସେ ଯାଗାକୁ ବ୍ରହ୍ମ କପାଟଦ୍ୱାରା ବନ୍ଦ କରା ଯାଇଛି। କେବଳ ନବ କଳେବର ସମୟରେ ବ୍ରହ୍ମ କପାଟ ଖୋଲା ଯାଇ ବ୍ରହ୍ମ ପଦାର୍ଥ ପୁରାତନ ବିଗ୍ରହରୁ ନୂତନ ବିଗ୍ରହକୁ ସ୍ଥାନାନ୍ତରିତ ହୁଅନ୍ତି। ସେ ସମୟରେ ମାତ୍ର କେତେ ମୁହୂର୍ତ୍ତ ପାଇଁ ବ୍ରହ୍ମ ପଦାର୍ଥ ବାହାରେ ରହନ୍ତି। ସେ ସମୟରେ ତାଙ୍କୁ ଦର୍ଶନ ଓ ସ୍ପର୍ଶ କରିବା ପାଇଁ ଉଦ୍ୟମ କଲେ, ସଫଳ ହେବାର ସମ୍ଭାବନା ଅଧିକ ବୋଲି ଲକ୍ଷ୍ମୀଭଦ୍ର ଭାବିଲେ। ବ୍ରହ୍ମ ଦର୍ଶନ ପାଇଁ ତାଙ୍କ ମନରେ ସୃଷ୍ଟି ହୋଇଥିବା ଆଗ୍ରହ ଓ କୌତୁହଳ ଏତେ ବେଶି ଥିଲା ଯେ ସେ ପରବର୍ତ୍ତୀ ନବ କଳେବର ପର୍ଯ୍ୟନ୍ତ ଅପେକ୍ଷା କରି ରହିଲେ।

ନବକଳେବର ସମୟ ଆସି ପହଞ୍ଚିଲା। ବିଗ୍ରହ ନିର୍ମାଣ ଶେଷ ହେବା ପରେ ବ୍ରହ୍ମ ପରିବର୍ତ୍ତନର ଦିନ ଆସି ପହଞ୍ଚିଲା। ସେ ଦିନ ମଧ୍ୟରାତିରେ ପରିବର୍ତ୍ତନ ହେବା କଥା। ସାରା ସହରରେ ଅନ୍ଧକାର ରାଜତ୍ୱ କଲା। ବ୍ରହ୍ମ ପରିବର୍ତ୍ତନ ଦାୟିତ୍ୱରେ ଥିବା ଅଳ୍ପ କେତେକ ସେବକଙ୍କୁ ଛାଡ଼ି ଦେଲେ ମନ୍ଦିର ବେଢ଼ାରୁ ଅନ୍ୟ ସମସ୍ତଙ୍କୁ ବାହାର କରି ଦିଆଗଲା। ଲକ୍ଷ୍ମୀଭଦ୍ର ଥିଲେ ପରମ ତାନ୍ତ୍ରିକ। ସେ ତନ୍ତ୍ର ବଳରେ ନିଜର ଶରୀରକୁ ସୂକ୍ଷ୍ମାତିସୂକ୍ଷ୍ମ କରି ଅନବସର ଗୃହରେ ପ୍ରବେଶ କଲେ। ସେଠାରେ ଉପସ୍ଥିତ ସେବକମାନେ ତାଙ୍କ ଉପସ୍ଥିତି ବିଷୟରେ ବିନ୍ଦୁବିସର୍ଗ ଜାଣି ପାରିଲେ ନାହିଁ। ସାଧୁ ସୂକ୍ଷ୍ମ ଶରୀରରେ ରହି ସବୁ ଦେଖୁଥିଲେ। ନୂତନ ବିଗ୍ରହମାନେ ଦାରୁଶାଳାରୁ ପହଣ୍ଡିରେ ଆସି ପୁରାତନ ବିଗ୍ରହମାନଙ୍କ ସମ୍ମୁଖରେ ବିଜେ କଲେ। ପୁରାତନ ବିଗ୍ରହର ବ୍ରହ୍ମ କପାଟ ଖୋଲା ଗଲା। ତା'ପରେ ବ୍ରହ୍ମ ରନ୍ଧ୍ର ଭିତରୁ ଏକ ପ୍ରଚଣ୍ଡ ଜ୍ୟୋତି ନିର୍ଗତ ହେଲା। ସେ ଜ୍ୟୋତିର ପ୍ରଭାବ ଏତେ ପ୍ରଖର ଥିଲା ଯେ ଲକ୍ଷ୍ମୀଭଦ୍ର ନିଜର ଦୃଷ୍ଟିଶକ୍ତି ହରାଇ ବସିଲେ। କିନ୍ତୁ ତାଙ୍କର ଅନୁଭବ ହେଉ ଥିଲା ଯେ ସେବକମାନେ ତା'ଦ୍ୱାରା ପ୍ରଭାବିତ ହୋଇ ନ ଥିଲେ ଏବଂ ନିଜ ନିଜର କାର୍ଯ୍ୟ କରି ଚାଲି ଥିଲେ।

ସାଧୁ ମହାପ୍ରଭୁଙ୍କ ଶରଣ ପଶି କ୍ଷମା ପ୍ରାର୍ଥନା କଲେ। କ୍ଷମାସାଗର ମହାପ୍ରଭୁ ତାଙ୍କୁ କ୍ଷମା କରି ଦେବା ପରେ ସେ ସାମାନ୍ୟ ଆଖି ଖୋଲି ଦେଖିଲେ ଯେ ସେବାୟତମାନେ ସେଠାରେ ନ ଥିଲେ। ଆଠ ଜଣ ପରମା ସୁନ୍ଦରୀ କନ୍ୟା ମହାପ୍ରଭୁଙ୍କର ସେବା କରୁଥିଲେ। ସେମାନଙ୍କୁ ଦେଖି ସାଧୁଙ୍କର ଭାବାନ୍ତର ସୃଷ୍ଟି ହେଲା ଏବଂ ତାଙ୍କର ସମସ୍ତ ତନ୍ତ୍ର ଶକ୍ତି ହାର ମାନିଥିଲା ବୋଲି ତାଙ୍କର ହୃଦ୍‌ବୋଧ ହେଲା। ଏହାପରେ ବାକି ଜୀବନ କ୍ଷେତ୍ରବାସୀ ହୋଇ ମହାପ୍ରଭୁଙ୍କ ଆରାଧନାରେ ଜୀବନ ସମର୍ପଣ କରିବା ପାଇଁ ସଙ୍କଳ୍ପ କଲେ। ସେ ସେଠାରେ ଏକ ଆଶ୍ରମ ନିର୍ମାଣ କରି ଶିଷ୍ୟମାନଙ୍କ ସହ ବାସ କଲେ। ପରବର୍ତ୍ତୀ ସମୟରେ ସେ ଆଶ୍ରମ ଲକ୍ଷ୍ମୀଭଦ୍ର ମଠ ନାମରେ ବିଖ୍ୟାତ ହେଲା।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବି ସୁଦର୍ଶନ...

ଏକାଠି ହୋଇ ଏହାର ମୁକାବିଲା କରନ୍ତି। ଏନ୍‌ଡିଏର ମୁକାବିଲା ଲାଗି ବିରୋଧୀ ମିଳିତ ହୋଇ ସର୍ବସମ୍ମତିକ୍ରମେ ରେଡ୍ଡୀଙ୍କୁ ପ୍ରାର୍ଥୀ କରିଛନ୍ତି।

୧୯୪୬ରେ ଆନ୍ଧ୍ର ପ୍ରଦେଶରେ ଜନ୍ମ ଗ୍ରହଣ କରିଥିବା ସୁଦର୍ଶନ ରେଡ୍ଡୀ ୧୯୯୫ରେ ଆନ୍ଧ୍ର ପ୍ରଦେଶ ହାଇକୋର୍ଟର ସ୍ଥାୟୀ ବିଚାରପତି ନିଯୁକ୍ତ ହୋଇଥିଲେ। ୨୦୦୫ରେ ସେ ଗୌହାଟୀ ହାଇକୋର୍ଟର ମୁଖ୍ୟ ବିଚାରପତି ହୋଇଥିଲେ। ୨୦୦୭ରେ ତାଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ନିଯୁକ୍ତ କରାଯାଇଥିଲା। ୨୦୧୧ରେ ସେ ଅବସର ଗ୍ରହଣ କରିଥିଲେ।

ଉଭୟ ରାଧାକ୍ରିଷ୍ଣନ ଏବଂ ସୁଦର୍ଶନ ସମସ୍ତ ରାଜନୈତିକ ଦଳଙ୍କୁ ନିଜ ନିଜ ସପକ୍ଷରେ ଭୋଟ୍ ଦେବାଲାଗି ଅନୁରୋଧ କରିଛନ୍ତି। ଏହି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀ ରାଧାକ୍ରିଷ୍ଣନ ଜିତିବା ପ୍ରାୟ ନିଶ୍ଚିତ ଥିବା ବେଳେ ଦୁଇ ପ୍ରାର୍ଥୀଙ୍କ ମନୋନୟନ ନେଇ ବଡ଼ ଧରଣର ରାଜନୀତି ଆରମ୍ଭ ହୋଇଯାଇଛି। ୬୮ ବର୍ଷୀୟ ରାଧାକ୍ରିଷ୍ଣନ ଏନ୍‌ଡିଏର ପ୍ରାର୍ଥୀ ଏବଂ ତାଙ୍କ ଘର ହେଉଛି ତାମିଲନାଡୁ। ତାମିଲନାଡୁରେ କ୍ଷମତାସୀନ ଡିଏମକେ (ଯିଏକି ବିରୋଧୀ ମେଣ୍ଟର ପ୍ରମୁଖ ଅଂଶୀଦାର ରହିଛି) ରାଧାକ୍ରିଷ୍ଣନଙ୍କୁ ବିରୋଧ କରିବ ନା ସମର୍ଥନ କରିବ ଅବା ମତଦାନରୁ ବିରତ ରହିବ ତାହାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି। ରାଧାକ୍ରିଷ୍ଣନଙ୍କୁ ବିରୋଧ କଲେ ରାଜ୍ୟରେ ଭୁଲ ବାର୍ତ୍ତା ଯିବ ଏବଂ ସମର୍ଥନ କଲେ ଇଣ୍ଡିଆ ବ୍ଲକରେ ଫାଟ ସୃଷ୍ଟି ହେବ। ଏହାକୁ ନେଇ ଡିଏମକେ ଦ୍ୱନ୍ଦ୍ୱରେ ରହିଛି। ସେହିଭଳି ୭୯ ବର୍ଷୀୟ ସୁଦର୍ଶନଙ୍କୁ ନେଇ ଆନ୍ଧ୍ରରେ କ୍ଷମତାସୀନ ଟିଡିପି ମଧ୍ୟ ଦ୍ୱନ୍ଦ୍ୱରେ। କାରଣ ଟିଡିପି ଏନ୍‌ଡିଏର ଅଂଶୀଦାର ଥିବା ବେଳେ ସେହି ରାଜ୍ୟର ପ୍ରାର୍ଥୀଙ୍କୁ ବିରୋଧ କରିବା ଏତେ ସହଜ ହେବନାହିଁ। ପୁଣି ସୁଦର୍ଶନ ଦୀର୍ଘ ବର୍ଷ ଧରି ଟିଡିପି ସହିତ ସଂପୃକ୍ତ ଅଛନ୍ତି। ସେ ଟିଡିପିର ସମସ୍ତ ଆଇନଗତ ମାମଲା ପରିଚାଳନା କରୁଥିଲେ। କେବଳ ଏତିକି ନୁହେଁ, ଟିଡିପିର ସୁପ୍ରିମୋ ଚନ୍ଦ୍ରବାବୁ ନାଇଡୁଙ୍କର ସେ ହେଉଛନ୍ତି ଖାସ୍ ଲୋକ। ତେଣୁ ତାଙ୍କୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଯାଇଛି ଟିଡିପି। ଏନ୍‌ଡିଏ ପ୍ରାର୍ଥୀ ରାଧାକ୍ରିଷ୍ଣନଙ୍କୁ ଆନ୍ଧ୍ରର ଅନ୍ୟତମ ଦଳ ଜଗନ ରେଡ୍ଡୀଙ୍କ ୱାଇଏସଆର କଂଗ୍ରେସ ଏବଂ ଚନ୍ଦ୍ରଶେଖର ରାଓଙ୍କ ବିଆରଏସ୍ ସମର୍ଥନ ଘୋଷଣା କରିଥିଲେ ମଧ୍ୟ ସୁଦର୍ଶନଙ୍କ ପ୍ରାର୍ଥିତ୍ୱ ଘୋଷଣା କରେ ସେମାନେ ମଧ୍ୟ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି। ତେବେ ସେମାନେ ମଧ୍ୟ ମତ ପରିବର୍ତ୍ତନ କରିପାରନ୍ତି ବୋଲି କୁହାଯାଉଛି।

### ରେଳଯାତ୍ରୀ ଦେବେ...

କମ୍ ଓଜନ ସତ୍ତ୍ୱେ ଏହାର ଆକାର ଅଧିକ ହୋଇଥାଏ, ତେବେ ଏଥିପାଇଁ ଯାତ୍ରୀଙ୍କୁ ଅତିରିକ୍ତ ଶୁଳ୍କ ଦେବାକୁ ପଡ଼ିବ। ଉତ୍ତର ଏବଂ ଉତ୍ତର କେନ୍ଦ୍ରୀୟ ରେଳବାଇ ଅଧୀନସ୍ଥ ଲକ୍ଷ୍ନୌ ଓ ପ୍ରୟାଗରାଜ ଡିଭିଜନର ପ୍ରମୁଖ ଷ୍ଟେସନଗୁଡ଼ିକରୁ ଏହି ନୂଆ ନିୟମ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି। ପ୍ରଥମ ପର୍ଯ୍ୟାୟରେ ଲକ୍ଷ୍ନୌ, ଚାରବାଗ, ବନାରସ, ପ୍ରୟାଗରାଜ ଜଙ୍କସନ୍, କାନପୁର ସେଣ୍ଟ୍ରାଲ, ମିର୍ଜାପୁର, ଆଲିଗଡ, ଗୋବିନ୍ଦପୁରୀ ଏବଂ ଇଟାୱା ଭଳି ଷ୍ଟେସନରେ ଏହା କାର୍ଯ୍ୟକାରୀ କରାଯିବ। ଏହି ସ୍ଥାନଗୁଡ଼ିକରେ ଇଲେକ୍ଟ୍ରୋନିକ୍ ଲଗେଜ୍ ମେସିନ୍ ଲଗାଯିବ। ପ୍ଲାଟଫର୍ମରେ ପ୍ରବେଶ କରିବା ପୂର୍ବରୁ ବ୍ୟାଗର ଓଜନ ଏବଂ ଆକାର ଯାଞ୍ଚ କରାଯିବ। ଏ ସମ୍ପର୍କରେ ପ୍ରୟାଗରାଜ ଡିଭିଜନ ସିନିୟର ଡିଭିଜନାଲ୍ କମର୍ସିଆଲ୍ ମ୍ୟାନେଜର (ଡିସିଏମ) ହିମାଂଶୁ ଶୁକ୍ଲା କହିଛନ୍ତି ଯେ ଯାତ୍ରୀମାନଙ୍କ ଲଗେଜ୍ ଓଜନ କରାଯିବା ପରେ ସେମାନଙ୍କୁ ପ୍ଲାଟଫର୍ମ ଭିତରକୁ ଯିବାଲାଗି ଅନୁମତି ଦିଆଯିବ। ଏହି ବ୍ୟବସ୍ଥା ୨୦୨୬ ଡିସେମ୍ବର ମାସରୁ ଲାଗୁ ହେବ ଏବଂ ରେଳ ଷ୍ଟେସନରେ ବିମାନବନ୍ଦର ପରି ବୋର୍ଡିଂ ପାସ୍ ବ୍ୟବସ୍ଥା ରହିବ। ଅଣ ଟ୍ରେନ୍ ଯାତ୍ରୀମାନେ ପ୍ଲାଟଫର୍ମ ଟିକେଟ ପରି ପରିଦର୍ଶକ ପାସ୍ ନେଇ ରେଳ ଷ୍ଟେସନରେ ପ୍ରବେଶ କରିବେ।

ବର୍ତ୍ତମାନ ପ୍ରଥମଶ୍ରେଣୀ ଶୀତତାପ ନିୟନ୍ତ୍ରିତ ଯାତ୍ରୀମାନେ ୭୦ କିଲୋ ପର୍ଯ୍ୟନ୍ତ ସାମଗ୍ରୀ ବିନା ଶୁଳ୍କରେ ନେଇ ପାରିବାର ବ୍ୟବସ୍ଥା ରହିଛି। ସେହିପରି ଏସି ଦ୍ୱିତୀୟ ଶ୍ରେଣୀ ଯାତ୍ରୀମାନେ ୫୦ କିଲୋ, ଏସି ତୃତୀୟ ଶ୍ରେଣୀ ଓ ସ୍ଲିପର ଯାତ୍ରୀଙ୍କ ପାଇଁ ଏହି ସୀମା ୪୦ କିଲୋ ରହିଛି। ସାଧାରଣ ଯାତ୍ରୀ ସାଥୀରେ ସର୍ବାଧିକ ୩୫ କିଲୋ ସାମଗ୍ରୀ ନେଇ ପାରିବେ। ଏହାଠାରୁ ଅଧିକ ଓଜନର ସାମଗ୍ରୀ ସାଥୀରେ ନେଲେ ସମ୍ପୃକ୍ତ ଯାତ୍ରୀଙ୍କୁ ଧାର୍ଯ୍ୟ ଲଗେଜ୍ ଓଜନ ବ୍ୟତିରେକ ଅବଶିଷ୍ଟ ଓଜନ ନିମନ୍ତେ ଦେୟ ଦେବାକୁ ପଡ଼ିବ।

### ରାମେଶ୍ୱର-ଟାଙ୍ଗୀ...

ଏହା ସଂଯୋଗ କରିବ। ଏହି ଉନ୍ନତ ସଡ଼କ କରିଡର ୧୦ଟି ଆର୍ଥିକ କେନ୍ଦ୍ର, ୪ଟି ସାମାଜିକ କେନ୍ଦ୍ର, ୫ଟି ଲଜିଷ୍ଟିକ୍ସ କେନ୍ଦ୍ରକୁ ଯୋଡ଼ିବା ସହିତ ଗୋଟିଏ ପ୍ରମୁଖ ରେଳ ଷ୍ଟେସନ, ବିମାନ ବନ୍ଦର ଓ ବହୁମୁଖୀ ଲଜିଷ୍ଟିକ୍ସ ପାର୍କ (ଏମଏମଏଲପି) ଏବଂ ୨ଟି ପ୍ରମୁଖ ବନ୍ଦରକୁ ସଡ଼କ ସଂଯୋଗ ଯୋଗାଇ ଦେବ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳରେ ସାମଗ୍ରୀ ଓ ଯାତ୍ରୀଙ୍କର ଦ୍ରୁତ ପରିବହନ ନିମନ୍ତେ ସୁବିଧା ମିଳିବ।

କୋଲକାତାରୁ ଜାତୀୟ ରାଜପଥ-୧୬ ଦେଇ ଆସୁଥିବା ଯାତ୍ରୀ ଟାଙ୍ଗୀ ଟୋଲ ଗେଟରୁ ଡାହାଣକୁ ଯାଇ ସିଧା ଢେଙ୍କାନାଳ, ଆଠଗଡ଼, ବାଙ୍କୀ, ଖୋର୍ଦ୍ଧା-ବେଗୁନିଆ ଦେଇ ସିଧା ରାମେଶ୍ୱରରେ ପହଞ୍ଚିବେ। ଏହି ବାଇପାସ୍ ସିଧା କୋଲକାତାରୁ ଚେନ୍ନାଇକୁ ସଂଯୋଗ କରିବ। ଜମି ଅଧିଗ୍ରହଣ ବାବଦରେ ୧ହଜାର ୨୯ କୋଟି ଟଙ୍କାର କ୍ଷତିପୂରଣ ଦେବେ କେନ୍ଦ୍ର ସରକାର। ଏହି ସଡ଼କ ପ୍ରକଳ୍ପ ନିର୍ମାଣ ହେଲେ ଭାରୀଯାନଗୁଡ଼ିକ କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ସହର ମଧ୍ୟରେ ପ୍ରବେଶ ନ କରି ବିକଳ୍ପ ରାସ୍ତା ଭାବେ ଏଥିରେ ଯାତାୟାତ କରିବେ। ଫଳରେ ଓଡ଼ିଶା ସମେତ ଅନ୍ୟ ପୂର୍ବବର୍ତ୍ତୀ ରାଜ୍ୟଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ଲାଭ ମିଳିବ। ଏହାଦ୍ୱାରା ମାଲ୍ ପରିବହନ କ୍ଷମତା ବୃଦ୍ଧି ପାଇବା ସହ ପରିବହନ ଖର୍ଚ୍ଚ ହ୍ରାସ ପାଇବ। ସ୍ଥାନୀୟ ଅଞ୍ଚଳରେ ସାମାଜିକ-ଆର୍ଥିକ ପ୍ରଗତି ଲାଗି ମାର୍ଗ ପ୍ରଶସ୍ତ ହେବ। ଏହା ଓଡ଼ିଶାର ପ୍ରମୁଖ ଆର୍ଥିକ, ସାମାଜିକ ଏବଂ ଲଜିଷ୍ଟିକ୍ସ କେନ୍ଦ୍ରଗୁଡ଼ିକୁ ବାଧାମୁକ୍ତ ସଡ଼କ ସଂଯୋଗ ପ୍ରଦାନ କରିବ।

ବାଇପାସ୍ ରାସ୍ତା ସମ୍ପୂର୍ଣ୍ଣ ସ୍ଥାନୀୟ ଆର୍ଥିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏଥିସହିତ ଏହା ପ୍ରମୁଖ ଧାର୍ମିକ ଓ ଆର୍ଥିକ କେନ୍ଦ୍ର ମଧ୍ୟରେ ଯୋଗାଯୋଗକୁ ସୁଦୃଢ଼ କରିବ ଏବଂ ବାଣିଜ୍ୟ ଓ ଶିଳ୍ପ ବିକାଶ ଲାଗି ନୂତନ ମାର୍ଗ ପ୍ରଶସ୍ତ କରିବ। ଏହି ପ୍ରକଳ୍ପ ଦ୍ୱାରା ପାଖାପାଖି ୭୪.୪୩ ଲକ୍ଷ ମାନବ ସମ୍ବଳ ପ୍ରତ୍ୟକ୍ଷ ଏବଂ ପ୍ରାୟ ୯୩.୦୪ ଲକ୍ଷ ଲୋକଙ୍କ ପାଇଁ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ରାଜଧାନୀର ଭିତରର ଟ୍ରାଫିକ୍ ଭିଡ଼ ହ୍ରାସ କରିବା ପାଇଁ ୧୫ ବର୍ଷ ତଳୁ ଏହି ରିଙ୍ଗ୍ ରୋଡ୍‌ର ପରିକଳ୍ପନା ହୋଇଥିଲା। ତତ୍କାଳୀନ ରାଜ୍ୟ ସରକାର ଏଥିପାଇଁ ବାରମ୍ବାର କେନ୍ଦ୍ର ସରକାରଙ୍କ ନିକଟରେ ଦାବି ରଖିଥିଲେ। ମାତ୍ର ସେତେବେଳେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ବିଭିନ୍ନ ଟାଳଟୁଳ ନୀତି ଅବଲମ୍ବନ କରିବା ଯୋଗୁଁ ଏହା ବିଶେଷ ଆଗେଇ ପାରି ନ ଥିଲା। ପରେ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ବି କାମ ହୋଇପାରିନଥିଲା।

ଏହି ରାସ୍ତା ନିର୍ମାଣ ପାଇଁ ଅନୁମୋଦନ ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନିତିନ୍ ଗଡ଼କରୀଙ୍କୁ ଏକ୍ସ ଜରିଆରେ ଧନ୍ୟବାଦ ଜଣାଇଛନ୍ତି।

### ସିଇସିଙ୍କୁ ଭେଟିଲା...

ସିଇସି। ଦଳୀୟ ପ୍ରାର୍ଥୀ ବା ସେମାନଙ୍କ ପ୍ରତିନିଧିମାନଙ୍କୁ ଫର୍ମ-୧୭ ସି ଯୋଗାଇଦେବା ଆବଶ୍ୟକ ଥିଲା ବୋଲି କମିସନ ମତପ୍ରକାଶ କରିଛନ୍ତି।

୨୦୨୪ ମସିହାରେ ଅନୁଷ୍ଠିତ ଏକକାଳୀନ ବିଧାନସଭା ଓ ଲୋକସଭା ନିର୍ବାଚନରେ ଭୋଟରେ ଗଭୀର ଭାବେ ଭୋଟ ଅସଙ୍ଗତି ଦେଖାଯାଇଥିବା ବିଜେଡି ସିଇସିଙ୍କୁ ଅବଗତ କରିଛି। ରାଜ୍ୟର ସମସ୍ତ ସଂସଦ କ୍ଷେତ୍ରରେ, ଇଭିଏମରେ ପଡ଼ିଥିବା ଭୋଟ ସଂଖ୍ୟା ଅପେକ୍ଷା ଗଣତି ହୋଇଥିବା ଭୋଟ ସଂଖ୍ୟା ଅଧିକ ରହିବା, ସଂସଦୀୟ କ୍ଷେତ୍ରର ଭୋଟ ସଂଖ୍ୟା ଓ ଏହା ଅନ୍ତର୍ଗତ ବିଧାନସଭା କ୍ଷେତ୍ରର ସମୁଦା ଭୋଟ ସଂଖ୍ୟା ମଧ୍ୟରେ ଉଲ୍ଲେଖନୀୟ ପାର୍ଥକ୍ୟ, ନିର୍ବାଚନ ଶେଷ ପରେ ଅର୍ଥାତ୍ ସନ୍ଧ୍ୟା ୫ଟା ପରେ ହଠାତ୍ ଭୋଟ ପ୍ରତିଶତ ବୃଦ୍ଧିକୁ ନେଇ ବିଜେଡି ନିର୍ବାଚନ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଛି। ବିଜେଡି ପୂର୍ବରୁ ନିର୍ବାଚନ କମିଶନଙ୍କ ସହ ଆଲୋଚନା ବେଳେ ଉଦବେଗ ପ୍ରକାଶ କରିବା ସହ ଗତ ଡିସେମ୍ବରରେ ଏକ ସ୍ମାରକ ପତ୍ର ମଧ୍ୟ ପ୍ରଦାନ କରିଥିଲା। ପ୍ରତିନିଧି ଦଳର ଯୁକ୍ତି ଅନୁଯାୟୀ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ପାଇଁ ବିଜେଡି ପକ୍ଷରୁ ଏହି ପ୍ରଶ୍ନଗୁଡ଼ିକ ଉଠାଯାଉଛି। ଯାଜପୁର ସଂସଦୀୟ କ୍ଷେତ୍ର ସମେତ ଅନେକ ନିର୍ବାଚନମଣ୍ଡଳୀରେ ଗତ ନିର୍ବାଚନରେ ଦେଖାଦେଇଥିବା ଅସଙ୍ଗତି ସମ୍ପର୍କରେ ନିର୍ଦ୍ଦିଷ୍ଟ ଉଲ୍ଲେଖ କରାଯାଇଛି। ସେହିପରି ଗତ ନିର୍ବାଚନରେ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ସୁନିଶ୍ଚିତ କରିବାର ଦାୟିତ୍ୱ କେବଳ ବୁଥ୍ ଏଜେଣ୍ଟ, କାଉଣ୍ଟିଂ ଏଜେଣ୍ଟ ଏବଂ ପୋଲିଂ ଏଜେଣ୍ଟଙ୍କ ଉପରେ ଅସାମାନ୍ୟ ଭାବରେ ନ୍ୟସ୍ତ କରାଯାଇଥିଲା। ଯାହାକୁ ନେଇ ପ୍ରତିନିଧି ଦଳ ନିର୍ବାଚନ କମିଶନଙ୍କ ନିକଟରେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି।

ଏହି ଅବସରରେ ଓଡ଼ିଶାରେ ଭୋଟର ତାଲିକା ସଂଶୋଧନ(ଏସଆଇଆର)କୁ ନେଇ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛି ବିଜେଡି। ଓଡ଼ିଶାରେ ଏସ୍‌ଆଇଆର୍ ସମୟରେ ନିର୍ବାଚନ ଆୟୋଗ କୌଣସି ଆଇନଗତ ଭୋଟର; ବିଶେଷକରି ପ୍ରବାସୀ ଏବଂ ଅସ୍ଥାୟୀ କର୍ମଚାରୀ ଯେପରି ଭୋଟର ତାଲିକାରୁ ବାଦ ନ ପଡ଼ନ୍ତି ସେ ସମ୍ପର୍କରେ ଧ୍ୟାନ ଦେବାକୁ ଅନୁରୋଧ କରିଛନ୍ତି। ପ୍ରତିନିଧି ମଣ୍ଡଳୀରେ ସାମିଲ ହୋଇଥିବା ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ଧାରା ୨୦ଏ(୧-ସି)ର ବ୍ୟବସ୍ଥା ଅନୁଯାୟୀ ପ୍ରବାସୀ ଭାରତୀୟମାନେ ସେମାନଙ୍କର ମୂଳ ନିର୍ବାଚନମଣ୍ଡଳୀରେ ଭୋଟର ତାଲିକାରେ ସେମାନଙ୍କର ନାମ ପଞ୍ଜିକରଣ କରିବାର ଅଧିକାର ପାଇଥିବାରୁ, ଓଡ଼ିଶା ବାହାରେ କାମ କରୁଥିବା ପ୍ରବାସୀ ଏବଂ ଅସ୍ଥାୟୀ ଶ୍ରମିକମାନଙ୍କ ପ୍ରତି କଠୋର ଦୃଷ୍ଟିକୋଣ ଗ୍ରହଣ କରାଯିବା ଉଚିତ୍ ନୁହେଁ। ଏପରି କରିବା ଦ୍ୱାରା ଯଦି ସେମାନେ ଯଦି ଭୋଟଦାନ ଅଧିକାରରୁ ବଞ୍ଚିତ ହୁଅନ୍ତି ତେବେ ସେମାନଙ୍କ ମୂଳ ଗ୍ରାମରେ ସାମାଜିକ-ସାଂସ୍କୃତିକ କ୍ଷେତ୍ରରେ ବିଶୃଙ୍ଖଳା ସୃଷ୍ଟି ହୋଇପାରେ। ଅନ୍ୟପକ୍ଷରେ ଯଦି କମିଶନ ବିହାର ଭଳି ସମାନ ଆଭିମୁଖ୍ୟ ଅନୁସରଣ କରିବେ ଯେଉଁଠାରେ ଶୀଘ୍ର ପ୍ରକ୍ରିୟା ଏବଂ ପର୍ଯ୍ୟାପ୍ତ ସମୟ ଅଭାବ ଯୋଗୁଁ ପ୍ରକୃତ ଭୋଟରମାନେ ଭୋଟଦାନରୁ ବଞ୍ଚିତ ହୋଇଥିବା ନେଇ ଅଭିଯୋଗ ଆସୁଛି, ତେବେ ବିଜେଡି ଏହାର ତୀବ୍ର ବିରୋଧ କରିବ ବୋଲି ଦଳର ବରିଷ୍ଠ ନେତା ଡ. ଅମର ପଟ୍ଟନାୟକ କହିଛନ୍ତି। ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ବୃଦ୍ଧି କରିବା ପାଇଁ ସଠିକ୍ ଉଦ୍ଦେଶ୍ୟ ନେଇ ଏସଆଇଆରକୁ କାର୍ଯ୍ୟକାରୀ କରାଯିବା ଉଚିତ୍। ଭୋଟର ତାଲିକାରୁ ଅଯୋଗ୍ୟ ଭୋଟରଙ୍କୁ ବାଦ ଦେବା ବାହାନାରେ କୌଣସି ଯୋଗ୍ୟ ଭୋଟରଙ୍କୁ ଭୋଟଦାନରୁ ବଞ୍ଚିତ କରାଯିବା ଉଚିତ୍ ନୁହେଁ। ପ୍ରକୃତ ସମସ୍ୟା ଗୁଡ଼ିକର ସମାଧାନ ଦିଗରେ କମିଶନ ପଦକ୍ଷେପ ନନେଲେ ଦଳ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିପାରେ ବୋଲି ବିଜେଡି କହିଛି। ଏହି ପ୍ରତିନିଧି ଦଳରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ପ୍ରମିଳା ମଲ୍ଲିକ, ନିରଞ୍ଜନ ପୂଜାରୀ, ରାଜ୍ୟସଭା ସାଂସଦ ସୁଲତା ଦେଓ, ଡ. ପ୍ରିୟବ୍ରତ ମାଝୀ, ଭୃଗୁ ବକ୍ସିପାତ୍ର ପ୍ରମୁଖ ସାମିଲ ଥିଲେ।

## କପା ଉପରେ ଆମଦାନୀ ଶୁଳ୍କ ଛାଡ଼

ନୂଆଦିଲ୍ଲୀ,୧୯।୮(ଏଜେନ୍ସି): ଘରୋଇ ବଜାରରେ କପା ମୂଲ୍ୟ ସ୍ଥିର ରଖିବା ଏବଂ ବୟନ ଶିଳ୍ପକୁ ସମର୍ଥନ କରିବା ଲକ୍ଷ୍ୟରେ ସରକାର ଅଗଷ୍ଟ ୧୯ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ କଞ୍ଚା କପା ଆମଦାନୀ ଉପରେ ସମସ୍ତ ସୀମା ଶୁଳ୍କ ଛାଡ଼ କରିଛନ୍ତି। ଏଥିରେ ୫% ମୌଳିକ ସୀମା ଶୁଳ୍କ,୫% କୃଷି ଭିତ୍ତିଭୂମି ଏବଂ ବିକାଶ ସେସ୍ (ଏଆଇଡିସି) ଏବଂ ଉଭୟ ଉପରେ ୧୦% ସାମାଜିକ କଲ୍ୟାଣ ସରଚାର୍ଜକୁ ହଟାଇବା ଅନ୍ତର୍ଭୁକ୍ତ, ଯାହା ମିଳିତ ଭାବରେ କପା ଉପରେ ଲାଗୁ ୧୧% ଆମଦାନୀ ଶୁଳ୍କରେ ଅନ୍ତର୍ଭୁକ୍ତ ଥିଲା। କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ କଷ୍ଟମ ବୋର୍ଡ (ସିବିଆଇସି) ଦ୍ୱାରା ଅଧିସୂଚିତ ଏହି ନିଷ୍ପତ୍ତି, ସୂତା, କପଡ଼ା, ପୋଷାକ ଏବଂ ମେକ-ଅପ୍ ସମେତ ବୟନ ମୂଲ୍ୟ ଶୃଙ୍ଖଳରେ ଇନପୁଟ୍ ଖର୍ଚ୍ଚ ହ୍ରାସ କରିବ ଏବଂ ଉତ୍ପାଦନକାରୀ ଏବଂ ଗ୍ରାହକ ଉଭୟଙ୍କୁ ଅତ୍ୟନ୍ତ ଆବଶ୍ୟକୀୟ ଆଶ୍ୱସ୍ତି ପ୍ରଦାନ କରିବ ବୋଲି ଆଶା କରାଯାଉଛି। ଏହି ଛାଡ଼ ବୟନ ଶିଳ୍ପର ଏକ ନିୟମିତ ଦାବିକୁ ପୂରଣ କରିବ, ଯାହା ଘରୋଇ ମୂଲ୍ୟ ବୃଦ୍ଧି ଏବଂ ଯୋଗାଣ ଅଭାବ ଯୋଗୁଁ କପା ଉପରେ ଆମଦାନୀ ଡ୍ୟୁଟି ଉଚ୍ଛେଦ କରିବାକୁ ସରକାରଙ୍କୁ ଅନୁରୋଧ କରିଆସୁଥିଲେ। ଏହି ଶୁଳ୍କଗୁଡ଼ିକୁ ଅସ୍ଥାୟୀ ଭାବରେ ଛାଡ଼ କରି, ସରକାର ଘରୋଇ ବଜାରରେ କଞ୍ଚା କପା ଉପଲବ୍ଧତା ବୃଦ୍ଧି, କପା ମୂଲ୍ୟ ସ୍ଥିର ରଖିବା, ବୟନ ସାମଗ୍ରୀ ଉପରେ ମୁଦ୍ରାସ୍ଫୀତି ଚାପ ହ୍ରାସ କରିବା, ଉତ୍ପାଦନ ଖର୍ଚ୍ଚ ହ୍ରାସ କରି ଭାରତୀୟ ବୟନ ସାମଗ୍ରୀର ରପ୍ତାନି ପ୍ରତିଯୋଗିତାକୁ ପ୍ରୋତ୍ସାହିତ କରିବା ଏବଂ ବୟନ ସାମଗ୍ରୀ କ୍ଷେତ୍ରରେ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏସଏମଇ)କୁ ସୁରକ୍ଷା ଦେବାକୁ ଲକ୍ଷ୍ୟ ରଖିଛନ୍ତି।

### ଭାରତକୁ ଚୀନ୍‌ର ବଡ଼ ଉପହାର

## ସାର, ରେଆର-ଆର୍ଥ ଉପରୁ ଉଠାଇଲା କଟକଣା

ନୂଆଦିଲ୍ଲୀ,୧୯।୮(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ କଟକଣା ମଧ୍ୟରେ ଚୀନ୍ ଭାରତକୁ ଦେଇଛି ବଡ଼ ଉପହାର। ଭାରତ ଉପରୁ ସାର, ବିରଳ ଖଣିଜ ଚୁମ୍ବକ/ଖଣିଜ ଏବଂ ସୁଡ଼ଙ୍ଗ ବୋରିଂ ମେସିନ୍ ରପ୍ତାନୀ ଉପରେ କଟକଣା ଉଠାଇଲା ଚୀନ୍। ଏନେଇ ଚୀନ୍‌ର ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ସୂଚନା ଦେଇଛନ୍ତି। ଗତ ମାସରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟ ଶଙ୍କର ଚୀନ୍ ଗସ୍ତ କରି ତାଙ୍କର ପ୍ରତିପକ୍ଷ ୱାଙ୍ଗ ୟିଙ୍କୁ ଭେଟି ଏ ନେଇ ଚିନ୍ତା ପ୍ରକଟ କରିଥିଲେ। ବର୍ତ୍ତମାନ ଭାରତ ଗସ୍ତରେ ଆସିଥିବା ଚୀନ ବୈଦେଶିକ ମନ୍ତ୍ରୀ କଟକଣା ଉଠିଥିବା ସମ୍ପର୍କରେ ସୂଚନା ଦେଇଛନ୍ତି।

ରିପୋର୍ଟ ଅନୁସାରେ, ଦୁଇଦିନିଆ ଭାରତ ଗସ୍ତରେ ଆସିଥିବା ଚୀନ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି କହିଛନ୍ତି ଯେ ଏହି ୩ ସାମଗ୍ରୀ ନେଇ ଭାରତର ଅନୁରୋଧ ଉପରେ ଚୀନ କାମ କରିବା ଆରମ୍ଭ କରିଦେଇଛି। ଏହାର ରପ୍ତାନୀ ମଧ୍ୟ ଆରମ୍ଭ ହୋଇଯାଇଥିବା ଭାରତ ପକ୍ଷରୁ ଜଣାପଡ଼ିଛି। ରବି ଋତୁରେ ଚୀନ ହଠାତ୍ ସାର ରପ୍ତାନୀ ଉପରେ କଟକଣା ଲଗାଇଥିବାରୁ ଦେଶରେ ଡାଇ-ଆମୋନିୟମ୍ ଫସଫେଟ୍ ଉପଲବ୍ଧତା ସିଧାସଳଖ ପ୍ରଭାବିତ ହୋଇଥିଲା। ସେହିପରି ଭାରତରେ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ପାଇଁ ଯାଉଥିବା ଟନେଲ୍ ବୋରିଂ ମେସିନ୍‌ଗୁଡ଼ିକର ରପ୍ତାନୀକୁ ମଧ୍ୟ ଚୀନ ସ୍ଥଗିତ ରଖିଥିଲା। ଏନେଇ ଭାରତ ଚୀନ ପାଖରେ ଦୃଢ଼ ଅଭିଯୋଗ ରଖିଥିଲା। ସେହିପରି ରେଆର ଆର୍ଥ ଚୁମ୍ବକ ରପ୍ତାନୀ ଉପରେ କଟକଣା ଲଗାଇଥିବାରୁ ଭାରତରେ ଇଭି କ୍ଷେତ୍ରରେ ଏକ ପ୍ରକାର ଅଚଳାବସ୍ଥା ଦେଖା ଦେଇଥିଲା। ଏଥିଯୋଗୁ ବଜାଜ୍ ଭଳି ଅଟୋ କମ୍ପାନୀଗୁଡ଼ିକ ଇଭି ଉତ୍ପାଦନ ବନ୍ଦ କରିବାକୁ ଚିନ୍ତା କରିଥିଲେ। ଖାଲି ଭାରତରେ କାହିଁକି ଚୀନ ବିଦେଶକୁ ମଧ୍ୟ ଚୁମ୍ବକ ରପ୍ତାନୀ ବନ୍ଦ କରିଦେବାରୁ ୟୁରୋପ, ଜାପାନ ଦକ୍ଷିଣକୋରିଆ ଭଳି ଦେଶରେ ଇଭି ଉତ୍ପାଦନରେ ବାଧା ସୃଷ୍ଟି ହୋଇଥିଲା। ଏଠାରେ ସୂଚନାଯୋଗ୍ୟ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇବା ପରେ ଭାରତ ନିଜର ରଣନୀତିରେ ପରିବର୍ତ୍ତନ କରିଛି। ପଡ଼ୋଶୀ ଚୀନ ସହ ଘନିଷ୍ଠ ସମ୍ପର୍କ ବଢ଼ାଇବାକୁ ଚେଷ୍ଟା ଜାରି ରଖିଛି। ଟ୍ରମ୍ପଙ୍କ ଶତ୍ରୁତା ଭାରତ-ଚୀନ ମଧ୍ୟରେ ବନ୍ଧୁତା ବଢ଼ାଉଛି। ଯାହା ଆମେରିକା ପାଇଁ ପରମୁହୂର୍ତ୍ତରେ ଚିନ୍ତାର କାରଣ ପାଲଟିପାରେ।

### ■ ପଟ୍ଟାମୁଣ୍ଡାଇ ଛାତ୍ରୀ ଆତ୍ମଦାହ ଘଟଣା

## ମୃତ୍ୟୁର କାରଣ ଅଗ୍ନିକାଣ୍ଡଜନିତ: ପୁଲିସ

ପଟ୍ଟାମୁଣ୍ଡାଇ, ୧୯।୮(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ୍ ବଡ଼ପଡ଼ା ପଞ୍ଚାୟତ କାଠିଆପଡ଼ା ଗାଁର କଲେଜ ଛାତ୍ରୀ ପି.ଡି ସଂଗୀତା ଆତ୍ମାହୁତି ଘଟଣାରେ ଆଜି ନୂଆ ତଥ୍ୟ ପୁଲିସ୍‌ର ହସ୍ତଗତ ହୋଇଛି। ଘଟଣାର ୧୪ଦିନ ପରେ, ସଂଗୀତାଙ୍କ ମୃତ୍ୟୁର କାରଣ ଅଗ୍ନିକାଣ୍ଡ ଜନିତ ଏବଂ ସେ ଆତ୍ମାହୁତି କରିଛନ୍ତି ବୋଲି ପୁଲିସ୍ କହିଛି। ଏଫଏମ୍‌ଟି

■ ଏବେ ବି ବହୁ ପ୍ରଶ୍ନ ଅସମାହିତ
■ କିଏ ଗ୍ରିଲରେ ବାନ୍ଧିଥିଲା?

ଓ ଭିସେରା ରିପୋର୍ଟ ଆଧାରରେ ପୁଲିସ ଏହି ତଥ୍ୟ ଦେଇଛି। ନିଆଁ ଲାଗିବା ଯୋଗୁଁ ସଂଗୀତାଙ୍କ ଶରୀରର ୯୫ ପ୍ରତିଶତ ପୋଡ଼ିଯାଇଥିବା ଓ ତାଙ୍କ ଶ୍ୱାସନଳୀରେ କାର୍ବନ କଣିକା ରହିଥିବା ଶବ ବ୍ୟବଚ୍ଛେଦରୁ ଜଣାପଡ଼ିଛି। ତେଣୁ ଛାତ୍ରୀଙ୍କ ମୃତ୍ୟୁର କାରଣ ଅନ୍ୟ କିଛି ହୋଇପାରେନା ବୋଲି ପୁଲିସ୍ ସ୍ପଷ୍ଟ କରିଛି। କିନ୍ତୁ ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଛାତ୍ରୀ ଶିଡିର ଲ୍ୟାଣ୍ଡିଙ୍ଗ ଉପରେ ବସିଥିବା ବେଳେ ଶିଡ଼ିଘରର ଲୁହା କାବଟ ସହ ସଂଗୀତାଙ୍କ ଅଣ୍ଟା ଏକ କେବୁଲ ତାର ଜରିଆରେ ବନ୍ଧା ହୋଇଥିଲା। ସଂଗୀତା ବସିବା ମୁଦ୍ରାରେ ଥିଲେ। ତେଣୁ, ତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ବଢ଼ିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଇଥିଲା।

ତେଣୁ, ପୁଲିସ୍ ଏହାକୁ ଅଗ୍ନିକାଣ୍ଡଜନିତ କହି ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ବସିଥିବା ବେଳେ ଏବେ ବି ବହୁ ପ୍ରଶ୍ନ ଅସମାହିତ ହୋଇ ରହିଛି। ଘର ଗ୍ରିଲରେ ତାଙ୍କୁ କିଏ ବାନ୍ଧିଲା ଏବଂ ତାଙ୍କୁ ପେଟ୍ରୋଲ ଓ ଦିଆସିଲି କିଏ ଆଣିଦେଲା, ତାହା ଉପରୁ ପରଦା ହଟିପାରିନାହିଁ।

## ବାଂଲାଦେଶୀଙ୍କ ଅନୁପ୍ରବେଶକୁ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

କଟକ, ୧୯।୮ (ସମିସ): ରାଜ୍ୟରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଏମାନଙ୍କ ଚିହ୍ନଟ ପ୍ରସଙ୍ଗ ନେଇ ହାଇକୋର୍ଟରେ ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ତରଫରୁ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ସୁରକ୍ଷା ପ୍ରତି ଏଭଳି ଅନୁପ୍ରବେଶକାରୀ ବିପଦ ବୋଲି ଆବେଦନରେ ଦର୍ଶାଯାଇଛି। ଆଇନ ଅନୁସାରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ଏପରି ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏପରିକି, ଏହି ଅନୁପ୍ରବେଶକାରୀମାନେ ରାଜ୍ୟରେ ବେଆଇନ ଭାବେ ଆଧାରକାର୍ଡ, ଭୋଟର୍ ପରିଚୟପତ୍ର ଓ ରାସନ୍ କାର୍ଡ ଆଦି ହାତେଇ ସାରିଲେଣି। ଏପରି ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ପାଇଁ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନର ଆବଶ୍ୟକତା ରହିଛି। ଅତୀତରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଚିହ୍ନଟ ପ୍ରସଙ୍ଗରେ ସରକାର ଜାରି କରିଥିବା ବିଭିନ୍ନ ସର୍କୁଲାର ଆଧାରରେ ଏ ପର୍ଯ୍ୟନ୍ତ ଫଳପ୍ରଦ ପଦକ୍ଷେପ ଗ୍ରହଣ କରାଯାଇନାହିଁ ବୋଲି ଅଭିଯୋଗ ହୋଇଛି।

ଗୃହ ବିଭାଗ, ପୁଲିସ ବିଭାଗ ପ୍ରତି ଜିଲ୍ଲାରେ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ସର୍ଭେ କରି ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ପ୍ରାର୍ଥନା କରାଯାଇଛି। ସେହିଭଳି ଏମାନଙ୍କର ଆଧାର କାର୍ଡ, ଭୋଟର୍ କାର୍ଡ, ରାସନ କାର୍ଡ ବାତିଲ କରାଯାଉ। ଏଥିସହ କିଭଳି ଭାବେ ଜାଲ ପ୍ରମାଣପତ୍ର ଜରିଆରେ ଏପରି କାର୍ଡ ଅନୁପ୍ରବେଶକରୀ ହାସଲ କରିଥିଲେ, ତାହା ମଧ୍ୟ ତଦନ୍ତ କରାଯିବାର ଆବଶ୍ୟକତା ରହିଛି। ଅନୁପ୍ରବେଶକରୀଙ୍କ ଚିହ୍ନଟ ବେଳେ ବାଂଲାଦେଶ ହାଇକମିସନଙ୍କ ସହାୟତା ନିଆଯାଉ। ଚିହ୍ନଟ ପରେ ସେମାନଙ୍କୁ ତୁରନ୍ତ ବାଂଲାଦେଶକୁ ପଠାଇବାକୁ ବ୍ୟବସ୍ଥା କରାଯାଉ। ଗୃହ ମନ୍ତ୍ରଣାଳୟର ୨୦୦୯ର ଗାଇଡଲାଇନକୁ କଡ଼ାକଡ଼ି ପାଳନ କରିବା ପାଇଁ ଆବେଦନକାରୀ ଦର୍ଶାଇଛନ୍ତି। ମାମଲାରେ ରାଜ୍ୟ ସରକାର, ଗୃହ ସଚିବ, ପୁଲିସ ଡିଜି, ପୁଲିସ କମିସନର, କେନ୍ଦ୍ର ଗୃହ ମନ୍ତ୍ରଣାଳୟ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି।

## ପ୍ରକାଶ ପାଇଲା +୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ବିଜ୍ଞପ୍ତି

### ଆସନ୍ତା ୨୫ରୁ ଆବେଦନ; ସେପ୍ଟେମ୍ବର ୪ରେ ମେଧା ତାଲିକା

ଭୁବନେଶ୍ୱର, ୧୯।୮(ସମିସ): ଯୁକ୍ତ ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୨୫ ତାରିଖଠାରୁ ଆବେଦନ ଆରମ୍ଭ ହେବ। ଏହାଠାରୁ ସପ୍ତାହେ ପର୍ଯ୍ୟନ୍ତ ଅର୍ଥାତ୍ ୩୧ ତାରିଖ ମଧ୍ୟରେ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ସେପ୍ଟେମ୍ବର ୪ରେ ପ୍ରଥମ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇବ। ଚୟନ ହୋଇଥିବା ପିଲାମାନେ ୬ରୁ ୧୦ତାରିଖ ମଧ୍ୟରେ ନାମ ଲେଖାଇ ପାରିବେ। ପ୍ରଥମ ରାଉଣ୍ଡ ପରେ ସିଧାସଳଖ ସ୍ପଟ୍ ନାମଲେଖା ହେବ। ଏଥିପାଇଁ ୧୨ ଓ ୧୩ତାରିଖରେ ଆଶାୟୀମାନେ ଚଏସ୍ ଲକିଂ କରିପାରିବେ। ୧୭ ତାରିଖରେ ସ୍ପଟ୍ ମେଧା ତାଲିକା ପ୍ରକାଶ ପାଇବା ସହ ୧୮ ଓ ୧୯ ତାରିଖରେ ନାମଲେଖା ହେବ। ପ୍ରଥମ ପର୍ଯ୍ୟାୟରେ ଆବେଦନ କରିଥିବା ପିଲାମାନେ କୌଣସି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାମଲେଖା ପାଇଁ ଚୟନ ହୋଇ ନଥିଲେ ପୁରୁଣା ଆଇଡି ପାସୱାର୍ଡ ବ୍ୟବହାର କରି ପୁନଃ ଆବେଦନ କରିପାରିବେ। ସେମାନଙ୍କୁ କୌଣସି ଫି' ଦେବାକୁ ପଡ଼ିବ ନାହିଁ। ହେଲେ ପ୍ରଥମ ପର୍ଯ୍ୟାୟରେ ନାମଲେଖା ପାଇଁ ମନୋନୀତ ହୋଇ ନାମ ଲେଖାଇନଥିବା ପିଲାମାନେ ପୁଣିଥରେ ନୂତନ ଭାବେ ଆବେଦନ କରିବେ। ଏଥିପାଇଁ ତାଙ୍କୁ ଧାର୍ଯ୍ୟ ଫି' ଦାଖଲ କରିବାକୁ ପଡ଼ିବ। ସେହିପରି ସାଧାରଣ ଆବେଦନ ଫର୍ମ (ସିଏଏଫ୍)କୁ ଚାରିଥର ପର୍ଯ୍ୟନ୍ତ ଏଡିଟ୍ କରିପାରିବେ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

### ■ ଭେଡେନ ଥାନା ହାଜତ ମୃତ୍ୟୁ ଘଟଣାରେ କ୍ଷତିପୂରଣ ପ୍ରଦାନ ପ୍ରସଙ୍ଗ

## ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଲେ ହାଇକୋର୍ଟ

କଟକ,୧୯।୮(ସମିସ): ବହୁଚର୍ଚ୍ଚିତ ବରଗଡ଼ ଭେଡେନ ଥାନା ମାଖନୁ ବାଗ ହାଜତ ମୃତ୍ୟୁ ମାମଲାରେ ପୀଡ଼ିତ ପରିବାରକୁ ସରକାରଙ୍କ ତରଫରୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଥିବାରୁ ହାଇକୋର୍ଟରେ ଚାଲିଥିବା ଏ ସଂପର୍କିତ ଅଦାଲତ ଅବମାନନା ମାମଲାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ମୃତ ମାଖୁନଙ୍କ ପୁଅ ବିଜୁ ବାଗଙ୍କ ତରଫରୁ ରୁଜୁ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଏଥିରେ ପୂର୍ଣ୍ଣଚ୍ଛେ୦ ପକାଇଛନ୍ତି ଡ. ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ। ଏହି ସମ୍ବେଦନଶୀଳ ହତ୍ୟା ଘଟଣାରେ ମୃତକଙ୍କ ପରିବାରକୁ ଗତକାଲି ସରକାର ୫ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପଇଠ କରିଥିଲେ। ପୂର୍ବରୁ ସେମାନେ ୭ଲକ୍ଷ ୫୦ହଜାର ଟଙ୍କା ପାଇଥିଲେ। ୨୦୧୫ ଜୁଲାଇ ୧୭ରେ ମାଖୁନ ତାଙ୍କ ପୁଅ ବିରୋଧରେ ଥିବା ଏକ ମାମଲା ସଂକ୍ରାନ୍ତରେ ହାଜର ହେବାକୁ ଭେଡେନ୍ ଥାନାକୁ ଯାଇ ଆଉ ଫେରିନଥିଲେ। ୨୦୧୫ ସେପ୍ଟେମ୍ବର ୨୪ରେ ସୁବର୍ଣ୍ଣପୁର ଜିଲ୍ଲା ପାଣିଛପର ଜଙ୍ଗଲ ନିକଟରେ ତାଙ୍କ କଙ୍କାଳ ମିଳିଥିଲା। ଏନେଇ ଉଲୁଣ୍ଡା ଥାନାରେ ଭେଡେନ୍ ଥାନା ପୁଲିସ ବିରୋଧରେ ଆଇପିସିର ଦଫା ୩୦୨/୨୦୧ରେ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ତତ୍କାଳୀନ ଭେଡେନ୍ ଥାନା ଓଆଇସି ନିର୍ମଳ କୁମାର ନାୟକଙ୍କ ସମେତ ଅନ୍ୟମାନଙ୍କୁ ଗିରଫ କରାଯାଇଥିଲା। ଥାନା ହାଜତରେ ମାଖୁନଙ୍କର ମୃତ୍ୟୁ ହୋଇଥିଲା। ପରବର୍ତ୍ତୀ ସମୟରେ ପ୍ରମାଣ ନଷ୍ଟ କରିବାକୁ ମୃତ ଶରୀରକୁ ଉଲୁଣ୍ଡା ଥାନା ଅନ୍ତର୍ଗତ ଜଙ୍ଗଲରେ ଫୋପାଡ଼ି ଦିଆଯାଇଥିବା ତଦନ୍ତ ସମୟରେ ଜଣାପଡ଼ିଥିଲା। ମାମଲାରେ କ୍ଷତିପୂରଣ ପ୍ରଦାନ ପାଇଁ ଗତ ୨୦୨୪ ମାର୍ଚ୍ଚ ୨୮ ରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ନିର୍ଦ୍ଦେଶ ପାଳନ ନ ହେବାରୁ ଆବେଦନକାରୀ ବିଜୁ ବାଗଙ୍କ ତରଫରୁ ଅଦାଲତ ଅବମାନନା ମାମଲା ରୁଜୁ ହୋଇଥିଲା। ମାନବାଧିକାର କର୍ମୀ ତଥା ଆଇନଜୀବୀ ପ୍ରବୀର କୁମାର ଦାସ ମାମଲା ପରିଚାଳନା କରୁଥିଲେ।

## ଅପରାଧ ରୋକିପାରୁନି 'ଅପରେସନ ଗରୁଡ଼'

ଭୁବନେଶ୍ୱର,୧୯।୮(ସମିସ): ରାଜ୍ୟରେ ବଢୁଥିବା ଅପରାଧ ରୋକିବା ପାଇଁ ପୁଲିସ ବିଭାଗ 'ଅପରେସ୍ ଗରୁଡ଼' ଆରମ୍ଭ କରିଛି। ଏହାସତ୍ତ୍ୱେ ପୁଲିସ ରାଜ୍ୟ ବଢୁଥିବା ଅପରାଧକୁ ରୋକିବାରେ ବିଫଳ ହୋଇଛି। କାରଣ ମଦ ଜବତ କରିବା ସହ ମଦୁଆମାନଙ୍କୁ ଧରି ପୁଲିସ କେବଳ ବାହାବା ନେଉଛି ସିନା; ବାସ୍ତବରେ କିନ୍ତୁ ରାଜ୍ୟରେ ହତ୍ୟା, ବୋମାମାଡ଼, ମହିଳା ବିରୋଧୀ ହିଂସା ବଢ଼ିବାରେ ଲାଗିଛି। ରାଜ୍ୟରେ ପ୍ରତିଦିନ ୧୫ ଜଣ ଲେଖାଏଁ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ବିଗୁଡୁଥିବା ଆଇନଶୃଙ୍ଖଳା ରାଜ୍ୟବାସୀଙ୍କୁ ଭୟଭୀତ କରିଛି।

ଡିଜିପିଙ୍କ ନିର୍ଦ୍ଦେଶ କ୍ରମେ ଅପରାଧୀ ଦମନ ପାଇଁ ଆରମ୍ଭ ହୋଇଥିବା 'ଅପରେସନ ଗରୁଡ଼'ର ୧୬ ଦିନିଆ ରିପୋର୍ଟ ଜାରି ହୋଇଛି। ଏହି ଅଭିଯାନ ଅଧୀନରେ ମୋଟ ୩ ହଜାର ୬୪୩ଟି ଏନ୍‌ବିଡବ୍ଲୁ ଜାରିହୋଇଛି। ୧୮ ଶହ ୬ଟି ଅବକାରୀ ମାମଲା ରୁଜୁ କରାଯାଇଛି। ୬୩ଟି ବନ୍ଧୁକ ଓ ୯୫ ଟି ଗୁଳି ଜବତ କରାଯାଇଛି। ଅସ୍ତ୍ରଶସ୍ତ୍ର ସହିତ ୧ ଲକ୍ଷ ୪୫ ହଜାର ୫ ଶହ ଟଙ୍କା, ଗୋଟିଏ କାର, ତିନୋଟି ବାଇକ ସାରା ରାଜ୍ୟରୁ ଜବତ ହୋଇଛି। ଏନ୍‌ଡିପିଏସ୍ କେସ୍‌ରେ ୩ ହଜାର ୩୦ କେଜି ଗଞ୍ଜେଇ, ୬୬୪ ଗ୍ରାମ ବ୍ରାଉନସୁଗର ଜବତ ହୋଇଛି। ମୋଟାମୋଟି ଭାବେ ଏହି ୧୬ ଦିନିଆ ରିପୋର୍ଟରେ କିଛି ଜିଲ୍ଲାରେ 'ଅପରେସନ ଗରଡ଼'ର ପ୍ରଦର୍ଶନ ଉତ୍ସାହଜନକ ଥିବାବେଳେ ଆଉ କିଛି ଜିଲ୍ଲାରେ ଅପରାଧ ଉପରମୁହାଁ ହୋଇଥିବା ଦେଖାଯାଉଛି।

■ ଖାଲି ମଦ ଜବତ କରି ବାହାବା ନେଉଛି ପୁଲିସ
■ ଖୁଲମ୍‌ଖୁଲା ବୁଲି ଅପରାଧ ଘଟାଉଛନ୍ତି ଅପରାଧୀ
■ ରୋକିବା ଦିଗରେ ଓଡିଶା ପୁଲିସ କାମ କରୁଛି: ଏଡିଜି

ତେବେ ଏସବୁ ଅପରାଧ ରୋକିବା ଦିଗରେ ଓଡିଶା ପୁଲିସ କାମ କରୁଥିବା ଏଡିଜି ଆଇନଶୃଙ୍ଖଳା ସଞ୍ଜୟ କୁମାର କହିଛନ୍ତି। ଏଡିଜିଙ୍କ ସୂଚନା ଅନୁସାରେ, ହତ୍ୟା, ଅପହରଣ, ବୋମାମାଡ଼, ଦାଦାବଟି ଭଳି ରୋକିବା ପାଇଁ ରାଜ୍ୟ ପୁଲିସ ପୂରାଦମ୍‌ରେ କାର୍ଯ୍ୟ କରୁଛି। ଏ ସଂପର୍କିତ ୭୦ଟି ମାମଲା ରୁଜୁ କରାଯାଇ ଜୁଆଡିଙ୍କ ନିକଟରୁ ୬ ଲକ୍ଷ ୨୮ ହଜାର ଟଙ୍କା, ୩ଟି କାର୍, ୫୨ଟି ବାଇକ, ୪୭ଟି ମୋବାଇଲ ଜବତ ସହ ୪୦୬ ଜଣଙ୍କୁ ଗିରଫ କରାଯାଇଛି। ନିଶାସକ୍ତ ଅବସ୍ଥାରେ ଗାଡି ଚଳାଇବା ଅଭିଯୋଗରେ ୧୬୩ଟି ମାମଲା ରୁଜୁ ସହ ୧୬୩ ଜଣଙ୍କୁ ଗିରଫ କରାଯାଇଛି। ଗଞ୍ଜାମ ପୁଲିସ ଜିଲ୍ଲାରେ ସର୍ବାଧିକ ୩୮୩ ଏନ୍‌ବିଡବ୍ଲୁ କାର୍ଯ୍ୟକାରୀ ହୋଇଥିବା ବେଳେ ୧୧ଟି ବନ୍ଧୁକ ସହ ଗୋଳାବାରୁଦ ଜବତ କରାଯାଇଛି।

ଏସବୁ ସତ୍ତ୍ୱେ ରାଜ୍ୟରେ ହତ୍ୟା, ବୋମାମାଡ଼, ଦୁଷ୍କର୍ମ, ମହିଳା ବିରୋଧୀ ହିଂସା ବଢ଼ିବା ଅତ୍ୟନ୍ତ ଚିନ୍ତାଜନକ। ଏଣୁ ଅପରାଧରେ ଲଗାମ ଲଗାଇବାକୁ ହେଲେ ପୁଲିସକୁ ଆକ୍ସନ ମୋଡ୍‌କୁ ଆସିବା ଦରକାର ବୋଲି ବୁଦ୍ଧିଜୀବୀ ମହଲ ମତ ବାଢ଼ିଛନ୍ତି।

### ମହିଳା କର୍ମଚାରୀଙ୍କୁ ଦୁର୍ବ୍ୟବହାର

## ଜେଲ୍ ଗଲେ ବ୍ୟାଙ୍କ୍ ଅଧିକାରୀ

ସୋହେଲା, ୧୯।୮(ସମିସ): ଜଣେ ମହିଳା କର୍ମଚାରୀଙ୍କୁ ଦୁର୍ବ୍ୟବହାର କରି ବରଗଡ଼ ଜିଲ୍ଲା ପଦ୍ମପୁର ଏସ୍‌ଡିସିସି ବ୍ୟାଙ୍କ ଅଧିକାରୀ ପ୍ରଭଞ୍ଜନ ମାଝୀ ଜେଲ୍ ଯାଇଛନ୍ତି। ପ୍ରଭଞ୍ଜନ କିଛି ଦିନ ତଳେ ପଦ୍ମପୁର ବ୍ରାଞ୍ଚ ବ୍ୟାଙ୍କ୍‌ରୁ ସୋହେଲା ଏସ୍‌ଡିସିସି ବ୍ୟାଙ୍କ୍‌କୁ ବଦଳି ହୋଇ ଆସିଥିଲେ। କିନ୍ତୁ ସେ ପଦ୍ମପୁର ବ୍ରାଞ୍ଚରେ ତାଙ୍କ କାର୍ଯ୍ୟକାଳ ସମୟରେ ସେ ସେଠାକାର ଜଣେ ମହିଳା କର୍ମଚାରୀଙ୍କୁ ମୋବାଇଲରେ ବିଭିନ୍ନ ଆପତ୍ତିଜନକ ମେସେଜ୍ ଦେବା ସହ ମାନସିକ ନିର୍ଯାତନା ଦେଉଥିଲେ। ଏନେଇ ପଦ୍ମପୁର ଥାନାରେ ମହିଳାଜଣଙ୍କ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ପ୍ରଭଞ୍ଜନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।


ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**

ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧-ଡ଼ି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୧୫

**ଦଖଲ ନୋଟିସ୍**

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆଇନର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତି **ସାଙ୍କେତିକ ଦଖଲକୁ** ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ନିମପୁର ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ନିମପୁର ଶାଖା / ଋଣଗ୍ରହୀତା / ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ (ସାଙ୍କେତିକ) ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ସଞ୍ଜିବ ନାୟକ, ପିତା: ଶଙ୍କର୍ଷଣ ନାୟକ, ୨) ରାଜୀବ ନାୟକ, ପିତା: ଶଙ୍କର୍ଷଣ ନାୟକ, ଉଭୟଙ୍କ ଠିକଣା- ନଜରପୁର, ଜଗତପୁର, କଟକ, ପିନ୍-୭୫୪୦୨୧ | ଟ.୧୪,୭୯,୪୯୦.୭୯ + ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୧୪.୦୫.୨୦୨୫ / ୧୯.୦୮.୨୦୨୫ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର (କ) ଖାତା ନଂ.: ୭୭୨/୧୭୦୨, ପ୍ଲଟ୍ ନଂ.: ୨୬୮୩/୬୨୯୮, କ୍ଷେତ୍ର: ଏକର୦.୦୪୦ଡିସିମିଲି, କିସମ: ଘରବାରି, ମୌଜା: |

ନିମପୁର, ଥାନା: ଟାଙ୍ଗି, ଥାନା ନଂ. ୭୧, ତହସିଲ: ଟାଙ୍ଗି ଚୌଦ୍ୱାର, ତହସିଲ ନଂ. ୧୬୭, ଜିଲ୍ଲା: କଟକ, ଏସ୍‌ଆରଓ: ଜଗତପୁର, ଡିଏସ୍‌ଆରଓ: କଟକ, ଏହାର ଚଉପାର୍ଶ୍ୱରେ- ପୂର୍ବ: ଧରଣୀ ମହାନ୍ତି, ପଶ୍ଚିମ: କ୍ରେତା, ଉତ୍ତର: ରାସ୍ତା, ଦକ୍ଷିଣ: ବିଦ୍ୟାଳୟ, (ଖ) ଖାତା ନଂ.: ୭୭୨/୧୫୯୭, ପ୍ଲଟ୍ ନଂ.: ୨୬୮୩/୬୨୦୧, କ୍ଷେତ୍ର: ଏକର୦.୦୫୦ଡିସିମିଲି, କିସମ: ଘରବାରି, ମୌଜା: ନିମପୁର, ଥାନା: ଟାଙ୍ଗି, ଥାନା ନଂ. ୭୧, ତହସିଲ: ଟାଙ୍ଗି ଚୌଦ୍ୱାର, ତହସିଲ ନଂ. ୧୬୭, ଜିଲ୍ଲା: କଟକ, ଏସ୍‌ଆରଓ: ଜଗତପୁର, ଡିଏସ୍‌ଆରଓ: କଟକ, ଏହାର ଚଉପାର୍ଶ୍ୱରେ- ପୂର୍ବ: ରମେଶ ମହାନ୍ତି, ପଶ୍ଚିମ: କେନାଲ, ଉତ୍ତର: କେନାଲ, ଦକ୍ଷିଣ: ଭୁବନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ତାରିଖ: ୧୯.୦୮.୨୦୨୫, ସ୍ଥାନ : ଭୁବନେଶ୍ୱର — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ





### ଗଣେଶ ପୂଜା ଟି-ସାର୍ଟ ଛାପିବାରେ ବ୍ୟସ୍ତ ପ୍ରିଣ୍ଟିଙ୍ଗ ପ୍ରେସ୍

# ଟ୍ରେଣ୍ଡରେ ୩-ଡି ଗଣେଶ ଟି-ସାର୍ଟ

ଭୁବନେଶ୍ୱର, ୧୯।୮ (ସମିସ)

ଆଉ କେଇଟା ଦିନପରେ ଆରମ୍ଭ ହେବ ପାର୍ବଣ ଋତୁ। ସେଥିପାଇଁ ଚଳଚଞ୍ଚଳ ହୋଇ ଉଠିଲାଣି ରାଜଧାନୀ। ମୂର୍ତ୍ତି ଗଢ଼ାରେ ବ୍ୟସ୍ତ କାରିଗର। ପ୍ରଥମେ ଗଣେଶ ପୂଜା

## କ୍ଲବ ଓ ପ୍ରତିଷ୍ଠାନ ମଧ୍ୟରେ ବଢୁଛି ଚାହିଦା

ଥିବାରୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତି ସହ ପ୍ରତିଯୋଗିତା ମଧ୍ୟ ଚାଲିଛି। ସାଜସଜ୍ଜାଠୁ ମୂର୍ତ୍ତି ପ୍ରସ୍ତୁତି ସବୁଠି ଚଳଚଞ୍ଚଳ ହୋଇ ଉଠିଲାଣି। ସେହିପରି ପ୍ରିଣ୍ଟିଂ ପ୍ରେସ ମଧ୍ୟ ଏଥିରୁ ବାଦ୍ ପଡ଼ିନି। ପୂଜାରେ ଗଣେଶଙ୍କ ଫଟୋଚିତ୍ର ଟି ସାର୍ଟ ପିନ୍ଧିବା ଏକ ପ୍ରକାର ଟ୍ରେଣ୍ଡରେ ପରିଣତ ହେଲାଣି। ତେଣୁ ପ୍ରିଣ୍ଟିଂ ପ୍ରେସ୍‌ରେ ଆଗୁଆ ଅର୍ଡର ଦେବାକୁ ଅନୁଷ୍ଠାନଗୁଡ଼ିକ ଆଗେଇ ଆସିଲେଣି।

ପୂଜାରେ ଅନ୍ୟ ଅନୁଷ୍ଠାନଠୁ ଭିନ୍ନ ଦେଖାଯିବା ବର୍ତ୍ତମାନ ସମୟର ଏକ ଟ୍ରେଣ୍ଡ। ତେଣୁ ପୂଜାର ୧୫ ଦିନ ଆଗରୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅର୍ଡର ମଧ୍ୟ ଦିଆସରିଛି। କିଏ ନିଜ କ୍ଲବ ଓ ଅନୁଷ୍ଠାନର ନାମ ସହ ଗଣେଶଙ୍କ ଫଟୋ ପ୍ରିଣ୍ଟ କରିବାକୁ



ଦଉଛି, ତ କିଏ ନିଜର ଏବଂ ଅନୁଷ୍ଠାନ ତଥା କ୍ଲବର ନାମ ପ୍ରିଣ୍ଟ କରାଉଛନ୍ତି। ସେହିପରି ଚଳିତ ବର୍ଷ ଆଉ ଏକ ଟ୍ରେଣ୍ଡ ମଧ୍ୟ ପରିଲକ୍ଷିତ ହେଉଛି ଯାହାକି ଟି-ସାର୍ଟରେ ନିଜ ଅନୁଷ୍ଠାନ ତରଫରୁ ହେଉଥିବା ଗଣେଶଙ୍କ ଥ୍ରି-ଡି ଫଟୋ ପ୍ରିଣ୍ଟ କରିବା। ଏଥିପାଇଁ ବିଭିନ୍ନ ପ୍ରିଣ୍ଟିଙ୍ଗ ପ୍ରେସ୍‌ରେ ଭିଡ ଲାଗିଲାଣି। ଏନେଇ ସପ୍ତାହେ ପୂର୍ବରୁ ଅର୍ଡର ମଧ୍ୟ ଦିଆଗଲାଣି। ଡୁମ୍‌ଡୁମାସ୍ଥିତ ଏକ ପ୍ରିଣ୍ଟିଂ ପେସର କର୍ମଚାରୀଙ୍କ କହିବାନୁଯାୟୀ ପୂର୍ବଥର ଅପେକ୍ଷା ଏଥର ଟିକେ ଅଧିକ ଅର୍ଡର ଆସିଛି। ବର୍ତ୍ତମାନ ସୁଦ୍ଧା ଦୁଇରୁ ତିନି ହଜାର ମଧ୍ୟରେ ଅର୍ଡର ଆସିସାରିଲାଣି। ପୂଜା ନିକଟ ହେଲେ ଅର୍ଡର ସଂଖ୍ୟା ମଧ୍ୟ ବଢ଼ିଥାଏ। ପ୍ରତି କ୍ଲବ ବା ଅନୁଷ୍ଠାନ ପିଛା ୩୦ ରୁ ୪୦ ପିସ ଟି-ସାର୍ଟ ଅର୍ଡର ରହିଥାଏ। ଏହାର ମୂଲ୍ୟ ୧୧୦ ରୁ ୩୭୦ ପର୍ଯ୍ୟନ୍ତ ରହିଛି ବୋଲି ଜାଣିବାକୁ ମିଳିଛି। ଏହାବ୍ୟତୀତ ଗଣେଶ ପୂଜା ପାଇଁ ରାଜଧାନୀର ପ୍ରମୁଖ ଏକ ନଂ ମାର୍କେଟ ଏବଂ ବିଭିନ୍ନ ଛକରେ କଷ୍ଟମାଇଜ ସହ ରେଡିମେଟ ଟି-ସାର୍ଟ ବିକ୍ରି ହେଉଛି। ଯାହାର ମୂଲ୍ୟ ୧୦୦ରୁ ୧୫୦ ରହୁଛି। ଏହି ସବୁ ଟି-ସାର୍ଟ ଦିଲ୍ଲୀରୁ ଆସୁଥିବା ଦୋକାନୀ କହିଛନ୍ତି। ସେହିପରି କେହି କେହି ଅନଲାଇନ ମାଧ୍ୟମରେ ବି ଅର୍ଡର କରୁଛନ୍ତି। ସେଥିରେ ଅଧିକ ଭେରାଇଟି ସହ ଛୋଟରୁ ବଡ ସବୁ ବର୍ଗର ଲୋକଙ୍କ ପାଇଁ ଉପଲବ୍ଧ ହେଉଛି। ଯେଉଁଠି ମୂଲ୍ୟ କ୍ୱାଲିଟି ହିସାବରେ ୧୭୦ରୁ ୮୦୦ ପର୍ଯ୍ୟନ୍ତ ପରିଲକ୍ଷିତ ହେଉଛି।

## ସୃଜନୀର ବାର୍ଷିକ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ



ଭୁବନେଶ୍ୱର, ୧୯।୮ (ସମିସ): ସୃଜନୀର ଅନୁଷ୍ଠାନର ୩୯ତମ ବାର୍ଷିକ ଉତ୍ସବ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ସଂସ୍କୃତି ମନ୍ତ୍ରୀ ଭୂପିନ୍ଦର ସିଂ ଯୋଗ ଦେଇଥିଲେ। ଏହି ଅବସରରେ ନିର୍ଦ୍ଦେଶକ, ଲେଖକ, ନାଟ୍ୟକାର, କଳାକାର କବି ଓ ସମାଜସେବୀ ପ୍ରମୁଖ ଏହି ଉତ୍ସବରେ ଯୋଗ ଦେଇଥିଲେ। ଏହି ଉତ୍ସବରେ ସୃଜନୀର କଳାକାରମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ସୃଜନୀର ସମ୍ପାଦକ ଦ୍ୱାରା ଆଗାମୀ ଦିନରେ ହେବାକୁ ଥିବା ନାରାୟଣ ନାଟ୍ୟ ମହୋତ୍ସବ ଓ ଶିଶୁ ନାଟକ ମହୋତ୍ସବରେ ତାରିଖ ଘୋଷଣା ହୋଇଥିଲା। ସ୍ୱାଧୀନତାର ୭୯ତମ ଅମୃତ ମହୋତ୍ସବ ପାଇଁ ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବରେ ସୃଜନୀର ସମ୍ପାଦକ ଚିତ୍ତ ରଞ୍ଜନ ରାୟ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଉପସ୍ଥିତ ଅତିଥିମାନେ ସୃଜନୀର ପ୍ରତିଷ୍ଠାତା ବିଶିଷ୍ଟ କବି, ନାଟ୍ୟକାର, ନିର୍ଦ୍ଦେଶକ, କଳାକାର ଓ ସମାଜସେବୀ ସର୍ଗତଃ ନାରାୟଣ ଚନ୍ଦ୍ର ରାୟ ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ। ଶେଷରେ ସୃଜନୀର ଉପସଭାପତି ମାନସ ରଞ୍ଜନ ରାୟମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି ସଭାରେ ସୃଜନୀର ବରିଷ୍ଠ ସଭ୍ୟ ପ୍ରସନ୍ନ ମିଶ୍ର, ନୃସିଂହ ମହାପାତ୍ର, ସୁଧାକର ମହାନ୍ତି, ଶଶିପ୍ରଭା ଦାସ ପ୍ରମୁଖ ଯୋଗ ଦେଇଥିଲେ।

## 'ଚ୍ୟାଲେଞ୍ଜ'ର ଫାଷ୍ଟ ଲୁକ୍ ଲୋକାର୍ପିତ

ଭୁବନେଶ୍ୱର, ୧୯।୮ (ସମିସ): ଦଶହରାରେ ମୁକ୍ତିଲାଭ କରିବାକୁ ଥିବା 'ଚ୍ୟାଲେଞ୍ଜ'ର ଟିଜର୍ ମୁକ୍ତିଲାଭ କରିଛି। ଓଲିଉଡ ଷ୍ଟାର ଅର୍ଦ୍ଧେନ୍ଦୁ ଏବଂ ବଲିଉଡ ଷ୍ଟାର ପୁନିତଙ୍କୁ ଗୋଟିଏ ପରଦାରେ ଏକାଠି ଦେଖିବାକୁ ମିଳିବେ। ଏହା ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନରର ୬ଷ୍ଠ ଅବଦାନ। ସେହିପରି ନାୟିକା ଭୂମିକାରେ ଏଲିନା ସାମନ୍ତରାୟ ରହିଥିବା ବେଳେ ଲିପି ଓ ପୁପିନ୍ଦର ସିଂହଙ୍କୁ ଏକ ବିଶେଷ ଭୂମିକାରେ ଦେଖିବାକୁ ମିଳିବ। ସାଇ କିରଣ ମଙ୍ଗରାଜ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ ଏବଂ ପ୍ରଚାର ପ୍ରସାର ଓ କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ।

## ପ୍ରତି ୧୦ ଜଣରେ ୩ ଜଣ ପୁରୁଷ ଭୋଗୁଛନ୍ତି ଯୌନ ଯନ୍ତ୍ରଣା

ଭୁବନେଶ୍ୱର, ୧୯।୮ (ସମିସ): ବିଭିନ୍ନ ପ୍ରକାର ସମସ୍ୟା ଏବେ ରୋଗ ଆକାରରେ ମଣିଷ ଶରୀର ରେ ଦେଖା ଦେଉଛି। ସେଥିରୁ ଯୌନ ସମସ୍ୟା ଅନ୍ୟତମ। ଏଭଳି କେତେକ ସମସ୍ୟାର ସମାଧାନ ପାଇଁ ଏବେ ଲିଙ୍ଗ ପ୍ରତ୍ୟାରୋପଣର ଅବଶକ୍ୟତା ପଡୁଛି ବୋଲି ବରିଷ୍ଠ ମୂତ୍ରାଶଲ୍ୟ ଚିକିତ୍ସକ ଡାକ୍ତର ବିଶ୍ୱଜିତ ନନ୍ଦ ଏବଂ ଡାକ୍ତର ସରୋଜ କୁମାର ପଣ୍ଡା କହିଛନ୍ତି। ଏ ସମ୍ପର୍କରେ ସୂଚନା ଦେଇ ସେମାନେ କହିଥିଲେ ଯେ, ପୁରୁଷମାନଙ୍କର ଯୌନ ଦୃଷ୍ଟିର ଅସମର୍ଥତା ହେଉଛି ଏକ ସାଧାରଣ କିନ୍ତୁ ଗୁରୁତର ସମସ୍ୟା। ଯାହା ପ୍ରତି ୧୦ ଜଣ ପୁରୁଷ ମଧ୍ୟରୁ ୩ ଜଣଙ୍କୁ ପୀଡା ଦେଇଥାଏ। ମଧୁମେହ, ହର୍ମନ ଅସନ୍ତୁଳିତ, ବୟସ, ଔଷଧ ଏବଂ ଡିକିପିଡିମିଆ ଏହି ରୋଗର ମୁଖ୍ୟ କାରଣ। ବହୁତ ଏହାକୁ ନେଇ ଲଜ୍ୟାବୋଧ କରୁଥିବାରୁ ଠିକ ସମୟରେ ଚିକିତ୍ସା ନେଇ ପାରୁ ନାହାନ୍ତି ଓ ଜୀବନରେ ଦୁଃଖ, ମାନସିକ ଚାପଗ୍ରସ୍ତ ଏବଂ ପାରିବାରିକ ସମସ୍ୟା ର ସମ୍ମୁଖୀନ କରିଥାନ୍ତି। ଏହି ଭଳି ସମସ୍ୟାର ସମାଧାନ ଆଧୁନିକ ଚିକିତ୍ସା ପ୍ରଣାଳୀରେ ସମ୍ଭବ ବୋଲି କହିଛନ୍ତି ଡା ବିଶ୍ୱଜିତ ନନ୍ଦ ଓ ଡା ସରୋଜ ପଣ୍ଡା। ଯେଉଁଥରେ ଏକ ପ୍ରକାର କୃତ୍ରିମ ଯନ୍ତ୍ରକୁ ଲିଙ୍ଗ ମଧ୍ୟରେ ଅସ୍ତ୍ରୋପଚାର ଦ୍ୱାରା ସ୍ଥାପିତ କରାଯାଇଥାଏ। ଏଇ ଅସ୍ତ୍ରୋପଚାର ପାଇଁ ରୋଗୀ ଡାକ୍ତରଖାନା ରେ ୨ ରୁ ୩ ଦିନ ରହିବାକୁ ପଡ଼ିଥାଏ। ଅପରେସନ ପରେ ରୋଗୀ ୩-୭ ଦିନ ମଧ୍ୟରେ ସ୍ୱାଭାବିକ ଅବସ୍ଥା କୁ ଆସି ଯାଇଥାନ୍ତି। ରୋଗୀ ୪ ରୁ ୬ ସପ୍ତାହ ପରେ ସହବାସ କରି ପାରିବେ। ଏହି ଅପରେସନ ଦ୍ୱାରା ଲିଙ୍ଗ ଉପରେ କୌଣସି ମଧ୍ୟ ଦାଗ ରହେ ନାହିଁ ବୋଲି ଡାକ୍ତରମାନେ କହିଛନ୍ତି।

### ଏମ୍‌ଏଲ୍‌ଏ କଲୋନୀରେ ପୂଜା ପ୍ରସ୍ତୁତି

## ଗଣେଶ ପୂଜାରେ 'ବୋତଲ ତୋରଣ'




ଭୁବନେଶ୍ୱର, ୧୯।୮ (ସମିସ): ଭୁବନେଶ୍ୱରର ୟୁନିଟ୍-୪ ସ୍ଥିତ ଏମଏଲ୍‌ଏ କଲୋନୀର ଯୁବ ଅନୁଷ୍ଠାନ 'ପ୍ୟାସନ କ୍ଲବ୍' ପକ୍ଷରୁ ଚଳିତ ବର୍ଷ ଗଣେଶ ପୂଜା ଧୁମଧାମରେ ପାଳନ ହେବ। ଏଥର ଆକର୍ଷଣ ପାଲଟିବ ବୋତଲ ଆକୃତିର ତୋରଣ। ଚଳିତବର୍ଷ ପୂଜାକୁ ୨୦ ବର୍ଷ ପୂରଣ ହେଉଥିବାରୁ ଠାକୁରଙ୍କ ବିଗ୍ରହ ୨୦ ଫୁଟ ଉଚ୍ଚତାର ନିର୍ମାଣ ହେବ। ଏଥିପାଇଁ କଲିକତାର ୩୦ରୁ ଊର୍ଦ୍ଧ୍ୱ କାରିଗର ତୋରଣ କାର୍ଯ୍ୟରେ ଲାଗିଥିବା ବେଳେ ମୂର୍ତ୍ତି ତିଆରିରେ ଲାଗିଛନ୍ତି ଆର୍ଟ କଲେଜର ଛାତ୍ରଛାତ୍ରୀମାନେ। ଅଗଷ୍ଟ ୨୭ ରୁ ସେପ୍ଟେମ୍ବର ୨ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପୂଜାରେ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା, ବୃକ୍ଷ ରୋପଣ କରାଯିବ। ୨ତାରିଖ ଦିନ ୨୦୦୦ ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ସାଙ୍ଗକୁ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ ବୋଲି କ୍ଲବ୍‌ର ସଭାପତି ଅଶୋକ କୁମାର ପଲ୍ଲାଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଜଗନ୍ନାଥ ସଂସ୍କୃତି ପ୍ରଚାରକ ଡ. ନାରାୟଣ ମହାପାତ୍ର, ଯୁବ ନେତା ନରେନ ସାହୁ, ଉପଦେଷ୍ଟା ମନୋଜ ରାଉଳ, କ୍ଲବ୍‌ର ଉପସଭାପତି ପ୍ରଶାନ୍ତ ବଡୁ, ସମ୍ପାଦକ ସୁବାଷ ବେହେରା ପ୍ରମୁଖ କର୍ମକର୍ତ୍ତା ଏବଂ ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ।

## ମନ୍ଦିର ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଲେ ଅଚ୍ୟୁତ ସାମନ୍ତ



ବାଲିଅନ୍ତା, ୧୯।୮ (ସମିସ): ସୋମବାର ସକାଳ ସମୟରେ ଶ୍ରୀ ଶ୍ରୀ ପରଂବ୍ରହ୍ମ ଜଗନ୍ନାଥ ମନ୍ଦିର ଟ୍ରଷ୍ଟର କୋଷାଧ୍ୟକ୍ଷ ଚକ୍ରଧର ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଶିକ୍ଷାବିତ୍, କିଟ ଓ କିମିସର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ତାଙ୍କର ଭୁବନେଶ୍ୱରସ୍ଥିତ ବାସଭବନରେ ସାକ୍ଷାତ କରିଥିଲେ। ଶ୍ରୀ ସୁଦର୍ଶନ ଦାରୁପୀଠରେ ନିର୍ମିତ ଜଗନ୍ନାଥ ମନ୍ଦିରର ପୂର୍ଣ୍ଣାଙ୍ଗ ଓ ତାର ପାରିପାର୍ଶିକ ବିକାଶ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଆଉ ମଧ୍ୟ ଦାରୁପୀଠକୁ ଆସିବା ପାଇଁ ନିମନ୍ତ୍ରଣ କରାଯାଇଥିଲା। ମନ୍ଦିର ନିର୍ମାଣ ପାଇଁ ଆର୍ଥିକ ସହଯୋଗ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ସାକ୍ଷାତ ସମୟରେ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ରଞ୍ଜନ ମହାପାତ୍ର, ପ୍ରକୃତିବନ୍ଧୁ ବନ୍ଧୁ ଭୋଇ, ଭାଗ୍ୟଧର ସାହୁ, ଲକ୍ଷ୍ମଣ ଜେନା ଓ ଚନ୍ଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## 'ପଞ୍ଚକର୍ମ ଚିକିତ୍ସା ବିଜ୍ଞାନ' ପୁସ୍ତକ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ

ଭୁବନେଶ୍ୱର, ୧୯।୮ (ସମିସ): ବିଶିଷ୍ଟ ଭେସଜ ଚିକିତ୍ସକ ଡ. ସ୍ୱପ୍ନେଶ୍ୱର ପଣ୍ଡାଙ୍କ ଦ୍ୱାରା ରଚିତ 'ପଞ୍ଚମକର୍ମ ଚିକିତ୍ସା ବିଜ୍ଞାନ'



ଉକ୍ତ ପୁସ୍ତକଟକୁ ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉନ୍ମୋଚନ କରିଛନ୍ତି। ମଙ୍ଗଳବାର ଲୋକସେବା ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରଚଳିତ ହେବା ପାଇଁ ରାଜ୍ୟ ସରକାର ସୁପାରିଶ କରିଛନ୍ତି। କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ସଂସ୍କୃତି ପୁରୁଷ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଓଡ଼ିଶା ନାଗରିକ ମହାମଞ୍ଚର ଉପସଭାପତି ଡ. ପ୍ରଦୀପ କୁମାର ବିଶ୍ୱାଳ, ଡ. ସଞ୍ଜୟ କୁମାର ବେହୁରା, ଆୟୁର୍ବେଦ ଚିକିତ୍ସକ ସୂର୍ଯ୍ୟକାନ୍ତ ପଣ୍ଡା, ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ କ୍ରାନ୍ତି କୁମାର ସକସେନା, ପ୍ରକାଶ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ପୁସ୍ତକଟି ଜନକଲ୍ୟାଣ ଦିଗରେ ବେଶ୍ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ।

## ସାରସ୍ୱତ ସମାଜ କବିତା ସଙ୍କଳନ ଉନ୍ମୋଚିତ



ଭୁବନେଶ୍ୱର, ୧୯।୮ (ସମିସ): ସାହିତ୍ୟ ଅନୁଷ୍ଠାନ ସାରସ୍ୱତ ସମାଜ ଓଡ଼ିଶା ଭୁବନେଶ୍ୱରର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ ମଙ୍ଗଳବାର ଜୟଦେବ ଭବନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପଣ୍ଡିତ ଶ୍ୱେତ କୁମାର ଘଡ଼ାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାହିତ୍ୟକ ତଥା କଥାକାର ବୈଷ୍ଣବ ଚରଣ ମହାନ୍ତି, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟକା ଓ ସ୍ତମ୍ଭକାର ଡ. ପ୍ରତିଭା ମହାରଥୀ ଏବଂ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟକ ଅତିସ୍ ମହାନ୍ତି ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସାହିତ୍ୟ ପତ୍ରିକା ସାରସ୍ୱତ ସମାଜ କବିତା ସଙ୍କଳନ ୨୦୨୫ ଉନ୍ମୋଚିତ ହୋଇଥିଲା। ରବି ନାରାୟଣ ରାୟଙ୍କର ପୁସ୍ତକ 'ସାଧାରଣ ଜ୍ଞାନ' ଏବଂ ନିରଞ୍ଜନ ଚନ୍ଦ୍ର ପଣ୍ଡାଙ୍କ ପୁସ୍ତକ "ଅଙ୍ଗେଲିଭା ଅନୁଭୂତିରୁ କେଇପଦ' ଉନ୍ମୋଚନ କରାଯାଇଥିଲା। ତତ୍‌ପରେ କବୟିତ୍ରୀ ରୋଜାଲିନ୍ ଜେନାଙ୍କୁ 'ଉଦୀୟମାନ ପ୍ରତିଭା ସମ୍ମାନ', କବି ଦିଲ୍ଲୀପ କୁମାର ମହାନ୍ତିଙ୍କୁ 'ଉତ୍କଳ ପଦ୍ମ ରବିନାରାୟଣ ରାୟ ସାରସ୍ୱତ ସମ୍ମାନ', କବି ମାୟାଧର ସରାଫଙ୍କୁ ଶ୍ରେଷ୍ଠ ଭାଷାବିତ ସମ୍ମାନ', କବୟିତ୍ରୀ ସ୍ନେହଲତା ପାଢ଼ୀଙ୍କୁ 'ଗୀତିକବି ସମ୍ମାନ', କବୟିତ୍ରୀ ପୁଷ୍ପଲତା ମିଶ୍ରଙ୍କୁ 'କବି ଭାରତୀ ସମ୍ମାନ', କବି ସୁରେଶ ମହାପାତ୍ରଙ୍କୁ 'କବି କୋଣାର୍କ ସମ୍ମାନ' ଏବଂ କବି ଅତିସ୍ ମହାନ୍ତିଙ୍କୁ 'ଜ୍ଞାନଗୌରବ ସମ୍ମାନ' ପ୍ରଦାନ କରାଯାଇଥିଲା। ଉପସଭାପତି ନିଖିଳ କୁମାର ବଳବନ୍ତରାୟ, ସଞ୍ଚାଳକ ନିରଞ୍ଜନ ଚନ୍ଦ୍ର ପଣ୍ଡା ଓ ଯୁଗ୍ମ ସମ୍ପାଦକ ରବିନାରାୟଣ ରାୟ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା ସଞ୍ଚାଳନ କରିଥିଲେ। କବୟିତ୍ରୀ ଡ. ଗୀତାଶ୍ରୀ ପ୍ରିୟମ୍ବଦା, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ ମଞ୍ଚରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଓଡ଼ିଶା ସାମ୍ବାଦିକ ସଂଘ ପକ୍ଷରୁ ଅନ୍ତର୍ଜାତୀୟ ଆଲୋଚନାଚକ୍ର



ଭୁବନେଶ୍ୱର, ୧୯।୮ (ସମିସ): ଏଆଇ ଏବଂ ସୋସିଆଲ ମିଡ଼ିଆର ଅପପ୍ରଚାର ଯୁଗରେ ସାମ୍ବାଦିକତା ସାରା ବିଶ୍ୱରେ ଗୁରୁତର ବିପଦ ଦେଇ ଗତି କରୁଛି। ସାମାଜିକ ଗଣମାଧ୍ୟମର କ୍ରମବର୍ଦ୍ଧିଷ୍ଣୁ ଭୂମିକା ଏବଂ ଯୋଗାଯୋଗ ପ୍ରକ୍ରିୟାରେ ଲୋକଙ୍କ ଅଂଶଗ୍ରହଣ ସହିତ ଏଆଇ ଇଣ୍ଟରନେଟରେ କୋଟି କୋଟି ସଂଖ୍ୟାରେ ଘଟଣାର ଅପପ୍ରଚାର ପ୍ରସାରିତ କରିବାକୁ ଅନୁମତି ଦେଉଥିବା ବେଳେ, ପାରମ୍ପରିକ ଗଣମାଧ୍ୟମର ଏକମାତ୍ର ଭୂମିକା ହେଉଛି ଜନସାଧାରଣଙ୍କ ପାଇଁ ବିଶ୍ୱସନୀୟ ଏବଂ ନିର୍ଭରଯୋଗ୍ୟ ସୂଚନାର ଉତ୍ସ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସାମ୍ବାଦିକ ସଙ୍ଘ, ଇଣ୍ଡିଆନ ଜର୍ଣ୍ଣାଲିଷ୍ଟ ୟୁନିୟନ ନୂଆଦିଲ୍ଲୀ ଏବଂ ଇଣ୍ଟରନେସନାଲ ରିଲେସନ ସେଣ୍ଟର, ପୋଲାଣ୍ଡର ମିଳିତ ସହଯୋଗରେ ଭୁବନେଶ୍ୱର ଆର୍ଯ୍ୟ ପ୍ୟାଲେସଠାରେ ଏକ ଅନ୍ତର୍ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଇଣ୍ଟରନାସନାଲ ରିଲେସନ ସେଣ୍ଟରର ସଭାପତି ପ୍ରଫେସର ଡ. ମାଲଗୋରଜାଟା ବୋନିକୋସ୍କି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ। ଓଡ଼ିଶା ସାମ୍ବାଦିକ ସଙ୍ଘର ସଭାପତି ଶଶି ଭୂଷଣ ପ୍ରହରାଜ, ଇଣ୍ଡିଆନ ଜର୍ଣ୍ଣାଲିଷ୍ଟ ୟୁନିୟନ ଏବଂ ଇଣ୍ଟରନେସନାଲ ଫେଡେରେସନ ଅଫ ଜର୍ଣ୍ଣାଲିଷ୍ଟର ଉପାଧ୍ୟକ୍ଷ ସବିନା ଇନ୍ଦ୍ରଜିତ ମଧ୍ୟ ଏଥିରେ ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଶା ସାମ୍ବାଦିକ ସଂଘର ସ୍ମରଣିକା ଅତିଥିମାନଙ୍କ ଦ୍ୱାରା ଉନ୍ମଚିତ ହୋଇଥିଲା। ସାମ୍ବାଦିକ ଶ୍ରୀକାନ୍ତ ରାଉତ ସେମିନାର ପରିଚାଳନା କରିଥିବାବେଳେ ଓଡ଼ିଶା ସାମ୍ବାଦିକ ସଙ୍ଘର ରାଜ୍ୟ ଉପସଭାପତି ଦୀପକ କୁମାର ନାୟକ, ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଯୋଧନ ମହାରଣା, ରାଜ୍ୟ ସମ୍ପାଦକ ରାଜକିଶୋର ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଏମ୍‌ସି ପକ୍ଷରୁ ପାତ୍ରପଡ଼ାରେ ବୃକ୍ଷରୋପଣ

ଭୁବନେଶ୍ୱର, ୧୯।୮ (ସମିସ): ବିଏମ୍‌ସି ପକ୍ଷରୁ ପାତ୍ରପଡ଼ା ଅଞ୍ଚଳରେ ବ୍ୟାପକ ବୃକ୍ଷରୋପଣ ଅଭିଯାନ ଆରମ୍ଭ ହୋଇଛି। ମେୟର ସୁଲୋଚନା ଦାସ, କମିଶନର ଚଞ୍ଚଳ ରାଣାଙ୍କ ନେତୃତ୍ୱରେ ବିଏମ୍‌ସି ପାତ୍ରପଡ଼ା ମହାରାଜା ଖେଳ ପଡ଼ିଆ ବା ରଜ ପଡ଼ିଆଠାରେ ବିଭିନ୍ନ ପ୍ରଜାତିର ୩ହଜାରରୁ ଅଧିକ ବୃକ୍ଷରୋପଣ କରିବାକୁ ଲକ୍ଷ୍ୟ ରଖିଛି। ଗତ ବର୍ଷ ବିଏମ୍‌ସି ସେହି ସ୍ଥାନରେ ଫଳ ଧାରଣକାରୀ, ଔଷଧୀୟ ୮ହଜାର ଗଛ ଲଗାଯାଇଥିଲା। ଏହି ସବୁ ଗଛ ଏବେ ଛୋଟ ଘଞ୍ଚ ଜଙ୍ଗଲରେ ପରିଣତ ହେବାକୁ ଯାଉଛି। ଏହାକୁ ଆଧାର କରି ବିଏମ୍‌ସି ବର୍ତ୍ତମାନ ମିଆୱାକି ପଦ୍ଧତିରେ ବିଭିନ୍ନ ସ୍ଥାନରେ ଜଙ୍ଗଲ ସୃଷ୍ଟି କରିଚାଲିଛି। ଏଥିପାଇଁ ସିଟି ଫରେଷ୍ଟ ଡିଭିଜନ ସହଯୋଗର ହାତ ବଢ଼ାଇ ଆସୁଛି। ଆଜି ବୃକ୍ଷରୋପଣ ଅଭିଯାନର ଶୁଭାରମ୍ଭ କାର୍ଯ୍ୟକ୍ରମରେ ମେୟର, କମିଶନରଙ୍କ ସମେତ ଡେପୁଟି ମେୟର ମଞ୍ଜୁଲତା କହଁର, ସିଟି ଡିଏଫଓ ବିଶ୍ୱରାଜ ପଣ୍ଡା, ପରିମଳ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ, ସ୍ଥାନୀୟ କର୍ପୋରେଟର ରଶ୍ମିରଞ୍ଜନ ପାଟ୍ଟଶାଣୀ, ୪୪ ନମ୍ବର କର୍ପୋରେଟର ଅଜିତ୍ ବେହେରା, ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ ମଞ୍ଚାସୀନ ଥିଲେ।

# ରାଜଧାନୀ ରାସ୍ତାକଡ଼ରେ ମିନି ଭାରତ

ଭୁବନେଶ୍ୱର, ୧୯।୮ (ସମିସ)

ରାଜଧାନୀକୁ ଭୁବନେଶ୍ୱରକୁ ଏକ କ୍ଷୁଦ୍ର ଭାରତ କହିଲେ ଚଳେ। ଏଠାକୁ ବିଭିନ୍ନ ଭାଷା ଭାଷୀ ଓ ଧର୍ମାବଲମ୍ବୀ ଲୋକମାନେ ଆସି ବସବାସ କରିବା ସହିତ ବିଭିନ୍ନ ବେପାର ବଣିଜ କରିବା ସହିତ ବସବାସ ମଧ୍ୟ କରୁଛନ୍ତି।

## ମିଳୁଛି ବିଭିନ୍ନ ରାଜ୍ୟର ଖାଦ୍ୟ, ପୋଷାକ, ଅଳଙ୍କାର

ପୂର୍ବରୁ ସହରବାସୀ ଅନ୍ୟସ୍ଥାନକୁ ପେଟପାଟଣା ପାଇଁ ଯାଉଥିବା ବେଳେ ବର୍ତ୍ତମାନ ରାଜଧାନୀ ବାହାରର ବ୍ୟବସାୟୀଙ୍କ ପେଣ୍ଠସ୍ଥଳୀ ପାଲଟିଛି। ସେଥିପାଁ ସହରରେ ବୁଲା ବ୍ୟବସାୟୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଯେହେତୁ ସବୁ ବର୍ଗର ଲୋକମାନଙ୍କର ପାଇଁ ମଲ୍ ଓ ବଡ଼ ରେସ୍ତୋରାଂ ଯିବା ସମ୍ଭବପର ହେଉନାହିଁ। ଏଣୁ ରାସ୍ତାକଡ଼ ସାଧାରଣ ଲୋକ, ବିଶେଷ କରି ଯୁବପିଢ଼ିଙ୍କର ଆଡ଼ାସ୍ଥଳୀ ପାଲଟିଯାଇଛି। ଓଡ଼ିଶା ସମେତ ରାଜସ୍ଥାନ, ଗୁଜୁରାଟ, ଉତ୍ତରପ୍ରଦେଶ, ଦିଲ୍ଲୀ, ମୁମ୍ବାଇ, ନେପାଳ ଆଦିରୁ ବେପାରୀ ଆସି ରାଜଧାନୀର ବିଭିନ୍ନ ଛକ



ଯେପରିକି ରାଜମହଲ, ରାମ ମନ୍ଦିର, ପ୍ରଦର୍ଶନୀ ପଡ଼ିଆ ପାଖ, ମାଷ୍ଟକ କ୍ୟାଣ୍ଟିନ୍, ସହିଦ ନଗର, ଆଶୋକ ନଗର, ଖଣ୍ଡଗିରି, ଆଦି ସ୍ଥାନରେ ପସରା ମେଲାଇଛନ୍ତି। ଏମାନେ ଓଡ଼ିଶାକୁ ପ୍ରାୟତଃ ଅଗଷ୍ଟ ମାସ ବେଳକୁ ବେପାର କରିବାକୁ ଆସୁଛନ୍ତି। ପାର୍ବଣ ଋତୁ ଓ ନୂଆ ବର୍ଷ ପାଖାପାଖିର ଉତ୍ସବମୁଖର ସମୟରେ ବେପାର କରି ଖଣ୍ଡଗିରି ଯାତ୍ରା ପରେ ପୁଣି ଘରକୁ ଫେରିଯାଉଛନ୍ତି।

ପିଏମ୍ ସ୍କୋୟାର, ରାଜମହଲ ସହିତ ସହରର ଅନ୍ୟ ଛକ ହେଉଛି ଜ୍ୱଳନ୍ତ ଉଦାହରଣ। ଏହିପରି କିଛି ଛକରେ ବ୍ୟବସାୟୀମାନେ ପୋଷାକ, ଅଳଙ୍କାର, ଚପଲ, ମାର୍ବଲ ସାମଗ୍ରୀ, ପ୍ଲାଷ୍ଟିକ୍ କୁଣ୍ଡ, ଫୁଲଦାନୀ, ଅତର, ଚଷମା ଆଦି ସୁଲଭ ମୂଲ୍ୟରେ ବିକ୍ରି କରୁଛନ୍ତି। ଏନେଇ ପୋଷାକ ବ୍ୟବସାୟୀ ଜିତେନ୍ ସିଂହ କୁହନ୍ତି ସାଧାରଣ ଲୋକମାନେ ମଲ୍‌କୁ ଯାଇ ଅଧିକ ଟଙ୍କାରେ ଜିନିଷ କିଣିଲେ ଅଧିକ ପଇସା ଦେବାକୁ ପଡୁଛି। ହେଲେ ଏଠାରେ ଯୁବପିଢ଼ି କମ୍ ମୂଲ୍ୟରେ ପୋଷାକ ସହିତ ଅନ୍ୟ ଜିନିଷ ମଧ୍ୟ ପାଉଛନ୍ତି। ଏଥିସହିତ ସେମାନଙ୍କୁ ଅଧିକ ସମୟ ଅପେକ୍ଷା କରିବାକୁ ପଡୁନାହିଁ। ତେଣୁ ରାସ୍ତାକଡ଼ ଜିନିଷ ପ୍ରତି ଯୁବପିଢ଼ି ଆକର୍ଷିତ ହେଉଛନ୍ତି ବୋଲି କହିଛନ୍ତି। ଏହିପରି ମାଷ୍ଟର କ୍ୟାଣ୍ଟିନ୍ ଛକ, ସହିଦ ନଗର ଛକ ପାଖରେ ପ୍ରତିଦିନ ଜମୁଛି ବିଭିନ୍ନ ରାଜ୍ୟର ଖାଦ୍ୟର ପସରା, ଏଥିରେ ମୁମ୍ବାଇର ବଡ଼ାପାୱା, ପାଓଭାଜି, ପଞ୍ଜାବର ଛୋଲେ ଭତୁରେ, ହାଇଦ୍ରାବାଦୀ ବିରିୟାନୀ ଓ ନେପାଳ, ତଦ୍ଧିତର ମୋମୋ ଆଦି ମିଳୁଛି। ଏହି ସବୁକୁ କିଛି ସ୍ଥାନୀୟ ଲୋକମାନେ ବେପାର କରୁଥିବା ବେଳେ ବାହାର ରାଜ୍ୟର ବେପାରୀମାନେ ଆସି ବେପାର କରୁଛନ୍ତି।



# ଲକର୍ ଭାଙ୍ଗି ୧୨ ଲକ୍ଷର ଗହଣା ଲୁଟ୍



■ ପୁଅର ଆଡମିଶନ ପାଇଁ ସମ୍ବଲପୁର ଯାଇଥିଲେ ମାଲିକ ଦମ୍ପତି

■ ଭଡ଼ାଟିଆଙ୍କୁ ତାଲା ପକାଇ ଘରେ ବୁଲାଇଦେଲେ କଳାକନା

ଧଉଳି, ୧୯।୮ (ସମିସ): ଧଉଳି ଥାନା ଅଞ୍ଚଳରେ ଘର ମାଲିକ ଘରେ ନ ଥିବା ସୁଯୋଗରେ ଚୋରି କରିଛନ୍ତି ଦୁର୍ବୃତ୍ତ। ଏପରିକି ଉକ୍ତ ଘରେ ଭଡାରେ ରହୁଥିବା ଲୋକଙ୍କୁ ବାହାର ପଟୁ ତାଲା ପକାଇ ଚୋରି କରିଛନ୍ତି ଦୁର୍ବୃତ୍ତ। ଆଲମିରା ଲକର ଭାଙ୍ଗି ପାଖାପାଖି ୧୨ ଲକ୍ଷ ଟଙ୍କାର ସୁନାଗହଣା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଖବରନେବାରେ ଜଣାପଡ଼ିଛି ବିଷ୍ଣୁପ୍ରିୟା ନାୟକ ଏହି ଥାନା ଅଧୀନ ଗୋପୀନାଥପୁର ଗ୍ରାମ କଳିଙ୍ଗ ଅଶୋକ ସିଟିରେ ରହୁଛନ୍ତି। ୩ ମହଲା ବିଶିଷ୍ଟ ଏହି କୋଠାରେ ପ୍ରଥମ ଓ ତୃତୀୟ ମହଲା ଘର ଭଡା ଲାଗିଥିବା ବେଳେ ଦ୍ୱିତୀୟ ମହଲାରେ ନିଜେ ବିଷ୍ଣୁପ୍ରିୟା ପରିବାର ସହ ରହୁଛନ୍ତି। ଗତକାଲି ପୁଅର ସମ୍ବଲପୁର ବୁର୍ଲାରେ ଆଡ଼ମିସନ ଥିବାରୁ ସ୍ୱାମୀ ଓ ପୁଅଙ୍କ ସହ ବିଷ୍ଣୁପ୍ରିୟା ସେଠାକୁ ଯାଇଥିଲେ। ମାତ୍ର ତାଙ୍କର ଘରର ମୁଖ୍ୟ ଫାଟକ ତାଲା ଭଙ୍ଗାଯିବା ସହ ଘରର କବାଟର ଲକ ତଡା ଯାଇଥିବା ଆଜି ସକାଳେ ଭଡା ରହୁଥିବା ଶିବାଜୀ ଚରଣ ମହାନ୍ତିଙ୍କ ଠାରୁ ଖବର ପାଇଥିଲେ। ପରେ ସେ ଟ୍ରେନ ଯୋଗେ ଘରକୁ ଫେରିଥିଲେ। ସେଠାରେ ଘର ଭିତରକୁ ପ୍ରବେଶ କରିବାପରେ ଆଲମିରାର ଲକର ଭଙ୍ଗା ଯିବା ସହ ଜିନିଷଗୁଡିକ ଖଟ ଉପରେ ଯାଡେସ୍ୟାଡେ ପଡ଼ିଥିଲା। ଦୁର୍ବୃତ୍ତମାନେ ପ୍ରଥମ ଓ ଦ୍ୱିତୀୟ ମହଲାରେ ଭଡାରେ ରହୁଥିବା ଲୋକଙ୍କ ଘର ବାହାରପଟୁ ତାଲା ପକାଇଥିଲେ। ପରେ ଶାବଳରେ ଘରର ମୁଖ୍ୟ କବାଟ ତାଡି ଆଲମିରାରୁ ସୁନାଅଳଙ୍କାର ନେଇ ପଳାଇଥିଲେ। ଅଳଙ୍କାର ମଧ୍ୟରେ ଗୋଟିଏ ୧୦ ଗ୍ରାମର ସୁନା କଏନ, ୪୨ ଗ୍ରାମର ୨ ଟି ସୁନାହାର, ୧୦ ଗ୍ରାମର ଗୋଟେ ସୁନା ବ୍ରେସଲେଟ, ୧୫ ଗ୍ରାମର ଚେନ ଲଗା କାନଫୁଲ, ୮ ହଳ କାନଫୁଲ, ୧ ହଳ ସୁନାବାହୁଟି, ୧୦ ଟି ସୁନାମୁଦୀ, ରୁପାଥାଳି, ଏକ ରୁପା ମୂର୍ତ୍ତି ଚୋରି ଯାଇଥିବା ବିଷ୍ଣୁପ୍ରିୟା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଚୋରି ଯାଇଥିବା ସୁନାଅଳଙ୍କର ଆନୁମାନିକ ମୂଲ୍ୟ ୧୨ ଲକ୍ଷ ହେବବୋଲି ଅନୁମାନ କରାଯାଇଛି। ଅଭିଯୋଗ ପାଇ ଥାନା ପୁଲିସ ଓ ସାଇଣ୍ଟିଫିକ ତଦନ୍ତ କରିବା ସହ ସେଠାରେ ଲାଗିଥିବା ସିସିଟିଭି ତଦନ୍ତ କରିଛନ୍ତି। ସେଥିରେ ଏହି ଚୋରି ରାତି ୨ ଟାରୁ ୩ ଟା ଭିତରେ ହୋଇଥିବା ବେଳେ ୨ ରୁ ୩ ଜଣ ଦୁର୍ବୃତ୍ତ ମୁହଁରେ କପଡ଼ା ବାନ୍ଧିଥିବା ଦେଖାଯାଇଛି। ପୁଲିସ ଏହି ସିସିଟିଭି ସାହାଯ୍ୟରେ ଲୁଟିଆଙ୍କୁ ଧରିବା ପାଇଁ ବିଭିନ୍ନ ଦିଗକୁ ଲକ୍ଷ ରଖି ତଦନ୍ତ କରିଛନ୍ତି।

## ସାଇ ଆରାଧନା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ନୃତ୍ୟ ମୋହିନୀ

ଭୁବନେଶ୍ୱର, ୧୯।୮ (ସମିସ): ସାଇ ଆରାଧନା ଡ୍ୟାନ୍ସ ଆକାଡେମୀ ନୃତ୍ୟ ଅନୁଷ୍ଠାନର ବାର୍ଷିକ ଉତ୍ସବ ଅବସରରେ ଏକ ଦିବସୀୟ ନୃତ୍ୟ ଉତ୍ସବ ନୃତ୍ୟ ମୋହିନୀ ୨୦୨୫ ଅଗଷ୍ଟ ୧୭ ତାରିଖରେ ଭୁବନେଶ୍ୱରସ୍ଥିତ ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ଉଦଘାଟନ ଉତ୍ସବରେ ଅତିଥି ଭାବେ ଏଫ୍‌ସିଡିଏଫ୍‌ଓର ଜାତୀୟ ଚେୟାରମ୍ୟାନ ବିଆର୍ ବିକ୍ରମ କୁମାର କର୍ଣ୍ଣାଟକର ଉତ୍ସବ ନିର୍ଦ୍ଦେଶକ ସାଇ ଭେଙ୍କଟେଶ, କଳା ସଂସ୍କୃତି ସାମ୍ବାଦିକ ଜଗବନ୍ଧୁ ଜେନା ତାମିଲନାଡୁର ଉତ୍ସବ ନିର୍ଦ୍ଦେଶକ କେଶବରାଜ ବାଲାକ୍ରିଷ୍ଣାନ ଆଦି ଯୋଗଦାନ କରିବା ସହ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାତଃ ଅଧିବେଶନରେ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଶାସ୍ତ୍ରୀୟ, ଲୋକନୃତ୍ୟ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ମଞ୍ଚ ଉପସ୍ଥାପକ ଜ୍ଞାନାନନ୍ଦ ସାଗର ସଂଯୋଜନା କରିଥିଲେ।

ସାନ୍ଧ୍ୟ ଅଧିବେଶନରେ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ମର୍ଦ୍ଦଳ ଗୁରୁ ସଚ୍ଚିଦାନନ୍ଦ ଦାସ, ଓଡ଼ିଶା ମହିଳା କମିଶନ ର ପୂର୍ବତନ ଅଧ୍ୟକ୍ଷା ଡ ମିନତୀ ବେହେରା, ବିଶିଷ୍ଟ ସମାଜସେବୀ ତଥା ଚିନ୍ତା ଓ ଚେତନାର ସାଧାରଣ ସମ୍ପାଦକ ସୁରେନ୍ଦ୍ର ଦାସ, ସାମାଜିକ ଉନ୍ନତିକରଣ ଅନୁଷ୍ଠାନର ନିର୍ଦ୍ଦେଶିକା ଶୁଭଶ୍ରୀ ଦାସ ଆଦି ଯୋଗଦେଇଥିଲେ। ଏହି ଅବସରରେ ନୃତ୍ୟ କ୍ଷେତ୍ରରେ ଜୀବନ ବ୍ୟାପୀ ସାଧନା ନିମନ୍ତେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ନୃତ୍ୟ ଗୁରୁ ମୀରା ଦାସଙ୍କୁ ନୃତ୍ୟ ମୋହିନୀ ସମ୍ମାନ ପ୍ରଦାନ କରାଯାଇଥିଲା। ସନ୍ଧ୍ୟା ଅଧିବେଶନରେ କଟକରୁ ନୃତ୍ୟ ଶିଳ୍ପୀ ବିଦ୍ୟା ବିଶ୍ୱଜିତାଙ୍କ ଏକକ ଓଡିଶୀ ନୃତ୍ୟ, ତେଲେଙ୍ଗାନା ରୁ ଆନ୍ଧ୍ର ନାଟ୍ୟମ୍ ନୃତ୍ୟଶିଳ୍ପୀ ଲୋକ ଚନ୍ଦ୍ର ଶେଖର ରେଡ୍ଡୀ, ପଶ୍ଚିମ ବଙ୍ଗରୁ କଥାକଳି ନୃତ୍ୟଶିଳ୍ପୀ ପରମିତା ମୁଖାର୍ଜୀ, ଡ ତାନିଆ ଚକ୍ରବର୍ତ୍ତୀଙ୍କ ମଣିପୁରୀ ନୃତ୍ୟ, ତାମିଲନାଡୁରୁ ଭାରତନାଟ୍ୟମ୍ ନୃତ୍ୟଶିଳ୍ପୀ ନିଶ୍ରେୟ ବରଲକ୍ଷ୍ମୀ, କର୍ଣ୍ଣାଟକର ଭାରତ ନାଟ୍ୟମ୍ ନୃତ୍ୟଶିଳ୍ପୀ ପୃଥିବୀ ଜନ, ଆନ୍ଧ୍ରପ୍ରଦେଶର କୁଚିପୁଡ଼ି ନୃତ୍ୟ ଶିଳ୍ପୀ ଶ୍ଳୋକା ପିଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦିକା ଓ ନିର୍ଦ୍ଦେଶିକା ପ୍ରଜ୍ଞା ପଟ୍ଟନାୟକ ପରିଚାଳନା କରିଥିଲେ।




## ଡିଜେଲ୍ ପମ୍ପରୁ ଚୋରି; ଜଣେ ଗିରଫ

ଭୁବନେଶ୍ୱର, ୧୯।୮ (ସମିସ): ଡିଜେଲ ପମ୍ପରୁ ଚୋରି କରିବା ଅଭିଯୋଗରେ ଜଣେ ଅଭିଯୁକ୍ତକୁ ଇନ୍‌ଫୋସିଟି ଥାନା ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଏମ୍ ସୀମାଦ୍ରି। ଏନେଇ ଥାନାରେ ବର୍ଣ୍ଣାଳି ଠାକୁରିଆଙ୍କ ଲିଖିତ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିଥିଲା। ସୂଚନାଯୋଗ୍ୟ ଯେ, ବର୍ଣ୍ଣାଳି ଜଣକ ଏନବିସିସି ଠାରେ କାର୍ଯ୍ୟରତ। ଆଜି ପ୍ରାତଃ ସମୟରେ ସୁଯୋଗ ଦେଖି ଏମ୍ ସୀମାଦ୍ରି ପଟିଆ ଠାରେ ଥିବା ଓଏଚପିସି ଟ୍ରେନିଂ ସେଣ୍ଟର ପରିସର ମଧ୍ୟକୁ ପ୍ରବେଶ କରିବା ସହ ପମ୍ପ ହାଉସ ସ୍ଥିତ ଡିଜେଲ ପମ୍ପରୁ ଏକ ବ୍ୟାଟେରୀ ଚୋରୀକରି ନେଇଯିବା ଲାଗି ପ୍ରୟାସ କରିଥିଲେ। ଏହି ସମୟରେ ସମ୍ପୃକ୍ତ ସଂସ୍ଥାର କର୍ମଚାରୀ ମାନେ ଅଭିଯୁକ୍ତଙ୍କୁ ତୁରନ୍ତ କାବୁ କରି ଚୋରା ବ୍ୟାଟେରୀ ସହ ଆଣି ତାଙ୍କୁ ପୁଲିସ ଜିମା ଦେଇଥିଲେ। ପରେ ଅଭିଯୋଗକାରିଣୀ ଏନେଇ ଇନଫୋସିଟି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତ ଏମ୍ ସୀମାଦ୍ରିଙ୍କୁ ଗିରଫ କରି ତାଙ୍କ ହେପାଜତରୁ ଚୋରା ବ୍ୟାଟେରୀକୁ ଜବତ କରିଥିଲେ।

## ଦୋକାନରୁ ଚୋରି; ୨ ଗିରଫ

ଭୁବନେଶ୍ୱର, ୧୯।୮ (ସମିସ): ଦୋକାନରୁ ଚୋରି କରିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ଇନ୍‌ଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲେ ଚନ୍ଦନ ଶାଭ ଓ ଦୁଃଶାସନ ସାହୁ। ତ୍ରିପତି ସାହୁଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଗିରଫ କରିଛି। ସୂଚନାଯୋଗ୍ୟ ଯେ, ତ୍ରିପତିଙ୍କର ଶିଖରଚଣ୍ଡୀ ନଗର ଛକ ଠାରେ ଏକ ଚା ଦୋକାନ ଅଛି। ଗତକାଲି ରାତିରେ ଦୋକାନ ବନ୍ଦ ପରେ ତ୍ରିପତ ଏବଂ ଦୋକାନରେ କାମ କରୁଥିବା ଜଣେ ପିଲା ଉକ୍ତ ଦୋକାନରେ ଶୋଇଥିବା ବେଳେ, ବିଳମ୍ବିତ ରାତିରେ ନିମ୍ନୋକ୍ତ ଦୁଇ ଅଭିଯୁକ୍ତ ସୁଯୋଗ ଉଣ୍ଡି ଦୋକାନରେ ପଶିବା ସହ ଭିତରୁ ୨ଟି ମୋବାଇଲ ଫୋନ, ଏକ ଟଙ୍କା ବାକ୍ସ, ଏବଂ କିଛି ଖାଦ୍ୟ ସାମଗ୍ରୀ ଚୋରୀକରି ନେଇଯାଇଥିଲେ। ଦୋକାନରୁ ଚୋରୀ ହୋଇଥିବା ଜାଣିବା ପରେ, ତ୍ରିପତି ଏନେଇ ଥାନାରେ ଅଭିଯୋଗ କରିଥିଲେ।

ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀ

## ଗୋଟିଏ ଫଟୋ କୁହେ ଅନେକ କଥା



ଭୁବନେଶ୍ୱର, ୧୯।୮ (ସମିସ): ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ଜୟଦେବ ଭବନରେ ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ନୂତନ ଭବିଷ୍ୟତ ନିର୍ମାଣର ସୂତ୍ରଧର ଟ୍ରଷ୍ଟ ତରଫରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଅରୁଣ ସାହୁ, ଏକାମ୍ର ନିର୍ମାଣ ମଣ୍ଡଳୀର ବିଧାୟକ ବାବୁ ସିଂ, ବରିଷ୍ଠ ସାମ୍ବାଦିକ ନୀଳାମ୍ବର ରଥ, ରାମଚଣ୍ଡୀ ପ୍ରସାଦ ରଣସିଂ, ବରିଷ୍ଠ ଚିତ୍ରଶିଳ୍ପୀ ତାରାକାନ୍ତ ପରିଡ଼ା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗୋଟିଏ ଫଟୋ ଅନେକ କଥା କୁହେ ବୋଲି ମତବ୍ୟକ୍ତ କରିଛନ୍ତି। ଅନେକ ସମୟରେ ଫଟୋଟିଏ ଦେଖି ତା ପଛରେ ଥିବା କାହାଣୀକୁ ବୁଝିହୁଏ। ଫଟୋ ବି ଅନେକ ସମୟରେ ଜୀବନ୍ତ ହୋଇଉଠେ। ଗୋଟିଏ ଗୋଟିଏ ଫଟୋ ସମାଜର ପ୍ରକୃତ ଚିତ୍ରକୁ ବଖାଣିଥାଏ। ଫଟୋଟିଏ ଅନେକ ମନକୁ ଆନ୍ଦୋଳିତ କରିପାରେ। ଅତୀତରେ ଗୋଟିଏ ଫଟୋ ସାରା ବିଶ୍ୱରେ ବି ଆଲୋଡ଼ନ ସୃଷ୍ଟି କରିବାର ନଜିର ରହିଛି। ଫଟୋଗ୍ରାଫି ଏକ କଳା ବୋଲି ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ 'ଏଆଇ ଯୁଗରେ ଫଟୋ ସାମ୍ବାଦିକଙ୍କ ଗୁରୁତ୍ୱ' ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହାସହ ଏକ ଫଟୋ ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖିଥିଲେ।

## ମହୁମାଛି କେବଳ କୀଟ ନୁହେଁ; ପ୍ରକୃତିର ଆଶୀର୍ବାଦ

ଭୁବନେଶ୍ୱର, ୧୯।୮ (ସମିସ): ମହୁମାଛି ବିଲୁପ୍ତ ହେଲେ ମଣିଷର ସ୍ଥିତି ମଧ୍ୟ ସଙ୍କଟାପନ୍ନ ହେବ। ମହୁମାଛି ଏକ ସାଧାରଣ କୀଟ ନୁହେଁ, ପ୍ରକୃତିର ଆଶୀର୍ବାଦ। ଏଣୁ ମହୁମାଛିମାନଙ୍କ ସୁରକ୍ଷା ଆଜିର ଆହ୍ୱାନ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶନିବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ ସାଇନସେସ୍ (ଆଇଏଏସ୍)ର କୀଟତତ୍ତ୍ୱ ବିଭାଗ ପକ୍ଷରୁ ବିଶ୍ୱ ମହୁମାଛି ଦିବସ ଅବସରରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଓଡ଼ିଶା ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡର ସଚିବ ଡ. ସଞ୍ଜୟ କୁମାର ମିଶ୍ର, ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ମୁଖ୍ୟ ଆବାହକ କୀଟତତ୍ତ୍ୱ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ବ୍ରଜ କିଶୋର ସାହୁ, ପ୍ରଫେସର ପ୍ରଭାତ କୁମାର ଷଡଙ୍ଗୀ, ଡ. ଭୁବନାନନ୍ଦ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

## ସର୍ବୋଦୟ ମଣ୍ଡଳ ତରଫରୁ ସାରଳା ଦେବୀଙ୍କ ଜୟନ୍ତୀ



ଭୁବନେଶ୍ୱର, ୧୯।୮ (ସମିସ): ଭୁବନେଶ୍ୱର ଜିଲ୍ଲା ସର୍ବୋଦୟ ମଣ୍ଡଳ ତରଫରୁ ଉତ୍କଳମଣି ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ସ୍ୱାଧୀନତା ସଂଗ୍ରାମୀ ଲୌହମାନବୀ ସାରଳା ଦେବୀଙ୍କ ୧୨୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ଉତ୍କଳ ସର୍ବୋଦୟ ମହିଳା ସେଲ ସଂଯୋଜିକା ରାବେୟା ବେଗମଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିରୂପମା ଜେନା, ସ୍ୱର୍ଣ୍ଣଲତା ମିଶ୍ର, ଶ୍ରଦ୍ଧାଞ୍ଜଳି ଦଳବେହେରା, ତ୍ରିଲୋଚନ ବେହେରା, ବିଶ୍ୱନାଥ ବେହେରା, ଅନୀତାରାଣୀ ଦାଶ, ରୁପଶ୍ରୀ ପଣ୍ଡା, ଅନ୍ନପୂର୍ଣ୍ଣା ରଥ ସହିତ ଅନେକ ସମାଜସେବୀ, ଶିକ୍ଷକ-ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଉପସ୍ଥିତ ବ୍ୟକ୍ତିବିଶେଷମାନେ ସାରଳା ଦେବୀଙ୍କୁ ଓଡ଼ିଶାର ପ୍ରମୁଖ ନାରୀ ସ୍ୱାଧୀନତା ସେନାନୀ ଭାବରେ ସ୍ମରଣ କରି, ତାଙ୍କର ସମାଜସେବା, ନାରୀ ସଶକ୍ତୀକରଣ ଓ ସ୍ୱାଧୀନତା ଆନ୍ଦୋଳନରେ ସାହସିକ ଭୂମିକାକୁ ଉଲ୍ଲେଖ କରିଥିଲେ ଏବଂ ତାଙ୍କ ଚିନ୍ତାଧାରା ଆଜିର ପରିପ୍ରେକ୍ଷୀରେ ମଧ୍ୟ ପଥପ୍ରଦର୍ଶକ ବୋଲି ଭବିଷ୍ୟତ ପିଢ଼ି ତାଙ୍କର ଜୀବନରୁ ପ୍ରେରଣା ନେଇ ସମାଜରେ ସକ୍ରିୟ ଭୂମିକା ନେବାକୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ସବୀର ଅହମ୍ମଦ ଅନୱାର ପ୍ରାରମ୍ଭିକ ଭାଷଣ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂସ୍କୃତି ବିଶ୍ୱବିଦ୍ୟାଳୟରେ ବିଶ୍ୱ ଫଟୋଗ୍ରାଫି ଦିବସ



ଭୁବନେଶ୍ୱର, ୧୯।୮ (ସମିସ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ବ୍ୟାବହାରିକ କଳାବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୁଳସଚିବ ଅନାମିକା ଅଧିକାରୀଙ୍କ ସଭାପତିତ୍ୱରେ 'ଫଟୋଗ୍ରାଫିରେ ଓଡ଼ିଶାର ଐତିହ୍ୟ ଓ ମନ୍ଦିର ସ୍ଥାପତ୍ୟ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଫଟୋଗ୍ରାଫି ଗବେଷକ ଓ ଶିକ୍ଷାବିତ୍ ଦାମୋଦର ଦାଶ ସମ୍ମାନିତ ବକ୍ତାଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫଟୋ ସାମ୍ବାଦିକ ପ୍ରୀତମ କୁମାର ସାହୁ, ପରୀକ୍ଷା ନିୟନ୍ତ୍ରକ ଧରଣୀଧର ରଣା, ବିତ୍ତ ନିୟନ୍ତ୍ରକ ସୁନନ୍ଦା ଷଡ଼ଙ୍ଗୀ ଯୋଗଦେଇ ନିଜର ମତ ଉପସ୍ଥାପନ କରିଥିଲେ।

## ଭାବବିନିମୟ କାର୍ଯ୍ୟକ୍ରମରେ ଭୁଟାନ୍‌ର ବୌଦ୍ଧ ଶିକ୍ଷକ



ଭୁବନେଶ୍ୱର, ୧୯।୮ (ସମିସ): କିଟ୍‌ରେ ୫ ଦିନିଆ ଭାବ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ଭୁଟାନ ସରକାର କିଟ୍‌କୁ ପଠାଇଥିବା ୩୧ ଜଣିଆ ବୌଦ୍ଧ ଶିକ୍ଷକ ପ୍ରତିନିଧିମଣ୍ଡଳ ଆଜି ସକାଳେ କିଟ୍ ଓ କିସ୍ ପରିଦର୍ଶନ କରିଛନ୍ତି। ପରେ ସେମାନେ ଏକ ଆଧାତ୍ମିକ ଶିକ୍ଷଣ ଅଧିବେଶନରେ ଯୋଗ ଦେଇଥିଲେ। ଅଧିବେଶନରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସେମାନଙ୍କୁ ଶିକ୍ଷା ଓ ସଂସ୍କାର, କର୍ମ ଓ ପ୍ରାରବ୍ଧ ଏବଂ ଆର୍ଟ ଅଫ୍ ଗିଭିଂ ଭଳି ୩ଟି ବିଷୟରେ ବୁଝାଇଥିଲେ। ଭୁଟାନର ଭବିଷ୍ୟତ ପିଢ଼ି ପାଇଁ ମୂଲ୍ୟ-ଭିତ୍ତିକ, କରୁଣାପୂର୍ଣ୍ଣ ଏବଂ ସାମଗ୍ରିକ ଶିକ୍ଷା ପରିବେଶକୁ ପରିପୁଷ୍ଟ କରିବା ପାଇଁ ଏହି ଶିକ୍ଷକମାନେ ପ୍ରତିବଦ୍ଧ ହେବେ ବୋଲି ସେମାନେ ପ୍ରକାଶ କରିଥିଲେ।

ପାଠ ପଢ଼ିବାକୁ ଯାଇ ଦୁଇବର୍ଷ ହେଲା ଚାଲିଗଲା ପୁଅ

# ଟ୍ରଲିରେ ପତାକା ଲଗାଇ ନ୍ୟାୟ ମାଗୁଛି ବାପା





ଭୁବନେଶ୍ୱର, ୧୯।୮ (ସମିସ): ସ୍ୱପ୍ନ ଥିଲା, ପୁଅ ପାଠପଢ଼ି ବଡ଼ ଚାକିରି କରିବ। ସେଥିପାଇଁ ଦିନରାତି ପରିଶ୍ରମ କରି ପୁଅକୁ ପଢ଼ାଇଲେ। ସେହି ଆଶା ନେଇ ପାଠ ବଢ଼ିବା ପୁଅକୁ ବାଲେଶ୍ୱର ପଠାଇଲେ ପରିବାର ଲୋକେ। ହେଲେ ସମୟରେ ବିଡ଼ମ୍ବନା ପୁଅ ସେବେଠାରୁ ଯାଇଛି ଯେ, ଯାଉଛି; ଆଉ ଫେରିନି। ଚାହୁଁ ଚାହୁଁ ୨ ବର୍ଷ ବିତିଗଲାଣି ପରିବାରର ଏକମାତ୍ର ପୁଅ ଚାଲିଗଲା। ଚାକିରି ପାଇଁ ସ୍ୱପ୍ନ ଦେଖି ଘରୁ ପାଦ କାଢ଼ିଥିବା ପୁଅ ଆଉ କେବେ ଫେରିବନି ବୋଲି ସେଦିନ ବାପା ନିଶ୍ଚିତ ହୋଇଗଲେ, ଯେଉଁଦିନ ଜାଣିଲେ ଯେ, ପୁଅ ସେଠାରେ ମୃତ୍ୟୁବରଣ କରିଛି। ତଥାପି ନ୍ୟାୟ ପାଇଁ ପୁଲିସ ପାଖକୁ ଦୌଡ଼ି ଦୌଡ଼ି ନିରାଶ ହୋଇପଡ଼ିଛନ୍ତି ବାପା। ଏତିକି କହିବା ବେଳକୁ କାନ୍ଦି ପକାଇଥିଲେ ବିଶ୍ୱମ୍ବର ସାହୁ। ପାଟିରେ ଖାଲି ଗୋଟିଏ କଥା ମୋ ପୁଅକୁ ମାରିଦେଲେ, ମୁଁ କିଛି କରିପାରିଲିନି...। ସେବେଠାରୁ ନିଜେ ବୋହୁଥିବା ଟ୍ରଲିରେ ପତାକା ଲଗାଇ ରାଜଧାନୀ ସହରର ଗଳିଗଳି ବୁଲି ନ୍ୟାୟ ମାଗୁଛନ୍ତି ବିଶ୍ୱମ୍ବର।

ବିଶ୍ୱମ୍ବର ଆଜି ବି ମୃତ ପୁଅକୁ ନ୍ୟାୟଦେବାକୁ ପ୍ରୟାସ କରି ଚାଲିଛନ୍ତି। ୫୫ ବର୍ଷୀୟ ବିଶ୍ୱମ୍ବରଙ୍କ ଘର ପୁରୀ ଜିଲ୍ଲାର ବାଟମଙ୍ଗଳା ନିକଟରେ। ହେଲେ ସେ ରାଜଧାନୀର ଗାଡ଼କଣ ଅଞ୍ଚଳରେ ରୁହନ୍ତି। ପରିବାର ବୋଲି ସ୍ତ୍ରୀ, ପୁଅ ଓ ଝିଅ। ଘର ଚଳେଇବାକୁ କବାଡି କାମ କରନ୍ତି। ଟ୍ରଲି ଧରି ଦିନ ରାତି ରାଜଧାନୀରେ ଘୂରି ବୁଲନ୍ତି। ଆଶା ଥିଲା ପୁଅ ଓ ଝିଅ ପାଠ ପଢ଼ାଇ ବଡ ମଣିଷ କରିବେ। ସେଥିପାଇଁ ବଡ ପୁଅ ବିବେକ ସାହୁଙ୍କୁ ଉଚ୍ଚଶିକ୍ଷା ଦେବାକୁ ବାଲେଶ୍ୱରର ଏକ ଘରୋଇ କଲେଜରେ ୬ ମାସର ଏକ କୋର୍ସରେ ନାମ ଲେଖାଇଥିଲେ। ପୁଅ ପ୍ରତ୍ୟେକ ଦିନ ଫୋନରେ ସବୁକଥା ଟିକିନିକି କରି ଜଣାଏ। ବିବେକଙ୍କ କୋର୍ସର ତିନି ମାସ ଅତିକ୍ରମ କରିବା ପରେ ତାଙ୍କୁ କୌଣସି ଏକ ସଂସ୍ଥାରୁ ଚାକିରି ପାଇଁ ସୁଯୋଗ ଆସିଥିଲା। ପରିବାରରେ ଖୁସି ଖେଳି ଯାଇଥିଲା। ହେଲେ ସେ ଖୁସି ବେଶୀ ଦିନ ରହିଲା ନାହିଁ। ଚାକିରିରେ ଯୋଗ ଦେବାକୁ ଆଉ ମାତ୍ର ୮ ଦିନ ବାକି ଥିଲା। କଲେଜରୁ ଫୋନ ଆସିଲା, ପୁଅର ଦେହ ସିରିଏସ ତୁରନ୍ତ ଆସନ୍ତୁ। ଖବର ପାଇଁ ତାଙ୍କ ବାପା ମାଆ ବିବେକଙ୍କୁ ଡାକ୍ତରଖାନାରେ ପହଞ୍ଚିଥିଲେ। ହେଲେ ସେତେବେଳକୁ ପୁଅ ତାଙ୍କର ଆଉ ଇହଧାମରେ ନ ଥିଲା। ପୁଅର ମୃତଦେହ ଦେଖି ବିଶ୍ୱମ୍ବର ଏବଂ ତାଙ୍କ ପତ୍ନୀଙ୍କ ପାଦତଳୁ ମାଟି ଖସି ଯିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏକମାତ୍ର ପୁଅକୁ ହରାଇ ଦୁହେଁ ଅତ୍ୟନ୍ତ ଭାଙ୍ଗି ପଡ଼ିଥିଲେ। ପୁଅ ଆତ୍ମହତ୍ୟା କରିଛି ବୋଲି କଲେଜ କର୍ତ୍ତୃପକ୍ଷ କହିଥିଲେ। ହେଲେ ମୋ ପୁଅ ଆତ୍ମହତ୍ୟା କରିପାରିବନି ବୋଲି ବିଶ୍ୱମ୍ବର ଏବେ ବି ଦୃଢ଼ ଭାବରେ ଉତ୍ତର ଦିଅନ୍ତି। ଏନେଇ ନିକଟସ୍ଥ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଗତ ଦୁଇ ବର୍ଷ ହେବ ଲଗାତାର ସେ ପୁଅକୁ ନ୍ୟାୟ ଦେବାର ପ୍ରୟାସ କରିଚାଲିଛନ୍ତି। ଦିନେ ନଖଟିଲେ ପରିବାର ଚଳେଇବା କଷ୍ଟକର। ଏପଟେ ପୁଅକୁ ହରେଇବାର ଦୁଃଖ ତାଙ୍କୁ ଆହୁରି ଭାଙ୍ଗି ଦେଉଛି ବୋଲି କହି ସେ କାନ୍ଦି ପକାଇଥିଲେ। ଏପରିକି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସେ ଟ୍ରଲିରେ ପତାକା ଟାଙ୍ଗି ସହରରେ ବୁଲିଲେ, ଅନେକ ଚିହ୍ନା ଜଣା ବ୍ୟକ୍ତିଙ୍କ ନିକଟକୁ ସାହାଯ୍ୟ ଆଶାରେ ମଧ୍ୟ ଗଲେ। ହେଲେ ସବୁଠୁ ସେ ନିରାଶ ହୋଇ ଫେରିଥିଲେ। ଦୁଇ ବର୍ଷ ବିତି ଯାଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ସମୟର ଭାରରେ ନଇଁ ଯାଇଥିବା କାନ୍ଧ ଆଜି ବି ପୁଅକୁ ନ୍ୟାୟ ଦେବା ଅପେକ୍ଷାରେ ଚାହିଁ ରହିଛି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୫୦ • ପାଉଣ୍ଡ ୧୧୭.୦୧
- ୟୁରୋ ୧୦୧.୩୫ • ୟେନ୍ ୦.୫୮

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୩୫୦ (ନୂଆଦିଲ୍ଲୀ)
- ରୁପା : ୧,୧୭,୧୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୬୪୪.୦୦
- ନିଫ୍ଟି ୨୪,୯୮୦.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଧିକାରୀ ସଂଘର ୪୭ତମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର, ୧୯।୮ (ସମିସ): ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଧିକାରୀ ସଂଘ, ଭୁବନେଶ୍ୱର ମଣ୍ଡଳ ଏହାର ୪୭ତମ ପ୍ରତିଷ୍ଠା ଦିବସ ପାଳନ କରିଛି । ଭୁବନେଶ୍ୱର ସ୍ଥିତ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟଠାରେ ସଂଘର ସଂସ୍ଥାପକ ସଦସ୍ୟ ଏନ୍.ଏନ୍. ଦାସ୍ ଓ ପି.ଭି.ଏସ୍. ମୂର୍ତ୍ତିଙ୍କୁ ମାଲ୍ୟାର୍ପଣ କରିଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ମହାପ୍ରବନ୍ଧକ କୌଶଳ କିଶୋର ସିଂ ଏସ୍‌ବିଆଇ ଅଧିକାରୀମାନଙ୍କର ସେବା-ସ୍ଥିତି, ଅଧିକାର, କର୍ତ୍ତବ୍ୟ ଓ ସୁବିଧାସମୂହ ସମ୍ପର୍କିତ ପୁସ୍ତକ ଉନ୍ମୋଚନ କରିଥିଲେ । ଏଥିରେ ଉପମହାପ୍ରବନ୍ଧକ ଓ ମଣ୍ଡଳ ବିକାଶ ଅଧିକାରୀଙ୍କ ସହିତ ଅନ୍ୟ ବରିଷ୍ଠ ଅଧିକାରୀ, କର୍ମଚାରୀ ସଂଘ ସାଧାରଣ ସଚିବ ଓ ଅଧ୍ୟକ୍ଷ ଆଦି ଉପସ୍ଥିତ ଥିଲେ । ଏହି ଅବସରରେ ସମାଜ ପ୍ରତି ସଂଘର ଦାୟିତ୍ୱବୋଧକୁ ପ୍ରକାଶ କରି, ଭୁବନେଶ୍ୱରର ୟୁନିଟ୍-୬ ର "ଆଶ୍ରୟ" ଡେଷ୍ଟିଚ୍ୟୁଟ୍‌ରେ ନିରାଶ୍ରୟଙ୍କ ପାଇଁ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ପରିଚାଳିତ ହେଲା ତଥା ସହରରେ ଯାତାୟାତ ଓ ଶୃଙ୍ଖଳା ବ୍ୟବସ୍ଥାରେ ନିଷ୍ଠା, ପରିଶ୍ରମ ଓ ଶୃଙ୍ଖଳାନୁଶାସନ ରକ୍ଷାରେ ସେବାଦାନ କରୁଥିବା ୪୧ ଜଣ ଟ୍ରାଫିକ୍ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା । ଓଡ଼ିଶାର ବିଭିନ୍ନ ଜୋନ ଯଥା ସମ୍ବଲପୁର, ବାଲେଶ୍ୱର, ବ୍ରହ୍ମପୁର ଓ ଭୁବନେଶ୍ୱର ଆଦି ଅଞ୍ଚଳରେ ମଧ୍ୟ ଅଧିକାରୀ ସଂଘର ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା ।

# ଟ୍ରମ୍ପ୍ ଶୁଳ୍କ ପ୍ରଭାବହୀନ; ୟୁକେ ବଜାର ଉପରେ ନାଲ୍‌କୋର ନଜର

ଭୁବନେଶ୍ୱର, ୧୯।୮ (ସମିସ): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଦ୍ୱାରା ଭାରତ ଉପରେ ଲାଗୁ କରାଯାଇଥିବା ଉଚ୍ଚ ଶୁଳ୍କର ପ୍ରଭାବ ନବରତ୍ନ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)ର ବ୍ୟବସାୟ ଉପରେ ପଡୁନାହିଁ । ବର୍ତ୍ତମାନ କମ୍ପାନୀ ଆମେରିକା ବାହାରେ ଅନ୍ୟ ସ୍ଥାନରେ ବ୍ୟବସାୟ ସନ୍ଧାନରେ ରହିଛି । ସାମ୍ପ୍ରତିକ ସମୟରେ ନାଲ୍‌କୋ ୟୁକେ ସହ ବ୍ୟବସାୟ ଉପରେ ଗୁରୁତ୍ୱ ଦେଉଛି । କାରଣ

- ଇଭି, ସୌର ପ୍ୟାନେଲ୍ କ୍ଷେତ୍ରରେ କମ୍ପାନୀ ପାଇଁ ବଡ଼ ସୁଯୋଗ
- ପଟାଙ୍ଗୀ ବକ୍ସାଇଟ୍ ଖଣି ୨୦୨୬ ଜୁନ୍ ସୁଦ୍ଧା ହେବ କାର୍ଯ୍ୟକ୍ଷମ
- ୨୦୩୦ ସୁଦ୍ଧା ଶେଷ ହେବ ୩୪,୬୦୦ କୋଟିର ସମ୍ପ୍ରସାରଣ କାର୍ଯ୍ୟ

ୟୁକେରେ ବୈଦ୍ୟୁତିକ ଯାନ(ଇଭି) ଏବଂ ସୌର ପ୍ୟାନେଲ୍ ଉତ୍ପାଦନ କ୍ଷେତ୍ରରେ ଏକ ସୁଦୃଢ଼ ବଜାର ରହିଛି । ଏହି ଦୁଇ




କ୍ଷେତ୍ରରେ ଆଲୁମିନିୟମ୍‌ର ଜୋରଦାର ଚାହିଦା ରହିଥିବା ଭୁବନେଶ୍ୱରଠାରେ ମିଡିଆ କନେକ୍ଟ ୨୦୨୫ରେ ଯୋଗଦେଇ ନାଲକୋ ଅଧ୍ୟକ୍ଷ-ତଥା-ପରିଚାଳନା ନିର୍ଦ୍ଦେଶକ(ସିଏମ୍‌ଡି) ବ୍ରିଜେନ୍ଦ୍ର ପ୍ରତାପ ସିଂହ ଏହା କହିଛନ୍ତି ।

ନାଲ୍‌କୋ ଘରୋଇ ବଜାରରେସର୍ବାଧିକ ଆଲୁମିନା ଏବଂ ଆଲୁମିନିୟମ୍ ବିକ୍ରି କରି ନୂଆ ରେକର୍ଡ ସ୍ଥାପନ କରିଛି । କମ୍ପାନୀ କୋରାପୁଟ ସ୍ଥିତ ପଟାଙ୍ଗୀ ବକ୍ସାଇଟ୍ ଖଣିକୁ ୨୦୨୬ ଜୁନ୍ ସୁଦ୍ଧା ହେବ କାର୍ଯ୍ୟକ୍ଷମ କରିବାକୁ ଯୋଜନା ରଖିଛି । ଏଥିପାଇଁ ଜିଓ-ଟେଣ୍ଡରିଂ କାର୍ଯ୍ୟ ଚଳିତବର୍ଷ ସେପ୍ଟେମ୍ବର କିମ୍ବା ଅକ୍ଟୋବର ମାସ ସୁଦ୍ଧା ଶେଷ ହେବ । ଏହି ଖଣି ୬୯୭.୯୭୯ ହେକ୍ଟର ଜମିରେ ପରିବ୍ୟାପ୍ତ । ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୩.୫ ନିୟୁତ ଟନ୍ । ଏହି ଖଣିରେ କମ୍ପାନୀ ୧୯୬୧ କୋଟି ଟଙ୍କା ନିବେଶ କରିବ ବୋଲି ଶ୍ରୀ ସିଂହ କହିଛନ୍ତି । ସେହିପରି କମ୍ପାନୀ ଦାମନଯୋଡି ସ୍ଥିତ ଆଲୁମିନିୟମ୍ ବିଶୋଧନାଗାରର ୫ମ ସମ୍ପ୍ରସାରଣରେ ୫୬୦୦ କୋଟି ନିବେଶ କରିବ । ସେହିପରି ଅନୁଗୋଳ ପ୍ଲାଣ୍ଟର ଆଲୁମିନିୟମ୍ ସ୍ମେଲଟରରେ ୧୭ ହଜାର କୋଟି ଟଙ୍କା ଏବଂ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ ନିର୍ମାଣରେ ନାଲ୍‌କୋ ୧୨,୦୦୦ କୋଟି ଟଙ୍କା ଖଟାଇବାକୁ ଯୋଜନା ରଖିଛି । ତେବେ ଏହି ସମ୍ପ୍ରସାରଣ ଯୋଜନା ନିମନ୍ତେ ସବିଶେଷ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ଚଳିତ ଆର୍ଥିକବର୍ଷର ତୃତୀୟ ତ୍ରୈମାସିକ ସୁଦ୍ଧା ପ୍ରସ୍ତୁତ ହୋଇଯିବ । ପରେ ଏହାକୁ ଅନୁମୋଦନ ଲାଗି କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀଙ୍କ ନିକଟକୁ ପଠାଯିବ ବୋଲି ସେ କହିଛନ୍ତି । ଏହାଛଡା ଚଳିତ ଆର୍ଥିକବର୍ଷର ପ୍ରଥମ ତ୍ରୈମାସିକରେ ନାଲ୍‌କୋର ନେଟ୍ ଲାଭ ରେ ୭୭% ବୃଦ୍ଧି ଘଟି ୧୦୬୪ କୋଟି ଟଙ୍କାରେ ପହଞ୍ଚିଛି । ସେହିପରି ପରିଚାଳନାଗତ ରାଜସ୍ୱ ୩୮୦୭ କୋଟି ଟଙ୍କା ହୋଇଛି ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନାଲକୋର ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ପ୍ରକଳ୍ପ ଏବଂ ବୈଷୟିକ) ଜଗଦୀଶ ଆରୋରା, ନିର୍ଦ୍ଦେଶକ (ମାନବ ସମ୍ବଳ) ଡ. ତାପସ କୁମାର ପଟ୍ଟନାୟକ ଏବଂ ନିର୍ଦ୍ଦେଶକ (ଅର୍ଥ) ଅଭୟ କୁମାର ବେହୁରିଆ ମଧ୍ୟ ଉପସ୍ଥିତ ଥିଲେ । ପ୍ରାରମ୍ଭରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ଆଶୁତୋଷ ରଥ କମ୍ପାନୀର କାର୍ଯ୍ୟକଳାପ ସମ୍ବନ୍ଧରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ ।

# ଏକରୁ ଅଧିକ କ୍ରେଡିଟ୍ କାର୍ଡରେ ଖରାପ ହେବ କି ସିବିଲ୍ ସ୍କୋର!

ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି): ଆଜିକାଲି, ଜଣେ ବ୍ୟକ୍ତି କ୍ରେଡିଟ୍ କାର୍ଡ ବ୍ୟବହାର କରିବା ଆରମ୍ଭ କରିବା ମାତ୍ରେ, ଅଳ୍ପ ସମୟ ମଧ୍ୟରେ ଅନ୍ୟ ବ୍ୟାଙ୍କଗୁଡ଼ିକ ମଧ୍ୟ ତାଙ୍କୁ କ୍ରେଡିଟ୍ କାର୍ଡ ଦେବା ପାଇଁ ଯୋଗାଯୋଗ କରିବା ଆରମ୍ଭ କରିଦେଉଛନ୍ତି । କିନ୍ତୁ ଏପରି ପରିସ୍ଥିତିରେ, ମନରେ ପ୍ରଶ୍ନ ଉଠେ ଯେ ଯେତେବେଳେ ଗୋଟିଏ କାର୍ଡ ଅଛି, ତେବେ ଜଣେ ଆଉ ଏକ କାର୍ଡ କାହିଁକି ନେବେ । ଏହାଛଡା ଦ୍ୱିତୀୟ କାର୍ଡ ନେବା ଠିକ୍ ହେବ କି ନାହିଁ? ଏହାର ଉତ୍ତର ପ୍ରାୟତଃ 'ନା' ହେବ । କିନ୍ତୁ କେତେକ ସମୟରେ ଗୋଟିଏରୁ ଅଧିକ କ୍ରେଡିଟ୍ କାର୍ଡ ରଖିବା ଲାଭଦାୟକ ହୋଇପାରେ । ତେବେ କେଉଁ ପରିସ୍ଥିତିରେ ଏକରୁ ଅଧିକ କ୍ରେଡିଟ୍ କାର୍ଡ ଲାଭ ଦେଇଥାଏ ଏବଂ କେଉଁ ପରିସ୍ଥିତିରେ ଏହାକୁ ଏଡାଇବା ଉଚିତ ।

### ଏକ କ୍ରେଡିଟ୍ ଇତିହାସ ରଖିବା ପାଇଁ ଦ୍ୱିତୀୟ କାର୍ଡ ଉପଯୋଗୀ ହେବ

ଯଦି ଆପଣ ସମ୍ପ୍ରତି ଏକ କ୍ରେଡିଟ୍ କାର୍ଡ ନେଇଛନ୍ତି ଏବଂ ଭବିଷ୍ୟତରେ ଆପଣ ଏକ କାର୍ ଋଣ, ଗୃହ ଋଣ କିମ୍ବା ବ୍ୟକ୍ତିଗତ ଋଣ ନେବାକୁ ଚାହୁଁଛନ୍ତି, ତେବେ ନିଜର ଏକ ଭଲ କ୍ରେଡିଟ୍ ଇତିହାସ ଗଠନ କରିବା ଗୁରୁତ୍ୱପୂର୍ଣ୍ଣ । ଯେତେବେଳେ ଆପଣ ସମୟସୀମା ମଧ୍ୟରେ ବିଲ୍ ପରିଶୋଧ କରୁଛନ୍ତି ଏବଂ କାର୍ଡକୁ ସଠିକ୍ ଭାବରେ ବ୍ୟବହାର କରନ୍ତି ସେତେବେଳେ କ୍ରେଡିଟ୍ ଇତିହାସ ଗଠନ ହୁଏ । ଏପରି ପରିସ୍ଥିତିରେ, ଗୋଟିଏରୁ ଅଧିକ କାର୍ଡ ରଖିବା ଆପଣଙ୍କୁ ଅଧିକ କାରବାର କରିବାର ସୁଯୋଗ ଦିଏ, ଯାହା ଆପଣଙ୍କ ସିବିଲ୍ ସ୍କୋରକୁ ଆହୁରି ମଜବୁତ କରିଥାଏ ।

### କ୍ରେଡିଟ୍ ସୀମା ବୃଦ୍ଧି କରିବାକୁ ହେଲେ ୨ଟି କାର୍ଡ ଲାଭଦାୟକ

ଧରିନିଅନ୍ତୁ ଆପଣଙ୍କର ଗୋଟିଏ କ୍ରେଡିଟ୍ କାର୍ଡ ଅଛି, ଯାହାର କ୍ରେଡିଟ୍ ସୀମା ୨ ଲକ୍ଷ ଟଙ୍କା । ଏବେ ଯଦି ଆପଣ ଅନ୍ୟ ଏକ କାର୍ଡ ନିଅନ୍ତି ଯାହାର ସୀମା ସମାନ, ତେବେ ଆପଣଙ୍କର ମୋଟ କ୍ରେଡିଟ୍ ସୀମା ୪ ଲକ୍ଷ ଟଙ୍କା ହେବ । ଏହା କେବଳ ଅଧିକ ଖର୍ଚ୍ଚ କରିବାର ସୁବିଧା ଦେଇ ନ ଥାଏ, ବରଂ ଏହା ଜରୁରୀକାଳୀନ ପରିସ୍ଥିତିରେ ଆପଣଙ୍କ ପାଇଁ ମଧ୍ୟ ବହୁତ ଉପଯୋଗୀ ହୋଇପାରେ ।

### କ୍ରେଡିଟ୍ ସ୍କୋର ଉନ୍ନତ କରିବା ପାଇଁ ସିୟୁଆର୍ ନିୟନ୍ତ୍ରଣ କରନ୍ତୁ

କ୍ରେଡିଟ୍ ସ୍କୋରର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି କ୍ରେଡିଟ୍ ବ୍ୟବହାର ଅନୁପାତ (ସିୟୁଆର୍) । ସରଳ ଭାଷାରେ, ସିୟୁଆର୍ କହିଥାଏ ଯେ ଆପଣ ଆପଣଙ୍କର ମୋଟ କ୍ରେଡିଟ୍ ସୀମାର କେତେ ବ୍ୟବହାର କରିଛନ୍ତି । ଉଦାହରଣ ସ୍ୱରୂପ, ଯଦି ଆପଣଙ୍କର ସୀମା ୨ ଲକ୍ଷ ଟଙ୍କା ଏବଂ ଆପଣ ୧.୬ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି, ତେବେ ଆପଣଙ୍କର ସିୟୁଆର୍ ୮୦% ଯାହା ବହୁତ ଅଧିକ । ଏହା ୩୦%ରୁ କମ୍ ହେବା ଉଚିତ । ଏପରି ପରିସ୍ଥିତିରେ, ଯଦି ଆପଣଙ୍କର ଦ୍ୱିତୀୟ କାର୍ଡ ଥାଆନ୍ତା, ତେବେ ଆପଣ ଖର୍ଚ୍ଚକୁ ଦୁଇଟି ମଧ୍ୟରେ ବାଣ୍ଟି ପାରିଥାଆନ୍ତେ । ଏହା ଆପଣଙ୍କର ବ୍ୟବହାର ଅନୁପାତକୁ ହ୍ରାସ କରିଥାଆନ୍ତା ଏବଂ ଆପଣଙ୍କର କ୍ରେଡିଟ୍ ସ୍କୋରକୁ ଉନ୍ନତ କରିଥାଆନ୍ତା ।

### ଦୁଇଟି କ୍ରେଡିଟ୍ କାର୍ଡ ରଖିବା ସମସ୍ତଙ୍କ ପାଇଁ ଠିକ୍ ନୁହେଁ?

କିଛି ଲୋକଙ୍କ ପାଖରେ କ୍ରେଡିଟ୍ କାର୍ଡ ଅଛି କିନ୍ତୁ ସେଗୁଡ଼ିକୁ ବହୁତ କମ୍ ବ୍ୟବହାର କରନ୍ତି । ଯେପରିକି ଲୋକେ କ୍ରେଡିଟ୍ କାର୍ଡକୁ କେବଳ ହୋଟେଲ ବୁକିଂ ପାଇଁ କିମ୍ବା ଆବଶ୍ୟକ ସମୟରେ ବ୍ୟବହାର କରିଥାନ୍ତି । ଏପରି ଲୋକଙ୍କ ପାଇଁ, ଦ୍ୱିତୀୟ କାର୍ଡ ରଖିବା ମୁଣ୍ଡବିନ୍ଧାର କାରଣ ହୋଇପାରେ । କାରଣ ପ୍ରତ୍ୟେକ କାର୍ଡ ସହିତ ସମୟସୀମା ମଧ୍ୟରେ ବିଲ୍ ପୈଠ କରିବା ଏବଂ ଏହାର ଟ୍ରାକ୍ ରଖିବା ଆବଶ୍ୟକ । ଯଦି ଆପଣ ଆପଣଙ୍କର ବିଦ୍ୟମାନ କାର୍ଡକୁ ବୁଦ୍ଧିମାନ ଭାବରେ ବ୍ୟବହାର କରନ୍ତି ଏବଂ ଆପଣଙ୍କର ଖର୍ଚ୍ଚ ଏହାର ମୋଟ ସୀମାର ୩୦% ରୁ କମ୍ ହୁଏ, ତେବେ ଦ୍ୱିତୀୟ କାର୍ଡ ରଖିବା ଆପଣଙ୍କ ଉପରେ ଅନାବଶ୍ୟକ ବୋଝ ପକାଇବ । ଆପଣଙ୍କର କ୍ରେଡିଟ୍ ସ୍କୋରକୁ ଉନ୍ନତ କରିବା ପାଇଁ ଦ୍ୱିତୀୟ କାର୍ଡ ରଖିବାର କୌଣସି ଆବଶ୍ୟକତା ନାହିଁ ।

## AFFIDAVIT

I, Sahida Bano, W/o- Md Tisamuddin, At: Ward No 1, Dhubapada, Po/Ps- Kantabanji, Dist- Balangir, Pin-767039, Odisha. declare by this Affidavit no. 49333, Dated: 18.08.2025, that now onwards I shall be known as **"SAHEDA BANO"** for all future purposes

## LOST

I, **Ranjan Kumar Sahoo**, aged 45 years, S/o Arttabandhu Sahoo, resident of Village/PO: Bidhanima, PS: Tigiria, Dist: Cuttack, Odisha do hereby declare that, my Original Sale Deed vide No: 10481200449, dated- 23/07/2012, Mouza- Bidhanima vide Khata No.97 have been lost in Nuapatna area on dated- 16/08/2025 in somewhere. If anyone finds it kindly contact to my number 9899263899 or above the address.

**Ranjan Kumar Sahoo**

## AFFIDAVIT

I, Rabindra Kumar Kar, S/o- Satyananda Kar, resident of At-Bhanapur, Po- Tulasipur, Nimapara Dist- Puri, PIN-752113, Odisha declared by this affidavit No. 670, dtd- 19/08/2025 that now onwards I shall be known as **RABINDRA KAR** for all future purposes.

## AFFIDAVIT

I, Sushree Sangita Nayak, W/o- Shitikantha Nayak, resident of Sani Mandira Basti, Near Sani Mandira, Bhoi Nagar, Po- Utkal University, Bhubaneswar, Dist- Khurda, PIN- 751004, Odisha declared by this affidavit No. 671, dtd- 19/08/2025 that now onwards I shall be known as **SUSRI SANGITA NAYAK** for all future purposes.

## AFFIDAVIT

By virtue of an affidavit sworn before Executive Magistrate, Bhubaneswar vide Serial No. 50 dt. 19.08.2025 I, Subhashree Priydarshnee Sahoo resident of Pratima Nivas, Paltanpadia, Near Hengulai temple, P.S.Khordha, Dist.Khordha Odisha declare that I have changed my name from Subhashree Priydarshnee Sethi to Subhashree Priydarshnee Sahoo. Henceforth I shall be known as Subhashree Priydarshnee Sahoo for all purposes.

**Subhashree Priydarshnee Sahoo**

## AFFIDAVIT

By virtue of an affidavit dated 13.08.2025, No. 2583 sworn before Executive Magistrate Khordha, I, ABHIRAM MOHAPATRA, S/o-Duryodhan Mohapatra, Resident At- Thakurpada, Po:- Pubusahi, Ps/ Dist- Khordha, Odisha-752055, declare that I have changed my name from RABINDRA MOHAPATRA to ABHIRAM MOHAPATRA. Henceforth, I shall be known as **ABHIRAM MOHAPATRA** for all purposes.

## କବଲା ହଜିଛି

ମୁଁ ନୟନା ସାହୁ, ପିତା- ଧନେଶ୍ୱର ସାହୁ, ସା- ହରିଶରଣପୁର, ବଙ୍ଗେଟିସାହି, ୱାର୍ଡ ନମ୍ବର- ୧୦, ଜିଲ୍ଲା- କଟକ, ଆଠଗଡ଼ ଥାନାରେ ଲିଖିତ ଅଭିଯୋଗ କରି ଜଣାଉ ଅଛି ଯେ ମୋର କବଲା ନମ୍ବର ୧୮୭ ଓ ଘରବାରୀ ଖାତା ନମ୍ବର ୩୪୯/୬୯୫ ଗତ ତା. ୦୫/୦୮/୨୦୨୫ ରିକ୍ସାରେ ଆଠଗଡ଼ ବସଷ୍ଟାଣ୍ଡରେ ହଜି ଯାଇଛି । ଏଣୁ କୌଣସି ସହୃଦୟ ବ୍ୟକ୍ତି ପାଇଥିଲେ ଆଠଗଡ଼ ଥାନା କିମ୍ବା ପ୍ରଭାକର ପଟ୍ଟନାୟକ (ଆଇନଜିବୀ) ମୋ- ୯୭୭୮୦୭୦୫୯୦, ୭୦୭୭୭୦୪୫୯୦ ରେ ଯୋଗାଯୋଗ କରିବାକୁ ଆନୁରୋଧ ।

**ନୟନା ସାହୁ**

## AFFIDAVIT

I, Dhananjaya Dash, aged about 37 years, S/o- Purna Chandra Dash, resident of At- Babalpur, Nandipur, Ps- Dasarathpur, Dist- Jajpur, Odisha, Pin- 755006 declare by this affidavit No. 1674, dtd- 19.08.2025, that now onwards I shall be known as **DHANANJAY DASH** for all future purposes.

## AFFIDAVIT

I, Minati Mohanty, W/o-Late Baidhar Mohanty, resident of Village-Pubakhanda, PO/PS -Niali, Dist- Cuttack, PIN - 754004, Odisha, declare by this affidavit No-15, dated- 04.08.2025, that now onwards I shall be known as **SOUDAMINI BEWA** for all future purposes.

## AFFIDAVIT

By virtue of an affidavit sworn before Notary Public, Jaleswar , No-1847, dated-18/08/2025. I , Ananta Kumar Pal, S/O- Madhusudan Pal, At:Kuanrpur, Po: Makidia, PS: Raibania, Dist: Balasore, Pin: 756033 declare that I have changed my name from Anant Kumar Pal to Ananta Kumar Pal . Henceforth , I shall be known as **Ananta Kumar Pal** for all Purposes.

**Ananta Kumar Pal**

## AFFIDAVIT

By virtue of an affidavit sworn before Notary Public Titilagarh, dated 06.08.2025 I, Dulichand Jain, Adress At- Thikadar Para, Po/Ps- Titilagarh, Dist- Balangir, Odisha, Pin- 767033 declare that I have changed my son's name from Venkat Jain to Ved Jain. Henceforth, he shall be known as Ved Jain for all purposes.

**Dulichand Jain**

## AFFIDAVIT

By virtue of an affidavit sworn before Notary Public, Bhubaneswar dated 18.08.2025 I Mami Barik resident at Plot No- 1622/2309, Near Aerodrome area, Palaspalli. Ps- Airport, Bhubaneswar-751020, Dist- Khordha, declare that I have change my name from Mani Barik to Mami Barik. Henceforth I shall be known as MAMI BARIK for all purposes.

**(Mami Barik)**

## AFFIDAVIT

I, Nita Nathsharma, W/o- Chandrasekhar Nathsharma, Resident of Duplex No. 57-A, Pristine Green, Pokhariput, Aerodrome Area, Bhubaneswar, Dist- Khurdha, Pin-751020, Odisha declare by this Affidavit No. 132, Dated 18.08.2025, that now onwards I shall be known as **NITA PATEL** for all future purposes.

## AFFIDAVIT

I, Padmabati Mangaraj, W/o- Ajay Mangaraj, resident of Plot No -1162, Satya Vihar, Rasulgarh, PS - Mancheswar, Bhubaneswar, Dist - Khordha, Pin No - 751010, Odisha, declare by this affidavit No -107, dated- 22.07.2025, that now onwards I shall be known as **PADMABATI BISWAL** for all future purposes.

A-517

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**RENGALI LEFT BANK CANAL DIVISION, AT/P.O. Kamakhyanagar**
**Dist: Dhenkanal, Odisha, PIN-759018**
☎:06769-270771 Email ID - eerlbcdivision@gmail.com

**e-PROCUREMENT NOTICE No. RLBCD-P₁-03/2025-26**

| | | |
|---|---|---|
| 1 | Category of Work | "Civil Construction Works". |
| 2 | Total No. of Works | 01 (One) No. of work. |
| 3 | Estimated Cost | Rs. 38.78 Lakhs |
| 4 | Period of Completion | 60 Days |
| 5 | Class of Contractor | "C" & "B" or equivalent grade/class |
| 6 | Cost of Bid Document / Mode of Payment | Rs. 6,000/- (Non-Refundable) / Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks). |
| 7 | EMD / Bid Security Amount / Mode of Payment | Rs. 38,780 /- Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks) |
| 8 | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar. |
| | (ii) Availability of Bid Documents for Online Bidding. | 21.08.2025 from 10.00 Hours to 30.08.2025 up to 17.00 Hours. |
| | (iii).Date, time & venue of Bid Opening (Online) | On Dt.01.09.2025 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar (through online). |
| | (iv) Date, time & venue of transparent lottery for finalization of bids, if required | On Dt.09.09.2025 at 11.00 Hours (Tentative Date) in the O/o the Superintending Engineer, Rengali Left Bank Canal Division, Kamakhyanagar. |

*Further details can be seen from the Government of Odisha website https://tendersodisha.gov.in

Superintending Engineer
R.L.B. Canal Division
Kamakhyanagar

OIPR-32298/11/0030/2526

## AFFIDAVIT

By virtue of an affidavit sworn before Notary Public, Bhubaneswar, 18.08.2025, I Runubala Mahapatra, W-o- Prashana Kumar Mahapatra resident at Thanapalli, Po- Mardabadi, Ps- Ranpur, Dist- Nayagarh, Odisha PIN-752066 , declare that my Son's name from Manoj Mahapatra to Manoranjan Mahapatra . Henceforth, He shall be known as **MANORANJAN MAHAPATRA** for all purposes.

**(Runubala Mahapatra)**

## AFFIDAVIT

By virtue of an affidavit sworn before Notary Public Titilagarh, dated 19.08.2025 I, Tulia Jani, Adress At- Budhipadar, Po- Goimund Ps- Sindhekela, Dist- Balangir, Odisha, Pin- 767040 declare that I have changed my son's name from Tushal Jani to Tushar Jani. Henceforth, he shall be known as Tushar Jani for all purposes.

**Tulia Jani**

**IN THE HIGH COURT OF ORISSA : CUTTACK**
**(NOTICE UNDER ORDER 5, RULE 20 (1-A) OF THE CODE OF CIVIL PROCEDURE, 1908)**
**(SA NO. 395 of 2000)**

**Akupalli Uma Maheswar Rao .... Appellant**
**-Versus-**
**V. Rama Chandra Rao and others .... Respondents**

To
1. V. Jamuna, aged about 45 years, W/o. Late V. Shankara Narayan, resident of Karana Street, Jeypore, P.O./P.S.- Jeypore, Dist.- Koraput. (Respondent No. 6)
2. V. Atulya, aged about 22 years, D/o. Late V. Shankara Narayan, resident of Karana Street, Jeypore, P.O./P.S.- Jeypore, Dist.- Koraput. (Respondent No. 7)
3. V. Vansi, aged about 18 years, S/o. Late V. Shankara Narayan, resident of Karana Street, Jeypore, P.O./P.S.- Jeypore, Dist.- Koraput. (Respondent No. 8)
4. Vanimisetti Tirumala Swamy, aged about 40 years, S/o. Late Vanimisetti Subharao, resident of Karana Street, Jeypore, P.O./P.S.- Jeypore, Dist.- Koraput. (Respondent No.9)
5. Vanimisetti Subbaraya Venkata Prasad, aged about 34 years, S/o. V. Suryanarayan Murty, S.C.B. Medical College, Cuttack, Dist.- Cuttack. Respondent No. 10)

You the above named respondents take notice that the appellant has preferred S.A. 395/2000 against you challenging the judgement and Decree dated 28.08.2000 and 07.09.2000 respectively passed in T.A No. 23 of 1993 by the Addl. District Judge, Jeypore reversing the Judgment dated 30.10.1992 and 13.11.1992 passed by learned Civil Judge (Sr. Divn.), Jeypore in T.S. No. 98/1985.

Though notice was sent to you in the above given address, the same returned unserved. As the summons could not be served on you in ordinary way, you are hereby directed through this general publication to appear before this Court in person or through counsel on 2.9.25 to show cause as to why the relief sought for in the memorandum of appeal shall not be granted.

Take further notice that, in case of default the case will be heard and decided in your absence in accordance with law.

Given under my hand and seal of this Court on the 7th day of August, 2025.

By order of the Court

Sd/-
Registrar (Judicial)

**IN THE HIGH COURT OF ORISSA : CUTTACK**
**(NOTICE UNDER ORDER 5, RULE 20 (1-A) OF THE CODE OF CIVIL PROCEDURE, 1908)**
**(SA NO. 397 of 2000)**

**Akupalli Papamma .... Appellant**
**-Versus-**
**V. Rama Chandra Rao and others .... Respondents**

To
1. V. Jamuna, aged about 45 years, W/o. Late V. Shankara Narayan, resident of Karana Street, Jeypore, P.O./P.S.- Jeypore, Dist.- Koraput. (Respondent No. 6)
2. V. Atulya, aged about 22 years, D/o. Late V. Shankara Narayan, resident of Karana Street, Jeypore, P.O./P.S.- Jeypore, Dist.- Koraput. (Respondent No. 7)
3. V. Vansi, aged about 18 years, S/o. Late V. Shankara Narayan, resident of Karana Street, Jeypore, P.O./P.S.- Jeypore, Dist.- Koraput. (Respondent No. 8)
4. Vanimisetti Tirumala Swamy, aged about 40 years, S/o. Late Vanimisetti Subharao, resident of Karana Street, Jeypore, P.O./P.S.- Jeypore, Dist.- Koraput. (Respondent No.9)
5. Vanimisetti Subbaraya Venkata Prasad, aged about 34 years, S/o. V. Suryanarayan Murty, S.C.B. Medical College, Cuttack, Dist.- Cuttack. Respondent No. 10)

You the above named respondents take notice that the appellant has preferred S.A. 397/2000 against you challenging the judgement and Decree dated 28.08.2000 and 07.09.2000 respectively passed in T.A No. 25 of 1993 by the Addl. District Judge, Jeypore reversing the Judgment dated 30.10.1992 and 13.11.1992 passed by learned Civil Judge (Sr. Divn.), Jeypore in T.S. No. 96/1985.

Though notice was sent to you in the above given address, the same returned unserved. As the summons could not be served on you in ordinary way, you are, hereby directed through this general publication to appear before this Court in person or through counsel on 16.9.25 to show cause as to why the relief sought for in the memorandum of appeal shall not be granted.

Take further notice that, in case of default the case will be heard and decided in your absence in accordance with law.

Given under my hand and seal of this Court on the 13th day of August, 2025.

By order of the Court

Sd/-
Registrar (Judicial)

## DOCUMENT LOST

Notice is hereby given to general Public that, I Sri Naba Kishore Swain, father of SRI SUBRAT KUMAR SWAIN has lost the original link RSD bearing no. 11141101303 dt.11/03/2011, in the name of Guni Khan and Mahimud Khan, bearing plot no. 1610/1912, Mouza- Palla, Tahsil- Khurda, Khata no.- 866/146, 07/08/2025 at around 12:00 PM at Cosmopolis Square while I was travelling from my residence at Rajiv Nagar by bike to Khurda and could not retrive them despite my best efforts. Therefore, if anyone has found the same, please contact Advocate Sri N.C. Pattnaik, Mob.- 985331118 of LICHFL at Chandrasekharpur within 15 days from the date of the publication failing which the document will lose its legal force, and any misuse of the document will be punishable under law.

**CIME BHUBANESWAR** उद्यमेन ही सिध्यन्ति
**COLLEGE OF IT & MANAGEMENT EDUCATION**
**(A Constituent College Biju Patnaik University of Technology, Rourkela)**
**Bhubaneswar**
KK-196
No 680 / 25 Date 16.08.2025

**SPOT ADMISSION FOR**
**MBA & MCA PROGRAMME : 2025-26**
**O-JEE, CAT, MAT, & XAT RANK HOLDERS ARE ELIGIBLE.**

For any query, please contact:
**Mr Debidatta Acharya** (MBA) 9937313519, Faculty | **Mrs Bishnupriya Mallick** (MCA) 7327094482, Faculty

Visit: www.cime.ac.in OIPR-14087/11/0011/2526 PRINCIPAL

Student Handbook, Fee Structure. and required documents for admission.



## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବୃଷ:** କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ। ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିବେ। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ। ପ୍ରିୟଜନଙ୍କଠାରୁ ଉପହାର ପାଇବେ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଜମି ବିବାଦ ମାମଲା ସମାଧାନ ହେବ। ସାମାଜିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। ଯୋଗ, ଏକ୍ସରସାଇଜ୍ ପ୍ରତି ଆଗ୍ରହ ପ୍ରକାଶ କରିବେ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷାରେ ସଫଳ ହେବେ।

**ତୁଳା:** ବ୍ୟବସାୟରୁ ଲାଭ ମିଳିବ। ପରିବାର ସଦସ୍ୟଙ୍କ ସହ ମତାନ୍ତର ଦୂର ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଧାର୍ମିକ ଯାତ୍ରା କରିପାରନ୍ତି।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲା ବିଜୟ ଲାଭ କରିବେ। ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦାମ୍ପତ୍ୟ ଜୀବନ ହସଖୁସିରେ କଟିବ। ନିବେଶ ପାଇଁ ଅନୁକୂଳ ସମୟ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଛାତ୍ରଛାତ୍ର ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ। ଅଫିସ୍ କାମରେ ବିଦେଶ ଯାତ୍ରା ଯୋଗ ରହିବ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅଫିସ୍‌ରେ ନୂଆ କାମ ଆରମ୍ଭ କରିବେ। ବିବାହ ପ୍ରସ୍ତାବ ଆସିବ।

## ଆଜିର ଇତିହାସ

- ୧୫୯୭-ପୂର୍ବ ଏସିଆରୁ ଡଚ୍ ଇଷ୍ଟ ଇଣ୍ଡିଆ କମ୍ପାନି ତା'ର ପ୍ରଥମ ଜାହାଜ ଫେରାଇ ନେଲା।
- ୧୬୪୧- ଇଂଲଣ୍ଡ ଓ ସ୍କଟ୍‌ଲାଣ୍ଡ ମଧ୍ୟରେ ଶାନ୍ତି ବୁଝାମଣା।
- ୧୯୨୧- କେରଳର ମାଲାବାରରେ ମୋପଲା ବିଦ୍ରୋହ ଆରମ୍ଭ।
- ୧୯୭୯- ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହ ତାଙ୍କ ପଦବୀରୁ ଇସ୍ତଫା ଦେଲେ।
- ୨୦୧୧- ଐତିହାସିକ ରାମଶରଣ ଶର୍ମାଙ୍କ ବିୟୋଗ।
- ୨୦୧୨- ଭେନେଜୁଏଲାର ରାଜଧାନୀ କାରାକସ୍‌ରେ ଦଙ୍ଗା ଯୋଗୁ ୨୦ ଜଣ ଲୋକଙ୍କ ପ୍ରାଣହାନି।

## ସଦ୍‌ଭାବନା ଦିବସ



ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ସ୍ମୃତିରେ ଦେଶରେ ଶାନ୍ତି, ଜାତୀୟ ସଂହତି ଓ ସାଂପ୍ରଦାୟିକ ସଦ୍‌ଭାବ ଅକ୍ଷୁଣ୍ଣ ରଖିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ତାଙ୍କ ଜନ୍ମତିଥି ଅଗଷ୍ଟ ୨୦ ତାରିଖକୁ ସଦ୍‌ଭାବନା ଦିବସ ଭାବେ ପାଳନ କରାଯାଏ। ରାଜୀବଙ୍କ ଚିନ୍ତାଧାରା ଓ ଇଚ୍ଛାକୁ ସମ୍ମାନ ଜଣାଇ ତାଙ୍କ ଜନ୍ମ ଦିବସକୁ ୨୦୦୮ ମସିହାଠାରୁ ସଦ୍‌ଭାବନା ଦିବସ ଭାବେ ପାଳନ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ରାଜୀବ ଗାନ୍ଧୀ ୧୯୪୪ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ରାଜନୀତିରେ ଯୋଗଦେବା ପୂର୍ବରୁ ରାଜୀବ ଜଣେ ପେସାଦାର ପାଇଲଟ୍ ଥିଲେ। ୧୯୮୪ ମସିହା ଅକ୍ଟୋବର ମାସରେ ଇନ୍ଦିରା ଗାନ୍ଧୀଙ୍କୁ ହତ୍ୟା କରାଯିବା ପରେ ସାରା ଦେଶରେ ଏକପ୍ରକାର ବିଷାଦର ଛାୟା ଖେଳିଯାଇଥିଲା। ଲୋକମାନେ ଏପରି ପରିସ୍ଥିତିରୁ ବାହାରିବା ପାଇଁ ଚେଷ୍ଟା କରୁଥିଲେ ଏବଂ ସେ ସମୟରେ ଲୋକସଭା ନିର୍ବାଚନର ଫଳାଫଳ କଂଗ୍ରେସ ପକ୍ଷରେ ଆସିଥିଲା। ଦେଶବାସୀ ରାଜୀବ ଗାନ୍ଧୀଙ୍କୁ ଇନ୍ଦିରା ଗାନ୍ଧୀଙ୍କ ଉତ୍ତରାଧିକାରୀ ତଥା ପ୍ରଧାନମନ୍ତ୍ରୀ ଭାବେ ବାଛିଥିଲେ। ୪୦ ବର୍ଷ ବୟସରେ ପ୍ରଧାନମନ୍ତ୍ରୀ ପଦ ସମ୍ଭାଳି ସେ ଦେଶର ସବୁଠାରୁ କମ୍ ବୟସ୍କ ପ୍ରଧାନମନ୍ତ୍ରୀ ପାଲଟିଥିଲେ। ରାଜୀବ ପ୍ରଧାନମନ୍ତ୍ରୀ ହେବା ପରେ ୫ ବର୍ଷରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହାତକୁ ନେଇଥିଲେ। ନିର୍ବାଚନରେ ମତଦାନ କରିବାର ବୟସ ସୀମାକୁ ୨୧ବର୍ଷରୁ ୧୮ ବର୍ଷକୁ କମାଇବା ହେଉ କି ପଞ୍ଚାୟତିରାଜ ମାଧ୍ୟମରେ ଶାସନର ବିକେନ୍ଦ୍ରୀକରଣ ଦ୍ୱାରା ଯୁବକ ଆଉ ମହିଳାମାନଙ୍କୁ ଶାସନକଳର ଅଭିନ୍ନ ଅଙ୍ଗ ଭାବେ ସ୍ଥାପିତ କରିବାର ସମସ୍ତ ଶ୍ରେୟ ରାଜୀବ ଗାନ୍ଧୀଙ୍କୁ ଯାଏ। ଦେଶର କମ୍ପ୍ୟୁଟରାଇଜେସନ୍ ଏବଂ ଟେଲିକମ୍ୟୁନିକେସନ୍ କ୍ରାନ୍ତିର ଶ୍ରେୟ ତାଙ୍କୁ ଯାଏ। ୧୯୮୪ ଅକ୍ଟୋବର ୩୧ରୁ ୧୯୮୯ ଡିସେମ୍ବର ୨ ପର୍ଯ୍ୟନ୍ତ ସେ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୧୯୯୧ ମେ' ୨୧ରେ ତାମିଲନାଡୁର ଶ୍ରୀପେରୁମ୍ବୁଦୁରଠାରେ ନିର୍ବାଚନ ପ୍ରଚାର ସମୟରେ ଏଲ୍‌ଟିଟିଇର ଆତ୍ମଘାତୀ ବୋମା ବିସ୍ଫୋରଣରେ ତାଙ୍କର ପ୍ରାଣହାନି ଘଟିଥିଲା।

## ବିଶ୍ୱ ମଶା ଦିବସ

ପ୍ରତିବର୍ଷ ଅଗଷ୍ଟ ୨୦ ତାରିଖକୁ ବିଶ୍ୱ ମଶା ଦିବସ ଭାବେ ପାଳନ କରାଯାଏ। ମଶା ଦ୍ୱାରା ହେଉଥିବା ରୋଗ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ମଶା ଦିବସ ପାଳନ କରାଯାଏ। ତେବେ ଏହି ଦିବସ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମଶା ଠାରୁ ଦୂରେଇ ରହିବା ଏବଂ ଏହାଦ୍ୱାରା ହେଉଥିବା ରୋଗ ବିଷୟରେ ଲୋକଙ୍କୁ ଅବଗତ କରିବା। ୧୮୯୭ ଅଗଷ୍ଟ ୨୦ରେ ସାର୍ ରୋନାଲ୍ଡ ରସ୍ ମାଇ ଏନୋଫିଲିସ୍ ମଶା କାମୁଡ଼ିଲେ ହିଁ ମ୍ୟାଲେରିଆ ରୋଗ ହୋଇଥାଏ ବୋଲି ଆବିଷ୍କାର କରିଥିଲେ। ଏହି ତଥ୍ୟ ଆବିଷ୍କାର ପାଇଁ ତାଙ୍କୁ ୧୯୦୨ ମସିହାରେ ସମ୍ମାନଜନକ ନୋବେଲ ପୁରସ୍କାର ମିଳିଥିଲା। ତାଙ୍କ ଅବଦାନକୁ ମନେ ପକାଇବା ପାଇଁ ବିଶ୍ୱ ମଶା ଦିବସ ପାଳନ କରାଯାଉଛି। ମଣିଷ ପାଇଁ ବିଶ୍ୱର ସବୁଠାରୁ ବିପଜ୍ଜନକ କୀଟ ହେଉଛି ମଶା। ସାରା ବିଶ୍ୱ ଏହାର ବାସସ୍ଥାନ। ମାଇ ମଶାଙ୍କ ମାଧ୍ୟମରେ ମାଲେରିଆ, ଚିକନଗୁନିଆ, ଡେଙ୍ଗୁ, ଜିକା ଭଳି ଏକାଧିକ ରୋଗ ବ୍ୟାପିଥାଏ। ଠିକ୍ ସମୟରେ ଚିକିତ୍ସା କରା ନ ଗଲେ ଏଥିଯୋଗୁଁ ମଣିଷଙ୍କ ପ୍ରାଣ ଯାଉଛି। ଘର ଆଖପାଖରେ ପାଣି ଜମି ରହିଲେ ମଶା ସଂଖ୍ୟା ବୃଦ୍ଧି ପାଏ। ମଶାଜନିତ ରୋଗରୁ ରକ୍ଷା ପାଇବା ପାଇଁ ଘର ଚାରିପଟକୁ ସଫାସୁତୁରା ରଖିବା ସହ ପାଣି ଜମା ହେବାକୁ ଦେବା ଉଚିତ୍ ନୁହେଁ। ସବୁଠୁ ବଡ଼ କଥା ହେଉଛି ରାତିରେ ଶୋଇବାବେଳେ ମଶାରି ଟାଣି ଶୋଇବା ଉଚିତ।



## ଜାନୁୟାରୀ ୨୨ରେ 'ବର୍ଡର-୨'



ବଲିଉଡ୍ ଅଭିନେତା ସନ୍ନି ଦେଓଲଙ୍କ ଅଭିନୀତ 'ବର୍ଡର-୨'ର ଫାଷ୍ଟ ଲୁକ୍‌କୁ ସ୍ୱାଧୀନତା ଦିବସ ଅବସରରେ ଜାରି କରାଯାଇଛି। ଏହାସହ ଫିଲ୍ମର ରିଲିଜ୍ ଡେଟ୍ ମଧ୍ୟ ସାମ୍ନାକୁ ଆସିଛି। ସନ୍ନିଙ୍କ ଏହି ଫିଲ୍ମ ଜାନୁଆରୀ ୨୨, ୨୦୨୬ରେ ଆସିବ। ସନ୍ନି ସାମାଜିକ ଗଣମାଧ୍ୟମରେ ଏହାର ମୋସନ୍ ପୋଷ୍ଟର୍ ଜାରି କରି ଲେଖିଛନ୍ତି-'ହିନ୍ଦୁସ୍ତାନ ପାଇଁ ପୁଣି ଥରେ ଲଢ଼ିବୁ... ପୁଣି ଏକ ଯୁଦ୍ଧ! 'ବର୍ଡର-୨' ୨୨ ଜାନୁଆରୀ, ୨୦୨୬ରେ ସିନେମା ହଲ୍‌କୁ ଆସିବ। 'ପୋଷ୍ଟର୍‌ରେ ସନ୍ନି ଶତ୍ରୁ ପକ୍ଷ ଉପରେ ଆକ୍ରମଣ ପାଇଁ ପ୍ରସ୍ତୁତ ଥିବା ଦେଖାଯାଇଛି। ଆଖିରେ କ୍ରୋଧ ସ୍ପଷ୍ଟ ବାରି ହୋଇ ପଡ଼ୁଛି। ସନ୍ନି ଏଥିରେ ସେନା ପୋଷାକରେ ନଜର ନଜର ଆସିଛନ୍ତି। ପୂର୍ବରୁ ଏହା ଆସନ୍ତା ବର୍ଷ ଜାନୁଆରୀ ୨୩ରେ ରିଲିଜ୍ ହେବ ବୋଲି କୁହାଯାଉଥିଲା। ଏବେ ପୋଷ୍ଟର୍‌ରୁ ନୂଆ ରିଲିଜ୍ ଦିନ ସାମ୍ନାକୁ ଆସିଛି। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅନୁରାଗ ସିଂହ ଅଛନ୍ତି। ଭୂଷଣ କୁମାର ଓ ଜେପି ଦତ୍ତା ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ଏଥିରେ ସନ୍ନିଙ୍କ ବ୍ୟତୀତ ଦିଲଜିତ୍ ଦୋସାଞ୍ଜ, ବରୁଣ ଧୱନ୍, ଅହାନ୍ ସେଟ୍ଟୀ ଲିଡ୍ ରୋଲରେ ନଜର ଆସିବେ। ଏଠାରେ ପ୍ରକାଶ ଥାଉ କି, 'ବର୍ଡର-୨' ୧୯୯୭ରେ ଆସିଥିବା ଜେପି ଦତ୍ତାଙ୍କ ଫିଲ୍ମ 'ବର୍ଡର'ର ସିକ୍ୱେଲ।

## ଆଜି ବାହୁଡ଼ିଥିଲେ
## କାଳଜୟୀ କଥାଶିଳ୍ପୀ ଗୋପୀନାଥ ମହାନ୍ତି



ଆଧୁନିକ ଓଡ଼ିଆ ସାହିତ୍ୟ ଜଗତର ଅନ୍ୟତମ ପ୍ରଭାବଶାଳୀ ଔପନ୍ୟାସିକ ଥିଲେ ଗୋପୀନାଥ ମହାନ୍ତି। ଜଣେ ଔପନ୍ୟାସିକ ଓ ଗାଳ୍ପିକ ସମେତ କବି, ଗବେଷକ, ଅନୁବାଦକ, ଭାଷାବିତ୍ ଓ ପ୍ରାବନ୍ଧିକ ଭାବରେ ସେ ସାହିତ୍ୟର ବିଭିନ୍ନ ବିଭାଗକୁ ପରିପୁଷ୍ଟ କରିଛନ୍ତି। ୧୯୧୪ ମସିହା ଅପ୍ରେଲ୍ ୨୦ ତାରିଖରେ କଟକ ଜିଲ୍ଲାର ମହାନଦୀ କୂଳର ଏକ ଛୋଟିଆ ଗ୍ରାମ ନାଗବାଲିରେ ଗୋପୀନାଥଙ୍କର ଜନ୍ମ ହୋଇଥିଲା। ବିଚକ୍ଷଣ ପ୍ରତିଭାସମ୍ପନ୍ନ ଗୋପୀନାଥଙ୍କର ପିଲାଦିନରୁ ସାହିତ୍ୟ ପ୍ରତି ରୁଚି ଥିଲା। ୧୯୩୬ରେ ପାଟନା ବିଶ୍ୱବିଦ୍ୟାଳୟରୁ ଇଂରାଜୀରେ ସ୍ନାତକୋତ୍ତର ଶେଷ କଲାପରେ ଗୋପୀନାଥ ଓଡ଼ିଶା ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ। ୧୯୪୦ରେ ତାଙ୍କର ନିଯୁକ୍ତି ହୁଏ ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାରେ। ସେଠାରେ ସେ କନ୍ଧ, କୁଇ, ସଉରା, ପରଜା ସମ୍ପ୍ରଦାୟର ଭାଷା ଓ ସଂସ୍କୃତି ସଂସ୍ପର୍ଶରେ ଆସନ୍ତି। ଆଦିବାସୀ ଜୀବନ ଆଧାରିତ 'ଦାଦିବୁଢ଼ା', 'ପରଜା', 'ଅମୃତର ସନ୍ତାନ' ଆଦି ଉପନ୍ୟାସ ରଚନା କରି ସେ କେବଳ ଯଶସ୍ୱୀ ହୋଇନାହାନ୍ତି; ଆଦିବାସୀ ଜୀବନ ଓ ସମାଜର ନିଚ୍ଛକ, ମାର୍ମିକ, ଦୁର୍ଲଭ ଚିତ୍ରକୁ ପାଠକଙ୍କ ସହ ପରିଚିତ କରାଇଛନ୍ତି। ତାଙ୍କ ଲେଖନୀରେ ସୃଷ୍ଟି ହୋଇଛି 'ହରିଜନ', 'ଦାନାପାଣି', 'ଲୟବିଲୟ', 'ମାଟିମଟାଳ' ଆଦି କାଳଜୟୀ ଉପନ୍ୟାସ। 'ଛାଇ ଆଲୁଅ', 'ଉଡ଼ନ୍ତା ଖଇ', 'ଶରଶଯ୍ୟା' ଆଦି ଗଳ୍ପ ସଂକଳନ, 'ଧୂଳିମାଟିର ସନ୍ଥ', 'ଉତ୍କଳମଣି' ଆଦି ଜୀବନୀ ଏବଂ 'ସ୍ରୋତସ୍ୱତୀ' ଆତ୍ମଜୀବନୀ ରଚନା କରି ସେ ସାହିତ୍ୟର ପ୍ରମୁଖ ବିଭାଗରେ ଛାଡ଼ିଯାଇଛନ୍ତି ବଳିଷ୍ଠ ସ୍ୱାକ୍ଷର। 'ଅମୃତର ସନ୍ତାନ' ଉପନ୍ୟାସ ପାଇଁ ସେ ସର୍ବପ୍ରଥମେ କେନ୍ଦ୍ର ସାହିତ୍ୟ ଏକାଡେମି ପୁରସ୍କାର ପାଇଥିଲେ। ପ୍ରଥମ ଓଡ଼ିଆ ଭାବେ 'ମାଟି ମଟାଳ' ପାଇଁ ୧୯୭୩ରେ ସେ ସମ୍ମାନଜନକ 'ଜ୍ଞାନପୀଠ ପୁରସ୍କାର'ର ଅଧିକାରୀ ହୋଇଥିଲେ। ସାହିତ୍ୟ କ୍ଷେତ୍ରକୁ ତାଙ୍କର ଅବଦାନ ପାଇଁ ୧୯୭୬ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଡିଲିଟ୍ ଡିଗ୍ରୀ, ୧୯୭୯ ମସିହାରେ ୟୁ.ଜି.ସି. ଫେଲୋସିପ୍ ସହ ୧୯୮୧ ମସିହାରେ ଭାରତ ସରକାରଙ୍କ ପକ୍ଷରୁ ପଦ୍ମଭୂଷଣ ପ୍ରଦାନ କରାଯାଇଥିଲା। ୧୯୯୧ ମସିହା ଆଜିର ଦିନରେ ସେ ଇହଲୀଳା ସମ୍ବରଣ କରିଥିଲେ।

## ସମ୍ଭାବନା



## ଯୁବପିଢ଼ିଙ୍କ ସହ ଆଲୋଚନା



**ବର୍ତ୍ତମାନ ଯୁବପିଢ଼ିଙ୍କ ସହ ଯୋଗାଯୋଗ ବା କଥାବାର୍ତ୍ତା କରିବା ସମସ୍ତଙ୍କ ପକ୍ଷେ ସହଜ ହୋଇ ନ ଥାଏ। ସେମାନଙ୍କ ସହ କଥା ହେବା ପାଇଁ ସେମାନେ କ'ଣ ଚାହୁଁଛନ୍ତି, ସେକଥା ଜାଣିବା ଜରୁରି।**

ଯୁବପିଢ଼ିଙ୍କ ସହ ଆଲୋଚନା କରିବା ଲାଗି ସେମାନଙ୍କ ଶବ୍ଦ ଓ ଭାଷାକୁ ପ୍ରୟୋଗ କରନ୍ତୁ। ଏଇ ଯେମିତି 'କୁଲ୍', 'ଆମେଜିଂ', 'ଭାଇରାଲ' ଆଦି ଅନ୍ୟ ଶବ୍ଦ ବ୍ୟବହାର କରିପାରିବେ। ଏହାଦ୍ୱାରା ଅନ୍ୟମାନେ ସେମାନଙ୍କଠାରୁ ଅଲଗା ନୁହନ୍ତି ବୋଲି ସେମାନେ ଭାବନ୍ତି। ସେହିପରି ସେମାନଙ୍କୁ କେବଳ ଥିଓରି ଶିଖାନ୍ତୁ ନାହିଁ। କୌଣସି ସଫଳ ବ୍ୟକ୍ତିଙ୍କ କାହାଣୀ କୁହନ୍ତୁ। ବିଶେଷକରି ସଂଘର୍ଷ କରି ସଫଳତା ମିଳିଥିବା ବ୍ୟକ୍ତିବିଶେଷଙ୍କ ଉଦାହରଣ ଦିଅନ୍ତୁ। ସେହିପରି କଠିନ ପରିଶ୍ରମ ଓ ମନୋବଳ ଦ୍ୱାରା ସ୍ୱପ୍ନ ପୂରଣ ହୁଏ, ସେକଥା ବୁଝାନ୍ତୁ। ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ କିଛି ଖାସ୍ କଥା ଥିବା ମଧ୍ୟ ସେମାନଙ୍କୁ କହିପାରିବେ। କେବଳ ସେତିକି ନୁହେଁ, ଅସଫଳତା ତଥା ନିଜ ଭୁଲ୍‌ରୁ ଶିଖିବା ଲାଗି ପ୍ରେରିତ କରାନ୍ତୁ। କେବଳ ନିଜ କଥା ନ କହି, ସେମାନଙ୍କୁ କଥା କହିବାକୁ ସୁଯୋଗ ଦିଅନ୍ତୁ। ସେମାନଙ୍କ ସ୍ୱପ୍ନ ଓ ଦୁର୍ବଳତା ପଚାରି ବୁଝନ୍ତୁ। ଅନ୍ୟପଟେ ସେମାନଙ୍କୁ ଶୁଣିବା ଦ୍ୱାରା ସେମାନଙ୍କୁ ଲାଗିବ, ସେମାନଙ୍କ କଥା ଶୁଣିବା ଲାଗି କେହି ସେମାନଙ୍କ ପାଖରେ ଅଛନ୍ତି।

## କେମିତି କହିବେନି ମିଛ

**କିଛି ଲୋକ ଏଭଳି ଅଛନ୍ତି, ଯେଉଁମାନଙ୍କ ଅଭ୍ୟାସ ପ୍ରତି କଥାରେ ଅନ୍ୟକୁ ମିଛ କହିବା। କାରଣ ଭୁଲ୍ କରି ସତ କହିଲେ ଦଣ୍ଡ ମିଳିବା ଭାବି ଅନେକ ମିଛ କହନ୍ତି। ତେବେ ଏହି ମିଛ କହିବା ଉତ୍ତମ ବ୍ୟକ୍ତିତ୍ୱର ସ୍ୱଭାବ ହୋଇ ନ ଥାଏ। ମିଛ କହିବା ଅଭ୍ୟାସରୁ କିଭଳି ନିଜକୁ ବାହାର କରିବେ, ସେ ସମ୍ପର୍କରେ ଜାଣିବା।**

- ଛୋଟ ମୋଟ କଥାରେ ସତ କହିବାକୁ ଚେଷ୍ଟା କରନ୍ତୁ। ବାରମ୍ବାର ସତ କହିଲେ, ଏହା ଅଭ୍ୟାସରେ ପରିଣତ ହୋଇଯାଏ ଏବଂ ମିଛ କହିବାକୁ ପଡ଼େ ନାହିଁ।
- କୌଣସି ଭୁଲ୍ କଲେ, ତାହାକୁ ସ୍ୱୀକାର କରନ୍ତୁ। ଭୁଲକୁ ସ୍ୱୀକାର କରିବା ଦ୍ୱାରା ଆଉ ମିଛ କହିବାକୁ ପଡ଼େ ନାହିଁ।
- କିଛି କହିବା ପୂର୍ବରୁ ଚିନ୍ତା କରନ୍ତୁ। ଏହାଦ୍ୱାରା ଅନ୍ୟକୁ କଥା ଦେଇ ରଖି ନ ପାରିବା ଜାଣିପାରିବେ।
- ମନରୁ ଦୃଢ଼ ନିଶ୍ଚୟ ହୁଅନ୍ତୁ, ସବୁବେଳେ ସଚ୍ଚୋଟ ରହିବା ଦ୍ୱାରା ମିଛ କହିବାକୁ ପଡ଼ି ନ ଥାଏ।
- ଅନେକ ସମୟରେ ବହୁ ଲୋକ ଅସହଜ ଲାଗୁଥିବା ପ୍ରଶ୍ନର ଉତ୍ତରରେ ମିଛ କହିଥାନ୍ତି। ଯଦି କୌଣସି ବିଷୟରେ କିଛି କହିବାକୁ ଚାହୁଁ ନାହାନ୍ତି, ଏ ବିଷୟରେ ଆଲୋଚନା କରିବାକୁ ଚାହୁଁ ନ ଥିବା ସ୍ପଷ୍ଟ ଭାବେ କୁହନ୍ତୁ।
- ଭାବବିହ୍ୱଳ ହୋଇ ବି ମଣିଷ ବେଳେ ବେଳେ ମିଛ କହେ। ତେଣୁ ନିଜ ଭାବନାକୁ ବୁଝିବାକୁ ଚେଷ୍ଟା କରନ୍ତୁ। ଏହା ଦ୍ୱାରା ମିଛ କହିବାକୁ ପଡ଼ିବ ନାହିଁ।
- ମିଛ କହିବା ଅଭ୍ୟାସ ଛାଡ଼ି ହେବ ନାହିଁ ଭାବୁଥିଲେ, ନିଜ ଲୋକଙ୍କ ସହ ଏ ବିଷୟରେ ଆଲୋଚନା କରନ୍ତୁ। ଏହାଦ୍ୱାରା ସେମାନେ ଏହି ଅଭ୍ୟାସରୁ ବାହାରିବାରେ ସାହାଯ୍ୟ କରିବେ।



## ଆକର୍ଷଣୀୟ କ୍ୟାରିୟର ବିକଳ୍ପ ଏଆଇ ଗବେଷକ

**ବର୍ତ୍ତମାନ ସମୟରେ ଏଆଇ ଗବେଷକ ହେଉଛି ଏକ ଆକର୍ଷଣୀୟ ଓ ସୁନ୍ଦର କ୍ୟାରିୟର ବିକଳ୍ପ। ସମ୍ପ୍ରତି ଏଆଇ ଗବେଷକଙ୍କୁ ବଡ଼ ବଡ଼ ଟେକ୍ କମ୍ପାନି ହଜାରେ କୋଟି ଟଙ୍କାରୁ ଅଧିକ ପ୍ୟାକେଜ୍ ଅଫର୍ କରୁଛନ୍ତି। ମେଟା ଏଆଇ ବିଶେଷଜ୍ଞଙ୍କୁ କୋଟିଏ ଟଙ୍କା ପ୍ୟାକେଜ୍ ପ୍ରଦାନ କରି ନିଜ ଟିମ୍‌ରେ ସାମିଲ କରୁଛି। ତେବେ ଏଆଇ ଗବେଷକ ଜଣେ କିଭଳି ହେବେ, ଜାଣିବା ସେ ସମ୍ପର୍କରେ।**

ଏଆଇ ଗବେଷକ ହେବା ଲାଗି ଗଣିତ, କମ୍ପ୍ୟୁଟର ସାଇନ୍ସ, ଷ୍ଟାଟିଟିକ୍ସ ଏବଂ ଲଜିକ୍‌ରେ ଗଭୀର ଜ୍ଞାନ ରହିବା ଜରୁରି। ସେହିପରି ଅଧିକାଂଶ ଏଆଇ ଗବେଷକ ବି.ଟେକ୍/ ବିଇ (କମ୍ପ୍ୟୁଟର ସାଇନ୍ସ) ବା ଗଣିତରେ ଗ୍ରାଜୁଏସନ ଡିଗ୍ରୀ କରିଥାନ୍ତି। ଏହାପରେ ସେମାନେ ଏମ୍.ଟେକ୍, ଏମ୍‌ଏସ୍ ବା ପିଏଚ୍‌ଡି କରିଥାନ୍ତି। ବିଶେଷକରି ମେସିନ୍ ଲର୍ଣ୍ଣିଂ, ଡିପ୍ ଲର୍ଣ୍ଣିଂ, ରୋବଟିକ୍ସ, ନ୍ୟୁରୋସାଇନ୍ସ କ୍ଷେତ୍ରରେ ସେମାନଙ୍କ ଭଲ ଜ୍ଞାନ ଥାଏ। ଏହି ଗବେଷକମାନେ ପ୍ରତିଷ୍ଠିତ ଏଆଇ କନଫରେନ୍ସରେ ନିଜ ପେପର୍ ପବ୍ଲିସ୍ କରିଥାନ୍ତି। ଏଆଇ ଗବେଷକ ଅନେକ ଥର ଗିଟ୍‌ହବ୍ ପ୍ଲାଟ୍‌ଫର୍ମରେ ଓପନ ସୋର୍ସ ଟୁଲ୍ ତିଆରି କରି ନିଜ ଦକ୍ଷତା ଦେଖାଇ ଥାନ୍ତି। ଗୁଗଲ୍ ଡିପ୍ ମାଇଣ୍ଡ, ଓପନ୍ ଏଆଇ, ମେଟା ଏଆଇ ଭଳି ସଂସ୍ଥାନରେ ଇଣ୍ଟର୍ଣ୍ଣସିପ୍ କରି ଅଭିଜ୍ଞତା ହାସଲ କରନ୍ତି। ଏହାପରେ ଉଚ୍ଚ ବେତନଯୁକ୍ତ ଦରମା ପାଇଁ ଆବେଦନ କରିଥାନ୍ତି। ଏହାବାଦ୍ କୃତ୍ରିମ ବୁଦ୍ଧିମତା ଉପରେ ସେମାନଙ୍କ ଭଲ ଦକ୍ଷତା ରହିଥାଏ। ଏ ଲାଗି ଭିନ୍ନ ଭିନ୍ନ ପ୍ରକାର କୋର୍ସ କରିଥାନ୍ତି।

## ପରୀକ୍ଷାରେ ସଫଳତା ପାଇଁ ଏ ଟିପ୍ସ...

ଆଜିକାଲି ପ୍ରବେଶିକା ପରୀକ୍ଷା ଲାଗି ପିଲାମାନେ ଖୁବ୍ ପରିଶ୍ରମ କରୁଛନ୍ତି। କୋଚିଂ ନେବା ତଥା ପରୀକ୍ଷାରେ କଠିନ ପରିଶ୍ରମ କରିବା ସତ୍ତ୍ୱେ ମଧ୍ୟ କେତେକ ପରୀକ୍ଷାର୍ଥୀଙ୍କୁ ହତାଶ ହେବାକୁ ପଡ଼ିଥାଏ। ଏପରିକି ପରୀକ୍ଷାରେ ସେମାନଙ୍କୁ ଆଶାନୁରୂପ ଫଳ ମିଳି ନ ଥାଏ। ପ୍ରଶ୍ନ ଉଠୁଛି, ସବୁଠୁ ଭଲ କୋଚିଂ କ୍ଲାସ୍‌ରେ ପଢ଼ିବା ପରେ ମଧ୍ୟ ପିଲାଟିଏ ପରୀକ୍ଷାରେ କେଉଁ କାରଣ ପାଇଁ କୃତକାର୍ଯ୍ୟ ହୋଇପାରି ନ ଥାନ୍ତି, ସେ ସମ୍ପର୍କରେ ଜାଣିବା ଦରକାର।



- ପ୍ରବେଶିକା ପରୀକ୍ଷା ଦେଉଥିଲେ ପରୀକ୍ଷାର୍ଥୀଙ୍କୁ ଏ କଥା ଜାଣିବା ଜରୁରି, ସେମାନେ ସୀମିତ ସମୟରେ କୌଣସି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଛନ୍ତି।
- କିଛି ପିଲା କୋଚିଂ କ୍ଲାସ୍ ସହିତ ସଫଳତା ପାଇଁ ଆବଶ୍ୟକ ପରିଶ୍ରମ, ଅନୁଶାସନ ଉପରେ ଦୃଷ୍ଟି ଦେଇ ନ ଥାନ୍ତି। ସେଥିପାଇଁ ପ୍ରଥମେ ନିଜର ମୂଲ୍ୟାଙ୍କନ କରିବା ଦରକାର।
- ଧୀରେ ଧୀରେ ନିଜର ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।
- ନିୟମିତ କୋଚିଂ କ୍ଲାସ୍‌ରେ ସାମିଲ ନ ହେବା ମଧ୍ୟ ଅସଫଳତାର ଅନ୍ୟତମ କାରଣ।
- ଅନେକ କୋଚିଂ ସେଣ୍ଟର ପିଲାଙ୍କର ଫଲୋଅପ୍ କରିଥାନ୍ତି। ଯାହାକୁ ପରୀକ୍ଷାର୍ଥୀ ଠିକ୍ ଭାବେ ଉପଯୋଗ କରି ନ ଥାନ୍ତି।
- ସେଥିପାଇଁ ପିଲାଙ୍କୁ କୋଚିଂର ଫଲୋଅପ୍ ଉପରେ ଦୃଷ୍ଟି ଦେବା ଦରକାର।

## ଏସିଆ କପ୍ ଭାରତୀୟ ଦଳରେ ସ୍ଥାନ ପାଇଲେନି ଜୟସ୍ୱାଲ, ଆୟର ଓ ସୁନ୍ଦର

# ବୁମ୍‌ରା ସାମିଲ୍, ଗିଲ୍ ଉପଅଧିନାୟକ

ମୁମ୍ବଇ,୧୯।୮ (ଏଜେନ୍ସି):

ସମସ୍ତ କଳ୍ପନା ଜଳ୍ପନାର ଅବସାନ ଘଟାଇ ଭାରତୀୟ ଚୟନ କମିଟି ଏସିଆ କପ୍ ଲାଗି ଘୋଷିତ ଦଳରେ ଟେଷ୍ଟ ଅଧିନାୟକ ଶୁବମନ ଗିଲ୍ ଓ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ସାମିଲ କରାଯାଇଛି। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ସମସ୍ତଙ୍କ ଆଶାକୁ ଅତିକ୍ରମ କରି ସଫଳତା ପାଇଥିବା ଗିଲ୍‌ଙ୍କୁ କେବଳ ଦଳରେ ସାମିଲ କରାଯାଇନାହିଁ, ବରଂ ତାଙ୍କୁ ଅକ୍ଷର ପଟେଲଙ୍କ ସ୍ଥାନରେ ଦଳର ଉପଅଧିନାୟକ ମନୋନୀତ କରାଯାଇଛି। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଘୋଷିତ ୧୫ ଜଣିଆ ଦଳରେ ଅଭିଷେକ ଶର୍ମା ଓ ସଞ୍ଜୁ ସାମସନ ଦୁଇଜଣ ଓପନର ସାମିଲ ହୋଇଛନ୍ତି। ଗିଲ୍‌ଙ୍କୁ ଉପଅଧିନାୟକ ଘୋଷଣା କରାଯିବା ପରେ ସେ ଏବେ ଓପନିଂରୁ ଗୋଟିଏ ସ୍ଥାନରେ ଖେଳିବେ ବୋଲି ଆଶା କରାଯାଉଛି। ଇଂଲଣ୍ଡରେ ଗିଲ୍ ଯେପରି ଦଳର ନେତୃତ୍ୱ ନେବା ସହ ବ୍ୟାଟିଂ କଲେ ତାହା ଆମ ସମସ୍ତଙ୍କର ଆଶାକୁ ଅତିକ୍ରମ କରିଛି ବୋଲି ଚୟନ କମିଟି ଅଧ୍ୟକ୍ଷ ଅଜିତ ଅଗରକର କହିଛନ୍ତି।

କିନ୍ତୁ ଅନ୍ୟତମ ଓପନର ଯଶସ୍ୱୀ ଜୟସ୍ୱାଲ, ଆଇପିଏଲ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଶ୍ରେୟସ ଆୟର ଓ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଉତ୍ସାହଜନକ ପ୍ରଦର୍ଶନ କରିଥିବା ଫାଷ୍ଟ ବୋଲର ମହମ୍ମଦ୍ ସିରାଜଙ୍କୁ ଦଳରେ ସାମିଲ କରାଯାଇନାହିଁ। ବୋଲିଂ ଅପ୍ସନ ଲାଗି ଜୟସ୍ୱାଲଙ୍କ ସ୍ଥାନରେ ଅଭିଷେକ ସ୍ଥାନ ପାଇଛନ୍ତି। ଆୟରଙ୍କ ଲାଗି ବ୍ୟାଟିଂ ପୋଜିସନ ନାହିଁ ବୋଲି ଅଗରକର କହିଛନ୍ତି।



ଚୟନ କମିଟି ଅଧ୍ୟକ୍ଷ ଅଜିତ୍ ଅଗରକରଙ୍କ ସହ ଅଧିନାୟକ ସୂର୍ଯ୍ୟକୁମାର

ସିରାଜଙ୍କ ସମ୍ପର୍କରେ ଆଦୌ ଆଲୋଚନା ହୋଇ ନଥିଲାବେଳେ ସ୍ପିନ୍ ଅଲ୍‌ରାଉଣ୍ଡର ୱାଶିଂଟନ ସୁନ୍ଦରଙ୍କୁ ବାଦ୍ ଦିଆଯାଇଛି। ଏହା ଫଳରେ ଦଳରେ କେହି ଅଫ୍ ସ୍ପିନର ନ ଥିଲାବେଳେ ୩ଜଣ ବାମହାତୀ ସ୍ପିନର ସ୍ଥାନ ପାଇଛନ୍ତି। ଏସିଆ କପ୍ ଟି-୨୦ ଫର୍ମାଟରେ ଆୟୋଜିତ ହେଉଥିବାରୁ ଏହି ଫର୍ମାଟରେ ସଫଳତା ପାଇଥିବା ଅନ୍ୟ ଖେଳାଳିଙ୍କୁ ଗୁରୁତ୍ୱ ଦିଆଯାଇଛି। କିନ୍ତୁ ଆୟରଙ୍କ ପ୍ରତି ସେହି ନିୟମ ଲାଗୁ ହୋଇନାହିଁ।

ମିଡିଲ ଓ ଲୋୟର ଅର୍ଡରରେ ପୂର୍ବପରି ତିଳକ ବର୍ମା, ଅଧିନାୟକ ସୂର୍ଯ୍ୟକୁମାର, ହାର୍ଦ୍ଦିକ ପାଣ୍ଡ୍ୟା, ରିଙ୍କୁ ସିଂ ରହିଛନ୍ତି। ଅଭିଷେକଙ୍କ ସହ ଗିଲ୍‌ଙ୍କୁ ଇନିଂସ ଓପନ କରିବାକୁ ଟିମ୍ ମ୍ୟାନେଜମେଣ୍ଟ ନିଷ୍ପତ୍ତି ନେଲେ, ସାମସନଙ୍କ ପରିବର୍ତ୍ତେ ଜିତେଶ ଶର୍ମାଙ୍କୁ ୱିକେଟକିପିଂ ଦାୟିତ୍ୱ ମିଳିପାରେ। ହାର୍ଦ୍ଦିକଙ୍କ ସହ ଶିବମ ଦୁବେ ଓ ଅକ୍ଷର ପଟେଲ ୩ଜଣ ଅଲରାଉଣ୍ଡର ରହିଛନ୍ତି। ସ୍ପେଶାଲିଷ୍ଟ ଫାଷ୍ଟ ବୋଲର ଭାବେ ଅଭିଜ୍ଞ ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ ଓ ହର୍ଷିତ ରାଣାଙ୍କୁ ସ୍ଥାନ ମିଳିଛି। ହର୍ଷିତ ମଧ୍ୟ ବ୍ୟାଟିଂ କରିବାର ଦକ୍ଷତା ରଖିଛନ୍ତି। ସ୍ପେଶାଲିଷ୍ଟ ସ୍ପିନର ଭାବେ ବରୁଣ ଚକ୍ରବର୍ତ୍ତୀ ଓ କୁଳଦୀପ ଯାଦବଙ୍କୁ ସ୍ଥାନ ମିଳିଛି।

ସେପ୍ଟେମ୍ବର ୯ରୁ ଆରମ୍ଭ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟ ଲାଗି ୫ଜଣ ଖେଳାଳି ରିଜର୍ଭରେ ରଖାଯାଇଛି। ଯଦି ଦଳରେ କୌଣସି ଖେଳାଳି ବାଦ୍ ପଡନ୍ତି, ତେବେ ଏହି ୫ଜଣଙ୍କ ମଧ୍ୟରୁ ଜଣେ ତାଙ୍କ ସ୍ଥାନ ପୂରଣ କରିବେ। ସେମାନେ ହେଲେ ଯଶସ୍ୱୀ ଜୟସ୍ୱାଲ, ଧ୍ରୁବ ଜୁରେଲ, ରିୟାନ ପରାଗ, ପ୍ରସିଦ୍ଧ କ୍ରିଷ୍ଣା ଓ ୱାଶିଂଟନ ସୁନ୍ଦର। ଯଶସ୍ୱୀଙ୍କ ଲାଗି ଏହା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ଚୟନ କମିଟି ଅଧ୍ୟକ୍ଷ ଅଗରକର। ଗତ ଦୁଇବର୍ଷରେ ଅଭିଷେକ ଯେପରି ଦେଶ ଲାଗି ପ୍ରଦର୍ଶନ କରିଛନ୍ତି ତାଙ୍କୁ ଟି-୨୦ ଦଳରୁ ବାଦ୍ ଦେବା କଷ୍ଟକର। ତାଙ୍କ ନିକଟରେ ମଧ୍ୟ ବୋଲିଂ ଅପ୍ସନ ରହିଛି। ଏପରି ସ୍ଥିତିରେ ଯଶସ୍ୱୀଙ୍କୁ ସୁଯୋଗ ପାଇବା ଲାଗି ଅପେକ୍ଷା କରିବାକୁ ହେବ। ସେହିପରି ଶ୍ରେୟସ ଆୟରଙ୍କ ସମ୍ପର୍କରେ ସେ କହନ୍ତି, କାହା ସ୍ଥାନରେ ତାଙ୍କୁ ନିଆଯିବ ବୋଲି ସେ ପ୍ରଶ୍ନ କରିଥିଲେ। ଉଭୟ ଖେଳାଳିଙ୍କ କୌଣସି ତ୍ରୁଟି ନାହିଁ କିମ୍ବା ଆମର ମଧ୍ୟ କିଛି ଦୋଷ ନାହିଁ। କେବଳ ସୁଯୋଗକୁ ଅପେକ୍ଷା କରିବାକୁ ପଡ଼ିବ ବୋଲି ଅଗରକର କହିଛନ୍ତି।

ଜାନୁଆରୀରେ ଇଂଲଣ୍ଡ ସହ ଘରୋଇ ମାଟିରେ ଦ୍ୱିପାକ୍ଷିକ ସିରିଜ୍ ଖେଳିବା ପରେ ଏହା ଭାରତ ଲାଗି ହେବ ପ୍ରଥମ ଟି-୨୦ ସିରିଜ୍। ସେପ୍ଟେମ୍ବର ୯ରୁ ୨୮ ତାରିଖଯାଏ ଏସିଆକପ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରୁଥିଲାବେଳେ ଏଗୁଡ଼ିକୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍ ଏ-ରେ ପାକିସ୍ତାନ, ଓମାନ ଓ ୟୁଏଇର ସ୍ଥାନ ପାଇଛି ଭାରତ। ସେପ୍ଟେମ୍ବର ୧୦ରେ ୟୁଏଇର ଖେଳି ଭାରତ ତାହାର ଅଭିଯାନ ଆରମ୍ଭ କରିବ। ସେହିପରି ଦୁବାଇରେ ପାକିସ୍ତାନ ସହ ସେପ୍ଟେମ୍ବର ୧୪ରେ ଓ ଆବୁଧାବିରେ ଓମାନ ସହ ସେପ୍ଟେମ୍ବର ୧୯ରେ ଶେଷ ଲିଗ୍ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି।

### ଭାରତୀୟ ଦଳ

ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଶୁବମନ ଗିଲ (ଉପଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଜିତେଶ ଶର୍ମା (ଉଭୟ ୱିକେଟରକ୍ଷକ), ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ରିଙ୍କୁ ସିଂ, ଅକ୍ଷର ପଟେଲ, କୁଳଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ, ହର୍ଷିତ ରାଣା।

**ରିଜର୍ଭ ଖେଳାଳି:** ଯଶସ୍ୱୀ ଜୟସ୍ୱାଲ, ପ୍ରସିଦ୍ଧ କ୍ରିଷ୍ଣା, ୱାଶିଂଟନ ସୁନ୍ଦର, ଧ୍ରୁବ ଜୁରେଲ, ରିୟାନ ପରାଗ।

### ଭାରତର ଖେଳସୂଚୀ

୧୦।୯ : ବନାମ ୟୁଏଇ, ଦୁବାଇ
୧୪।୯ : ବନାମ ପାକିସ୍ତାନ, ଦୁବାଇ
୧୯।୯ : ବନାମ ଓମାନ, ଆବୁଧାବି

## ମହିଳା ବିଶ୍ୱକପ୍ କ୍ରିକେଟ

# ରେଣୁକା, ପ୍ରତୀକା ସାମିଲ



ଚୟନ କମିଟିର ଅଧ୍ୟକ୍ଷା ନୀତୁ ଡେଭିଡ୍‌ଙ୍କ ସହ ଅଧିନାୟିକା ହରମନପ୍ରୀତ୍

ମୁମ୍ବଇ,୧୯।୮ (ଏଜେନ୍ସି): ଭାରତ ଓ ଶ୍ରୀଲଙ୍କାରେ ସେପ୍ଟେମ୍ବର ୩୦ରୁ ଖେଳାଯିବାକୁ ଥିବା ମହିଳା ଦିନିକିଆ ବିଶ୍ୱକପ୍ ଲାଗି ଜାତୀୟ ଚୟନ କମିଟି ଆଜି ଭାରତୀୟ ଦଳ ଘୋଷଣା କରିଛି। ହରମନପ୍ରୀତ କୌରଙ୍କୁ ଦଳର ଅଧିନାୟିକା ଓ ସ୍ମୃତି ମନ୍ଧାନାଙ୍କୁ ଦଳର ଉପଅଧିନାୟିକା ମନୋନୀତ କରାଯାଇଛି। ଘୋଷିତ ୧୫ ଜଣିଆ ଦଳରେ ପେସ୍ ବୋଲର ରେଣୁକା ଠାକୁର ଓ ଓପନିଂ ବ୍ୟାଟର ପ୍ରତୀକା ରାୱଲଙ୍କୁ ସ୍ଥାନ ମିଳିଛି। କିନ୍ତୁ ବିସ୍ଫୋରକ ଓପନର ଶେଫାଳି ବର୍ମାଙ୍କୁ ଏହି ଦଳରେ ସ୍ଥାନ ମିଳିନାହିଁ। ଗତ କିଛିଦିନ ହେଲା ଶେଫାଳି ଫର୍ମରେ ନାହାନ୍ତି। ଯାହା ଫଳରେ ତାଙ୍କୁ ଏହି ମେଗା ଇଭେଣ୍ଟ ଲାଗି ଦଳକୁ ବାଦ୍ ଦିଆଯାଇଛି। ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଗଠିତ ଦଳରେ ସ୍ମୃତି ମନ୍ଧାନା, ପ୍ରତୀକା ରାୱଲ, ହର୍ଲିନ ଦେଓଲ, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗ୍ସେଜ୍, ରେଣୁକା ସିଂ ଠାକୁର, ଅରୁନ୍ଧତି ରେଡ୍ଡୀ, ୱିକେଟରକ୍ଷକ ରିଚା ଘୋଷ ଓ ୟସ୍ତିକା ଭାଟିଆ, କ୍ରାନ୍ତି ଗୌଡ, ଅମନଜୋତ କୌର, ରାଧା ଯାଦବ, ଶ୍ରୀ ଚରଣୀ ଓ ସ୍ନେହ ରାଣାଙ୍କୁ ସ୍ଥାନ ମିଳିଛି। ଏହା ବ୍ୟତୀତ ବିଶ୍ୱକପ୍ ପୂର୍ବରୁ ଅଷ୍ଟ୍ରେଲିଆ ସହ ଭାରତ ଏକ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହି ଦଳରେ କେବଳ ଜଣେ ଖେଳାଳି ବଦଳିଛନ୍ତି। ବିଶ୍ୱକପ୍ ଦଳରେ ସ୍ଥାନ ପାଇଥିବା ଅମନଜୋତ କୌରଙ୍କ ସ୍ଥାନରେ ସାୟାଲି ସାତଘରେଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍ ଲାଗି ଦଳରେ ନିଆଯାଇଛି।

ଦିନିକିଆ ବିଶ୍ୱକପ୍‌ରେ ଭାରତ ଏଯାଏ ଟାଇଟଲ ଜିତିନାହିଁ। ଘରୋଇ ମାଟିରେ ଚତୁର୍ଥଥର ଖେଳିବାକୁ ଯାଉଥିବା ଭାରତ ଏଥର ପ୍ରଥମ ଟାଇଟଲ ଜିତିବାକୁ ଆଶା ରଖିଛି। ଭାରତ ୨୦୦୫ ଓ ୨୦୧୭ରେ ରନର୍ସ ଅପ୍ ହୋଇଥିଲା। ଏହା ପରେ ଆଉ ଭଲ ଖେଳିପାରି ନାହିଁ। ଏବେ ଦଳ ଇଂଲଣ୍ଡକୁ ହରାଇବା ପରେ ବିଶ୍ୱକପ୍ ଜିତିବା ଆଶା ବୃଦ୍ଧି ପାଇଛି।

### ଭାରତୀୟ ମହିଳା ଦଳ

ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ପ୍ରତୀକା ରାୱଲ, ହର୍ଲିନ ଦେଓଲ, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗ୍ସେଜ୍, ରେଣୁକା ସିଂ ଠାକୁର, ଅରୁନ୍ଧତି ରେଡ୍ଡୀ, ୱିକେଟରକ୍ଷକ ରିଚା ଘୋଷ ଓ ୟସ୍ତିକା ଭାଟିଆ, କ୍ରାନ୍ତି ଗୌଡ, ଅମନଜୋତ କୌର, ରାଧା ଯାଦବ, ଶ୍ରୀ ଚରଣୀ ଓ ସ୍ନେହ ରାଣା।

**ଷ୍ଟାଣ୍ଡବାଇ ଖେଳାଳି:** ତେଜଲ ହସନବୀସ, ପ୍ରେମା ରାୱତ, ପ୍ରିୟା ମିଶ୍ର, ଉମା ଛେତ୍ରୀ, ମିନୁ ମାନି ଓ ସାୟାଲି ସାତଘରେ।

### ଭାରତର ବିଶ୍ୱକପ୍ ଖେଳସୂଚୀ

୩୦।୯- ବନାମ ଶ୍ରୀଲଙ୍କା, ୫।୧୦- ବନାମ ପାକିସ୍ତାନ, କଲମ୍ବୋ, ୯।୧୦- ବନାମ ଦକ୍ଷିଣ ଆଫ୍ରିକା, ଭାଇଜାଗ୍, ୧୨।୧୦- ବନାମ ଅଷ୍ଟ୍ରେଲିଆ, ଭାଇଜାଗ୍, ୧୯।୧୦- ବନାମ ଇଂଲଣ୍ଡ, ଇନ୍ଦୋର, ୨୩।୧୦- ବନାମ ନ୍ୟୁଜିଲାଣ୍ଡ, ଗୁଆହାଟୀ, ୨୬।୧୦- ବନାମ ବାଂଲାଦେଶ, ୨୯।୧୦- ପ୍ରଥମ ସେମିଫାଇନାଲ, ୩୦।୧୦- ଦ୍ୱିତୀୟ ସେମିଫାଇନାଲ, ୨।୧୧- ଫାଇନାଲ।

### ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍

୧୪।୯- ପ୍ରଥମ ଦିନିକିଆ, ନୂଆ ଚଣ୍ଡିଗଡ, ୧୭।୯- ଦ୍ୱିତୀୟ ଦିନିକିଆ, ନୂଆ ଚଣ୍ଡିଗଡ, ୨୦।୯- ତୃତୀୟ ଦିନିକିଆ, ନୂଆଦିଲ୍ଲୀ।

# ଅଶବୀର ସିଂହ ଇଂଲଣ୍ଡ ଫୁଟବଲ କ୍ଲବ୍‌ରେ ପ୍ରଥମ ଶିଖ୍ କୋଚ୍

ନୂଆଦିଲ୍ଲୀ,୧୯।୮ (ଏଜେନ୍ସି): ଅଶ୍‌ବୀର ସିଂହ ସୋହାଲ ଇଂଲଣ୍ଡ ଫୁଟବଲରେ ପ୍ରଥମ ଶିଖ କୋଚ୍ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଇଂଲଣ୍ଡର ୫ମ ଟାୟର ପେସାଦାର କ୍ଲବ୍ ମୋରେକାମ୍ବେର ହେଡ୍ କୋଚ୍ ଭାବେ ଆଜି ନିଯୁକ୍ତ ହୋଇଛନ୍ତି। ଏହା ସହ ୩୦ ବର୍ଷୀୟ



ଅଶବୀର ମଧ୍ୟ ଇଂଲଣ୍ଡର ପେସାଦାର ଫୁଟବଲ ଇତିହାସରେ ସର୍ବକନିଷ୍ଠ କୋଚ୍ ହେବାର ଗୌରବ ଅର୍ଜନ କରିଛନ୍ତି। ଜଣେ ଦୂରଦ୍ରଷ୍ଟା କୋଚ୍ ଭାବେ ତାଙ୍କର ସଫଳତାକୁ ସମସ୍ତେ ଜାଣିଛନ୍ତି। ଭବିଷ୍ୟତରେ ସେ ଖୁବ ଭଲ କରିବେ ବୋଲି କ୍ଲବ୍ ପକ୍ଷରୁ କୁହାଯାଇଛି। ଲିସେଷ୍ଟର ସିଟି ଏକାଡେମୀରେ ୧୦ବର୍ଷ କାମ କରିଥିବା ଅଶବୀର ୱିଗାନ ଆଥ୍‌ଲେଟିକ୍ ଟିମ୍‌ରେ କୋଲୋ ଟୋରେଙ୍କ ଟିମ୍‌ରେ କୋଚିଂ ଷ୍ଟାଫ୍ ଭାବେ ରହିଥିଲେ। ନିକଟରେ ମୋରେକାମ୍ବେର ମାଲିକାନା ପଞ୍ଜାବ ୱାରିୟର୍ସ କନସୋର୍ଟିୟମ ନିକଟରୁ ଗଲାପରେ କୋଚ୍ ପଦରୁ ଡେରିକ୍ ଆଡାମ୍ସ ଇସ୍ତଫା ଦେଇଥିଲେ। ଗତବର୍ଷ କ୍ଲବ୍ ପେମେଣ୍ଟ କରିପାରି ନ ଥିବାରୁ ସସ୍‌ପେଣ୍ଡ ହୋଇଥିଲା। ନ୍ୟାସନାଲ ଲିଗ୍‌ରେ ଗତବର୍ଷ ଗୋଟିଏ ହେଲେ ମ୍ୟାଚ୍ ଖେଳି ନ ଥିବା ମୋରୋକାମ୍ବେ ଟିମ୍ ଗଠନ କରିବାକୁ ଅଶବୀରଙ୍କ ଲାଗି କଷ୍ଟକର ହେବ। ସେ ୟୁଏଫା ପ୍ରୋ-ଲାଇସେନ୍ସ ହାସଲ କରିଛନ୍ତି।

## ■ ଦୃଷ୍ଟିହୀନ ମହିଳା ଟି-୨୦

# ପୂର୍ବାଞ୍ଚଳ ଦଳରେ ଓଡ଼ିଶାରୁ ୯



ଭୁବନେଶ୍ୱର,୧୯।୮ (ସମିସ): ବେଙ୍ଗାଲୁରୁରେ ମଙ୍ଗଳବାରଠାରୁ ଜୋନାଲ ମହିଳା ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଭାରତୀୟ ଦୃଷ୍ଟିହୀନ କ୍ରିକେଟ୍ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ୪ଟି ଜୋନ ଅଂଶଗ୍ରହଣ କରିଛନ୍ତି। ଏଥିରେ ଅଂଶଗ୍ରହଣ କରିଥିବା ୧୩ ଜଣିଆ ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ୯ଜଣ ଖେଳାଳି ସ୍ଥାନ ପାଇଛନ୍ତି। ଓଡ଼ିଶାର ଫୁଲ ସୋରେନ ଅଧିନାୟିକା ରହିଥିବାବେଳେ ବାସନ୍ତୀ ହାଁସଦା, ଝିଲ୍ଲି ବରୁଆ, ପଦ୍ମିନୀ ଟୁଡୁ, ଯମୁନାରାଣୀ ଟୁଡୁ, ମାମିନା ନାୟକ, ରଚନା ଜେନା, ପାର୍ବତୀ ମାରାଣ୍ଡୀ (ୱିକେଟକିପର) ଓ ସୁକାନ୍ତୀ ଦଳପତି ଦଳରେ ରହିଛନ୍ତି। ଏହି ପ୍ରତିଯୋଗିତାରୁ ୪ଟି ଜୋନରୁ ୫୬ଜଣ ଖେଳାଳିଙ୍କୁ ଚୟନ କରାଯିବ। ଏହାପରେ ପ୍ରଶିକ୍ଷଣ ଶିବିରରୁ ଭାରତୀୟ ଦୃଷ୍ଟିହୀନ ଦଳ ଚୂଡ଼ାନ୍ତ ୧୭ ଜଣିଆ ଦଳ ମନୋନୀତ କରାଯିବ। ନଭେମ୍ବରରେ ନେପାଳରେ ହେବାକୁ ଥିବା ପ୍ରଥମ ମହିଳା ଦୃଷ୍ଟିହୀନ ବିଶ୍ୱକପ୍‌ରେ ଏହି ଦଳ ଅଂଶଗ୍ରହଣ କରିବ।

# ଦ.ଆଫ୍ରିକାକୁ ଜିତାଇଲେ ମହାରାଜ, ମାର୍କରମ

କେର୍ନ୍ସ, ୧୯।୮ (ଏଜେନ୍ସି): ଏଠାରେ ଅନୁଷ୍ଠିତ ପ୍ରଥମ ଏକଦିବସୀୟ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୯୮ ରନର ବୃହତ୍ ବ୍ୟବଧାନରେ ଘରୋଇ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୮ ୱିକେଟ୍ ହରାଇ ୨୯୬ ରନର ସମ୍ମାନଜନକ ସ୍କୋର କରିଥିଲା। ଓପନର୍ ଆଇଡେନ୍ ମାର୍କରମ ୮୧ ବଲରେ ସର୍ବାଧିକ ୮୨ ରନ କରିଥିଲେ। ସେହିଭଳି ଅଧିନାୟକ ତେମ୍ବା ବାଭୁମା ୬୫, ମାଥ୍ୟୁ ବ୍ରିଜକେ ୫୭ ରନର ଉପଯୋଗୀ ପାଳି ଖେଳିଥିଲେ। ଅଷ୍ଟ୍ରେଲିଆର ପାର୍ଟଟାଇମ ସ୍ପିନର ଟ୍ରାଭିସ ହେଡ୍‌ଙ୍କୁ ସର୍ବାଧିକ ୪ଟି ୱିକେଟ୍ ମିଳିଥିଲା। ଜବାବରେ ଓପନର୍ ତଥା ଅଧିନାୟକ ମିଚେଲ୍ ମାର୍ଶଙ୍କ ୮୮ ରନ ସତ୍ତ୍ୱେ ଅଷ୍ଟ୍ରେଲିଆ ୪୦.୫ ଓଭରରେ ୧୯୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ତେବେ ମଧ୍ୟକ୍ରମରେ ମାର୍ନଶ ଲାବୁଶ୍ନେନ (୧), କାମେରନ ଗ୍ରୀନ (୩), ଜୋଶ ଇଂଲିଶ (୫), ଆଲେକ୍ସ କାରୀ (୦) ଓ ଆରୋନ ହାର୍ଡି (୪ ରନ)ଙ୍କୁ ଆଉଟ୍ କରି କେଶବ ମହାରାଜ ଅଷ୍ଟ୍ରେଲିଆର ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। କ୍ୟାରିୟରର ଶ୍ରେଷ୍ଠ ବୋଲିଂ ଫିଗର ପାଇଥିବା କେଶବ ଶ୍ରେଷ୍ଠ ଖେଳାଳି ହୋଇଥିଲେ।

# କାନାମୋ ଗିରିଶୃଙ୍ଗରେ ଜାତୀୟ ପତାକା ଉଡ଼ାଇଲେ ଗଣେଶ, ପ୍ରଭାସିନୀ




ଭୁବନେଶ୍ୱର, ୧୯।୮ (ସମିସ): ଓଡ଼ିଶାର ଅଗ୍ରଣୀ ଦୁଃସାହସିକ ଅନୁଷ୍ଠାନ ଆଶା ଓ ଚଣ୍ଡିଗଡ଼ସ୍ଥିତ ଜାତୀୟ ଦୁଃସାହସିକ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଏକ ପର୍ବତ ଆରୋହଣ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ହିମାଚଳ ପ୍ରଦେଶର କାନାମୋ ଗିରିଶୃଙ୍ଗକୁ ଆରୋହଣ ଲାଗି ଅଗଷ୍ଟ ୧୧ରୁ ଅଭିଯାନ ଆରମ୍ଭ ହୋଇଥିଲା। ପ୍ରତିକୂଳ ପାଗ ସତ୍ତ୍ୱେ ଅଗଷ୍ଟ ୧୭ରେ ୪ଜଣ ପର୍ବତାରୋହୀ ସଫଳତାର ସହ ଗିରିଶୃଙ୍ଗରେ ପହଞ୍ଚି ଜାତୀୟ ପତାକା ଉଡ଼ାଇଥିଲେ। ଚଳିତ ବର୍ଷ ସାରା ଦେଶ ୭୯ତମ ସ୍ୱାଧୀନତା ଦିବସ ପାଳନ କରିଥିବାରୁ ୭୯ ଫୁଟର ଏକ ଜାତୀୟ ପତାକା କାନାମୋ ଶିଖରରେ ଉଡ଼ିଥିଲା। ସଫଳତାର ସହ ଆରୋହଣ କରିଥିବା ୪ଜଣ ପର୍ବତାରୋହୀ ହେଲେ ଓଡ଼ିଶାର ଗଣେଶ ଚନ୍ଦ୍ର ଜେନା ଓ ପ୍ରଭାସିନୀ ବେହେରା, ହରିୟାଣାର ସୁମିତ କୁମାର ଏବଂ ହିମାଚଳ ପ୍ରଦେଶର ସନ୍ଦୀପ ଠାକୁର। ଗଣେଶ ବର୍ତ୍ତମାନ 'ଆଶା'ର ସମ୍ପାଦକ ରହିଛନ୍ତି। ଏହି ସଫଳତା ଲାଗି ଆଶା'ର ସଦସ୍ୟ ବିଜୟ କୁମାର ସାସମଲ, ଭାର୍ଗବ ବିହାରୀ, ଅଶୋକ ମହାନ୍ତି, ଅଜିତ ପାଢ଼ୀ, ହରେଶ ମିଶ୍ର, ଶକ୍ତିରଞ୍ଜନ ମହାନ୍ତି, ଶିବଶଙ୍କର ପଣ୍ଡା, ଚିନ୍ମୟ ମହାରଣା, ଦୀପକ କୁମାର ମହନ୍ତ, ବିକ୍ରମ କେଶରୀ ଦାସ, କ୍ରୀଡ଼ା ବିଭାଗର ଓଏସ୍‌ଡି ବିଜୟ କୁମାର ରାଉତ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

# ଜାତୀୟ କ୍ରୀଡ଼ା ବିଲ୍‌କୁ ରାଷ୍ଟ୍ରପତିଙ୍କ ମଞ୍ଜୁରୀ

ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି): ସଂସଦରେ ପାରିତ କ୍ରୀଡ଼ା ପ୍ରଶାସନ ବିଲ୍‌କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଞ୍ଜୁରୀ ଦେଇଛନ୍ତି। ଏନେଇ କେନ୍ଦ୍ର ସରକାର ମଙ୍ଗଳବାର ଗେଜେଟ ବିଜ୍ଞପ୍ତି ଜାରି କରିଛନ୍ତି। ଗତ ୧୧ ତାରିଖରେ ଏହି କ୍ରୀଡ଼ା ବିଲ୍ ଲୋକସଭାରେ ଏବଂ ଦିନ ପରେ ରାଜ୍ୟସଭାରେ ପାରିତ ହୋଇଥିଲା। ନୂତନ କ୍ରୀଡ଼ା ବିଲ୍ ଦେଶରେ ଥିବା ବିଭିନ୍ନ କ୍ରୀଡ଼ା ପ୍ରଶାସନକୁ ନିୟନ୍ତ୍ରଣ କରିବ। ଏହା ଅଧୀନରେ ଜାତୀୟ କ୍ରୀଡ଼ା ବୋର୍ଡ ଗଠନ କରାଯିବ। ଏହି ବୋର୍ଡ ବିସିସିଆଇ ସମେତ ସମସ୍ତ କ୍ରୀଡ଼ା ମହାସଂଘର କାର୍ଯ୍ୟର ତଦାରଖ କରିବ। ସେହିଭଳି ବିଭିନ୍ନ କ୍ରୀଡ଼ା ବିବାଦଗୁଡ଼ିକର ସମାଧାନ ଲାଗି ଏକ କ୍ରୀଡ଼ା ଟ୍ରିବ୍ୟୁନାଲ ଗଠନର ବ୍ୟବସ୍ଥା ନୂତନ ବିଲରେ ରହିଛି। ଏହାବାଦ ବିଭିନ୍ନ କ୍ରୀଡ଼ା ମହାସଂଘର ନିର୍ବାଚନକୁ ସୁପରିଚାଳନା ଲାଗି କ୍ରୀଡ଼ା ନିର୍ବାଚନ ପ୍ୟାନେଲ ମଧ୍ୟ ଗଠନ କରାଯିବ ବୋଲି ଜଣାପଡ଼ିଛି।

# ପଞ୍ଚାୟତସ୍ତରରେ ଭଲିବଲ୍ ଟୁର୍ଣ୍ଣାମେଣ୍ଟ କରିବ କେଭିଡିସି

କଟକ,୧୯।୮ (ସମିସ): କଳିଙ୍ଗ ଭଲିବଲ ବିକାଶ ପରିଷଦ(କେଭିଡିସି)ର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଏଠାରେ ଅନୁଷ୍ଠିତ ହୋଇଯାଇଛି। କେଭିଡିସି ସମ୍ପାଦକ ସଂଗ୍ରାମ ଓଝାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟରେ ଭଲିବଲ କ୍ରୀଡ଼ାର ସାମଗ୍ରିକ ବିକାଶ ଦିଗରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ରାଜ୍ୟର ୩୧୪ଟି ବ୍ଲକରେ ଭଲିବଲ କ୍ରୀଡ଼ାର ବହୁଳ ପ୍ରଚାର, ପ୍ରସାର କରାଯିବ। ଏପରିକି ପ୍ରତ୍ୟେକ ପଞ୍ଚାୟତରେ ଭଲିବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବାକୁ ଯୋଜନା ରହିଛି। ପ୍ରତିଯୋଗିତା ଆୟୋଜନ ନିମନ୍ତେ ଆବଶ୍ୟକୀୟ କ୍ରୀଡ଼ା ଉପକରଣ କାଉନସିଲ ପକ୍ଷରୁ ଯୋଗାଇ ଦିଆଯିବ। ପଞ୍ଚାୟତସ୍ତରୀୟ ପ୍ରତିଯୋଗିତା ଶେଷ ପରେ ଶ୍ରେଷ୍ଠ ୮ଟି ଦଳକୁ ନେଇ ସୁପର ଲିଗ୍ ଆୟୋଜନ ହେବ। ତେବେ ପ୍ରତିଯୋଗିତା ଆୟୋଜନ ନିମନ୍ତେ ପଞ୍ଜିକରଣ ଶେଷ ଦିନ ଅଗଷ୍ଟ ୩୧ ତାରିଖ ଧାର୍ଯ୍ୟ ହୋଇଛି। ଦଳ ପଞ୍ଜିକରଣ ନିମନ୍ତେ ମୋବାଇଲ ନମ୍ବର ୯୧୧୪୬୮୪୪୯୮ ଏବଂ ୯୩୩୭୦୪୧୪୨୦ରେ ଯୋଗାଯୋଗ କରିବାକୁ ପରିଷଦ ପକ୍ଷରୁ ନିବେଦନ କରାଯାଇଛି। କାର୍ଯ୍ୟକାରିଣୀ ବୈଠକରେ ପରିଷଦର ନିର୍ଦ୍ଦେଶିକା ଦିୟା ମଜୁମଦାର, ନିର୍ଦ୍ଦେଶକ ସାହିଲ ଦ୍ୱିବେଦୀ, କାର୍ଯ୍ୟନିର୍ବାହୀ ସଦସ୍ୟ ଦିପ୍ତୀରଞ୍ଜନ ମହାନ୍ତି, କୁମାରଶ୍ରୀ ସାହୁ, କଟକ ଜିଲ୍ଲା ସଂଯୋଜକ ଅମର କୁମାର ଭଞ୍ଜ, ଢେଙ୍କାନାଳ ଜିଲ୍ଲା ସଂଯୋଜକ ରାକେଶ ପ୍ରଧାନ, ଜାତୀୟ ଭଲିବଲ ଖେଳାଳି ମହମ୍ମଦ ଓବେଦୁର ରେହମା, ଏଫଆଇଭିବି ପ୍ରଶିକ୍ଷକ ଆଶୁତୋଷ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ

# ସ୍ୱସ୍ତିକଙ୍କ ଶତକ ସତ୍ତ୍ୱେ ଓଡ଼ିଶା ଇନିଂସ୍ ପଛୁଆ

କଟକ,୧୯।୮ (ସମିସ):

ବେଙ୍ଗାଲୁରୁର ସିପିଟି ଟର୍ଫ ଗ୍ରାଉଣ୍ଡରେ ଖେଳାଯାଉଥିବା ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବରୋଦା ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ପ୍ରଥମ ଇନିଂସ୍‌ରେ ପଛୁଆ ରହିଛି। ବରୋଦାର ପାଳି ୩୮୧/୬ ଜବାବରେ ଭ୍ରମଣକାରୀ ଓଡ଼ିଶା ସମସ୍ତ ୱିକେଟ ହରାଇ ୩୫୨ ରନ କରିଥିଲା। ଅଧିନାୟକ ସ୍ୱସ୍ତିକ ସାମଲ ୧୧୪ ରନର ଶତକୀୟ ପାଳି ଖେଳିଥିଲେ। ବୁଧବାର ହେଉଛି ମ୍ୟାଚ୍‌ର ଅନ୍ତିମ ଦିବସ। ଉଭୟ ଦଳ ଦ୍ୱିତୀୟ ପାଳିରେ ୪୫ ଓଭର ଲେଖାଏ ଖେଳିବେ। ପ୍ରଥମ ପାଳିରେ ୨୯ରନ ଆଗୁଆ ରହିଥିବା ବରୋଦାକୁ ଓଡ଼ିଶା ପରାସ୍ତ କରିବା ଲକ୍ଷ୍ୟରେ ରହିବ।

ଅଧିନାୟକ ସ୍ୱସ୍ତିକ ଏବଂ ଓମଟି ମୁଣ୍ଡେ ଓପନିଂ ଭାର ସମ୍ଭାଳିଥିଲେ। ମ୍ୟାଚ୍‌ର ୧୩ତମ ଓଭରରେ ଓଡ଼ିଶାକୁ ପ୍ରଥମ ଝଟକା ଲାଗିଥିଲା। ମାତ୍ର ୧୩ ରନରେ ମୁଣ୍ଡେ ପ୍ୟାଭିଲିୟନ ଫେରିଥିଲେ। ପରେ ସନ୍ଦୀପ ପଟ୍ଟନାୟକ ୧, ଶୁଭ୍ରାଂଶୁ ସେନାପତି ୩୩, ଆଶୀର୍ବାଦ ସ୍ୱାଇଁ ୧୯ ରନରେ ଆଉଟ ହୋଇଥିଲେ। ଗୋବିନ୍ଦ ପୋଦ୍ଦାର ଏବଂ ସ୍ୱସ୍ତିକଙ୍କ ମଧ୍ୟରେ ଦ୍ରୁତ ୪୯ ରନର ଭାଗୀଦାରି ସୃଷ୍ଟି ହୋଇଥିଲା। ତେବେ ୧୫୫ ବଲରୁ ୧୨ ଚୌକା ଏବଂ ୩ଟି ଛକା ସହାୟତାରେ ୧୧୪ ରନ କରି ସ୍ୱସ୍ତିକ ଆଉଟ ହୋଇଥିଲେ। ଦଳୀୟ ସ୍କୋର ୨୨୦ ରନରେ ଦଳ ୫ଟି ୱିକେଟ ହରାଇଥିବା ସତ୍ତ୍ୱେ ଗୋବିନ୍ଦ ଏବଂ ସମ୍ବିତ ବରାଳ ବଡସଟ୍ ଖେଳି ଓଡ଼ିଶା ଶିବିରକୁ ଚାପମୁକ୍ତ କରାଇଥିଲେ। ଗୋବିନ୍ଦ ୫୭ ବଲରୁ ୭୧ ରନ ଓ ସମ୍ବିତ ୫୯ ରନ କରିଥିଲେ। ସୁନୀଲ କୁମାର ରାଉଳ ୧୩, ବାଦଲ ବିଶ୍ୱାଳ ୧୨, ସୁମିତ ଶର୍ମା ୯ ରନରେ ଆଉଟ ହୋଇଥିଲେ। ବରୋଦା ପକ୍ଷରୁ ଡାହାଣହାତୀ ଅଫସ୍ପିନର ପ୍ରଦୀପ ଯାଦବ ସର୍ବାଧିକ ୫ଟି ୱିକେଟ ଦଖଲ କରିଥିଲେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS